NITIDIN
# ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
10 SEPTEMBER 2025
ବୁଧବାର
୧୦ ସେପ୍ଟେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 117 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୧୧୭ ଭୁବନେଶ୍ୱର। ବ୍ରହ୍ମପୁର। ସମ୍ବଲପୁର। ବାଲେଶ୍ୱର। ଯାଜପୁର

## ଶ୍ରୀମନ୍ଦିରରେ ବଡ଼ ମହାସ୍ନାନ ନୀତି



**ପୁରୀ,୯।୯/ଏନ୍ଏନ୍ଏସ୍:**

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଯାଇଛି । ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମୁତାବକ ଆଜି ସକାଳ ସମୟରେ ନିୟମିତ ଠାକୁରଙ୍କ ଦର୍ଶନ ଚାଲିଥିଲା । ହଠାତ୍ ଶ୍ରୀମନ୍ଦିର ଭିତର କାଠ ନିକଟରେ ଛେପ ପଡ଼ିଥିବାର ଦୃଶ୍ୟ ଗୋଚର ହୋଇଥିଲା । ଏହା ପରେ ତୁରନ୍ତ ମହାପ୍ରଭୁଙ୍କ ମହାସ୍ନାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏବଂ ନୀତି ଅନୁସାରେ ଶ୍ରୀମନ୍ଦିରରେ ଶ୍ରୀଜିଉଙ୍କର ମହାସ୍ନାନ ଅନୁଷ୍ଠିତ ହୋଇଥିଲା । ମହାପ୍ରଭୁଙ୍କ ମହାସ୍ନାନ ପରେ ପୂର୍ବ ପରି ପୁଣି ଥରେ ନୀତିକାନ୍ତି ଆରମ୍ଭ ହୋଇଥିଲା । ତେବେ ମହାସ୍ନାନ ନୀତି ପାଇଁ ପ୍ରାୟ ଏକଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା ।

## ସର୍ପାଘାତରେ ଭାଇଭଉଣୀ ମୃତ

**ନବରଙ୍ଗପୁର,୯।୯/ଏନ୍ଏନ୍ଏସ୍:**

ସାପ କାମୁଡ଼ାରେ ଭାଇଭଉଣୀଙ୍କ ମୃତ୍ୟୁ ହୋଇଛି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ରାଜପୁର ଗାଁରେ ଘଟିଛି ଏହି ଦୁଃଖଦ ଘଟଣା । ମୃତକ ଦ୍ୱୟ ହେଉଛନ୍ତି ଅମିତା ହରିଜନ (୧୧) ଓ ତାଙ୍କ ସାନଭାଇ ରତୁରାଜ ହରିଜନ (୯ ମାସ) ।

ପରିବାର ସୂଚନା ମୁତାବକ ଗତକାଲି ରାତିରେ ଭାଇଭଉଣୀ ଶୋଇଥିବା ବେଳେ ଦୁହିଁଙ୍କୁ ସାପ କାମୁଡ଼ିଥିଲା । ଭାଇଭଉଣୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଭୋର୍ ପ୍ରାୟ ୪ଟା ବେଳେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଭାଇଭଉଣୀଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର । ସାପ କାମୁଡ଼ିଛି ବୋଲି ଜଣାପଡ଼ିବା ମାତ୍ରେ ନିକଟସ୍ଥ ଡାକ୍ତରଖାନାକୁ ଯିବାକୁ ବିଭିନ୍ନ ସ୍ତରରେ ଲୋକଙ୍କୁ ବାରମ୍ବାର ସଚେତନ କରାଯାଉଥିବା ସତ୍ତ୍ୱେ ନେବାରେ ବିଳମ୍ବ ହେବାରୁ ପୁଣି ଏପରି ଘଟଣା ଘଟିଯାଇଛି । ହୁଏତ ଦୁହିଁଙ୍କୁ ଯଥା ସମୟରେ ଡାକ୍ତରଖାନା ନେଇଯାଇଥିଲେ, ସେମାନଙ୍କ ଜୀବନ ବଞ୍ଚିଯାଇଥା'ନ୍ତା ।

# ସିପି ରାଧାକ୍ରିଷ୍ଣନ୍ ନୂଆ ଉପରାଷ୍ଟ୍ରପତି

**ନୂଆଦିଲ୍ଲୀ,୯।୯/ଏଜେନ୍ସି:**

ଯାହା ଅନୁମାନ କରାଯାଉଥିଲା ତାହା ହିଁ ହୋଇଛି । ମଙ୍ଗଳବାର ଅନୁଷ୍ଠିତ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ପକ୍ଷରୁ ପ୍ରାର୍ଥୀ ହୋଇଥିବା ୬୭ ବର୍ଷୀୟ ସିପି ରାଧାକ୍ରିଷ୍ଣନ୍ ବିଜୟୀ ହୋଇଛନ୍ତି । ରାଧାକ୍ରିଷ୍ଣନ୍‌ଙ୍କୁ ମୋଟ୍ ୪୫୨ଟି ପ୍ରଥମ ପସନ୍ଦ ଭୋଟ୍ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ ପ୍ରାର୍ଥୀ ହୋଇଥିବା ବି.ସୁଦର୍ଶନ ରେଡ୍ଡୀଙ୍କୁ ୩୦୦ଟି ପ୍ରଥମ ପସନ୍ଦ ଭୋଟ୍ ମିଳିଛି । ଫଳରେ ୧୫୨ଟି ଭୋଟ୍ ବ୍ୟବଧାନରେ ରାଧାକ୍ରିଷ୍ଣନ୍, ସୁଦର୍ଶନ ରେଡ୍ଡୀଙ୍କୁ ସହଜ ପରାସ୍ତ କରିଛନ୍ତି । ତେବେ ଆଜିର ଏହି ବିଜୟ ସହ ସିପି ରାଧାକ୍ରିଷ୍ଣନ ଦେଶର ପଞ୍ଚଦଶ ଉପରାଷ୍ଟ୍ରପତି ହୋଇଛନ୍ତି ।

ରାଜ୍ୟସଭା ମହାସଚିବ ତଥା ରିଟର୍ଣ୍ଣିଂ ଅଫିସର୍ ପିସି ମୋଦୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ମତଦାନ ପ୍ରକ୍ରିୟା ଅନ୍ତର୍ଗତ ମୋଟ୍ ୯୮.୨% ଭୋଟିଂ ହୋଇଥିଲା । ବାଲାଟ୍ ବକ୍ସରେ ମୋଟ୍ ୭୬୭ ଖଣ୍ଡ ଭୋଟ୍ ପଡ଼ିଥିଲା । ଏଥିମଧ୍ୟରୁ ୭୫୨ ଖଣ୍ଡ ଭୋଟ୍ ବୈଧ ବିବେଚିତ ହୋଇଥିବା ବେଳେ ବାକି ୧୫ଖଣ୍ଡ ଭୋଟ୍ ନାକଚ ହୋଇଥିଲା । ନାକଚ ଭୋଟ୍‌କୁ ସର୍ବପ୍ରଥମେ ବାଦ୍ ଦିଆଯିବା ପରେ ଗଣତି ଆରମ୍ଭ ହୋଇଥିବା ରାଜ୍ୟସଭା ମହାସଚିବ କହିଛନ୍ତି । ବିଜୟ ପାଇଁ ଆବଶ୍ୟକ ମ୍ୟାଜିକ୍ ନଂ (ସଂଖ୍ୟା ଗରିଷ୍ଠତା) ୩୭୭ ରହିଥିବା ବେଳେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ୪୫୨ ଖଣ୍ଡ ଭୋଟ୍ ମିଳିଛି । ପ୍ରକାଶ, ବିଜେଡି ଏବଂ ବିଆର୍ଏସ୍ ଭଳି ଦୁଇ ଆଞ୍ଚଳିକ ଦଳ ଉପରାଷ୍ଟ୍ରପତି ନିର୍ବାଚନରୁ ଦୂରେଇ ରହିଥିଲେ । ସେହିପରି ଲୋକସଭାରେ କେବଳ ଜଣେ ସାଂସଦ ଥିବା ଶିରୋମଣି ଅକାଳୀ ଦଳ (ଏସ୍ଏଡି) ମଧ୍ୟ ନିଜ ରାଜ୍ୟ ପଞ୍ଜାବରେ ବନ୍ୟା ଯୋଗୁଁ ଭୋଟ ଦେବାକୁ ମନା କରିଦେଇଥିଲେ । ଏତଦ୍‌ବ୍ୟତୀତ ଅନ୍ୟ ୨ଜଣ ସାଂସଦ ନିର୍ବାଚନରେ ଅଂଶଗ୍ରହଣ କରିନାହାନ୍ତି ।

ଏନ୍‌ଡିଏର ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ମୋଟ୍ ୪୨୭ଜଣ ସାଂସଦ ରହିଥିବା ବେଳେ ଏନ୍‌ଡିଏକୁ କେବଳ

### ଉପରାଷ୍ଟ୍ରପତି ନିର୍ବାଚନ-୨୦୨୫

| ବିଜୟୀ | | ପରାଜିତ |
|---|---|---|
| ସିପି ରାଧାକ୍ରିଷ୍ଣନ୍ ୪୫୨ ଭୋଟ | ବିଜୟ ବ୍ୟବଧାନ ୧୫୨ ଭୋଟ | ବି.ସୁଦର୍ଶନ ରେଡ୍ଡୀ ୩୦୦ ଭୋଟ |




### ଏନ୍‌ଡିଏ ପ୍ରାର୍ଥୀଙ୍କୁ ମିଳିଲା ୪୫୨ ଖଣ୍ଡ ଭୋଟ୍

### ଇଣ୍ଡିଆ ମେଣ୍ଟ ପ୍ରାର୍ଥୀ ବି ସୁଦର୍ଶନ ୧୫୨ ଭୋଟ୍‌ରେ ପରାସ୍ତ

### କ୍ରସ୍ ଭୋଟିଂ ହୋଇଥିବା ପ୍ରମାଣିତ

### ଦୂରେଇ ରହିଲେ ବିଜେଡି, ବିଆର୍ଏସ୍, ଅକାଳୀ

ଏହି ନିର୍ବାଚନ ପାଇଁ ସମର୍ଥନ ବ୍ୟକ୍ତ କରିଥିବା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ୍ଆର୍ ଜଗନ୍ ମୋହନ୍ ରେଡ୍ଡୀଙ୍କ ଦଳ ୱାଇଏସ୍ଆର୍ କଂଗ୍ରେସର ୧୧ ସାଂସଦ ମଧ୍ୟ ସମର୍ଥନ ଦେଇଥିଲେ । ଫଳରେ ଏନ୍‌ଡିଏ ମେଣ୍ଟ ପାଖରେ ମୋଟ୍ ସମର୍ଥିତ ସାଂସଦଙ୍କ ସଂଖ୍ୟା ୪୩୮କୁ ବୃଦ୍ଧି ପାଇଥିଲା । କିନ୍ତୁ ଏନ୍‌ଡିଏ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ୍‌ଙ୍କୁ ୩୫୨ ଖଣ୍ଡ ମିଳିଛି । ଏହାର ଅର୍ଥ ବିରୋଧୀ ଇଣ୍ଡିଆ ମେଣ୍ଟ ପକ୍ଷରୁ ପ୍ରାୟ ୧୪ଖଣ୍ଡ ଭୋଟ୍ କ୍ରସ୍ ଭୋଟିଂ ହୋଇ ଏନ୍‌ଡିଏ ପ୍ରାର୍ଥୀଙ୍କ ▶▶ ୫

## ନବନିର୍ବାଚିତ ଉପରାଷ୍ଟ୍ରପତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୯।୯/ଏନ୍ଏନ୍ଏସ୍:**

ନବନିର୍ବାଚିତ ଉପରାଷ୍ଟ୍ରପତି ସି ପି. ରାଧାକ୍ରିଷ୍ଣନ୍‌ଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ନବନିର୍ବାଚିତ ଉପରାଷ୍ଟ୍ରପତିଙ୍କର ଗଭୀର ପ୍ରଶାସନିକ ଅଭିଜ୍ଞତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଗଭୀର ପ୍ରତିବଦ୍ଧତା ସଂସଦ ତଥା ଦେଶର ମର୍ଯ୍ୟାଦା ଓ ଗରିମାକୁ ବୃଦ୍ଧି କରିବ । ଏହି ମର୍ଯ୍ୟାଦାପୂର୍ଣ୍ଣ ପଦବୀରେ ଦେଶର ସେବା କରିବା ନିମନ୍ତେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ଅନେକ ଅନେକ ଶୁଭକାମନା ବୋଲି ସେ ପ୍ରକାଶ କରିଛନ୍ତି ।

### ଯୌତୁକ ନିଷେଧ ଓ ଘରୋଇ ହିଂସା ଆଇନ

## ମହିଳାଙ୍କୁ ସୁରକ୍ଷା ଦେବା ସହ ସଶକ୍ତ କରୁଛି: ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୯।୯/ଏନ୍ଏନ୍ଏସ୍:**

ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ ଦେଶର ମହିଳାମାନଙ୍କୁ ସୁରକ୍ଷା ଦେବା ସହ ସଶକ୍ତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମତପ୍ରକାଶ କରିଛନ୍ତି । ଆଜି ଲୋକସେବା ଭବନ ସମ୍ମେଳନ କକ୍ଷରେ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଘରୋଇ ହିଂସାରୁ ମହିଳାମାନଙ୍କ ସୁରକ୍ଷା ଅଧିନିୟମ ୨୦୦୫ ଏବଂ ଯୌତୁକ ନିଷେଧ ଅଧିନିୟମ ୧୯୬୧ ବିଷୟରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ବିପଦ ସମୟରେ ଯିଏ ପାଖରେ ରହି ଆହା କହେ, ସେ ରକ୍ତ ସମ୍ପର୍କ ଠାରୁ ବି ଅଧିକ ନିଜର । ଏହି ପରିପ୍ରେକ୍ଷୀରେ ଉପସ୍ଥିତ ସଦସ୍ୟମାନେ ନିଜ ନିଜ ପ୍ରଚେଷ୍ଟାରେ ପ୍ରତି ଜିଲ୍ଲାରେ ୫ ଜଣ ନିଃସହାୟ ମହିଳାଙ୍କ ଜୀବନରେ ନୂତନ ଉର୍ଜା ଓ ଉତ୍ସାହ ଆଣନ୍ତୁ ବୋଲି ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । କୁଟୀର ଶିଳ୍ପ ଭଳି ବହୁ କ୍ଷେତ୍ରରେ ମହିଳାମାନଙ୍କ ଅବଦାନ ଆଜି ପୁରୁଷମାନଙ୍କ ଠାରୁ ଅଧିକ । ମହିଳାମାନଙ୍କ ନିରାପତ୍ତା ଓ ସୁରକ୍ଷା ମହିଳାକୈନ୍ଦ୍ରିକ ଅର୍ଥନୀତି ଓ ମହିଳା କୈନ୍ଦ୍ରିକ ବିକଶିତ ଓଡ଼ିଶାର ପ୍ରାଥମିକତା ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଦୃଢ଼ ମତ ରଖିଛନ୍ତି ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ତୃଣମୂଳସ୍ତରରେ ମହିଳା ସୁରକ୍ଷା ମାମଲା ସହ ଜଡ଼ିତ ଆଇନ ବିଷୟରେ ପ୍ରତିନିଧିମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୌତୁକ ନିଷେଧ ଆଇନ ୧୯୬୧ ଓ ଘରୋଇ ହିଂସା ଆଇନ ୨୦୦୫ ର ଆବଶ୍ୟକତା ବିଷୟରେ ଆଲୋଚନା କରିବା ସହ ସେ ସମ୍ପର୍କିତ ମହିଳା ଓ ଶିଶୁ ବିକାଶ ବିଭାଗର ଯୋଜନା ଓ କାର୍ଯ୍ୟକାରିତା ଉପରେ ମଧ୍ୟ ଆଲୋକପାତ କରିଥିଲେ । ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ । ପ୍ରତି ଜିଲ୍ଲାର ଶକ୍ତି ସଦନ, ୱାନ ଷ୍ଟପ୍ ସେଣ୍ଟର୍, ପୁଲିସ ପ୍ରଶାସନିକ, ସୁରକ୍ଷା ▶▶ ୫

# ପ୍ରତିବାଦ ନିଆଁରେ ଜଳୁଛି ନେପାଳ

### ହିଂସକ ହୋଇପଡିଛି ଜେନ୍-ଜେଡ୍ ଗୋଷ୍ଠୀ

### ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପତ୍ନୀ ଜୀବନ୍ତ ଦଗ୍ଧ

### ସବୁ ବଡ଼ ନେତାଙ୍କ ଘର ଜାଳିଦେଲେ, ଅର୍ଥମନ୍ତ୍ରୀଙ୍କୁ ଗୋଡ଼ାଇ ଗୋଡ଼ାଇ ମାରିଲେ

### ଇସ୍ତଫା ଦେଲେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି

### ସୁରକ୍ଷିତ ସ୍ଥାନକୁ ପଳାଇଲେ କେପି ଓଲି



**କାଠମାଣ୍ଡୁ,୯।୯/ଏଜେନ୍ସି:**

ସୋସିଆଲ୍ ମିଡିଆଗୁଡ଼ିକୁ ବ୍ୟାନ୍ କରାଯିବା ନିଷ୍ପତ୍ତିକୁ ନେଇ ନେପାଳରେ ଆରମ୍ଭ ହୋଇଥିବା ହିଂସାତ୍ମକ ପ୍ରତିବାଦ ଦିନକୁ ଦିନ ଅଧିକ ଭୟଙ୍କର ହେବାରେ ଲାଗିଛି । ସୋମବାର ବିକ୍ଷୋଭକାରୀମାନେ (ଜେନେରେସନ୍ ଜେଡ୍ ପିଢ଼ି (୧୮ରୁ ୨୮ ବର୍ଷ)) ସଂସଦ ଭବନ ଭିତରେ ପ୍ରବେଶ କରିଥିବା ବେଳେ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ବାସଭବନ ଉପରେ ପଥରମାଡ଼ କରିଥିଲେ । ତେବେ ମଙ୍ଗଳବାର ଉତ୍ତ୍ୟକ୍ତ ଯୁବଗୋଷ୍ଠୀ ସଂସଦ ଭବନ ସହ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ବାସଭବନଗୁଡ଼ିକରେ ମଧ୍ୟ ନିଆଁ ଲଗାଇ ଦେଇଛନ୍ତି ଏବଂ ସୁରକ୍ଷା ବାହିନୀଠାରୁ ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଇଛନ୍ତି । ସେମାନେ ୩ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଘର ଉପରେ ମଧ୍ୟ ଆକ୍ରମଣ କରିଛନ୍ତି । ଏସବୁ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଝଲାନାଥ ଖନାଲଙ୍କ ଘରେ ନିଆଁ ଲଗାଇଦେବା କାରଣରୁ ତାଙ୍କ ପତ୍ନୀ ରାଜଲକ୍ଷ୍ମୀ ଚିତ୍ରକର ଗୁରୁତର ଭାବରେ ପୋଡ଼ିହୋଇ ପ୍ରାଣ ହରାଇଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ କୀର୍ତ୍ତିପୁର ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଶେର ବାହାଦୁର ଦେଉବାଙ୍କୁ ତାଙ୍କ ଘରେ ପଶି ତାଙ୍କୁ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଉତ୍ତ୍ୟକ୍ତ ଯୁବଗୋଷ୍ଠୀ ଭୟଙ୍କର ଭାବେ ମାଡ଼ମାରି ରକ୍ତାକ୍ତ କରିଦେଇଛନ୍ତି । ଅର୍ଥମନ୍ତ୍ରୀ ବିଷ୍ଣୁ ପାଉଡେଲଙ୍କୁ କାଠମାଣ୍ଡୁସ୍ଥିତ ଘର ନିକଟରେ ଗୋଡ଼ାଇ ଗୋଡାଇ ପିଟୁଥିବା ଏବଂ ଗୋଇଠା ମାରୁଥିବାର ଅତ୍ୟନ୍ତ ଅମାନବୀୟ ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି । ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ପ୍ରଚଣ୍ଡଙ୍କ ଘରକୁ ମଧ୍ୟ ବିକ୍ଷୋଭକାରୀମାନେ ଜାଳି ଦେଇଛନ୍ତି । ଏସବୁ ମଧ୍ୟରେ ନେପାଳ ସେନାବାହିନୀ ଦେଶର ନିୟନ୍ତ୍ରଣ ନିଜ ହାତକୁ ନେଇଥିବା ସୂଚନା ମିଳିଛି । ଦିନକ ▶▶ ୫

### ରେଳ କ୍ଷେତ୍ରର ବିକାଶ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କ ମଧ୍ୟରେ ବୈଠକ

# ବଇଁଣ୍ଡାରୁ ବୌଦ୍ଧ ରେଳ ସଂଯୋଗ ପରିକଳ୍ପନା

**ଭୁବନେଶ୍ୱର,୯।୯/ଏନ୍ଏନ୍ଏସ୍:**

ଅନୁଗୁଳର ବଇଁଣ୍ଡାରୁ ବଲାଙ୍ଗିର -ଖୋର୍ଦ୍ଧା ଲାଇନ୍‌ରେ ବୌଦ୍ଧ ପର୍ଯ୍ୟନ୍ତ ରେଳ ସଂଯୋଗର ପରିକଳ୍ପନା କରାଯାଇଛି । ଏହା ହେଲେ ଏକ ସେତୁ ଭାବରେ ତାହା କାମ କରିବ । ସେହିପରି ଦକ୍ଷିଣ ଓଡ଼ିଶାରେ ଭଞ୍ଜନଗର ଓ ଆସ୍କା ସବ୍‌ଡିଭିଜନ୍ ରେଳ ଲାଇନ୍‌ରୁ ବଞ୍ଚିତ ଅଛନ୍ତି । ପ୍ରସ୍ତାବିତ ତାଳଚେର-ଗୋପାଳପୁର ରେଳଲାଇନ୍ ଅନୁଗୁଳ, ଢେଙ୍କାନାଳ, କଟକ, ନୟାଗଡ଼ ଏବଂ ଗଞ୍ଜାମର ଆସ୍କା ଅଞ୍ଚଳକୁ ସଂଯୋଗ ହେଲେ ଓଡ଼ିଶାର ରେଳ ନେଟ୍‌ୱାର୍କ ସୁଦୃଢ଼ ହେବ । ଏହାବ୍ୟତୀତ କନ୍ଧମାଳର ଫୁଲବାଣୀ ପର୍ଯ୍ୟନ୍ତ ରେଳ ନେଟ୍‌ୱାର୍କ ସଂଯୋଗ କରିବା ଦିଗରେ ମଧ୍ୟ ସରକାର ଯୋଜନା ରଖିଛନ୍ତି ।

ମଙ୍ଗଳବାର ନୂଆଦିଲ୍ଲୀଠାରେ ଓଡ଼ିଶାରେ ରେଳ କ୍ଷେତ୍ରର ବିକାଶ, ନାଗରିକଙ୍କ ଯାତାୟାତ ସହ ପରିବହନ ପଥକୁ ସୁଗମ କରିବା ତଥା ରେଳ ନେଟ୍‌ୱାର୍କକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଓଡ଼ିଶାର ଦଳୀୟ ସାଂସଦମାନଙ୍କ ମଧ୍ୟରେ ସବିଶେଷ ଆଲୋଚନା ହୋଇଛି । ଆଲୋଚନା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ନାଗରିକଙ୍କ ଯାତାୟାତ, ଶିଳ୍ପ ଓ ଖଣିଜ କ୍ଷେତ୍ରର ବିକାଶ ସହ କୃଷି ଉତ୍ପାଦିତ ସାମଗ୍ରୀକୁ ଦେଶ ବଜାର ସହ ଯୋଡ଼ିବାରେ ରେଳ କ୍ଷେତ୍ରର

**ସମ୍ବଲପୁର ଜରପଡ଼ାରୁ ତେନ୍ତୁଲୋଇ ମଧ୍ୟ ଦେଇ ବୁଢ଼ାପଙ୍କ ପର୍ଯ୍ୟନ୍ତ ଆଉଟର୍ କୋଲ୍ କରିଡର୍ ପ୍ରସ୍ତାବ**

ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ କଳ୍ପନା'ରେ ଓଡ଼ିଶାକୁ ଅଗ୍ରାଧିକାର ଦେଇ ରେଳ ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ୍ ସରକାର ଗୁରୁତ୍ୱ ଦେଇଛନ୍ତି । ପୂର୍ବ ସରକାର ଅପେକ୍ଷା ମୋଦୀ ସରକାରରେ ବିଗତ ୧୧ ବର୍ଷରେ ଓଡ଼ିଶାକୁ ରେଳ ବଜେଟ୍‌ରେ ରେକର୍ଡ ସଂଖ୍ୟକ



ଅର୍ଥ ମିଳୁଛି । କଂଗ୍ରେସ ଅମଳରେ ଓଡ଼ିଶାରୁ ବାର୍ଷିକ ଏକ ହଜାର କୋଟି ଟଙ୍କା ମିଳୁଥିଲା ବେଳେ ମୋଦୀ ସରକାରରେ ପ୍ରତି ବର୍ଷ ଓଡ଼ିଶା ପାଇଁ ରେଳ ବଜେଟ୍‌ରେ ବୃଦ୍ଧି ପରିଲକ୍ଷିତ ହୋଇଛି । ଓଡ଼ିଶାରେ ରେଳ ବିଭାଗ ପକ୍ଷରୁ ନୂଆ ରେଳଲାଇନ୍, ରେଳ ଲାଇନ୍‌ର ଦୋହରୀକରଣ, ତୃତୀୟ ଲାଇନ୍, ଚତୁର୍ଥ ଲାଇନ୍ ପାଇଁ ପାଖାପାଖି ୯୦ ହଜାର କୋଟି ଟଙ୍କାର କାମ କ୍ରିୟାନ୍ୱୟନ ହେଉଥିବା ନେଇ ବିଭାଗୀୟ ମନ୍ତ୍ରୀ ଅବଗତ କରାଇଛନ୍ତି ।

ବୈଠକରେ ଝାରସୁଗୁଡ଼ା- ବାରକୋଟ୍ ରେଳଲାଇନ୍, ଅନୁଗୁଳ-ତାଳଚେର ନୂଆ ରେଳଲାଇନ୍, ବରଗଡ଼ ରୋଡ୍-ନୂଆପଡ଼ା ରୋଡ୍- ରାୟପୁର ରେଳଲାଇନ୍, ତାଳଚେର-ବିମଳାଗଡ଼ ରେଳଲାଇନ୍, ବହୁପ୍ରତିକ୍ଷୀତ ଖୋର୍ଦ୍ଧା -ବଲାଙ୍ଗୀର ରେଳ ଲାଇନ୍, ସମ୍ବଲପୁର-ଜରପଡ଼ା ତୃତୀୟ ରେଳଲାଇନ୍ ଓ ଚତୁର୍ଥଲାଇନ୍‌ର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜରପଡ଼ାରୁ ତେନ୍ତୁଲୋଇ ମଧ୍ୟ ଦେଇ ବୁଢ଼ାପଙ୍କ ପର୍ଯ୍ୟନ୍ତ ଆଉଟର୍ କୋଲ୍ କରିଡର୍ କରିବାର କଳ୍ପନା ଉପରେ ଆଲୋଚନା ହୋଇଛି । ବିଶେଷ ଭାବରେ ରେଳଲାଇନର କାର୍ଯ୍ୟକୁ ଆଗେଇ ନେବାରେ ଉପୁଜିଥିବା ଜମିଗ୍ରହଣ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଛି ।

ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାର କୋଇଲା ଉତ୍ପାଦନକାରୀ ଅଞ୍ଚଳଗୁଡ଼ିକରେ ନାଗରିକ ସୁବିଧା ଓ ରେଳ ପରିବହନକୁ ବିଶେଷ ଭାବରେ ପ୍ରାଧାନ୍ୟ ଦିଆଯାଉଛି । ଏହିସବୁ ପଦକ୍ଷେପ ଦ୍ୱାରା ରେଳ ଲାଇନ୍ କୋଇଲା ଉତ୍ପାଦନକାରୀ ଅଞ୍ଚଳରୁ ବନ୍ଦର ଅଞ୍ଚଳକୁ ଯୋଡିହେବ । ଏହା ଦ୍ୱାରା ମାଲ ପରିବହନ ସହଜ ହେବ ଏବଂ ଓଡ଼ିଶାର ଦ୍ରୁତ ଶିଳ୍ପାୟନର ବିକାଶରେ ସହାୟକ ହେବ । ରେଳ ▶▶ ୫

### ଆଜିଠୁ ବଢ଼ିବ ବର୍ଷା

## ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୯।୯/ଏନ୍ଏନ୍ଏସ୍:**

ରାଜ୍ୟରେ ସକ୍ରିୟ ରହିଛି ଘୂର୍ଣ୍ଣିବଳୟ, ଆସନ୍ତା ୧୩ ତାରିଖ ଯାଏ ପ୍ରବଳ ବର୍ଷା । ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସକ୍ରିୟ ରହିଛି ଏହି ଘୂର୍ଣ୍ଣିବଳୟ । ପ୍ରଭାବରେ ଆସନ୍ତା ୧୩ ତାରିଖ ଯାଏ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟ ଧରଣର ବର୍ଷା ସହ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

ସୂଚନା ଅନୁସାରେ, ଆସନ୍ତାକାଲିଠାରୁ ବଢ଼ିବ ବର୍ଷାର ପରିମାଣ । 'ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ ସକ୍ରିୟ ରହିଛି ଘୂର୍ଣ୍ଣିବଳୟ । ପ୍ରଭାବରେ ଆସନ୍ତା ୧୩ ତାରିଖ ଯାଏ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟ ଧରଣର ବର୍ଷା ହେବ । ଉତ୍ତର ଓ ଦକ୍ଷିଣ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳ ବର୍ଷା ହେବ । ଏହସହ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଟକା ପବନ ଅର୍ଥାତ୍ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି ବେଗରେ ପବନ ମଧ୍ୟ ବହିବା ସମ୍ଭାବନା ରହିଛି । ୧୪ ତାରିଖ ପାଇଁ କୌଣସି ୱାର୍ଣ୍ଣିଂ ନଥିବାବେଳେ କମିବ ବର୍ଷାର ପରିମାଣ । ଆସନ୍ତା ୨୪ ଘଣ୍ଟାରେ ସାରା ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷାକୁ ନେଇ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ, ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହିପରି ଆସନ୍ତାକାଲି ବଢ଼ିବ ବର୍ଷାର ପରିମାଣ । ଏନେଇ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ । ବର୍ଷା ସମୟରେ ବିଜୁଳି, ଘଡ଼ଘଡ଼ି ସହ ଝଟକା ପବନ ଅର୍ଥାତ୍ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି ବେଗରେ ପବନ ବହିବା ସମ୍ଭାବନା ରହିଛି । ସେହିପରି ୧୧ ତାରିଖରେ ମଧ୍ୟ କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଥିବା ବେଳେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହେବା ନେଇ ଆକଳନ ▶▶ ୫

**ଜେଲ୍‌ରେ ପାଠପଢ଼ା ଆରମ୍ଭ**

# ୭୮ ଅନ୍ତେବାସୀଙ୍କୁ ସ୍ୱାକ୍ଷରକଲେ ଜେଲ୍ କର୍ତ୍ତୃପକ୍ଷ

**କୋଣାର୍କ,୯।୯/ଏନ୍‌ଏନ୍‌ଏସ୍:** ଜେଲ୍ କର୍ତ୍ତୃପକ୍ଷ କାରାଗାର ମଧ୍ୟରେ ରହିଥିବା ଅନ୍ତେବାସୀଙ୍କ ଜୀବନଶୈଳୀକୁ ପରିବର୍ତ୍ତନ କରି ସାମାଜିକ ସ୍ରୋତରେ ସେମାନଙ୍କୁ ସାମିଲ କରିବାକୁ ବିଭିନ୍ନ ସଂସ୍କାରମୂଳକ ସଚେତନତା କାର୍ଯ୍ୟକ୍ରମ ଓ ସ୍କିଲ ଡେଭ୍‌ଲପ୍‌ମେଣ୍ଟ ପାଇଁ ବିଭିନ୍ନ ପ୍ରଶିକ୍ଷଣ ଜେଲ୍ ମଧ୍ୟରେ ସେମାନଙ୍କୁ ସଶକ୍ତ କରୁଥିଲା ବେଳେ ଏବେ ଜେଲ୍ ମଧ୍ୟରେ ଥିବା ଅଶିକ୍ଷିତ ଅନ୍ତେବାସୀଙ୍କୁ ପାଠ ପଢ଼ିବା ଜରୁରି ହୋଇଥିବାରୁ ରାଜ୍ୟରେ ଥିବା ଜେଲ୍‌ମାନଙ୍କରେ ସ୍କୁଲ୍‌ର ପରିକଳ୍ପନା କରି ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇ ପାଠ ପଢ଼ିବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏ ନେଇ ଗତ ସୋମବାର କୋଣାର୍କ-ପୁରୀ ବେଳାମାର୍ଗ ମୁଖ୍ୟ ରାସ୍ତା ନିକଟ ଟିକନା ଗ୍ରାମ ସମ୍ମୁଖରେ ଥିବା ବାଙ୍ଗର ପୁରୀ ଜିଲ୍ଲା କାରାଗାରରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଜେଲ ମଧ୍ୟରେ ଦୁଇଜଣ ଶିକ୍ଷକ ନିଯୁକ୍ତି ଦିଆଯାଇଛି। ପୁରୀ ଜିଲ୍ଲା ଜେଲ୍ ଅଧୀକ୍ଷକ ସଞ୍ଜୟ ବର୍ମାଙ୍କ ତତ୍ତ୍ୱାବଧାନରେ ଜେଲର୍ ବିକାଶ କୁମାର ସାହୁଙ୍କ ସହଯୋଗରେ ଜେଲ୍ ମଧ୍ୟରେ ରହିବା ୭୮ଜଣ ଅଶିକ୍ଷିତ ମହିଳା ଓ ପୁରୁଷ ଅନ୍ତେବାସୀଙ୍କୁ



ଆଜି ପ୍ରଥମେ ପାଠ ପଢ଼ାଯାଇ ସ୍ୱାକ୍ଷର ଅଭିଯାନ ଆରମ୍ଭ କରାଇଛନ୍ତି। ନିଯୁକ୍ତି ପାଇଥିବା ଶିକ୍ଷକ ପ୍ରତ୍ୟେକ ସପ୍ତାହର ସୋମବାରରୁ ବୁଧବାର ୩ଦିନ ପର୍ଯ୍ୟନ୍ତ ଜିଲ୍ଲା କାରାଗାରରେ ପାଠ ପଢ଼ାଇବେ। ଆଜି ସକାଳ ୧୦ଘଟିକାରେ ବାଙ୍ଗର ସ୍କୁଲ୍‌ର ଶିକ୍ଷକ ଅଗସ୍ତି ଶବରଙ୍କ ଦ୍ୱାରା ୭୮ଜଣ ଅନ୍ତେବାସୀଙ୍କୁ ଅ, ଆ ଠାରୁ ଶିଖିବା ଆରମ୍ଭ କରି ୧, ୨, ୩ ଠାରୁ ୧୦ ପର୍ଯ୍ୟନ୍ତ ସଂଖ୍ୟା ପଢ଼ାଇ ଦେଖାଇଥିଲେ। ପ୍ରତିଦିନ କିପରି ଏହାକୁ ଶିଖି ଆଗକୁ ଯିବେ ସେ ନେଇ ଶିକ୍ଷକ ଶ୍ରୀ ଶବର ଅନ୍ତେବାସୀଙ୍କୁ ସହଜ ଉପାୟ ବୁଝାଇଥିଲେ। ତାଙ୍କୁ ଅନସରା ଗ୍ରାମ ରୁଦ୍ରାଣୀ ହାଇସ୍କୁଲର ସହାୟକ ଶିକ୍ଷକ ବିଶ୍ୱନାଥ ପୂଜାରୀ ଏଥିରେ ସହଯୋଗ କରିଥିଲେ। ଶିକ୍ଷକଙ୍କ ଦ୍ୱାରା ପାଠପଢ଼ାକୁ ନେଇ ଆଜି କଏଦୀମାନଙ୍କ ମଧ୍ୟରେ ଖୁବ ଉତ୍ସାହ ଦେଖିବାକୁ ମିଳିଥିଲା। ସୂଚନାମୁତାବକ ଜିଲ୍ଲା କାରାଗାରରେ ସମୁଦାୟ ୬୭୦ଜଣ କଏଦୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୭୮ଜଣ ସମ୍ପୂର୍ଣ୍ଣ ନିରକ୍ଷର ଅଶିକ୍ଷିତ ଅଛନ୍ତି। ଏବେ ଏଠାରେ ପାଠପଢ଼ା ସହିତ ଅନ୍ତେବାସୀଙ୍କୁ ସ୍କିଲ ଡେଭଲ୍‌ପମେଣ୍ଟ ପ୍ରଶିକ୍ଷଣ ଦିଆଯାଇ ପେପର ପ୍ଲେଟ୍, ଧୂପବତୀ, ଫିନାଇଲ୍, ୱାଶିଂପାଉଡର୍, ହ୍ୟାଣ୍ଡୱାସ୍, ରୁମାଲ, ଗାମୁଛା ପରି ହ୍ୟାଣ୍ଡଲୁମ୍ ଜିନିଷ ମେସିନ ମାଧ୍ୟମରେ ତିଆରି କରାଯିବା ଶିଖାଇ ସ୍ୱାବଲମ୍ବୀ କରାଯାଉଛି। ସେମାନଙ୍କର ଜୀବନଶୈଳୀର ପରିବର୍ତ୍ତନ ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ପାଇଁ ଜେଲ କର୍ତ୍ତୃପକ୍ଷ ସମସ୍ତ ପ୍ରୟାସ ଜାରି ରଖିଛନ୍ତି ବୋଲି ଜେଲ ଅଧିକ୍ଷକ ଶ୍ରୀ ବର୍ମା ପ୍ରକାଶ କରିଛନ୍ତି।

## ଦୁର୍ଗାପୂଜାରେ ଶୃଙ୍ଖଳା ରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି

**କଣ୍ଟିଲୋ,୯।୯/ଏନ୍‌ଏନ୍‌ଏସ୍:** ବାର ମାସେ ତେର ପର୍ବ ଭଳି ଏବେ ଭାଦ୍ରବ ମାସରେ ବିଘ୍ନରାଜ ଗଜାନନ ଙ୍କ ପୂଜା ଓ ମା ମଙ୍ଗଳାଙ୍କ ଖୁଦୁରୁକୁଣି ପୂଜା ସରିବା ପରେ ଭସାଣି ପ୍ରସେଶନ୍ ହୋଇଥାଏ। ପୂଜା ଉପୋଭୋଗ କରିବା ସମୟେ ଓ ଭସାଣି ପ୍ରସେସନ୍ ସମୟେ ଶାନ୍ତି ଶୃଙ୍ଖଳା ରକ୍ଷା ନିହାତି ଭାବେ ଆବଶ୍ୟକ। ଏଥି ପାଇଁ ପୁଲିସ ପ୍ରଶାସନର ଗୁରୁ ଦାୟିତ୍ୱ ରହିଛି। ତେଣୁ ସେହି ସମୟରେ ପୁଲିସ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ବିଶୃଙ୍ଖଳିତ ଯୁବ ଗୋଷ୍ଠି ଓ ମଦ୍ୟପମାନଙ୍କ ଉପରେ କଡା କଡ଼ି ନଜର ରଖିବା ସହିତ ସେମାନଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବା ନିହାତି ଆବଶ୍ୟକ। ସୂଚନା ଯୋଗ୍ୟ ଯେ ଏବେ ନିକଟରେ ହୋଇଥିବା ଗଜାନନଙ୍କ ଭସାଣି ସମୟେ କଣ୍ଟିଲୋ ନିକଟସ୍ଥ ବାହାର ପଞ୍ଚାୟତର ଭସାଣି ପ୍ରସେସନ କଣ୍ଟିଲୋ ଗ୍ରାମର ସାହି ଭିତରେ ପ୍ରବେଶ କରି ବିଭିନ୍ନ ସମସ୍ୟା ସୃଷ୍ଟି କରିଥିବା ନଜିର ଅଛି। ପୂର୍ବ ବର୍ଷ ମାନଙ୍କରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କେବଳ କଣ୍ଟିଲୋ ଗ୍ରାମ ପଞ୍ଚାୟତ ପରିସର ମଧ୍ୟର ପ୍ରସେସନ ବ୍ୟତୀତ ବାହାର ପଞ୍ଚାୟତ ପ୍ରସେସନ ଗୁଡ଼ିକୁ ପୁଲିସ ବିଭାଗର ଦୃଢ଼ ପଦକ୍ଷେପ ଯୋଗୁ ସାହି ଭିତରେ ପ୍ରବେଶ କରିବାକୁ ଆଦୌ ଅନୁମତି ଦିଆଯାଉ ନଥିଲା। ବର୍ତ୍ତମାନ ଦଶହରା ପର୍ବ ମଝିରେ ଆଉ ମାତ୍ର ୧୫/୧୬ ଦିନ ରହିଲା। ତେଣୁ ଦଶହରା ପୂଜା ଉପଭୋଗ କରିବା ଓ ମା' ଦୁର୍ଗାଙ୍କୁ ବିସର୍ଜନ କରିବା ସମୟେ ପ୍ରତ୍ୟେକ ପୂଜା ମଣ୍ଡପର ଭସାଣି ପ୍ରସେସନ କିପରି ସୁବିଧା ଓ ଶୃଙ୍ଖଳାର ସହ ସମ୍ପନ୍ନ ହେବ ଏବଂ କଣ୍ଟିଲୋ ପଞ୍ଚାୟତ ବ୍ୟତୀତ ବାହାର ପଞ୍ଚାୟତର ପ୍ରସେସନ ଯେପରି କଣ୍ଟିଲୋର କୌଣସି ସାହି ଭିତରେ ପ୍ରବେଶ ନ କରିବେ ସେଥିପାଇଁ କଣ୍ଟିଲୋ ଫାଣ୍ଡି ପରିସର ମଧ୍ୟରେ ଥିବା ପ୍ରତ୍ୟେକ ପୂଜା ମଣ୍ଡପର କର୍ମକର୍ତ୍ତାମାନଙ୍କର ଏକ ପ୍ରାକ୍ ପ୍ରସ୍ତୁତି ବୈଠକ କରି ପ୍ରତ୍ୟେକ ନୀତି ନିୟମ ଓ କଟକଣା ତଥା ବିଶୃଙ୍ଖଳିତ ବ୍ୟକ୍ତିଙ୍କ ଉପରେ କି ପ୍ରକାର ପଦକ୍ଷେପ ନିଆଯିବ ସେ ସମ୍ପର୍କେ ଯଥାଶୀଘ୍ର ଆଲୋଚନା କରିବା ପାଇଁ ଫାଣ୍ଡି ଅଧିକାରୀଙ୍କ ନିକଟରେ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଶିବିର ଉଦ୍‌ଘାଟିତ



**ଖୋର୍ଦ୍ଧା,୯।୯/ଏନ୍‌ଏନ୍‌ଏସ୍:** ଡାକ୍ତର ଭାଗୀରଥି ଛୁଆଲସିଂହଙ୍କ ସଭାପତିତ୍ୱରେ ଖୋର୍ଦ୍ଧା ସହରସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ସଭା ଗୃହରେ ଆୟୋଜିତ ହୋଇଥିବା ସ୍ୱାସ୍ଥ୍ୟ ସୁରକ୍ଷା ଶିବିରରେ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ ସଂଜୟ ଚନ୍ଦ୍ର ରାୟ ଏହାକୁ ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱରସ୍ଥିତ ମଣିପାଲ୍ ହସ୍‌ପିଟାଲର ଖ୍ୟାତନାମା ହୃଦ୍‌ରୋଗ ବିଶେଷଜ୍ଞ ଡ଼ାଃ ଜିତେନ୍ଦ୍ରନାଥ ପଟ୍ଟନାୟକ, ହୃତ୍‌ପିଣ୍ଡ ସମ୍ବନ୍ଧୀୟ ସମସ୍ୟା ଏବଂ ଏହାର ନିରାକରଣ, ହୃଦ୍‌ଘାତର ଲକ୍ଷଣ ଓ ଚିକିତ୍ସା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବୟସ୍କ ବ୍ୟକ୍ତିମାନେ ଚାପ ମୁକ୍ତ ଜୀବନ ଯାପନ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ବୋଲି ଉପଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଡ଼ାକ୍ତର ଅମ୍ଳାନ ତପନ ମହାପାତ୍ର ଶରୀରର ବିଭିନ୍ନ ବିଲକ୍ଷଣ, ଅସ୍ୱାଭାବିକ ବ୍ୟବହାର, ମସ୍ତିଷ୍କକୁ ସୁସ୍ଥ ରଖିବା ଦିଗରେ ଆଶୁ ଚିକିତ୍ସାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶିବିରରେ ଶତାଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଝରଣା ମିଶ୍ର, ସବିତା ମହାପାତ୍ର , ଜ୍ୟୋତିପ୍ରଭା ପଟ୍ଟନାୟକ, କୃଷ୍ଣଚନ୍ଦ୍ର ସାହୁ , ବିବେକାନନ୍ଦ ପଟ୍ଟନାୟକ, ବେଲେଶ୍ୱର ଯୁଝାରସିଂହ, ବୀରେନ୍ଦ୍ର କୁମାର ପଟ୍ଟନାୟକ, ବିଜୟ କୁମାର ଚମ୍ପତି, ଶ୍ରୀମନ୍ତ କୁମାର ବେହେରା, ପ୍ରମୋଦ କୁମାର ଦାସ, ଦୀପ୍ତି ପ୍ରକାଶ ମହାପାତ୍ର, ମହେନ୍ଦ୍ର କୁମାର ରଥ, ସମ୍ମାନିତ ଅତିଥି ବୃନ୍ଦଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମଣିପାଲ ହସ୍ପିଟାଲର ଲୋକ ସମ୍ପର୍କ ଅଧିକାରୀ ବିଜୟ ଚଙ୍ଗନାଥ ଓ ସୂର୍ଯ୍ୟକାନ୍ତ ପଣ୍ଡାଙ୍କ ସହିତ ଅନୁଷ୍ଠାନର ନବୀନ ସାମନ୍ତସିଂହାର, ହରମୋହନ ମହାପାତ୍ର, ମାୟାଧର ପ୍ରଧାନ, ରାମଚନ୍ଦ୍ର ଦୋରା ଓ ଗଦାଧର ଗୋଛି ପ୍ରମୁଖ ଶିବିର ପରିଚାଳନା କରିଥିଲେ। ମଞ୍ଚର ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ସହ-ସମ୍ପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନାଚରେ ଜମିଲା ଖୁଦୁରୁକୁଣୀ ଭସାଣି ଉତ୍ସବ

**ଟାଙ୍ଗୀ,୯।୯/ଏନ୍‌ଏନ୍‌ଏସ୍:** ଭାଦ୍ରବମାସ ର ଶେଷ ରବିବାର ସହ ଖୁଦୁରୁକୁଣୀ ଓଷା ଶେଷ ହୋଇଥିବା ବେଳେ ସୋମବାର ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତରେ ଖୁଦୁରୁକୁଣୀ ଭଷାଣୀ ଧୁମ୍‌ଧାମରେ ଶେଷ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଉଥିବା ୨୦ରୁ ଉର୍ଦ୍ଧ୍ୱ ମା'ଙ୍କ ପତିମୂର୍ତ୍ତି ସୋମବାର ସକାଳ ସମୟରେ ପ୍ରଥମେ ହାଟ ପଡ଼ିଆରେ ଏକତ୍ରିତ ହୋଇଥିଲେ। ପରେ ଯାତ୍ରା କମିଟି ପକ୍ଷରୁ ମେଢ଼ ଗୁଡ଼ିକ ସାରଙ୍ଗା ମଧୁ ସେତୁ ଯାତ୍ରା ପଡିଆ ଅଭିମୁଖେ ବାହାରିଥିଲେ। ସବୁଠାରୁ ବଡ଼କଥା ହେଲା ସମସ୍ତ ମେଢ଼ ଟଲି ଟ୍ରାକ୍ଟରରେ ଯାଉଥିବେଳେ ତେଲିସାହିର ମା'ଙ୍କ ମେଢ଼କୁ କାନ୍ଧରେ କାନ୍ଧେଇ ନିଆଯାଇଥିଲା। ଛକ ଛକରେ ଝୁଣାମରା ନିଆଁ ଆର୍କଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲା। ତେବେ ଏହି ଭସାଣି ଦେଖିବାକୁ ଶତାଧିକ ଜନସମାଗମ ହୋଇଥିବା ବେଳେ ଯାତ୍ରା କମିଟି



ଓ ଟାଙ୍ଗୀ ପୁଲିସ ପକ୍ଷରୁ ଥାନା ଅଧିକାରୀ ଶିବପ୍ରସାଦ ଭଦ୍ର, ଏସଡିପିଓ ଉମାକାନ୍ତ ନାୟକ, ଏସଆଇ ହେମନ୍ତ ସାମଲ, ଫାଣ୍ଡି ଅଧିକାରୀ ସମେତ ୮ଜଣ ଅଫିସର ସହ ଗୋଟେ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ପୁଲିସ ପକ୍ଷରୁ ଯେଉଁ ନିୟମ ରହିଥିଲା ରାତି ୧୦ଟା ସୁଦ୍ଧା ସମସ୍ତ ମେଢ଼ ଯାତ୍ରା ପଡିଆରେ ଏକତ୍ରିତ ହୋଇଥିଲେ। ବିଭିନ୍ନ ଖୁଦୁରୁକୁଣୀ ପୂଜା କିମିଟିର ମେମ୍ବର ଲିପି ପୁଷ୍ଟି, ରୁନୁ ସାହୁ, ସିନୁ ସାହୁ, ଶୁଭଶ୍ରୀ ସାହୁ, ମନୀଷା ପୁଷ୍ଟି, ଗୌରୀ ସେଠୀ, ସ୍ଥିତିପ୍ରଜ୍ଞା ସେଠୀ, ବୈଶାଖୀ ପୁଷ୍ଟି, ଉପାସନା ପୁଷ୍ଟି, ସେହ୍ନାଶ୍ରୀ ପ୍ରିୟଦର୍ଶିନୀ ସାହୁ, ମୌସୁମୀ ପୁଷ୍ଟି,ଟିକି ଦାସ, ରୀନା ସହୁ ସମେତ ଖୁଦୁରୁକୁଣୀ ପୂଜା କମିଟିର ମେମ୍ବର ପୁଲିସ ପ୍ରଶାସନ ଓ ରୂପ ଯାତ୍ରା କମିଟିର ମେମ୍ବରମାନଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଥିଲେ।

## ସମୁଦ୍ରକୂଳରୁ ଉଦ୍ଧାର ଗଳିତ ଶବର ମିଳିଲା ପରିଚୟ



**କୋଣାର୍କ,୯।୯/ଏନ୍‌ଏନ୍‌ଏସ୍:** ଶୁକ୍ରବାର ଅପରାହ୍ନରେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଅଧୀନ ପୁରୀ-କୋଣାର୍କ ବେଳାମାର୍ଗ ଲିଆଖୁଆ ବ୍ରିଜ ସମ୍ମୁଖ ସମୁଦ୍ରକୂଳରେ ଜଣେ ଅଚିହ୍ନା ଯୁବକଙ୍କ ଗଳିତଶବ ପୁଲିସ ଦ୍ୱାରା ଉଦ୍ଧାର କରାଯାଇଥିଲା। ଉକ୍ତ ଯୁବକ ଜଣକର ପରିଚୟ ପୁଲିସକୁ ମିଳିଥିବା ଜଣାପଡ଼ିଛି। ଯୁବକ ଜଣକ ହେଉଛନ୍ତି ତେଲେଙ୍ଗାନା ରାଜ୍ୟର ହାଇଦ୍ରାବାଦସ୍ଥିତ ସମାବାଗ ଗ୍ରାମର ଦିଲ୍ଲୀପ ଚଣ୍ଡାଙ୍କ ସାନପୁତ୍ର ବିକାଶ ଚାନ୍ଦା(୨୭)। ରବିବାର ତାଙ୍କ ବଡ଼ଭାଇ ବିଶାଳ ଚାନ୍ଦା ତେଲେଙ୍ଗାନାରୁ ଆସି ରାତିରେ ପୁରୀରେ ପହଞ୍ଚି ପୁଲିସ ସହାୟତାରେ ସଂରକ୍ଷିତ ଶବ ଗୃହରେ ନିଜର ଭାଇକୁ ଚିହ୍ନଟ କରିଥିଲେ। ପରେ ପୁଲିସ ଭାଇର ଶବକୁ ଆଜି ମଙ୍ଗଳବାର ବିଧିବଦ୍ଧ ଭାବେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ପରିବାର ଲୋକ ଏକ ଗାଡ଼ିରେ ନିଜ ଗ୍ରାମ ହାଇଦ୍ରାବାଦକୁ ନେଇଯାଇଥିଲେ ବୋଲି ମେରାଇନ୍ ଥାନା ଅଧିକାରୀ ପ୍ରତିମା ସାହୁ ସୂଚନା ଦେଇଛନ୍ତି। ସୂଚନାଥାଉ କି ମୃତ ଯୁବକ ଜଣକ ଗତ ଅଗଷ୍ଟ ୨୩ ତାରିଖରେ ନିଜ ପରିବାର ଲୋକଙ୍କ ସହ ପୁରୀ ବୁଲିବାକୁ ଆସି ସମୁଦ୍ରରେ ଗାଧୋଉଥିଲା ବେଳେ ସମୁଦ୍ର ମଧ୍ୟକୁ ଭାସି ନିଖୋଜ ହୋଇଯାଇଥିବା ପରିବାର ପକ୍ଷରୁ ପୁରୀ ବିଚ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

**ମାହାଙ୍ଗା ମିଶନଶକ୍ତି ବିଭାଗରେ ବ୍ୟାପକ ଅର୍ଥ ହରିଲୁଟ୍ ଅଭିଯୋଗ**

## ତଦନ୍ତ ଦାବିରେ ଇସି ସଭ୍ୟାଙ୍କ ଧାରଣା

**ମାହାଙ୍ଗା,୯।୯/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାର ମହିଳାମାନଙ୍କୁ ସଶକ୍ତକରଣ ଓ ସ୍ୱାବଲମ୍ବୀ କରିବା ପାଇଁ ମିଶନଶକ୍ତି ମାଧ୍ୟମରେ ବ୍ୟାପକ ଅର୍ଥ ଯୋଗାଇ ଦେଉଥିବାବେଳେ ତାହା ଅନେକ ସ୍ଥାନରେ ସଠିକ୍ ଭାବେ କାର୍ଯ୍ୟକାରୀ ନ ହୋଇ ସରକାରୀ ଅର୍ଥ ହରିଲୁଟ୍ କରାଯାଉଥିବା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ମିଶନଶକ୍ତି ବିଭାଗରେ। ଗତ କିଛିଦିନ ତଳେ ଏହି ବ୍ଲକ ଅନ୍ତର୍ଗତ ବାସୁଦେବପୁର ପଞ୍ଚାୟତର କାର୍ଯ୍ୟରତ ସିଆରପି ଓ ଇସି ମେମ୍ବରମାନେ ସରକାରୀ ଅର୍ଥକୁ ହରିଲୁଟ କରାଯାଇଥିବା ନେଇ ଅଭିଯୋଗ କରିଥିବାବେଳେ ଆଜି ଭଦ୍ରେଶ୍ୱର ପଞ୍ଚାୟତର ଇସି ମେମ୍ବରମାନେ ସେମାନଙ୍କ ଦରମା, ପ୍ରଶିକ୍ଷଣ ଓ ଉପକରଣ ଆଦି ବାବଦ ଅର୍ଥ ହେରଫେର ହୋଇଥିବା ନେଇ ଅଭିଯୋଗ କରିବା ସହ ମିଶନଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ସୂଚନା ଯୋଗ୍ୟ ଭଦ୍ରେଶ୍ୱର ପଞ୍ଚାୟତରେ ଥିବା ଜିପିଏଲର ସଭାପତି ସଭାପତି, ସଂପାଦିକା ଚକ୍ରାନ୍ତ କରି ଇସି ସଭ୍ୟାଙ୍କ ଦରମା ଓ ପ୍ରଶିକ୍ଷକ ବାବଦରେ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ ଟଙ୍କା ଉଠାଇ



ନେଇଥିବାବେଳେ ଦୀର୍ଘ ୩୨ମାସରୁ ଉର୍ଦ୍ଧ୍ୱ ସମୟ ହେବ ଏହି ସଭ୍ୟାମାନଙ୍କ ଦରମା ଦିଆଯାଇନାହିଁ। ଏ ନେଇ ଗତ ଦୁଇ ସପ୍ତାହ ତଳେ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଯୋଗଦେଇ ଅଭିଯୋଗ କରିଲା ପରେ ଏହି ଘଟଣାର ତଦନ୍ତ ୧୫ ଦିନ ମଧ୍ୟରେ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହା ପରେ ମିଶନଶକ୍ତି ବିଭାଗ ପକ୍ଷରୁ ଘଟଣାକୁ ଚପାଇ ଦେବା ଉଦ୍ଦେଶ୍ୟରେ ୩୨ ମାସରୁ ମାତ୍ର ୬ ମାସର ଦରମା ଦିଆଯାଇଥିଲା। କିନ୍ତୁ ଜିଲ୍ଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗର ସଠିକ୍ ତଦନ୍ତ ୧୫ଦିନ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଯାହାକୁ ନେଇ ଆଜି ଭଦ୍ରେଶ୍ୱର ପଞ୍ଚାୟତର ଇସି ସଭ୍ୟାମାନେ ବିଡିଓଙ୍କୁ ଦେଖା କରିବା ସହ ଘଟଣା ସଂପର୍କରେ ପଚାରି ବୁଝିବାକୁ ଯାଇଥିବାବେଳେ ବିଡିଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଜିଲ୍ଲା ମୁଖ୍ୟାଳୟକୁ ଯାଇଥିବାରୁ ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ବସି ରହିବା ସହ ହୋହାଲ୍ଲା କରିଥିଲେ। ଏ ସଂପର୍କରେ ବିଡିଓ ସୁଭାଶିଷ ପାଲଟାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲା। ବିଡିଓ ଶ୍ରୀ ପାଲଟାଙ୍କ ନିର୍ଦ୍ଦେଶକ୍ରମେ ମିଶନଶକ୍ତି ବିଭାଗ ବିପିଏମ ଗଣେଶ ଚନ୍ଦ୍ର ସ୍ୱାଇଁ ୧୦ ତାରିଖ ବୁଧବାର ଏହି ଘଟଣାର ତଦନ୍ତ କରାଯିବା ନେଇ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବୋଲଗଡ଼ ବ୍ଲକ୍ ସମ୍ମୁଖରେ ଗର୍ଜିଲା ବିଜେପି

**ବୋଲଗଡ଼,୯।୯/ଏନ୍‌ଏନ୍‌ଏସ୍:** ବୋଲଗଡ଼ ବ୍ଲକ ଦଳେଇସାହି ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ କ୍ଷମତାକୁ ବିଡ଼ିଓ ଅଣଦେଖା କରୁଥିବାର ବିଜେପି ପକ୍ଷରୁ ସଙ୍ଗୀନ ଅଭିଯୋଗ ଆସିଛି। ଦଳେଇସାହି ସରପଞ୍ଚ ସତ୍ୟଭାମା ଦେଇଙ୍କ ବିରୁଦ୍ଧରେ ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ମୁତାବକ ଗତ ସେପ୍ଟେମ୍ବର ୩ରେ ଏକ ଅନାସ୍ଥା ଭୋଟ ହୋଇ ଏହାର ଫଳାଫଳ ଅଦ୍ୟାପି ଜିଲ୍ଲା ସ୍ୱତନ୍ତ୍ର କୋଷାଗାରରେ ସୁରକ୍ଷା ବଳୟ ମଧ୍ୟରେ ସୁରକ୍ଷିତ ରହିଛି। ତେବେ ଦଳେଇସାହି ପଞ୍ଚାୟତ ସରପଞ୍ଚ ସତ୍ୟଭାମାଙ୍କ କହିବା ମୁତାବକ ପଞ୍ଚାୟତର ସମସ୍ତ ବିକାଶ ଓ ଉନ୍ନୟନମୂଳକ କାର୍ଯ୍ୟକୁ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁମନ ସୁଧା କୁଣ୍ଡୁ ଇଚ୍ଛାକୃତ ଭାବେ ବନ୍ଦ କରିଥିବାର ଅଭିଯୋଗ ହେଉଛି। ଅପରପକ୍ଷେ ମଣ୍ଡଳ ଉନ୍ନୟନ ଅଧିକାରିଣୀ ବିକାଶ କାର୍ଯ୍ୟକୁ ତ୍ୱରାନିତ କରିବାରେ ମୁଖ୍ୟ ବାଧକ ସାଜିଥିବାର ବୋଲଗଡ଼ ମଣ୍ଡଳ ବିଜେପି ପକ୍ଷରୁ ଦୃଢ଼ ଦାବୀ ହେଉଛି ଓ ବିଡ଼ିଓଙ୍କ ଏତାଦୃଶ କାର୍ଯ୍ୟକୁ ଘୋର ନିନ୍ଦା କରାଯାଇଛି। ଏଣୁ ଏ ସମ୍ପର୍କରେ ବିଡ଼ିଓଙ୍କୁ ଫେରାଦ କରିବା ପାଇଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖକୁ ସରପଞ୍ଚଙ୍କ ସମେତ ବହୁ ବିଜେପି କର୍ମୀ ଆସି ବିଡ଼ିଓଙ୍କ ବିପକ୍ଷରେ ନାରବାଜି କରିଥିଲେ। ତେବେ ବିଡ଼ିଓ ସେହି ସମୟରେ ବ୍ଲକରେ ଅନୁପସ୍ଥିତ ଥାଇ ଅନ୍ୟ କୌଣସି କାର୍ଯ୍ୟ ନେଇ ବାହାରକୁ ଚାଲି ଯାଇଥିଲେ। ଅଭିଯୋଗକାରୀମାନେ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ଠପ୍ ନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନାଦେଇ ଚାଲିଯାଇଥିଲେ। ଏହି ଅଭିଯୋଗ ଜନିତ କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସମେତ ବୋଲଗଡ଼ ମଣ୍ଡଳ ବିଜେପି ସମ୍ପାଦକ ଅଜିତ ପଟ୍ଟନାୟକ, ଅର୍ଜୁନ ପଟ୍ଟନାୟକ, ସଞ୍ଜୟ ବେହେରା, ତ୍ରିନାଥ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ନକୁଳ ରାଉତରାୟ, ଯୁବ ନେତା ଦୀପନ ବିଶ୍ୱାଳ, ଲକ୍ଷ୍ମୀଧର ବଳିଆରସିଂହ, ପିଙ୍କଲ ମୁଦୁଲି, ବିନୋଦ ମହାରଣା ଓ ବହୁ ମହିଳା ପ୍ରମୁଖ ଉପସ୍ଥିତ ରହି ବିଡ଼ିଓଙ୍କ ବିପକ୍ଷରେ ବିଶୋଦଗାର କରିଥିଲେ। ତେବେ ବିଡ଼ିଓ ଏ ସମ୍ପର୍କରେ ପଚାରିବାରେ ସରପଞ୍ଚଙ୍କ ମନମାନି ବିରୁଦ୍ଧରେ ୱାର୍ଡ ସଭ୍ୟ ପ୍ରମୁଖମାନେ ପୂର୍ବରୁ ଅଭିଯୋଗ ଆଣିଥିଲେ। ଏ ସମ୍ପର୍କରେ ମୁଁ ତଦନ୍ତକରି ଉନ୍ନୟନକାର୍ଯ୍ୟକୁ ସଫଳ ରୂପାୟନ କରିବି ବୋଲି ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ।

## ଜୋନ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ

**ଡେଲାଙ୍ଗ,୯।୯/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ହାଟବଜାର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜୋନ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ବିଭିନ୍ନ ବିଦ୍ୟାଳୟରୁ ୧୫୭ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମୀନା ମଙ୍ଗରାଜ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

**LOST**

I Kameswari Panda, wish to inform you that I have lost my original sale deed numbered 3352/1982 while traveling by auto near Kalua Temple in Berhampur on 04.09. 2025. Despite my efforts to retrieve these documents, I have been unsuccessful, and I have also filed a Station Diary bearing no-19 on dated 08.09.2025 at Berhampur Town PS. If anyone comes across the documents, please contact on Mob-9777670191. Additionally, I would like to clarify that any misuse of these documents is deemed invalid, and I will not be held responsible for such actions.

## ମିଳୁନି ବର୍ଦ୍ଧିତ ଭତ୍ତା: ହଟହଟା ହେଉଛନ୍ତି ଭିନ୍ନକ୍ଷମ

**ନିଶ୍ଚିନ୍ତକୋଇଲି,୯।୯/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ୪୧ ଗୋଟି ପଞ୍ଚାୟତକୁ ନେଇ ଗଠିତ। ଏହି ୪୧ଗୋଟି ପଞ୍ଚାୟତରେ ବହୁ ଭିନ୍ନକ୍ଷମ ହିତାଧିକାରୀମାନେ ସେମାନଙ୍କର ଡିଜିଟାଲ ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ବ୍ଲକ ସ୍ତରରେ ଅନୁଷ୍ଠିତ ଭୀମଭୋଇ ସାମର୍ଥ ଶିବିରକୁ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ଆସି ନାମପଞ୍ଜିକରଣ କରି ପ୍ରମାଣପତ୍ର ପାଇଥିଲେ ହେଁ ସରକାରଙ୍କ ତରଫରୁ ବର୍ଦ୍ଧିତ ଭତ୍ତା ସେମାନଙ୍କୁ ପ୍ରଦାନ କରାଯାଉନଥିବାରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସରକାରଙ୍କ ନିୟମାନୁଯାୟୀ ୮୦%ରୁ ଅଧିକ ଭିନ୍ନକ୍ଷମ ଥିବା ହିତାଧିକାରୀମାନେ ବର୍ଦ୍ଧିତ ୩୫୦୦ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ମାହାଙ୍ଗ ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକର ଅସୁରେଶ୍ୱର, ଜିଗ୍ନିପୁର, ଆଦି ପଞ୍ଚାୟତର ବହୁ ହିତାଧିକାରୀ ନିଜର ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିମଧ୍ୟରୁ ଅସୁରେଶ୍ୱର ପଞ୍ଚାୟତର ଗୋପାଳଚନ୍ଦ୍ର ଦାସ, କୌଶଲ୍ୟା ବେହେରା ଓ ଜିଗ୍ନିପୁର ପଞ୍ଚାୟତର ରୋଜାଲିନ୍ ଦାସ, ମହେନ୍ଦ୍ର ସ୍ୱାଇଁ ୮୦%ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଥିଲାବେଳେ ଏମାନେ ବର୍ଦ୍ଧିତ ଭତ୍ତା ନ ପାଇ ହଟହଟା ହେଉଥିବାର ଦେଖିବାକୁ ମିଳୁଛି। ଜିଲ୍ଲା ଓ ବ୍ଲକ ପ୍ରଶାସନ ଏହାପ୍ରତି ଦୃଷ୍ଟିଦେଇ ଭିନ୍ନକ୍ଷମମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଭିନ୍ନକ୍ଷମ ପରିବାର ପକ୍ଷରୁ ଦାବି ହେଉଛି। ଏଥିପ୍ରତି କଟକ ଜିଲ୍ଲାପାଳ ଓ ମାହାଙ୍ଗା ବିଧାୟକ ଦୃଷ୍ଟିଦେଇ ଗରିବ ଭିନ୍ନକ୍ଷମ ହିତାଧିକାରୀ ପରିବାରକୁ ସହଯୋଗର ହାତ ବଢ଼ାଇବା ପାଇଁ ନିବେଦନ କରାଯାଇଛି।

## ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୂର ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଖୋର୍ଦ୍ଧା,୯।୯/ଏନ୍‌ଏନ୍‌ଏସ୍:** ଅଖିଳ ଭାରତୀୟ ବିଦ୍ୟୁତ ମଜଦୁର ମହାସଂଘ ପୂର୍ବରୁ ନିଜର ଚାକିରୀରେ ଠିକାସଂସ୍ଥାମାନେ ଅନ୍ୟାୟ ଅତ୍ୟାଚାର କରିବା ସହିତ କର୍ମଚାରୀଙ୍କ ପ୍ରତି ଶୋଷଣ ନୀତି ଆପଣାଇଥିବାରୁ ସଂଘ ପକ୍ଷରୁ ବହୁବାର ଆନ୍ଦୋଳ କରାଯାଇଛି। ସେପ୍ଟେମ୍ବର ୯ ତାରିଖରେ ଏହି ଆନ୍ଦୋଳନକୁ ସର୍ବଭାରତୀୟ ସ୍ଥରରେ କରିବା ପାଇଁ ଧମକ ମଧ୍ୟ ପ୍ରଦାନ କରିଥିଲେ। ତେବେ ନିଖିଳ ଓଡିଶା ବିଦ୍ୟୁତ ମହାସଂଘର କୌଣସି ଦାବି ଉପରେ ସରକାର କର୍ଣ୍ଣପାତ ନକରିଥିବା ହେତୁ ବାଧ ହୋଇ ମଙ୍ଗଳବାର ଦିନ ସଂଘ ପକ୍ଷରୁ ଏକ ରାଲି ବାହାରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମୁଖରେ ଶାନ୍ତିପୂର୍ଣ୍ଣ ଭାବରେ ବିକ୍ଷୋଭ କରିଥିବା ଦେଖିବାକୁ ମିଳିଥିଲା। ପୂର୍ବ ନିଷ୍ପତ୍ତିକ୍ରମେ ସର୍ବଭାରତୀୟ ସ୍ତରରେ ଏକ ୬ ଦଫା ଏବଂ ଓଡିଶା ରାଜ୍ୟସ୍ତରୀୟ ୪ଦଫା ଦାବିକୁ ସମ୍ମିଳିତ ସ୍ମାରକପତ୍ର କେନ୍ଦ୍ରୀୟ ଶକ୍ତିମନ୍ତ୍ରୀଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀଙ୍କୁ ମଧ୍ୟ ୪ ଦଫା ଦାବି ସମ୍ମିଳିତ ଏକ ସ୍ମାରକପତ୍ର ଓଡ଼ିଶାର ସମସ୍ତ ଜିଲ୍ଲାପାଳମାନଙ୍କ ମାଧ୍ୟମରେ ପଠାଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ସତ୍ୟବ୍ରତ ପରିଡା, ସମ୍ପାଦକ, ଭାରତୀୟ ମଜଦୁର ସଙ୍ଘ ତଥା ସାଧାରଣ ସମ୍ପାଦକ, ଓଡିଶା ବିଦ୍ୟୁତ ମଜଦୁର ମହାସଂଘଙ୍କ ପୌରାହିତ୍ୱରେ ପ୍ରଦାନ କରାଯାଇଛି। ଶାନ୍ତିପୂର୍ଣ୍ଣ ବିକ୍ଷୋଭ କାର୍ଯ୍ୟକ୍ରମ ପଦର୍ଶନ କରିଥିବା ବେଳେ ନିଜର ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ଏନପିଏସ, ୟୁପିଏସ ବଦଳରେ ପୁରୁଣା ପେନସନ ପୁନଃ ଲାଗୁ କରିବା, ଏକ ଦେଶ, ଏକ ଗ୍ରୀଡ୍, ଏକକ ଚାକିରୀ ସର୍ତ୍ତାବଳୀ ଲାଗୁକରିବା, ତ୍ରୟୀ-ପାକ୍ଷିକ ଶିଳ୍ପ ସମିତି ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବିତ୍ତରଣ କ୍ଷେତ୍ରରେ ସୃଷ୍ଟି କରିବା ଏବଂ ଯେଉଁ ରାଜ୍ୟ ମାନଙ୍କରେ ଅଛି ତାହାକୁ କାର୍ଯ୍ୟକ୍ଷମ କରିବା, ବିଦ୍ୟୁତ କ୍ଷେତ୍ରରେ ଘରୋଇକରଣକୁ ପୁନଃ ସମୀକ୍ଷା କରି ଘରୋଇକରଣକୁ ବନ୍ଦ କରିବା, ବିଦ୍ୟୁତ କ୍ଷେତ୍ରରେ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ କରି ସ୍ଥାୟୀ କାର୍ଯ୍ୟରେ ସ୍ଥାୟୀ ନିଯୁକ୍ତି ସହିତ ସମାନ କାର୍ଯ୍ୟ ପାଇଁ ସମାନ ଦରମା ଲାଗୁକରିବା, ବିଦ୍ୟୁତ ନିୟମ ୨୦୦୩ ଓ ବିଦ୍ୟୁତ ବିଲ ୨୦୨୩ କୁ ସମୀକ୍ଷା କରି ଘରୋଇକରଣ ବଦଳରେ ସରକାରୀ ବିଦ୍ୟୁତ ସଂସ୍ଥା ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ, ପରିବହନ ଓ ବିତରଣ ପାଇଁ ବ୍ୟବସ୍ଥା କରିବା ଆଦି ଦାବି ଜଣାଇଛନ୍ତି।

## ଟ୍ରାଇବେକର୍‌ରେ ପାଇକତିଗିରିଆ ବିଜୟୀ

**ଶରଧାପୁର ଫୁଟ୍‌ବଲ୍ ଲିଗ୍**

**ଖୋର୍ଦ୍ଧା,୯।୯/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ସ୍ପୋର୍ଟସ ଆସୋସିଏସନ୍ ଆନୁକୁଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଶରଧାପୁର ଫୁଟବଲର ଦ୍ୱିତୀୟ କ୍ୱାର୍ଟର୍ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆଜିର ଖେଳ କେରଙ୍ଗ ଓ ପାଇକତିଗିରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ଖେଳର ପ୍ରଥମାର୍ଦ୍ଧରେ କେରଙ୍ଗ ଦଳର ବୁନା ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ ରଖିଥିଲେ। ପରେ ଖେଳର ଦ୍ୱିତୀୟାର୍ଦ୍ଧରେ ପାଇକତିଗିରିଆ ଦଳର ଚନ୍ଦନ ନାୟକ ଗୋଟିଏ ଗୋଲ ଦେଇ ଖେଳକୁ ବରାବର କରିଥିଲେ। ଉଭୟଦଳ ନିର୍ଦ୍ଧାରିତ ସମୟରେ ଆଉ କେହି କାହାରିକୁ ଗୋଲ ଦେଇନ ପାରିବାରୁ ତେଣୁ ଟ୍ରାଇବେକରର ସହାୟତା ନିଆଯାଇଥିଲା। ତେବେ ଟ୍ରାଇବେକରରେ ପାଇକତିଗିରିଆ ଦଳ କେରଙ୍ଗକୁ ୬-୫ଗୋଲରେ ହରାଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି। ମ୍ୟାଚରେ ଅତିଥି ଭାବେ ଶରଧାପୁର ଗାଁର ସଭାପତି ଅଲ୍ଲୀ ଅହେମ୍ମଦ, ସଂଘର୍ ସଭାପତି ମହମ୍ମଦ ଜମିରୁଲ ରହେମନ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ବଡଜେନା,ମୀନକେତନ ବଡଜେନା, ଜାପାନୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଆଜିର ଖେଳକୁ ସାଗିର ଅହମ୍ମଦ ପରିଚାଳନା କରିଥିବା ବେଳେ ଇଜାଜ ହୁସେନ, ଅମଜଦ ଖାଁ ଓ ସୌକତ ଅହମ୍ମଦ ତାଙ୍କୁ ଲାଇନରେ ସହାୟତା କରିଥିଲା। ଆସନ୍ତାକାଲି ତୃତୀୟ କ୍ୱାର୍ଟର୍ ଫାଇନାଲ ମ୍ୟାଚରେ ରାଇଜିଂ ଷ୍ଟାର୍ ତରତୁଆ ସହିତ ଯୋଗମାୟା କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଏସଇ ହୁଦା ସୂଚନା ଦେଇଛନ୍ତି।



**ପ୍ରତିବ୍ଲକ୍‌ରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର**

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିପୀଠର ହେଉ ପୁନରୁଦ୍ଧାର : କଂଗ୍ରେସ

**ଭୁବନେଶ୍ୱର,୯।୮/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟର ସମସ୍ତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଉଦ୍ଦେଶ୍ୟରେ ୧୯୭୪ରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶାସନକାଳରେ ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟ ପରିଷରରେ ସେହି ଅଞ୍ଚଳର ସ୍ଥାନୀୟ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଉଲ୍ଲେଖ ଥାଇ ଯେଉଁ ସଂଗ୍ରାମୀ ସ୍ମୃତିଶୀଳାଗୁଡ଼ିକ ସ୍ଥାପନ କରାଯାଇଥିଲା ବର୍ତ୍ତମାନ ଅନେକ ବ୍ଲକ୍‌ରେ ସେଗୁଡ଼ିକ ଏବେ ଲୁକ୍କାୟିତ, ଜୀର୍ଣ୍ଣଶୀର୍ଣ୍ଣ ଓ ଭଗ୍ନ ଅବସ୍ଥାନର ପଡ଼ି ରହିଛି ବୋଲି ଉ ତ୍କଳ ସଂଗ୍ରାମୀ ସ୍ମୃତି ସମିତିର ସଭାପତି ଅମିୟ କୁମାର ପଟ୍ଟନାୟକ କହିଛନ୍ତି। ଏହି ଗରୀମାମୟ ଐତିହ୍ୟକୁ ସୁରକ୍ଷା କରାଯିବା ଏକାନ୍ତ ଜରୁରୀ। ତେଣୁ ରାଜ୍ୟର ସମସ୍ତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗପୂତ ଅମ୍ଳାନ ଗୁଣାବଳୀର ସ୍ମୃତି ଚାରଣ ପାଇଁ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପୂର୍ବରୁ ଯେଉଁ ବ୍ଲକ୍‌ଗୁଡ଼ିକରେ ଲୁକ୍କାୟିତ ହୋଇଯାଇଥିବା କିମ୍ବା ଜୀର୍ଣ୍ଣ ଶୀର୍ଣ୍ଣ ଓ ଭଗ୍ନ ଅବସ୍ଥାରେ ପଡ଼ି ରହିଥିବା ସ୍ମୃତିଶୀଳାଗୁଡ଼ିକ ରହିଛି ଏହାର ଆଶୁ ପୁନରୁଦ୍ଧାର ଓ ଆବଶ୍ୟକ ସ୍ଥଳେ ନୂତନ ସ୍ମୃତିଶୀଳା ନିର୍ମାଣ କରାଯାଇ ଏଥିରେ ଇତି ମଧ୍ୟରେ ଆଉ ଯୋଡ଼ିହେବାକୁ ଥିବା ସମସ୍ତ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ନାମ ଉଲ୍ଲେଖ କରାଯିବାକୁ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ଏକ ସ୍ମାରକପତ୍ର ପଠାଇଛନ୍ତି। ବିଶେଷ କରି ଆସନ୍ତା ଗାନ୍ଧୀ ଜୟନ୍ତୀ ଦିବସରେ ଓଡ଼ିଶାର ସମସ୍ତ ବ୍ଲକଗୁଡିକରେ ସ୍ମୃତିଶୀଳାରେ ପୂଜ୍ୟପୂଜା ଓ ଦିବଂଗତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ଏବଂ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଏବଂ ସ୍ଥାନୀୟ ବ୍ଲକ ପ୍ରସାଶନ ଜରିଆରେ ସ୍ମୃତି ଚାରଣ ସଭାର ଆୟୋଜନ କରାଯାଇ ପାରନ୍ତା ତାହା ଆମ ଓଡ଼ିଆ ଅସ୍ମିତାର ଶ୍ରେଷ୍ଠ ପରିଚୟ ଓ ପୂର୍ବସୁରୀମାନଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୁଅନ୍ତା ବୋଲି ସଭାପତି ଶ୍ରୀପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ଏହି ମର୍ମରେ ଶ୍ରୀ ପଟ୍ଟନାୟକ ପଞ୍ଚାୟତରାଜ ଓ ପାନୀୟଜଳ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମାନ୍ୟବର ମନ୍ତ୍ରୀ ଏବଂ ସମସ୍ତ ଜିଲ୍ଲାପାଳଙ୍କୁ ଏହି ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଅନୁରୋଧ ପତ୍ର ପଠାଇଛନ୍ତି।

# ନଦୀରେ ଗାଧୋଇବା ହେଲା କାଳ

**ସାଲେପୁର,୯।୮/ଏନ୍‌ଏନ୍‌ଏସ୍:** ନଦୀରେ ଗାଧୋଇବା ହେବା ହେଲା କାଳ। ଗାଧୋଇବା ସମୟରେ ଗୋଡ଼ଖସି ବୁଡି ଯିବାରୁ ଯୁବକଙ୍କ ମୃତ୍ୟୁ ହୋଇଛି। ସ୍ୱାମୀକୁ ହରାଇ ପତ୍ନୀ ଏବଂ ପିତାକୁ ହରାଇ ଦୁଇ ବର୍ଷର ଝିଅର କାନ୍ଦରେ ଫାଟି ପଡୁଛି ଗାଁ ଦାଣ୍ଡ। ସାଲେପୁର ଥାନା ଅନ୍ତର୍ଗତ ଜପକୁଦ ଫାଣ୍ଡି ଅଧିନ ନରଦା ପଞ୍ଚାୟତର କୁକୁଡାଙ୍ଗ ଗ୍ରାମ ନିକଟ ବିରୂପା ନଦୀକୁ ଗାଧୋଇବାକୁ ଆସି ନଦୀରେ ଭାସିଯାଉ ନିଖୋଜ ହୋଇଥିବା ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ କୁକୁଡ଼ାଙ୍ଗ ଗ୍ରାମର କଲ୍ୟାଣ କାନୁନଗୋଙ୍କ ପୁଅ ବିଭୁ ପ୍ରସାଦ କାନୁନଗୋ (୩୬) ଗତ ଦୁଇ ଦିନ ତଳେ ଗାଧୋଇବାକୁ ବିରୂପା ନଦୀକୁ ଯାଇଥିଲେ। କୌଣସି କାରଣରୁ ତାଙ୍କର ଗୋଡ଼ ଖସି ଯିବାରୁ ସେ ନଦୀ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ଆଜି କୁମୁଡ଼ା ଜୟପୁର ନିକଟ ବିରୂପା ନଦୀ କୂଳରେ ମୁହଁ ମାଡିହୋଇ ପଡିଥିବା ଲୋକେ ଦେଖିବାକୁ ପାଇଥିଲେ। ଖବର ପାଇ ଜପକୁଦ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡ଼ିକାଲ ପଠାଇଥିବା ଜଣାପଡିଛି। ଯୁବକଙ୍କ ଅକାଳ ମୃ ତ୍ୟୁ ରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଯୁବକଙ୍କ ମୃତ୍ୟୁରେ ସାଲେପୁର ଅଞ୍ଚଳର ବିଜେପି ନେତା ହିମାଂଶୁ ମହାନ୍ତି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ପ୍ରକାଶ ଥାଉ କି ମୃତ ଯୁବକ ବିଭୁ ପ୍ରସାଦ ଗାଈ ରଖି କ୍ଷୀର ବିକି ଏବଂ ଚାଷ କରି ନିଜ ପରିବାର ପୋଷଣ କରୁଥିଲେ ଏବଂ ତାଙ୍କ ର ପତ୍ନୀ ଏବଂ ଦୁଇ ବର୍ଷର ଝିଅ ଥିବା ଜଣାପଡିଛି।

# ଶିମିଳିପାଳରୁ ପୁଣି ସଶସ୍ତ୍ର ଶିକାରୀ ଦଳ ଗିରଫ

**ବାରିପଦା,୯।୮/ଏନ୍‌ଏନ୍‌ଏସ୍:** ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଗତ ୱାଇଲଡ ଲାଇଫ ଏରିଆରେ ବନ୍ଧୁକ ଧାରୀ ଶିକାରୀମାନେ ଶିକାର ପାଇଁ ବେଆଇନ ଭାବେ ପ୍ରବେଶ କରିଥିବା ବେଳେ ଶିମିଳିପାଳରେ ଲାଗିଥିବା ଏଆଇ ଟ୍ରାପ କ୍ୟାମେରାରେ ସେମାନଙ୍କର ଫୋଟ ଏବଂ ଗତିବିଧି କଣ୍ଟ୍ରୋଲ ରୁମରେ କଏଦ ହୋଇଛି। ଏଆଇ କ୍ୟାମେରା ଫୁଟେଜ ଆଧାରରେ ପୋଡାଡିହା ଏବଂ ଭଞ୍ଜବସା ୱାଇଲଡ ଲାଇଫ ରେଞ୍ଜର୍ ଷ୍ଟାଫ ଏବଂ ଏସଟିପିଏଫ ଟିମ୍ ଚଢ଼ାଉ କରାଯାଇ ପ୍ରଥମେ ୨ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ୫ଜଣ ଶିକାରୀ କୌଶଳ କ୍ରମେ ଫେରାର ହୋଇଯାଇଥିଲେ। ଗିରଫ ୨ଜଣ ଶିକାରୀ ମୟୁରଭଞ୍ଜ ଜିଲ୍ଲା ଶରତ ଥାନା ଅନ୍ତର୍ଗତ କଟୁରିଆ ଗ୍ରାମର ମାରା ସିଂ (୫୦) ଏବଂ ଗୋବିନ୍ଦ ସୋରେନ(୩୫)ଙ୍କ ଠାରୁ ଦୁଇଟି ଗୁଳି ଭର୍ତ୍ତି ବନ୍ଧୁକ ସହ ଗୋଟିଏ ଧନୁତୀର ଜବଦ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ବନ୍ୟପ୍ରାଣୀ ଶିକାର ଏବଂ



ବେଆଇନ ଅସ୍ତ୍ରଶସ୍ତ୍ର ବ୍ୟବହାର ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇ ଶିମିଳିପାଳ ୱାଇଲଡଲାଇଫ ଇଣ୍ଟେଲିଜେନ୍ସ ନେଟୱାର୍କ ଦ୍ୱାରା ଘଟଣାର ଅଧିକ ତଦନ୍ତ ଚାଲିଛି। ସ୍ଥାନୀୟ ଲାବଣ୍ୟଦେଇପୁର ସରପଞ୍ଚ ତୁରାମ ସିଂ ଫେରାର ଆସାମୀଙ୍କୁ ବୁଝା ସୁଝା କରି ଆତ୍ମ ସମର୍ପଣ କରାଇବାରେ ସଫଳ ହୋଇଛନ୍ତି। ଆତ୍ମ ସମର୍ପଣ କରିଥିବା ଶିକାରୀମାନେ ଶରତ ଥାନା ଅନ୍ତର୍ଗତ କଟୁରିଆ ଗ୍ରାମର ଚମ୍ପାଇ ସିଂ (୪୮), ପ୍ରଧାନ ସିଂ (୨୮), କର ସିଂ (୩୦), କନ୍ଦା ଗଗରାଇ (୩୫), ଅଇଁଠୁ ସିଂ (୪୦), ରାମସିଂ ଗଗରାଇ(୨୫), ଠାକୁର ସୋରେନ (୨୫)। ଏମାନଙ୍କଠାରୁ ୭ଟି ଦେଶୀ ବନ୍ଧୁକ ଜବଦ କରାଯିବା ସହ ବନ୍ୟପ୍ରାଣୀ ଶିକାର ଏବଂ ବେଆଇନ ଅସ୍ତ୍ରଶସ୍ତ୍ର ବ୍ୟବହାର ଅଭିଯୋଗରେ ଗିରଫ କରାଯାଇଛି ବୋଲି ଶିମିଳିପାଳ ୱାଇଲଡ ଲାଇଫ ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି।

# ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟରେ ଖୋଲିଲା ପିଜି ଡିଏନ୍‌ବି ପାଠ୍ୟକ୍ରମ

**ପୁରୀ,୯।୮/ଏନ୍‌ଏନ୍‌ଏସ୍:** ସ୍ନାତକୋତ୍ତର ଭେଷଜ ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ସ୍ୱରୂପ ଚଳିତ ବର୍ଷଠାରୁ ପୁରୀ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଡି.ଏନ୍.ବି (ପି.ଜି.) କୋର୍ସ ଆରମ୍ଭ ହୋଇଛି। ୨୦୨୫ ରୁ ୨୯ ଶିକ୍ଷାବର୍ଷ ପର୍ଯ୍ୟନ୍ତ ମେଡିସିନ୍ ବିଭାଗରେ ୪ଟି, ସର୍ଜରୀରେ ୪ଟି, ଗାଏନାକୋଲୋଜିରେ ୩ଟି, ପେଡିଆଟ୍ରିକ୍‌ରେ ୪ଟି, ଅପଥାଲମୋଲୋଜିରେ ୩ଟି, ଆନେସ୍ଥେସିଓଲୋଜି ରେ ୫ଟି ଏବଂ ରେସ୍ପିରେଟୋରି ମେଡିସିନ୍‌ରେ ୨ଟି ଏହିପରି ସାତଟି ପ୍ରମୁଖ ବିଭାଗରେ ମୋଟ ୨୫ଟି ସିଟ୍ ପାଇଁ ଆୟୁର୍ବିଜ୍ଞାନ ରାଷ୍ଟ୍ରୀୟ ପରୀକ୍ଷା ବୋର୍ଡ଼ ସ୍ୱୀକୃତି ପ୍ରଦାନ କରିଛନ୍ତି। ତନ୍ମଧ୍ୟରୁ ୫୦ପ୍ରତିଶତ ସିଟ୍ ସର୍ବଭାରତୀୟ ଛାତ୍ରଛାତ୍ରୀ ଓ ୫୦ ପ୍ରତିଶତ ସିଟ୍ ଓଡ଼ିଶାର ଛାତ୍ରଛାତ୍ରୀ (ଚାକିରିଆ)ଙ୍କ ପାଇଁ ସଂରକ୍ଷିତ ରହିଛି।

ଚଳିତ ବର୍ଷଠାରୁ ଏମ୍‌ବିବିଏସ୍ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ଏହି ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ। ଡି. ଏନ୍.ବି. ପାଠ୍ୟକ୍ରମ ଦ୍ୱାରା ଭେଷଜ ବିଜ୍ଞାନର ବିଭିନ୍ନ ବିଭାଗରେ ବିଶେଷଜ୍ଞ ଡାକ୍ତରମାନଙ୍କ ସଂଖ୍ୟା ବୃଦ୍ଧି ସହ ରାଜ୍ୟରେ ଚିକିତ୍ସା ଭିତ୍ତିଭୂମିକୁ ସୁଦୃଢ଼ କରାଯାଇ ପାରିବ। ପୁରୀ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଏହି ପାଠ୍ୟକ୍ରମ ଖୋଲିବା ଦ୍ୱାରା ସ୍ଥାନୀୟ ଛାତ୍ରଛାତ୍ରୀଙ୍କୁ ଆଉ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ଆଗ୍ରହୀ ଛାତ୍ରଛାତ୍ରୀମାନେ ଏବେ ନିଜ ରାଜ୍ୟରେ ଏହି କୋର୍ସ ଅଧ୍ୟୟନ କରିବାର ସୁଯୋଗ ପାଇପାରିବେ। ଗତ କିଛି ମାସ ତଳେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପକ୍ଷରୁ ଏଥିପାଇଁ ଆବେଦନ କରାଯାଇଥିବାବେଳେ ଆୟୁର୍ବିଜ୍ଞାନ ରାଷ୍ଟ୍ରୀୟ ପରୀକ୍ଷା ବୋର୍ଡ଼ର ବରିଷ୍ଠ ଅଧିକାରୀମାନେ କଲେଜ ପରିଦର୍ଶନରେ ଆସି ଭିତ୍ତିଭୂମିର ଯାଞ୍ଚ କରି ସନ୍ତୋଷ ପ୍ରକାଶ କରିଥିଲେ। ତତ୍ ପରେ ଆନୁଷ୍ଠାନିକ ଭାବେ ଏହି ସ୍ୱୀକୃତି ପ୍ରଦାନ କରାଯାଇଥିଲା। ସର୍ଜରୀ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ସ୍ୱରୂପାନନ୍ଦ ମଲ୍ଲିକ୍ ନୋଡାଲ ଅଫିସର ଭାବେ ଏହି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଇଥିଲେ। ସ୍ୱୀକୃତି ପାଇବା ପରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ନିଜ ଉତ୍କର୍ଷତାକୁ ନେଇ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିବା ସହ ରାଜ୍ୟର ଅନ୍ୟତମ ଅଗ୍ରଣୀ ଭେଷଜ ବିଜ୍ଞାନ ଶିକ୍ଷାନୁଷ୍ଠାନ ଭାବେ ପରିଗଣିତ ହୋଇଛି। ଏ ନେଇ ସମଗ୍ର ପୁରୀ ଜିଲ୍ଲା ତଥା ରାଜ୍ୟର ଶିକ୍ଷିତ ଅଭିଭାବକମାନେ ଖୁସି ପ୍ରକାଶ କରିଥିବା ବେଳେ ପିଲାମାନଙ୍କ ପାଇଁ ଭେଷଜ ବିଜ୍ଞାନରେ ଉଚ୍ଚଶିକ୍ଷା ଲାଭ କରିବା ଏବେ ସୁବିଧା ଜନକ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ସଫଳତା ପାଇଁ ସମସ୍ତ ସହଯୋଗ ନିମନ୍ତେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଭେଷଜ ବିଜ୍ଞାନ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି କଲେଜ୍ କର୍ତ୍ତୃପକ୍ଷ। ପୁରୀ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଡି.ଏନ୍.ବି କୋର୍ସ ଆରମ୍ଭ ହେବା ଆମ ପାଇଁ ଗୌରବର ବିଷୟ ଏବଂ ଏହା ଦ୍ୱାରା ଶୈକ୍ଷିକ ବାତାବରଣରେ ଅଭିବୃଦ୍ଧି ସହିତ ଉନ୍ନତ ଗବେଷଣା ଓ ପ୍ରଶିକ୍ଷଣ ଦ୍ୱାରା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇପାରିବ ବୋଲି କଲେଜ୍‌ର ଅଧକ୍ଷା ପ୍ରଫେସର ସବିତା ମହାପାତ୍ର, ଅଧୀକ୍ଷକ ପ୍ରଫେସର କୌଶିକ ମିଶ୍ର ଓ ଉପାଧ୍ୟକ୍ଷ ପ୍ରଫେସର ଲଲାଟେନ୍ଦୁ ସ୍ୱାଇଁ ପ୍ରକାଶ କରିଥିଲେ।

# ବାଉଁଶ ଚାରା ଉତ୍ପାଦନ କେନ୍ଦ୍ରକୁ ଅନୁମୋଦନ ପତ୍ର ପ୍ରଦାନ

**ଭୁବନେଶ୍ୱର,୯।୯/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲାର ବେଗୁନିଆପଡା ଆର୍ତ୍ତି ବ୍ଲକ ଅଧିନସ୍ଥ ଖଲାଡ଼ି ଗ୍ରାମରେ କେଦାର କୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରତିଷ୍ଠା କରାଯାଇଥିବା ବାଉଁଶ ଚାରା ଉତ୍ପାଦନ କେନ୍ଦ୍ରକୁ ଜାତୀୟ ବାଉଁଶ ମିଶନର ନିର୍ଦ୍ଦେଶାବଳୀ ଅନୁଯାୟୀ ୩ ବର୍ଷ ନିମନ୍ତେ ଅନୁମୋଦନ ପତ୍ର ପ୍ରଦାନ କରାଯାଇଛି। ଆଜି ଚନ୍ଦ୍ରଶେଖରପୁର ସ୍ଥିତ ବନ ବିଭାଗ ମୁଖ୍ୟ କାର୍ଯ୍ୟାଳୟ, ଅରଣ୍ୟ ଭବନ ପରିସରରେ ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟରେ ପ୍ରକଳ୍ପ ନିର୍ଦ୍ଦେଶକ ତଥା ରାଜ୍ୟ ମିଶନ ନିର୍ଦ୍ଦେଶକ କାର୍ତ୍ତିକ ଭି ଏହି ଅନୁମୋଦନ ପତ୍ର ଜାରି କରିଛନ୍ତି। ଅଗଷ୍ଟ ୨୯ ତାରିଖରେ ଏହି ଚାରା ଉତ୍ପାଦନ କେନ୍ଦ୍ରକୁ ରାଜ୍ୟସ୍ତରୀୟ ବାଉଁଶ ଚାରା ଉତ୍ପାଦନ କମିଟିର ସଭ୍ୟମାନେ ପରିଦର୍ଶନ କରି ମାନ୍ୟତା ପ୍ରଦାନ ନିମନ୍ତେ ସୁପାରିଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କମିଟିର ସଦସ୍ୟ କାର୍ତ୍ତିକ ଭି, ଜୈବ ବିବିଧତା ବୋର୍ଡର ବୈଜ୍ଞାନିକ ଡ. ପ୍ରସାଦ କୁମାର ଦାଶ, ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ନିରାକାର ଭୋଲ, ରାଜ୍ୟ ବନତତ୍ତ୍ୱବିତ କାର୍ଯ୍ୟାଳୟ, ଭୁବନେଶ୍ୱରର ସହାୟକ ବନ ସଂରକ୍ଷକ କୁମାରୀ କଣିଷ ବେହେରା, ଓଡିଶା ବାଉଁଶ ଉନ୍ନୟନ ସଂସ୍ଥାର ଉପ ସଂଯୋଜକ ରଜନୀକାନ୍ତ ରାଉତଙ୍କ ଉପସ୍ଥିତିରେ ସଂସ୍ଥାର ପ୍ରକଳ୍ପ ତଥା ରାଜ୍ୟ ମିଶନ ନିର୍ଦ୍ଦେଶକ ସ୍ୱୀକୃତି ସମ୍ବନ୍ଧୀୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

# ବିପର୍ଯ୍ୟସ୍ତ ରାସ୍ତାଘାଟ, ଆନ୍ଦୋଳନ ଚେତାବନୀ

**ଖୋର୍ଦ୍ଧା,୯।୮/ଏନ୍‌ଏନ୍‌ଏସ୍:** ଆଗକୁ ପାର୍ବଣ ଋତୁ। ଏହି ସମୟରେ ଖୋର୍ଦ୍ଧା ସହର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ପଲ୍ଲା ଛକ ମରଣାଜନ୍ତା ପାଲଟିଥିବା ବେଳେ ନୂଆ ବସଷ୍ଟାଣ୍ଡ, ଟିଏଲସି ରୋଡ୍, ଚଣ୍ଡିଚୁଆ ଛକ, ମେଡିକାଲ ରୋଡ, ପୁରୁଣା ବସଷ୍ଟାଣ୍ଡ, ମୁକୁନ୍ଦପ୍ରସାଦ ରାସ୍ତା ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ହୋଇପଡିଛି ବୋଲି ଅଭିଯୋଗ କରିଛି ଛାତ୍ର କଂଗ୍ରେସ।

ଦୁର୍ଗା ପୂଜା ପୂର୍ବରୁ ସହରର ରାସ୍ତାଘାଟ ମରାମତି ପାଇଁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ(ସିଭିଲ) ଶିବଲାଲ ସାହୁଙ୍କୁ ଦାବିପତ୍ର ଦେଇଛନ୍ତି। ସପ୍ତାହ ମଧ୍ୟରେ ରାସ୍ତା କାମ କରାନଗଲେ କାର୍ଯ୍ୟାଳୟ ଘେରାଉ କରାଯିବା ସହ ରାସ୍ତାରୋକ ଭଳି ଚରମ ପଦକ୍ଷପ ନେବ ବୋଲି ଛାତ୍ର କଂଗ୍ରେସ ନେତା ଚେତାବନୀ ଦେଇଛନ୍ତି। ଲଘୁଚାପ ଜନିତ ବର୍ଷା ଯୋଗୁ ରାସ୍ତା ମରାମତିରେ ଅସୁବିଧା ହେଉଛି। ଏହାକୁ ତୁରନ୍ତ ମରାମତି କରାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି। ପିସିସି ମୁଖପାତ୍ର ଅମିତ ମହାନ୍ତିଙ୍କ ଉପସ୍ଥିତି ଓ ଛାତ୍ର ନେତା ମନୱର ହୁସେନ ଖାନଙ୍କ ନେତୃତ୍ୱରେ ନସିର ସୁଲତାନ, ଦେବୀ ପ୍ରସାଦ ଦାସ , ସମର୍ପିତ ସିଂହ, ରାଜେଶ ରୋଶନ ପରିଡ଼ା, ମହମ୍ମଦ ଗୁଫ୍ରାନ, ସହିଦ ଖାନଙ୍କ ସମେତ ଅନେକ ଛାତ୍ର କଙ୍ଗ୍ରେସ କାର୍ଯ୍ୟକର୍ତ୍ତା ପ୍ରମୁଖ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ସହର ବିପର୍ଯ୍ୟସ୍ତ ରାସ୍ତାଘାଟ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ପିସିସି ମୁଖପାତ୍ର ମହାନ୍ତି କୁହନ୍ତି, ପଲ୍ଲା ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ମଧ୍ୟରେ ରାସ୍ତା ଅତି କଦର୍ଯ୍ୟ ହୋଇଛି । ବିଶେଷ କରି ବର୍ଷା ହେଲେ ଯାତାୟାତରେ ଅଧିକ ଅସୁବିଧା ହେଉଛି। ଯାନବାହାନ ଚଳାଚଳ କରିବା ତ' ଦୂରର କଥା ଚାଲିକି ଯିବା କଷ୍ଟକର ହୋଇପଡ଼ିଛି। ଏଥି ଯୋଗୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଜିଲ୍ଲାପାଳ କାର୍ଯ୍ୟାଳୟ ସମେତ ଏକାଧିକ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ ଏହି ରାସ୍ତା ନିକଟରେ ରହିଥିବା ବେଳେ ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ, ବସଷ୍ଟାଣ୍ଡ, ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଗୋପବନ୍ଧୁ ଚିକିତ୍ସାଳୟକୁ ସଂଯୋଗ କରୁଥିବାରୁ ଦୈନିକ ଶହଶହ ରୋଗୀ ଏହି ରାସ୍ତା ଦେଇ ଯାଇଥାନ୍ତି। ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ୟସ୍ତବହୁଳ ରାସ୍ତାର ମରାମତି ନ ହେବା ସରକାର ପ୍ରଶାସନିକ ଅବହେଳାକୁ ସୂଚାଉଛି। ପ୍ରଦେଶ କଂଗ୍ରେସ ମୁଖପାତ୍ର ଅମିତ ମହାନ୍ତି ଓ ଛାତ୍ର ନେତା ମନୱର କୁହନ୍ତି କେବଳ ପଲ୍ଲା ଛକ ନୁହଁ ସହର ସାରା ଖାଲ ଖମାରରେ ଭର୍ତ୍ତି ହୋଇଛି। ଦିନେ କି ଦୁଇ ଦିନ ନୁହ ବର୍ଷସାରା ଏଭଳି ସମସ୍ୟା ଲାଗି ରହିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ନିଦ ଭାଙ୍ଗୁନି। ସହର ଚାରିଆଡେ ଗାତ ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ଆଜି ବିଭାଗୀୟ ଯନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ସପ୍ତାହ ସମୟ ଦିଆଯାଇଛି। ତୁରନ୍ତ ମରାମତି କରାନଗଲେ ତା ପର ଦିନ କାର୍ଯ୍ୟାଳୟ ଘେରାଉ କରାଯିବ।

# ବିଶାଳ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହେବେ ଛାତ୍ରଛାତ୍ରୀ: ଅତିରିକ୍ତ ମୁଖ୍ୟ ଶାସନ

**ଭୁବନେଶ୍ୱର,୯।୯/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସରେ ଓଡ଼ିଶା ୭୫ ଲକ୍ଷ ଚାରାରୋପଣ କରି ଆସନ୍ତା୧୭ ତାରିଖରେ ଏକ ବିରଳ ରେକର୍ଡ କରିବ ଓ ଏହା ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିବସର ଅନନ୍ୟ ଉପହାର ହେବ। ଏହି ବିଶାଳ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାମିଲ ହେବେ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରକାଶ କରିଛନ୍ତି। ଆଜି ଏ ସଂକ୍ରାନ୍ତୀୟ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧକ୍ଷତା କରି ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ କହିଲେ ଯେ ଛାତ୍ରଛାତ୍ରୀମାନେ ସବୁଜ ଚେତନାର ଆଲୋକବର୍ତ୍ତିକା। ସେମାନଙ୍କର ସାମର୍ଥ୍ୟ, ଉତ୍ସାହ ଏବଂ ସାମୁହିକ ଶକ୍ତି ବଳରେ ଏହି ବିଶାଳ ଚାରାରୋପଣ ଅଭିଯାନ ପ୍ରକୃତରେ ସଫଳତା ପାଇପାରିବ ଏବଂ ଦୀର୍ଘକାଳୀନ ପରିବେଶ ସୁରକ୍ଷା ସୁନିଶ୍ଚିତ ହୋଇ ପାରିବ। ପରିବେଶ ସୁରକ୍ଷା ଦିଗରେ ଛାତ୍ରଛାତ୍ରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରଛାତ୍ରୀମାନେ ନିଜ ଅଞ୍ଚଳର ଅନ୍ୟମାନଙ୍କୁ ବିଶାଳ ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ପ୍ରେରଣା ଦେଇପାରିବେ। ସେମାନେ ଏହି ଉଦ୍ଦେଶ୍ୟ ପାଇଁ 'ସବୁଜ ରାଷ୍ଟ୍ରଦୂତ' ଭାବରେ କାର୍ଯ୍ୟ କରିପାରିବେ। ବୃକ୍ଷରୋପଣ କାର୍ଯ୍ୟକ୍ରମ କେବଳ ବୃକ୍ଷ ସଂଖ୍ୟା ବୃଦ୍ଧି କରିବା ବିଷୟରେ ନୁହେଁ; ଏହା ପରିବେଶ ସଂରକ୍ଷଣ ପାଇଁ ଏକ ବୃହତ ଜନ ଆନ୍ଦୋଳନ ଗଠନ କରିବା ବିଷୟରେ ମାର୍ଗଦର୍ଶକ ହେବ। ସମାଜର ସବୁଠାରୁ ସ୍ପନ୍ଦନଶୀଳ ବର୍ଗ ହୋଇଥିବାରୁ



ଛାତ୍ରମାନେ ଏହି ମିଶନର କେନ୍ଦ୍ରବିନ୍ଦୁ। ଓଡିଶାରେ ୧୭ରେ ବିଶାଳ ଚାରାରୋପଣ କେବଳ ଏକ କାର୍ଯ୍ୟକ୍ରମ ନୁହେଁ - ଏହା ଏକ ସବୁଜ ବିପ୍ଳବ ଏବଂ ଏହି ବିପ୍ଳବର ମଶାଲବାହକ ହେଉଛନ୍ତି ଛାତ୍ରଛାତ୍ରୀ। ସେମାନଙ୍କର ଶକ୍ତି, ନିଷ୍ଠା ଏବଂ ଦାୟିତ୍ୱବୋଧ ସହିତ ସେମାନେ ଏହି ଦିନିକିଆ କାର୍ଯ୍ୟକ୍ରମକୁ ଏକ ସବୁଜ, ସୁରକ୍ଷିତ ଏବଂ ସୁସ୍ଥ ଓଡ଼ିଶା ପାଇଁ ଏକ ଦୀର୍ଘସ୍ଥାୟୀ ଜନ ଆନ୍ଦୋଳନରେ ପରିଣତ କରିପାରିବେ। ରାଜ୍ୟର ୨ ଲକ୍ଷ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ନେତୃତ୍ୱରେ ପ୍ରାୟ ୪୦ ହଜାର ବିଦ୍ୟାଳୟର ୧୫ ଲକ୍ଷ ଛାତ୍ରଛାତ୍ରୀ ସେପ୍ଟେମ୍ବର ୧୭ ତାରିଖ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଚାରାରୋପଣ କରିବେ। ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ଦିଗଦର୍ଶନରେ ଏହି କାର୍ଯ୍ୟକ୍ରମ ସମାହିତ ହେବ। ଏଥିରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକମାନେ ଜଡ଼ିତ ରହିବେ ବୋଲି ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ପ୍ରକାଶ କରିଥିଲେ।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଲେ ଯେ ଚାରାରୋପଣ ଅଭିଯାନ ଏବଂ ବୃକ୍ଷ ସଂରକ୍ଷଣ କାର୍ଯ୍ୟକଳାପରେ ଛାତ୍ରଛାତ୍ରୀମାନେ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ। ଛାତ୍ରଛାତ୍ରୀମାନେ ଗାଁ, ସହର, ବିଦ୍ୟାଳୟଗୁଡ଼ିକରେ ବୃକ୍ଷରୋପଣ ଅଭିଯାନରେ ଅଂଶଗ୍ରହଣ କରିପାରିବେ। ସେମାନେ ନିଜର ବ୍ୟକ୍ତିଗତ ଦାୟିତ୍ୱ ଭାବରେ ଏକ ଗଛକୁ ପୋଷଣ କରିପାରିବେ ଏବଂ ତାହାର ଯତ୍ନ ନେଇପାରିବେ। ଚାରା ଲଗାଇବା ଯଥେଷ୍ଟ ନୁହେଁ - ଛାତ୍ରମାନେ ଗଛକୁ ପାଣି ଦେବା, ସୁରକ୍ଷା ଦେବା ଏବଂ ଗଛ ବଢ଼ିବା ପର୍ଯ୍ୟନ୍ତ ଗଛର ଯତ୍ନ ନେବା ଦାୟିତ୍ୱ ନେଇପାରିବେ। ଉଦ୍ୟାନ କୃଷି ବିଭାଗ ୧୭ର ଏହି କାର୍ଯ୍ୟକ୍ରମ ପାଇଁ ଦେଶୀ କଲମୀ ଫଳଗଛ ଚାରା ମାଗଣାରେ ଯୋଗାଇ ଦେବ। କେବଳ ଚାରାରୋପଣ ନୁହେଁ, ଆଗାମୀ ତିନିବର୍ଷ ପର୍ଯ୍ୟନ୍ତ ସେଗୁଡ଼ିକର ରକ୍ଷଣାବେକ୍ଷଣ ଜରୁରୀ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ କହିଲେ ଯେ, କେଉଁ ବିଦ୍ୟାଳୟର ପିଲା କେଉଁ ସ୍ଥାନରେ ଗଛ ଲଗାଇବେ ତାହା ପୂର୍ବରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଶିକ୍ଷା ଅଧିକାରୀମାନେ ସ୍ଥିର କରିବେ। ପଞ୍ଚାୟତିରାଜ ବିଭାଗର କମିଶନର ତଥା ଶାସନ ସଚିବ ଗିରିଶ ଏସ୍‌ଏନ୍ କହିଲେ ଯେ, ସାରା ରାଜ୍ୟରେ ପଞ୍ଚାୟତ ସ୍ତରରେ ଚାରା ରୋପଣ ପାଇଁ ୩୭ ହଜାର ସ୍ଥାନ ସ୍ଥିର ହୋଇସାରିଛି। ସେ ସବୁ ସ୍ଥାନରେ ବ୍ୟାନର ଲଗାଯିବ। ବିଦ୍ୟାଳୟ କର୍ତ୍ତୃପକ୍ଷ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ପୂର୍ବରୁ ଯୋଗାଯୋଗ କରି ଚାରାରୋପଣର ସ୍ଥାନ ସମ୍ବନ୍ଧରେ ଅବଗତ ହେବେ। ଏହି ଉଚ୍ଚସ୍ତରୀୟ ବୈଠକରେ କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଜି. ରାଜେଶ ପାୱାର ପଏଣ୍ଟ ଯୋଗେ ଏକ ପେଡ୍ ମା' କେ ନାମ୍ ୨.୦ର ଅଂଶ ବିଶେଷଭାବେ ଆସନ୍ତା ୧୭ ଦିନ ଚାରାରୋପଣର ସବିଶେଷ ତଥ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ଓ ପରିବେଶ ନିର୍ଦ୍ଦେଶକ କେ. ଏସ. ପ୍ରଦୀପ ପ୍ରମୁଖ ଯୋଗଦେଇ ସୁଚିନ୍ତିତ ପରାମର୍ଶ ଦେଇଥିଲେ।

**ସୌମ୍ୟଶ୍ରୀଙ୍କ ମୃତ୍ୟୁ ମାମଲା**

# କ୍ରାଇମବ୍ରାଞ୍ଚ୍ ପକ୍ଷରୁ ପ୍ରାରମ୍ଭିକ ଚାର୍ଜସିଟ୍ ଦାଖଲ

**କଟକ,୯।୯/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ଏଫ୍‌ଏମ୍ (ସ୍ୱୟଂଶାସିତ) କଲେଜର ତୃତୀୟ ବର୍ଷ ସମନ୍ୱିତ ବି.ଏଡ୍ ଛାତ୍ରୀ ସୌମ୍ୟଶ୍ରୀଙ୍କ ମୃତ୍ୟୁ ମାମଲାରେ ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ଆଜି ଏକ ପ୍ରାରମ୍ଭିକ ଚାର୍ଜସିଟ୍ ଦାଖଲ କରାଯାଇଛି। ଏହି ମାମଲାରେ ପୁଲିସ ୧୨୦ ଜଣ ସାକ୍ଷୀଙ୍କ ବୟାନ ଏବଂ ବିଭିନ୍ନ ଗ୍ୟାଜେଟ୍‌ରୁ ଡିଜିଟାଲ୍ ପ୍ରମାଣ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରିଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୯୩(୩) ଅନୁଯାୟୀ, ୫୦୪ ପୃଷ୍ଠା ସମ୍ବଳିତ ଏକ ପ୍ରାରମ୍ଭିକ ଚାର୍ଜସିଟ କୋର୍ଟରେ ଦାଖଲ କରାଯାଇଛି। ଅଧିକ ପ୍ରମାଣ ସଂଗ୍ରହ ଏବଂ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ସମ୍ପର୍କରେ ଧାରା ୧୯୩(୯) ଅନୁଯାୟୀ ପୁଲିସର ତଦନ୍ତ ଜାରି ରହିଛି।

ମାମଲାର ବିବରଣୀ ଅନୁଯାୟୀ, ପୀଡ଼ିତାଙ୍କ ସମ୍ପର୍କୀୟ ଭାଇ ଅରିଜିତ ଦେଙ୍କ ଅଭିଯୋଗ ପରେ ସିଏଡବ୍ଲ୍ୟୁ ଆଣ୍ଡ ସିଡବ୍ଲ୍ୟୁର ଡିଏସପି ଇମାନ କଲ୍ୟାଣୀ ନାୟକଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ ହୋଇଥିଲା। ରିପୋର୍ଟରେ ଦର୍ଶାଯାଇଥିଲା ଯେ ସୌମ୍ୟଶ୍ରୀଙ୍କୁ ତାଙ୍କ ବିଭାଗୀୟ ମୁଖ୍ୟ ତଥା ସହକାରୀ ପ୍ରଫେସର ସମୀର କୁମାର ସାହୁ ମାନସିକ ନିର୍ଯାତନା ଦେବା ସହ ତାଙ୍କୁ ଅନୁଚିତ ଅନୁଗ୍ରହ ଦାବି କରୁଥିଲେ। ଏହି ନିର୍ଯାତନାରେ ଅତିଷ୍ଠ ହୋଇ ସୌମ୍ୟାଶ୍ରୀ ଆତ୍ମାହୁତି କରିଥିଲେ ଏବଂ ଜୁଲାଇ ୧୪ରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ମୃତ୍ୟୁବରଣ କରିଥିଲେ। ଏହି ମାମଲାର ତଦନ୍ତ ଜାରି ରହିଥିଲା ବେଳେ ଚାରି ଜଣଙ୍କୁ ଗିରଫ କରାଯାଇଛି। ଏଫ୍‌ଏମ୍ କଲେଜର ଶିକ୍ଷା ବିଭାଗର ଏଚ୍‌ଓଡି ଏବଂ ସହକାରୀ ପ୍ରଫେସର ସମୀର କୁମାର ସାହୁଙ୍କୁ ଜୁଲାଇ ୧୨ରେ ଏବଂ କଲେଜର ଅଧକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ଜୁଲାଇ ୧୪ରେ ଗିରଫ କରାଯାଇଥିଲା। ସେହିପରି କଲେଜ ଛାତ୍ର ଶୁଭ୍ର ସମ୍ବିତ ନାୟକ, ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କୁ ଅଗଷ୍ଟ ୩ ତାରିଖରେ ଗିରଫ କରାଯାଇଥିଲା।

# ବିଜେଡିରୁ ଭାସ୍କର ରାଓ ଓ ହିମିରିକାଙ୍କ ଇସ୍ତଫା

**ଭୁବନେଶ୍ୱର,୯।୯/ଏନ୍‌ଏନ୍‌ଏସ୍:** ବିଜୁ ଜନତା ଦଳରୁ ଏନ୍ ଭାସ୍କର ରାଓ, ଲାଲ ବିହାରୀ ହିମିରିକା ଇସ୍ତଫା ଦେଇଛନ୍ତି। ଏମାନଙ୍କ ରାୟଗଡ଼ା ଜିଲ୍ଲାର କିଛି କର୍ମକର୍ତ୍ତା ବି ଦଳରୁ ଇସ୍ତଫା ଦେଇଛନ୍ତି। ଫଳରେ ରାଜ୍ୟ ତଥା ଜିଲ୍ଲା ରାଜନୀତି ବେଶ୍ ଉଷ୍ମ ହୋଇଛି। ବିଜେଡି ଦଳ ପକ୍ଷରୁ ଏହାକୁ ସହଜରେ ଗ୍ରହଣ କରାଯାଇନାହିଁ।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ରାୟଗଡା ଜିଲ୍ଲାରେ ଏନ୍. ଭାସ୍କର



**ଦଳର ସଂଗଠନ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ: ଲେନିନ**

ରାଓ, ଲାଲ ବିହାରୀ ହିମିରିକା ଓ ଦଳର ଅନ୍ୟ କିଛି କର୍ମକର୍ତ୍ତା ଦଳରୁ ଇସ୍ତଫା ଦେଇଛନ୍ତି। କିନ୍ତୁ, ଦଳରୁ ଏହି ନେତା ମାନଙ୍କର ଇସ୍ତଫା ଦଳର ସଂଗଠନ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଦଳରେ ନିଷ୍ପତ୍ତି କିଏ ନେଉଛନ୍ତି ବୋଲି ଶ୍ରୀ ରାଓ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ଯଦି ଶ୍ରୀ ରାଓ ଦଳରେ କିଏ ନିଷ୍ପତ୍ତି ନେଉଛନ୍ତି ବୋଲି ଜାଣିପାରୁ ନାହାନ୍ତି, ତାହା ହେଲେ ବିଭିନ୍ନ ପଦପଦବୀରେ ରହି ଲମ୍ବା ସମୟ ଦଳରେ କାର୍ଯ୍ୟ କରିଥିବା ଶ୍ରୀ ରାଓ ଦଳ ପାଇଁ କିଭଳି କାର୍ଯ୍ୟ କରୁଥିଲେ ବୋଲି ଡ଼ ମହାନ୍ତି ପ୍ରଶ୍ନ କରିଛନ୍ତି। ଦଳ ତରଫରୁ ଶ୍ରୀ ରାଓଙ୍କୁ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବାକୁ ସୁଯୋଗ ଦେବା ସହିତ ତାଙ୍କୁ ରାଜ୍ୟସଭା ସାଂସଦ କରାଯାଇଥିଲା। ଦଳ ତାଙ୍କୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରିଥିବା ସତ୍ତ୍ୱେ ସେ ଦଳ ଛାଡ଼ିବା ତାଙ୍କର ବ୍ୟକ୍ତିଗତ ନିଷ୍ପତ୍ତି। ବିଜେଡି ଶାସନ ଦାୟିତ୍ୱରେ ଥିବା ସମୟରେ ସେ ଦଳର ବିଭିନ୍ନ ଦାୟିତ୍ୱରେ ଥିଲେ, ଆଜି ବିରୋଧୀ ଦଳ ଭାବେ ବିଜେଡି ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ସେ ଦଳ ଛାଡ଼ିଛନ୍ତି। ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ସୁଦୃଢ଼ ରହିଛି ଓ ଆଗାମୀ ଦିନରେ ଆହୁରି ସଶକ୍ତ ହେବ ବୋଲି ଡ଼ ମହାନ୍ତି ପ୍ରକାଶ କରିଛନ୍ତି।

# ନେପାଳ ସମାଚାର



## ନେପାଳ ହିଂସାର ମାଷ୍ଟରମାଇଣ୍ଡ୍ 'ଗୁରୁଙ୍ଗ'

### ଯୁବପିଢ଼ିଙ୍କ ଆକ୍ରୋଶକୁ ହିଂସାରେ ପରିଣତ କରିଥିବା ଅଭିଯୋଗ



**କାଠମାଣ୍ଡୁ, ୯।୯/ଏଜେନ୍ସି:** ନେପାଳ ସରକାରଙ୍କ ଗୋଟିଏ ଭୁଲ୍ ନିଷ୍ପତ୍ତି ଆଜି ସମଗ୍ର ଦେଶକୁ ନିଆଁର କରାଳ ମୁହଁକୁ ଠେଲିଦେଇଛି। ନିକଟରେ ନେପାଳ ସରକାର ଫେସ୍‌ବୁକ୍, ଇନଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍, ମେସେଞ୍ଜର, ଏକ୍ସ, ଲିଙ୍କଡଇନ୍, ୟୁଟ୍ୟୁବ୍ ଓ ସ୍ନାପଚାଟ୍ ଭଳି ପ୍ରାୟ ୨୬ଟି ସୋସିଆଲ ମିଡିଆକୁ ବ୍ୟାନ୍ କରାଯିବା ନେଇ ଘୋଷଣା କରିବା ପରେ ଏବେ ଦେଶବ୍ୟାପୀ ଏହାର ଭୟଙ୍କର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଲକ୍ଷଲକ୍ଷ ସଂଖ୍ୟକ ନେପାଳୀ ଯୁବପିଢ଼ି ସୋମବାର ଠାରୁ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଏମାନଙ୍କୁ ଦୃଢ଼ହସ୍ତରେ ଦମନ କରିବା ପାଇଁ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ନିର୍ଦ୍ଦେଶ ଦେବା ପରିସ୍ଥିତିକୁ ଅଧିକ ଖରାପ କରିଦେଇଛି। ସେନା ତଥା ସୁରକ୍ଷାକର୍ମୀଙ୍କ ଗୁଳିମାଡରେ ୨୨ରୁ ଅଧିକ ଯୁବକ ପ୍ରାଣ ମଧ ହରାଇଛନ୍ତି। କିନ୍ତୁ ଏସବୁ ଯୁବକଙ୍କୁ ଦବାଇ ପାରିନାହିଁ ବରଂ ସେମାନଙ୍କୁ ଅଧିକ ପ୍ରତିଶୋଧ ପରାୟଣ କରିଦେଇଛି। ତେବେ ଏସବୁ ମଧ୍ୟରେ ସେହି ବ୍ୟକ୍ତିଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି ଯିଏକି ଆଜି ପର୍ଯ୍ୟନ୍ତ ଶାନ୍ତ ବସିଥିବା ନେପାଳର ଯୁବଗୋଷ୍ଠୀଙ୍କୁ ଭଡକାଇ ଦେଶରେ ଏତେ ବଡ଼ ହିଂସାତ୍ମକ ଆନ୍ଦୋଳନ ସୃଷ୍ଟି କରିଦେଇଛି। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଯେ ନେପାଳ ହିଂସାର ମାଷ୍ଟରମାଇଣ୍ଡ କିଏ ?

ସୂଚନା ମୁତାବକ, ହାମି ନେପାଳ ନାମକ ଏକ ସଂଗଠନ ନେପାଳର ଯୁବପିଢ଼ିମାନଙ୍କୁ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଗୋଟିଏ ମଞ୍ଚକୁ ଆଣିବାର କାମ କରିଥିଲା। ଏହି ସଂଗଠନର ମୁଖ୍ୟ ହେଉଛି ସୁଦାନ ଗୁରୁଙ୍ଗ। ନେପାଳର ଜେନ୍-ଜେଡ୍ ବିପ୍ଳବର ଚେହେରା ହୋଇଥିବା ୩୬ବର୍ଷୀୟ ସୁଦାନ ଗୁରୁଙ୍ଗ ଠିକ୍ ସମୟରେ ନେପାଳୀ ଯୁବପିଢ଼ିମାନଙ୍କର କ୍ରୋଧକୁ ଅନୁଭବ କରିନେଇଥିଲା। କେଉଁସବୁ ପ୍ରସଙ୍ଗ ଉପରେ ଯୁବପିଢ଼ିଙ୍କୁ ଭଡକାଇ ହେବ ସେ ସେସବୁକୁ ନେଇ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲା। ପରେ ଏହା ଉପରେ ସେ ସୋସିଆଲ ମିଡିଆରେ ହିଁ ନିଜର ଆଭିମୁଖ୍ୟ ରଖିଆସୁଥିଲା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଚର୍ଚ୍ଚିତ ପାଲଟିଯାଇଥିଲା। ନେପାଳର ଯୁବପିଢ଼ି ପୂର୍ବରୁ ଦୁର୍ନୀତି, ଏକଛତ୍ରବାଦ, ଆର୍ଥିକ ଅସମାନତା ଓ ନେତୃତ୍ୱରେ ଉତ୍ତରଦାୟିତ୍ୱର ଅଭାବ ବିରୋଧରେ ସ୍ୱର ଉତ୍ତୋଳନ କରି ଆସୁଥିଲେ। ଏବେ ଯେତେବେଳେ ନେପାଳ ସରକାର ସୋସିଆଲ ମିଡିଆ ଉପରେ ହିଁ ବ୍ୟାନ୍ ଲଗାଇବାକୁ ଘୋଷଣା କରିଦେଲେ ଗୁରୁଙ୍ଗଙ୍କୁ ଏହା ସୁବର୍ଣ୍ଣ ସୁଯୋଗ ହୋଇଥିଲା। ସେ ସରକାରଙ୍କ ବିରୋଧରେ ଭଡକାଇବା ଭଳି ଭାଷଣ ଦେବା ଆରମ୍ଭ କରିଥିଲା ଏବଂ ଯୁବପିଢ଼ିଙ୍କ କ୍ରୋଧକୁ ଆନ୍ଦୋଳନରେ ବଦଳାଇଦେଇଥିଲା। ଏହାକୁ ଜେନ୍-ଜି (୧୯୯୫-୨୦୧୦ ମଧ୍ୟରେ ଜନ୍ମିତ) ବିପ୍ଳବ ଭାବରେ ଦେଖାଯାଉଛି।

## ଜେଡ୍-ଜେନ୍‌ଙ୍କ ପସନ୍ଦର ନେତା ବାଲେନ୍ ଶାହ କିଏ ?

**କାଠମାଣ୍ଡୁ, ୯।୯/ଏଜେନ୍ସି:** ନେପାଳରେ ଆରମ୍ଭ ହୋଇଥିବା ଜେନ୍-ଜେଡ୍ ଆନ୍ଦୋଳନ ପୂରା ସରକାରକୁ ଦୋହଲାଇଦେଇଛି। ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଭୟରେ ଇସ୍ତଫା ଦେଇ ପଳାୟନ କରିଛନ୍ତି। ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲ ମଧ ଇସ୍ତଫା ଦେଇଛନ୍ତି। ସେନା ଏବେ ସମ୍ପୂର୍ଣ୍ଣ ଦେଶର ଭାର ନିଜ ହାତକୁ ନେଇଛି। ତେବେ ଏସବୁ ମଧ୍ୟରେ ନେପାଳରେ ମଧ ବାଂଲାଦେଶ ଭଳି ଏକ ଆଭ୍ୟନ୍ତରୀଣ ସରକାର ଗଠନ ହେବାର ଆଶଙ୍କା କରାଯାଉଛି। ରିପୋର୍ଟ ଅନୁସାରେ ନେପାଳର ଯୁବଗୋଷ୍ଠୀ ଏବେ ନିଜର ମନପସନ୍ଦ ନେତାଙ୍କୁ ଗାଦିରେ ବସାଇବାକୁ ଚାହୁଁଛନ୍ତି। ଏହି ନେତାଜଣକ ହେଉଛନ୍ତି ବାଲେନ ଶାହ, ଯାହାକୁ ସମସ୍ତେ ବାଲେନ୍ଦ୍ର ଶାହ ବୋଲି ମଧ ଜାଣନ୍ତି।



ବାଲେନ୍ ଶାହ ସମ୍ପ୍ରତି କାଠମାଣ୍ଡୁର ମେୟର ଭାବେ ଅବସ୍ଥାପିତ ଅଛନ୍ତି। ସେ ସୋସିଆଲ ମିଡିଆରେ ଖୁବ୍ ସକ୍ରିୟ ଥିବାବେଳେ ଯୁବଗୋଷ୍ଠୀ ତାଙ୍କୁ ଆଦର୍ଶ ଭାବେ ମଧ ମାନନ୍ତି। ପ୍ରକୃତରେ ନେପାଳ ହିଂସାର ମୁଖ୍ୟ କେନ୍ଦ୍ର ବାଲେନ୍ ବୋଲି ଚର୍ଚ୍ଚା ହେଉଛି। ସୋସିଆଲ ମିଡିଆ ଉପରେ ସରକାରଙ୍କ ବ୍ୟାନ୍ ନିଷ୍ପତ୍ତିକୁ ସେ ହିଁ ପ୍ରଥମେ ବିରୋଧ କରି ଯୁବଗୋଷ୍ଠୀଙ୍କୁ ଏହାର ବିଚାର କରିବାକୁ ଆହ୍ୱାନ କରିଥିଲେ। ବାଲେନଙ୍କ ପଦେ ପଦେ କଥା ନେପାଳ ଯୁବଗୋଷ୍ଠୀଙ୍କ ସହ ସାଧାରଣ ଲୋକଙ୍କୁ ମଧ ପ୍ରଭାବିତ କରିଥାଏ। ଟାଇମ୍ସ ମାଗାଜିନରେ ହେଉ ବା ଦ ନ୍ୟୁୟର୍କ ଟାଇମ୍ସର ୧୦୦ ଜଣ ପ୍ରଭାବଶାଳୀ ବ୍ୟକ୍ତିତ୍ୱଙ୍କ ଭିତରେ ମଧ ବାଲେନ୍‌ଙ୍କୁ ସ୍ଥାନ ମିଳିଛି। ଅନ୍ତର୍ଜାତୀୟ ସ୍ତରରେ ମଧ ତାଙ୍କର ଖୁବ୍ ଦବଦବା ରହିଛି। ସୋସିଆଲ ମିଡିଆରେ ତାଙ୍କର କୋଟି କୋଟି ଫଲୋଅର୍ସ ଅଛନ୍ତି । ସେସିଆଲ ମିଡିଆରେ ତାଙ୍କର ପୋଷ୍ଟ ଅନେକ ସମୟରେ ବିତର୍କ ସୃଷ୍ଟି କରିଛି । ତାଙ୍କ ଜୀବନ ଶୈଳୀ, ଷ୍ଟାଇଲ ସବୁକିଛି ନେପାଳ ଯୁବକଙ୍କ ପାଇଁ ରୋଲ ମଡେଲ୍ କହିଲେ ଭୁଲ ହେବନି । ଏହାକୁ ଢାଲ କରି ନେପାଳରେ ଚାଲିଥିବା ଏହି ବଡ଼ ଆନ୍ଦୋଳନକୁ ନିଜ ସମର୍ଥନ ଦେଇ ହାଇଜ୍ୟାକ୍ କରିନେଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଜଣେ ସିଭିଲ ଇଞ୍ଜିନିୟର ଭାବେ ନିଜ କ୍ୟାରିଅର ଆରମ୍ଭ କରିଥିଲେ ବାଲେନ୍। ପରେ ସେ ରାଜନୀତିକୁ ପ୍ରବେଶ କଲେ ଏବଂ କାଠମାଣ୍ଡୁର ମେୟର ଭାବେ ନିର୍ବାଚିତ ହୋଇଗଲେ। ରାଜନୀତିରେ ତାଙ୍କ ଅପ୍ରତ୍ୟାଶିତ ସଫଳତା, ଯୁବଗୋଷ୍ଠୀ ମଧ୍ୟରେ ଲୋକପ୍ରିୟତା, ଏବଂ ପାରମ୍ପରିକ ରାଜନୈତିକ ଦଳରୁ ଯୁବଗୋଷ୍ଠୀଙ୍କ ମୋହଭଙ୍ଗ ବାଲେନଙ୍କୁ ମାଇଲେଜ୍ ଦେଲା ଏବଂ ହିରୋ ବନାଇଦେଲା।

# ହିମାଚଳ, ପଞ୍ଜାବ ବନ୍ୟା ସ୍ଥିତି ପରଖିଲେ ପ୍ରଧାନମନ୍ତ୍ରୀ

- ପୀଡ଼ିତଙ୍କ ସହ କଥାହେଲେ, ସବୁପ୍ରକାର ସହାୟତାର ପ୍ରତିଶ୍ରୁତି ଦେଲେ
- ହିମାଚଳ ପାଇଁ ୧୫୦୦ କୋଟି, ପଞ୍ଜାବକୁ ୧୬୦୦ କୋଟିର ସହାୟତା ଘୋଷଣା



**ନୂଆଦିଲ୍ଲୀ, ୯।୯/ଏଜେନ୍ସି:** ମଙ୍ଗଳବାର ଆକାଶମାର୍ଗରୁ ହିମାଚଳ ଏବଂ ପଞ୍ଜାବର ବନ୍ୟା ପରିସ୍ଥିତି ବୁଲି ଦେଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଉତ୍ତର ଭାରତରେ ଲଗାଣ ବର୍ଷାଯୋଗୁ ଏହି ଦୁଇ ରାଜ୍ୟ ଏବେ ସର୍ବାଧିକ ପ୍ରଭାବିତ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ବନ୍ୟା ଏବଂ ବନ୍ୟାଜନିତ ଭୂସ୍ଖଳନ ତଥା କ୍ଷୟକ୍ଷତି ସମ୍ପର୍କରେ ବ୍ୟକ୍ତିଗତ ଭାବେ ଅନୁଧ୍ୟାନ କରିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ଉଭୟ ରାଜ୍ୟର ବନ୍ୟା ପୀଡ଼ିତଙ୍କ ସହ ମଧ ଆଲୋଚନା କରିଛନ୍ତି। ଏହି ଅବକାଶରେ ପ୍ରଧାନମନ୍ତ୍ରୀ ହିମାଚଳ ପାଇଁ ପ୍ରାୟ ୧୫୦୦ କୋଟି ଟଙ୍କାର ଆର୍ଥିକ ସହାୟତା ମଧ ଘୋଷଣା କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ ପ୍ରଥମେ ହିମାଚଳପ୍ରଦେଶର ବନ୍ୟା ସ୍ଥିତି ସମୀକ୍ଷା କରିଥିଲେ। ପରେ ସେ ହିମାଚଳ ପାଇଁ ପ୍ୟାକେଜ ଘୋଷଣା କରିବା ସହ ବନ୍ୟାରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ସହ ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ପ୍ରଭାବିତଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟା ତଥା ଦୁଃଖକୁ ପାଖରୁ ଶୁଣିଥିଲେ ପ୍ରଧାନମନ୍ତ୍ରୀ। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ କରି ପୂରା ରାଜ୍ୟର ଖବର ନେଇଛନ୍ତି। ଏହି ସମୟରେ ରାଜ୍ୟର ପ୍ରଭାବିତ ଚାଷୀଙ୍କ ପାଇଁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ଦ୍ୱିତୀୟ କିସ୍ତି ମଧ ଆଗୁଆ ଜାରି କରାଯିବା ସହ ଭୂସ୍ଖଳନ ଏବଂ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ପୁନଃନିର୍ମାଣ କରାଯିବା, ପଶୁପାଳନ ପାଇଁ ମିନି କିଟ୍ ପ୍ରଦାନ କରାଯିବା, ପ୍ରଭାବିତ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି ଅଧୀନରେ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ କ୍ଷତିଗ୍ରସ୍ତ ଜାତୀୟ ରାଜପଥ, ନଦୀବନ୍ଧ ତଥା ସ୍କୁଲ କଲେଜଗୁଡ଼ିକର ପୁନଃନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆରମ୍ଭ ହେବ ବୋଲି ମଧ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି।

ହିମାଚଳ ପରେ ପ୍ରଧାନମନ୍ତ୍ରୀ ପଞ୍ଜାବ ଅଭିମୁଖେ ଗସ୍ତ କରିଥିଲେ ଏବଂ ଆକାଶ ମାର୍ଗରୁ ପଞ୍ଜାବର ବନ୍ୟାଜନିତ କ୍ଷୟକ୍ଷତି ଆକଳନ କରିଥିଲେ। ଏଥିସହ ଗୁରୁଦାସପୁରରେ ବନ୍ୟା ପ୍ରଭାବିତଙ୍କ ସହ କଥା ହୋଇ ଫସଲ ନଷ୍ଟ ବାବଦରେ ପଚାରି ବୁଝିଛନ୍ତି ପ୍ରଧାନମନ୍ତ୍ରୀ। ରାଜ୍ୟର ବରିଷ୍ଠ ନେତାମନ୍ତ୍ରୀ ତଥା ପଦାଧିକାରୀଙ୍କ ସହ ବନ୍ୟା ପରିଚାଳନା ସମ୍ପର୍କରେ କଥା ହେବା ପରେ ଏନ୍‌ଡିଆରଏଫ୍, ଏସ୍‌ଡିଆର୍‌ଏଫ୍ ସଦସ୍ୟଙ୍କ ସହ ଉଦ୍ଧାର କାମ ନେଇ କଥା ହୋଇଛନ୍ତି ମୋଦୀ। ପରେ ମୋଦୀ ପଞ୍ଜାବ ପାଇଁ ୧୬୦୦ କୋଟି ଟଙ୍କାର ଆର୍ଥିକ ପ୍ୟାକେଜ୍ ମଧ ଘୋଷଣା କରିଛନ୍ତି।

ପ୍ରକାଶ ଚଳିତ ବର୍ଷ ହିମାଚଳ ଏବଂ ପଞ୍ଜାବରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ କ୍ଷୟକ୍ଷତି ଘଟାଇଛି। ହିମାଚଳ ସରକାରଙ୍କ ଅନୁସାରେ ଜୁନ୍ ୨୦ରୁ ସେପ୍ଟେମ୍ବର ୮ ମଧ୍ୟରେ ବାଦଲ ଫଟା ବର୍ଷା, ଆକସ୍ମିକ ପ୍ରଖର ବନ୍ୟାସ୍ରୋତ ତଥା ଭୂସ୍ଖଳନ ଭଳି ଘଟଣାରେ ହୋଇଥିବା କ୍ଷୟକ୍ଷତିର ପରିମାଣ ପ୍ରାୟ ୪୧୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଏହି ବିପର୍ଯ୍ୟୟରେ ପ୍ରାୟ ୩୭୦ଜଣ ପ୍ରାଣ ହରାଇଥିବା ବେଳେ ୪୧ରୁ ଉର୍ଦ୍ଧ୍ୱ ଏବେ ବି ନିଖୋଜ ଅଛନ୍ତି। ୬୩୦୦ରୁ ଉର୍ଦ୍ଧ୍ୱ ଘରଦ୍ୱାର ଭାଙ୍ଗିଯାଇଥିବା ବେଳେ ଶହଶହ ସଂଖ୍ୟାରେ ଦୋକାନ ନଷ୍ଟ ହୋଇଯାଇଛି। ଚଳିତ ମୌସୁମୀରେ ହିମାଚଳରେ ପ୍ରାୟ ୧୩୬ଟି ବଡ଼ ଧରଣର ଭୂସ୍ଖଳନ ହୋଇଥିବା ବେଳେ ୯୫ଥର ଆକସ୍ମିକ ବନ୍ୟା ଆସିଛି। ସେହିପରି ୪୫ ଥର ବାଦଲ ଫଟା ବର୍ଷା ହୋଇଛି। ନ୍ୟପକ୍ଷେ ପଞ୍ଜାବରେ ଶତାବ୍ଦୀର ସବୁଠୁ ବଡ଼ ବନ୍ୟା ପରିସ୍ଥିତି ଉପୁନ୍ନ ହୋଇଛି। ପଞ୍ଜାବରେ ବନ୍ୟାଯୋଗୁ ୫୩ଜଣ ମୃତ୍ୟୁବରଣ କରିଥିବା ବେଳେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପଞ୍ଜାବରେ ଚାଷୀମାନେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି।


## ଅରୁଣାଚଳରେ ପଲାସ ବିରାଡ଼ି



**ନୂଆଦିଲ୍ଲୀ, ୯।୯/ଏଜେନ୍ସି:** ଅରୁଣାଚଳପ୍ରଦେଶର ପାହାଡିଆ ଘଞ୍ଚ ଜଙ୍ଗଲରେ ଦୁର୍ଲଭ ପଲାସ ବିରାଡ଼ିକୁ ଦେଖିବାକୁ ମିଳିଛି। ଏକ ବନ୍ୟପ୍ରାଣୀ ସର୍ଭେ ସମୟରେ ଏହି ବିଲୁପ୍ତପ୍ରାୟ ଜୀବର ପ୍ରଥମ ଫଟୋଗ୍ରାଫିକ ପ୍ରମାଣ ମିଳିଛି। ଡବ୍ଲ୍ୟୁଡବ୍ଲୁଏଫ୍-ଇଣ୍ଡିଆ ଦ୍ୱାରା ରାଜ୍ୟ ବନ ବିଭାଗ ଓ ସ୍ଥାନୀୟ ସମ୍ପ୍ରଦାୟର ସହଯୋଗରେ କରାଯାଇଥିବା ଏହି ସର୍ଭେରେ ୪,୨୦୦ ମିଟର ଉଚ୍ଚତାରେ ସ୍ନୋ ଲିଓପାର୍ଡ, କମନ ଲିଓପାର୍ଡ, କ୍ଲାଉଡେଡ୍ ଲିଓପାର୍ଡ, ଲିଓପାର୍ଡ କ୍ୟାଟ୍, ମାର୍ବଲଡ କ୍ୟାଟ୍, ହିମାଲୟାନ ଉଡ୍ ଆଉଲ୍ (ପେଚା) ଓ ଗ୍ରେ-ହେଡେଡ୍ ଫ୍ଲାଇଂ ସ୍କିରେଲ (ଉଡନ୍ତା ଗୁଣ୍ଡୁଚି) ଭଳି ଜୀବଗୁଡ଼ିକୁ ମଧ ଠାବ କରାଯାଇଛି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଜୀବଙ୍କ ଉଚ୍ଚତା ସ୍ୱାଭାବିକ ଉଚ୍ଚତା ଠାରୁ ଅଧିକ ରହିଥିବା ମଧ ରେକର୍ଡ କରାଯାଇଛି। ରିପୋର୍ଟ ଅନୁସାରେ ଜଙ୍ଗଲର ପ୍ରାୟ ୨,୦୦୦ ବର୍ଗ କି.ମି. ପରିମିତ ଅଞ୍ଚଳରେ ୧୩୬ଟି କ୍ୟାମେରା ଟ୍ରାପ ସ୍ଥାପନ କରାଯାଇ ଦୀର୍ଘ ୮ମାସରୁ ଅଧିକ ସମୟ ଧରି ଚାଲିଥିବା ଏହି ସର୍ଭେ କରାଯାଇଥିଲା। ତେବେ ପଲାସ ବିରାଡ଼ିର ଉପସ୍ଥିତି ପୂର୍ବରୁ ସିକ୍କିମ୍, ଭୁଟାନ୍ ଓ ପୂର୍ବ ନେପାଳରେ ଦେଖିବାକୁ ମିଳୁଥିବା ବେଳେ ଏବେ ଅରୁଣାଚଳରେ ଏମାନଙ୍କ ଉପସ୍ଥିତି ମିଳିବା ପୂର୍ବ ରେକର୍ଡକୁ ଆହୁରି ସମ୍ପ୍ରସାରିତ କରିଛି। ଏପରିକି ଏହା ପୂର୍ବ ହିମାଳୟରେ ବନ୍ୟପ୍ରାଣୀ ଗବେଷଣାରେ ଏକ ବଡ଼ ମାଇଲଖୁଣ୍ଟ" ବୋଲି ରାଜ୍ୟର ପ୍ରିନ୍ସିପାଲ ଚିଫ୍ କନଜରଭେଟର ଅଫ୍ ଫରେଷ୍ଟ ନ୍ୟିଲୟାଙ୍ଗ ତାମ୍ କହିଛନ୍ତି। ସେହିପରି ଡବ୍ଲ୍ୟୁଡବ୍ଲୁଏଫ୍-ଇଣ୍ଡିଆର ହିମାଳୟ ପ୍ରୋଗ୍ରାମ ମୁଖ୍ୟ ଋଷି କୁମାର ଶର୍ମା କହିଛନ୍ତି, "ଏହି ଆବିଷ୍କାର ହିମାଳୟର ଜୀବଜଗତ ବିଷୟରେ ଆମର ଅଜ୍ଞତାକୁ ସୂଚାଇଛି। ସ୍ଥାନୀୟ ଜ୍ଞାନ ଓ ବୈଜ୍ଞାନିକ ଗବେଷଣା ଆଧାରିତ ସଂରକ୍ଷଣ ଏହି ଅଞ୍ଚଳର ସମୃଦ୍ଧି ରକ୍ଷା ପାଇଁ ଅପରିହାର୍ଯ୍ୟ।"

**ଜେଲ୍‌ରୁ ଦର୍ଶନଙ୍କ ଆକୁଳ ନିବେଦନ**

## ସୂର୍ଯ୍ୟକିରଣ ଦେଖିପାରୁନି, ମୋତେ ବିଷ ଦେଇଦିଅ



**ବେଙ୍ଗାଲୁରୁ, ୯।୯/ଏଜେନ୍ସି:** ରେଣୁକାସ୍ୱାମୀ ନାମକ ଜଣେ ଯୁବକଙ୍କୁ ହତ୍ୟା ମାମଲାରେ ଜେଲ୍‌ରେ ଥିବା କନ୍ନଡ଼ ଅଭିନେତା ଦର୍ଶନ ମଙ୍ଗଳବାର ବେଙ୍ଗାଲୁରୁର ସିଟି ସିଭିଲ ଆଣ୍ଡ୍ ସେସନ୍ସ କୋର୍ଟରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ହାଜର ହୋଇ ଆକୁଳ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ସେ ଅନେକ ଦିନ ଧରି ସୂର୍ଯ୍ୟାଲୋକ ଦେଖି ପାରୁନାହାଁନ୍ତି। ସେ ଆଉ ଏ ଜୀବନ ରଖିବାକୁ ଚାହାଁନ୍ତି ନାହିଁ, ତାଙ୍କୁ ବିଷ ଦେଇଦେବାକୁ ସେ ଅନୁରୋଧ କରିଛନ୍ତି।

ଦର୍ଶନ ଅଭିଯୋଗ କରିଛନ୍ତି ଯେ ଜେଲ୍‌ରେ ତାଙ୍କୁ ବାହାରକୁ ବାହାରିବାକୁ ଅନୁମତି ଦିଆଯାଉନାହିଁ, ଯାହାଫଳରେ ତାଙ୍କ ହାତରେ ଫଙ୍ଗସ୍ ସଂକ୍ରମଣ ହୋଇଛି ଏବଂ ତାଙ୍କ ପୋଷାକରୁ ଦୁର୍ଗନ୍ଧ ଆସୁଛି। ସେ ଜେଲ୍‌ରେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା କହି ବିଚାରପତିଙ୍କୁ ତାଙ୍କୁ ବିଷ ଦେବାକୁ ଅନୁରୋଧ କରିଥିଲେ। କୋର୍ଟ ଏହି ମାମଲାର ଅଭିଯୋଗ ଉପରେ ଶୁଣାଣିକୁ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ପ୍ରକାଶ, ଗତ ମାସରେ କର୍ଣ୍ଣାଟକ ହାଇକୋର୍ଟ ଦର୍ଶନଙ୍କୁ ମଞ୍ଜୁର କରିଥିବା ଜାମିନକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଥିଲେ ଏବଂ ତାଙ୍କୁ ପୁନର୍ବାର ହାଜତକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଦର୍ଶନଙ୍କୁ ଅଗଷ୍ଟ ୧୪ରେ ପୁନର୍ବାର ଗିରଫ କରାଯାଇଥିଲା ଏବଂ ଜେଲକୁ ଫେରାଇ ଦିଆଯାଇଥିଲା। ସେସମୟରେ ଜଷ୍ଟିସ ଜେବି ପାର୍ଦ୍ଦିୱାଲା ଓ ଜଷ୍ଟିସ୍ ଆର. ମହାଦେବନଙ୍କ ଖଣ୍ଡପୀଠ କହିଥିଲେ ଯେ ଦର୍ଶନ ଜାମିନରେ ରହିଲେ ସାକ୍ଷୀଙ୍କୁ ପ୍ରଭାବିତ କରିପାରନ୍ତି, ଯାହା ମାମଲାର ବିଚାର ପ୍ରକ୍ରିୟାକୁ ପ୍ରଭାବିତ କରିପାରେ। କର୍ଣ୍ଣାଟକ ହାଇକୋର୍ଟ ଦର୍ଶନଙ୍କ ସେଲିବ୍ରିଟି ମାନ୍ୟତାକୁ ଜାମିନ ପ୍ରଦାନରେ ଏକ କାରଣ ଭାବେ ଗ୍ରହଣ କରିଥିବାରୁ ସୁପ୍ରିମ କୋର୍ଟ ଏହାକୁ "ଅନୁଚିତ୍" ବୋଲି କହିଥିଲେ।

ନିଜକୁ ଦର୍ଶନ୍‌ଙ୍କର ବହୁତ ବଡ଼ ପ୍ରଶଂସକ ବୋଲି ଦର୍ଶାଉଥିବା ୩୩ ବର୍ଷୀୟ ରେଣୁକାସ୍ୱାମୀ ସମୟକ୍ରମେ ଅଭିନେତ୍ରୀ ପବିତ୍ରା ଗୌଡ଼ାଙ୍କୁ ଅଶ୍ଳୀଳ ବାର୍ତ୍ତା ପଠାଇବା ଆରମ୍ଭ କରିଥିଲା। ଏହାକୁ ନେଇ ଦର୍ଶନ୍ ମଧ ରେଣୁକାସ୍ୱାମୀଙ୍କୁ ଅନେକ ଥର ଚେତାବନୀ ମଧ ଦେଇଥିଲେ। କିନ୍ତୁ ରେଣୁକାସ୍ୱାମୀ ସେସବୁ ଶୁଣିନଥିଲା ଏବଂ ଏପ୍ରକାର ଅଶାଳୀନ ମେସେଜ୍ କରିବା ଜାରି ରଖିଥିଲା। ଏହିକାରଣରୁ ଦର୍ଶନ୍ ଏବଂ ତାଙ୍କର କିଛି ସହଯୋଗୀ ମିଳିତ ଭାବେ ରେଣୁକାସ୍ୱାମୀଙ୍କୁ ପ୍ରଥମେ ଅପହରଣ କରିବା ଏବଂ ପରେ ନିର୍ଯାତନା ଦେଇ ହତ୍ୟା କରିବା ଭଳି ଅଭିଯୋଗ ରହିଛି। ଅଭିନେତ୍ରୀ ପବିତ୍ରାଙ୍କ ସହ ଦର୍ଶନଙ୍କର ଏକ୍ସଟ୍ରା ମାରିଟାଲ ଆଫାଏର୍ସ ରହିଛି ବୋଲି ଚର୍ଚ୍ଚା ରହିଛି। ଦର୍ଶନ, ଓ ଅନ୍ୟ କେତେଜଣଙ୍କ ବିରୁଦ୍ଧରେ ଙ୍କୁ, ଯିଏ ପବିତ୍ରାଙ୍କୁ ଅଶ୍ଳୀଳ ବାର୍ତ୍ତା ପଠାଇଥିବା ଅଭିଯୋଗ ରହିଛି, ଅପହରଣ ଓ ନିର୍ଯାତନା ଦେଇ ହତ୍ୟା କରିଥିବା ଅଭିଯୋଗ ରହିଛି।


## ସିଆଚେନ୍‌ରେ ହିମସ୍ଖଳନ, ୩ ଯବାନ ସହିଦ୍

**ସିଆଚେନ୍, ୯।୯/ଏଜେନ୍ସି:** ସିଆଚେନ୍‌ରେ ହିମସ୍ଖଳନ ଯୋଗୁ ୩ ଯବାନ ସହିଦ୍ ହୋଇଥିବା ସୂଚନା ମିଳିଛି। ସହିଦ୍ ଯବାନ୍‌ଙ୍କ ମଧ୍ୟରେ ୨ ଅଗ୍ନିବୀର ରହିଛନ୍ତି। ଏସମ୍ପର୍କରେ ଜଣାପଡିବା ପରେ ସମ୍ପୃକ୍ତ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା। ନିୟନ୍ତ୍ରଣ ରେଖା(ଏଲଓସି)ର ଉତ୍ତରାଞ୍ଚଳରେ ଅବସ୍ଥିତ ସିଆଚେନ୍ ଗ୍ଲାସିୟରରେ ପୂର୍ବରୁ ମଧ ଏପ୍ରକାର ଅନେକ ସମୟରେ ହିମସ୍ଖଳନ ଘଟୁଥିବା ନଜିର ରହିଛି। ୨୦୨୧ରେ ହନୀଫ୍ ସବ୍-ସେକ୍ଟରରେ ହିମସ୍ଖଳନ ଘଟି ୨ ଭାରତୀୟ ସୈନ୍ୟ ସହିଦ୍ ହୋଇଥିଲେ। ୨୦୧୯ରେ ମଧ ଅନୁରୂପ ଘଟଣା ଘଟିଥିଲା। ସେନା ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ରବିବାର ଦିନ ୧୨,୦୦୦ ଫୁଟ୍ ଉଚ୍ଚ ସିଆଚେନ ବେସ୍ କ୍ୟାମ୍ପ ଅଞ୍ଚଳରେ ହିମସ୍ଖଳନ ଘଟିଥିଲା, ଯେଉଁଥିରେ ଦୁଇ ଅଗ୍ନିବୀରଙ୍କ ସମେତ ତିନି ଜଣ ସୈନିକ ଫସି ରହିଥିଲେ। ତେବେ ଉଦ୍ଧାର ସମୟରେ ଏହି ୩ ଯବାନ୍‌ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପ୍ରକାଶ, କେନ୍ଦ୍ରଶାସିତ ଅଞ୍ଚଳ ଲଦାଖରେ ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର ଭାବେ ପରିଚିତ ସିଆଚେନ୍ ପାହାଡ ପାଦଦେଶରୁ ପ୍ରାୟ ୧୨,୦୦୦ ଫୁଟ୍ ଉପରେ ଅବସ୍ଥିତ। ଏଠାରେ ଭାରତୀୟ ସେନା ବେସ୍ କ୍ୟାମ୍ପ୍ କରି ଦେଶର ସୀମାକୁ ସୁରକ୍ଷା ଦେଉଛନ୍ତି। ତେବେ ସମୟେ ସମୟେ ଏଠାରେ ଘଟୁଥିବା ହିମସ୍ଖଳନ ଯବାନ୍‌ଙ୍କ ପାଇଁ ପ୍ରାଣଘାତୀ ସାବ୍ୟସ୍ତ ହେଉଥିବା ଦେଖିବାକୁ ମିଳୁଛି।




**ଏନ୍‌ଡିଟିଭି କନ୍‌କ୍ଲେଭ୍‌ରେ କେନ୍ଦ୍ର ଅର୍ଥମନ୍ତ୍ରୀ**

## ଦେଢ଼ବର୍ଷ ଧରି ଚାଲିଥିଲା ଜିଏସ୍‌ଟି ସଂସ୍କାର



**ନୂଆଦିଲ୍ଲୀ, ୯।୯/ଏଜେନ୍ସି:** ଦେଶରେ ସାମଗ୍ରୀ ଏବଂ ସେବା ଟିକସ ସ୍ଲାବ୍‌କୁ ହ୍ରାସ ଏବଂ ଯୁକ୍ତିଯୁକ୍ତ କରିବା ପ୍ରକ୍ରିୟା ଗତ ୧.୫ ବର୍ଷ ଅର୍ଥାତ୍ ପ୍ରାୟ ୧୮ ମାସ ଧରି ଜାରି ରହିଥିଲା। ଦେଶବାସୀଙ୍କୁ ସରଳ ଟିକସ ବ୍ୟବସ୍ଥାରେ ଅନୁବନ୍ଧିତ କରିବା ପାଇଁ କେନ୍ଦ୍ର ସରକାର ଦୀର୍ଘ ସମୟ ଧରି ବ୍ୟବସ୍ଥା ଗ୍ରହଣ କରିଆସୁଥିଲେ। ସୁତରାଂ ଆମେରିକା ପକ୍ଷରୁ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରାଯିବା ପରେ କେନ୍ଦ୍ର ସରକାର ବାଧହୋଇ ଏପରି ଜିଏସ୍‌ଟି ସ୍ଲାବ୍‌କୁ କାଣ୍ଟଛାଣ୍ଟ କରିଥିବା ନେଇ ଯେଉଁ ଆଲୋଚନା ହେଉଛି ତାହା ଠିକ୍ ନୁହେଁ। ମଙ୍ଗଳବାର ଏନ୍‌ଡିଟିଭି ପକ୍ଷରୁ ଆୟୋଜିତ ଏକ କନ୍‌କ୍ଲେଭ୍‌ରେ ଯୋଗଦେବା ଅବସରରେ ପଚରାଯାଇଥିବା କିଛି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଏପରି କିଛି କହିଛନ୍ତି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ।

ସୀତାରମଣ ଦୃଢ଼ତାର ସହ କହିଛନ୍ତି, ଟିକସ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ବହୁପୂର୍ବରୁ ହିଁ ଯୋଜନା ପ୍ରସ୍ତୁତ କରାଯାଇଆସୁଥିଲା। ସଂଯୋଗବଶତଃ ଏହି ସମୟ ବେଳକୁ ହିଁ ଆମେରିକା ଭାରତ ଉପରେ ଅନ୍ୟାୟ ପୂର୍ବକ ୫୦% ଟିକସ ଲାଗୁ କରିଛି। ତେବେ ଭାରତ ସରକାରଙ୍କ ଜିଏସ୍‌ଟି ସଂସ୍କାର ପ୍ରକ୍ରିୟା ଅନ୍ତର୍ଗତ ଏବେ ଏହାର ଲାଭ ଦେଶର କ୍ଷୁଦ୍ର ଏବଂ ମଧ୍ୟମବର୍ଗର ବ୍ୟବସାୟୀଙ୍କୁ ମଧ ମିଳିବ ଯେଉଁମାନେ ସେମାନଙ୍କ ସାମଗ୍ରୀଗୁଡ଼ିକୁ ଆମେରିକାକୁ ରପ୍ତାନୀ କରୁଛନ୍ତି। ସୀତାରମଣ ସିଧାସିଧା କହିଛନ୍ତି ଯେ ଜିଏସ୍‌ଟି ସଂସ୍କାର ଯୋଗୁ ଏହାର ସକାରାତ୍ମକ ପ୍ରଭାବ ଯୁକ୍ତରାଷ୍ଟ୍ର ଆମେରିକା ଉପରେ ରପ୍ତାନୀ ଉପରେ ପଡ଼ିବ। ସମ୍ଭାବ୍ୟ ୪୮ ବିଲିଅନ ଡଲାର ପରିମାଣର କ୍ଷତିର ଭରଣା ତଥା ମୁକାବିଲା କରିବା ପାଇଁ ତଥା ଘରୋଇ ଚାହିଦାକୁ ପ୍ରୋତ୍ସାହିତ କରିବା ପାଇଁ ଜିଏସ୍‌ଟି ସଂଶୋଧନ ଏକ ବଡ଼ ଭୂମିକା ଗ୍ରହଣ କରିବ। ସୀତାରମଣ କହିଛନ୍ତି ଯେ ଗତ ବର୍ଷର କେନ୍ଦ୍ରୀୟ ବଜେଟ୍ ପୂର୍ବରୁ ମଧ ଜିଏସ୍‌ଟି ଢାଞ୍ଚା ପରିବର୍ତ୍ତନ ଉପରେ ଆଲୋଚନା ହୋଇଥିଲା। ବଜେଟ୍ ପ୍ରସ୍ତୁତି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ 'ଆମ୍ ଆଦ୍‌ମୀ'ଙ୍କୁ ଆଶ୍ୱସ୍ତି ମିଳିବା ସମ୍ପର୍କରେ ଧ୍ୟାନ ରଖିବାକୁ ପରାମର୍ଶ ଦେଇଥିଲେ ବୋଲି ସୀତାରମଣ କହିଛନ୍ତି। ସୀତାରମଣ କହିଛନ୍ତି ବଜେଟ୍‌ରେ ବେତନଭୋଗୀ ବର୍ଗର ମଧ୍ୟବିତ୍ତ କରଦାତାଙ୍କୁ ଆଶ୍ୱସ୍ତି ଦିଆଯାଇଥିଲା ଯେଉଁଥିରେ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ଲୋକଙ୍କ ପାଇଁ ରିହାତି ଅନ୍ତର୍ଭୁକ୍ତ ଥିଲା। ତେବେ ଜିଏସ୍‌ଟି ସଂସ୍କାର ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରସ୍ତାବ ଦେବା ପାଇଁ ପ୍ରସ୍ତୁତି କରିବାକୁ ସମୟ ଲାଗିଥିଲା। ତେବେ ସମୟକ୍ରମେ ଏହା ପ୍ରସ୍ତୁତ ହୋଇଥିଲା ଏବଂ ପ୍ରଧାନମନ୍ତ୍ରୀଙ୍କୁ ଏସମ୍ପର୍କରେ ଅବଗତ କରାଯାଇଥିଲା।

ସୀତାରମଣ କହିଛନ୍ତି, ଜିଏସ୍‌ଟି ପରିଷଦ ବୈଠକରେ ମଧ ଜିଏସ୍‌ଟି ସଂଶୋଧନ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ନେଇ ସବୁକିଛି ସର୍ବସମ୍ମତିକ୍ରମେ ଶେଷ ହୋଇଛି। ତଥାପି ୨୦୨୨ ପରଠାରୁ (ରାଜ୍ୟଗୁଡ଼ିକ ପାଇଁ) କୌଣସି କ୍ଷତିପୂରଣ ଦିଆଯାଇନାହିଁ। ପୂର୍ବରୁ ସେ (ଏବଂ ରାଜ୍ୟଗୁଡ଼ିକ) ଯେଉଁ କ୍ଷତିପୂରଣ ସେସ୍ ବିଷୟରେ କହୁଥିଲେ ତାହା ପୂର୍ବରୁ ଜିଏସ୍‌ଟିର ଏକ ଅଂଶ ଥିଲା। ଜିଏସ୍‌ଟି ଢାଞ୍ଚାକୁ ଯିବା ସମୟରେ ସମ୍ଭାବ୍ୟ ରାଜସ୍ୱ କ୍ଷତି ପୂରଣ ପାଇଁ ସେହି ସେସ୍ ଅଧୀନରେ ସଂଗୃହୀତ ଟଙ୍କାକୁ ସମାନୁପାତିକ ଭାବରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପୁନଃ ପଠାଯାଇଥିଲା।

ନିତିଦିନ NITIDIN



### ଡାଲିମ୍ବ ଗୋରଡି ଇଡିସି ପକ୍ଷରୁ ଲାଗିଲା ୩ହଜାର ତାଳ ମଞ୍ଜି

# ଅଭୟାରଣ୍ୟରେ ୧୦ହଜାର ତାଳ ଗଛ ସୃଷ୍ଟି ପାଇଁ ଲକ୍ଷ୍ୟ



**କୋଣାର୍କ,୯।୯/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ପୂର୍ବାହ୍ନ ରେ ବାଣପଦା ଡାଲିମ୍ବ ଗୋରଡି ଇଡିସିର 'ମା' ଜାଗେଶ୍ୱରୀ ଇକୋ ଡେଭଲପ୍‌ମେଣ୍ଟ୍ କମିଟିର ସଦସ୍ୟମାନେ ଇଡିସିର ସୁରକ୍ଷା ଦାୟିତ୍ୱରେ ଥିବା ବନବିଭାଗର ଅଭୟାରଣ୍ୟ ଜଙ୍ଗଲ ମଧ୍ୟରେ ୩ହଜାର ତାଳ ମଞ୍ଜି ଜଙ୍ଗଲର ବିଭିନ୍ନ ଖାଲି ସ୍ଥାନରେ ଲଗାଇଛନ୍ତି। ଅଭୟାରଣ୍ୟ ମଧ୍ୟରେ ରହିଥିବା ବିରଳ ଜୀବଜନ୍ତୁମାନଙ୍କୁ ବଜ୍ରପାତରୁ ରକ୍ଷା କରିବା ପାଇଁ ଏହି ତାଳ ମଞ୍ଜି ଲଗାଇବା ପ୍ରୟାସ ଆରମ୍ଭ କରିଛନ୍ତି। ବୈଜ୍ଞାନିକଙ୍କ ପରାମର୍ଶ ଅନୁଯାୟୀ ବଜ୍ରପାତରୁ ରକ୍ଷା ପାଇବା ପାଇଁ ତାଳଗଛ ଲଗାଇବା ନିହାତି ଜରୁରୀ। ଏହାକୁ ନଜରରେ ରଖି ଇଡିସି ପକ୍ଷରୁ ପ୍ରତିବର୍ଷ ୩ହଜାରୁ ଊର୍ଦ୍ଧ୍ୱ ମଞ୍ଜି ରୋପଣ କରାଯାଇ ୩ବର୍ଷ ମଧ୍ୟରେ ୧୦ହଜାର ତାଳ ଗଛ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏନେଇ ଇଡିସି ପକ୍ଷରୁ ୧୦ହଜାରରୁ ଊର୍ଦ୍ଧ୍ୱ ତାଳମଞ୍ଜି ସଂଗ୍ରହ କରାଯାଇ ପ୍ରସ୍ତୁତି କରାଯାଉଥିବା ସଭାପତି ସୁବାସ ଚନ୍ଦ୍ର ବେଉରା ପ୍ରକାଶ କରିଛନ୍ତି। ଆଜିର ଏହି ତାଳ ମଞ୍ଜି ଲଗାଯିବା କାର୍ଯ୍ୟକ୍ରମରେ ସେବା ନିବୃତ୍ତ ବନାଧିକାରୀ ଦୁଃଶାସନ ନାୟକ, ବାଣପଦା ଡାଲିମ୍ବ ଗୋରଡି ଇଡିସିର ସଭାପତି ଶ୍ରୀ ବେଉରା, କୋଣାର୍କ ଏନଏସି ୫ନଂ ୱାର୍ଡ କାଉନସିଲର ଇଂ ନିହାର ରଞ୍ଜନ ବେଉରା, ପୂର୍ବତନ ଇଡିସି ସଭାପତି ସୁଶାନ୍ତ ବେଉରା, ପୂର୍ବତନ କାଉନସିଲ ପଦ୍ମଚରଣ ବେଉରା, ବିମଳ କାଣ୍ଡି ମାନସ ପାତ୍ର,ସୁକାନ୍ତି କାଣ୍ଡି, ଅଭୀନା କାଣ୍ଡି, ଭ୍ରମର କାଣ୍ଡି, ଚନ୍ଦନ କାଣ୍ଡି, ଲିଙ୍ଗରାଜ ବେଉରା, ସାଧୁ ଚରଣ ବେଉରା, ପୀତବାସ ବେଉରା ପ୍ରମୁଖ ସଭ୍ୟ ସହଯୋଗ କରିଥିଲେ।

## ସ୍ୱର୍ଣ୍ଣକ୍ଷେତ୍ର ପରିଷଦ ଓ ସାଂସ୍କୃତିକ ମଣ୍ଡପ ଉଦ୍‌ଘାଟିତ

**କୁଆଁପାଳ,୯।୯/ଏନ୍‌ଏନ୍‌ଏସ୍:** ବିଶ୍ୱଭାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତି ଆଶ୍ରମ ମାହାଙ୍ଗାଠାରେ ଗତ କାଲି ୮ ତାରିଖ ସଂଧ୍ୟାରେ ଆର୍ବିଭାବ ମହୋତ୍ସବ ମଣ୍ଡପ ଓ ସ୍ୱର୍ଣ୍ଣକ୍ଷେତ୍ର ପରିଷଦ କାର୍ଯ୍ୟାଳୟକୁ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ କର କମଳରେ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ସଭାରେ ଗଙ୍ଗାଧର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମାହାଙ୍ଗାର ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇ ଆଶ୍ରମର ଅଧୁରା କାର୍ଯ୍ୟକ୍ରମକୁ ସମାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହା ସହ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲିର ପରିଷଦର ଶାଖା ଗୁଡିକୁ ବିଧାୟକ ପାଣ୍ଠିରୁ ୩ ଲକ୍ଷ ଲେଖାଏଁ ଯୋଗାଇ ଦେଇଥିବା ପ୍ରକାଶ କରିଥିଲେ। ଆଶ୍ରମର ୫ ବର୍ଷ ମଧ୍ୟରେ ପରିଷଦର ଉନ୍ନତି ପାଇଁ ଆହୁରି ଅର୍ଥର ବ୍ୟବସ୍ଥା କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଶ୍ୱଭାତୃତ୍ୱ ଦିବ୍ୟାତ୍ମା ପରିଷଦର ସଭାପତି ନିମାଇଁ ଚରଣ ଦାସ, ପରିଷଦର ଯୁଗ୍ମ ସଂପାଦକ କୈଳାସ ଚନ୍ଦ୍ର ଦାସ, ସାଧାରଣ ସଂପାଦକ ସୁରେଶ ଚନ୍ଦ୍ର ଜେନା, ସହକାରୀ ଇଂଜିନିୟର ସନ୍ଦିପ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରାକ୍ତନ ସମିତିସଭ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମାହାଙ୍ଗା ପଞ୍ଚାୟତ ସଭାପତି ଗୌତମ ପ୍ରସାଦ ଲାଲ, ଉପସଭାପତି ପ୍ରିୟବ୍ରତ ସାହୁ, ଭବାନୀ ଶଙ୍କର ସାହୁ, ପୂର୍ବତନ ସରପଂଚ କାର୍ତ୍ତିକ ଜେନା, ଶ୍ୟାମସୁନ୍ଦରପୁର ଶାଖାରୁ କାର୍ତ୍ତିକ ଚନ୍ଦ୍ର ସାମଲ, ଦୋଳଗୋବିନ୍ଦ ସାହୁ, ଶ୍ରୀଧର ଜେନା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଆଶ୍ରମର ଶତାଧିକ ଅନ୍ତେବାସୀ, ଅନୁଷ୍ଠାନର କର୍ମକର୍ତ୍ତା, ଗୁରୁମାଆ, ଗୁରୁ ଭାଇ ଓ ଗୁରୁଭଉଣୀମାନେ ଯୋଗଦେଇଥିଲାବେଳେ ଶେଷରେ ପାରିଷଦର ସଂଗଠନିକ ମୁଖ୍ୟ କୈଳାସ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ଓ ଭଜନ ପରିବେଷଣ କରାଯାଇଥିଲା।

## ପ୍ରଦେଶ କଂଗ୍ରେସ କମିଟି ସାମାଜିକ ଗଣମାଧ୍ୟମ ରାଜ୍ୟ ସଂଯୋଜକ ନିଯୁକ୍ତ



**କୋଣାର୍କ,୯।୯/ଏନ୍‌ଏନ୍‌ଏସ୍:** କୋଣାର୍କ ଏନ୍‌ଏସିର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କାଉନସିଲର ସୁବାସ ନାୟକଙ୍କୁ ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଗତ ଶନିବାର ଗୁଣପୁର ବିଧାୟକ ତଥା ରାଜ୍ୟ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ସତ୍ୟଜିତ ଗମାଙ୍ଗ ପ୍ରଦେଶ କଂଗ୍ରେସ ସାମାଜିକ ଗଣମାଧ୍ୟମ ବିଭାଗର ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏଥିପାଇଁ ଶ୍ରୀ ନାୟକ ଅଖିଳ ଭାରତ କଂଗ୍ରେସ କମିଟିର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ, ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପୂର୍ବତନ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ଓ କାକଟପୁର କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ରାଜ୍ୟରେ କଂଗ୍ରେସର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେ ନିଷ୍ଠାପର ଭାବେ ନିଜକୁ ନିୟୋଜିତ କରି କଠୋର ପରିଶ୍ରମ ସହିତ ଦିନରାତି ଦଳ ପାଇଁ କାର୍ଯ୍ୟ କରିବେ ବୋଲି କହିଥିଲେ। ରାଜ୍ୟ କଂଗ୍ରେସର ସାମାଜିକ ଗଣମାଧ୍ୟମ ବିଭାଗରେ ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତି ମିଳିବା ପରେ ସୁବାସ ନାୟକଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ପ୍ରକୃତିବନ୍ଧୁ ସନ୍ତୋଷଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ଓଡ଼ଗାଁ,୯।୯/ଏନ୍‌ଏନ୍‌ଏସ୍:** ନୟାଗଡ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ପବିତ୍ର ଗୁରୁଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ନୟାଗଡ଼ ଜିଲ୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ ନୟାଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଜିଲ୍ଲା ଶିକ୍ଷାପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସଂଧ୍ୟାରାଣୀ ରାଉତ,ବନଲତା ବେହେରା ଓ ସମସ୍ତ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀମାନେ ଯୋଗ ଦେଇଥିଲେ। ଉକ୍ତ ଉତ୍ସବରେ ଓଡ଼ଗାଁ ବ୍ଲକ ଏଲିମେଣ୍ଟାରୀ ଶିକ୍ଷକଭାବେ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରକୃତିବନ୍ଧୁ ସନ୍ତୋଷ କୁମାର ସାହୁ ଆଦର୍ଶ ଶିକ୍ଷକଭାବେ ମୁଖ୍ୟଅତିଥିଙ୍କ ଠାରୁ ମୁଖ୍ୟମନ୍ତ୍ରୀ ଶିକ୍ଷାପୁରସ୍କାର ଗ୍ରହଣ କରିଥିଲେ। ଶ୍ରୀ ସାହୁ ନିଜ ବିଦ୍ୟାଳୟର ପିଲାମାନଙ୍କୁ ରାଜ୍ୟପାଳଙ୍କ ଠାରୁ ପୁରସ୍କାର ସାଙ୍ଗକୁ ଦୁର୍ବଳ ପିଲାଙ୍କୁ ବିଦ୍ୟାଳୟ ସମୟପରେ ପଢ଼ାଇବା ସହିତ ନାରୀଶିକ୍ଷା, ବାଲ୍ୟବିବାହ ରୋକିବା, ସଡକ ସୁରକ୍ଷା ସଚେତନତା ସହିତ ଜଙ୍ଗଲକୁ ନିଆଁରୁ ରକ୍ଷା ସମ୍ପର୍କିତ ପଥପ୍ରାନ୍ତ ନାଟକ ପିଲାଙ୍କ ଦ୍ୱାରା ପରିବେଷଣ କରାଇଥିଲେ। ଶ୍ରୀସାହୁଙ୍କୁ ଓଡ଼ଗାଁ ଗୋଷ୍ଠୀ ଶିକ୍ଷାଧିକାରୀ ପିଣ୍ଟୁ କୁମାର ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାଜକିଶୋର ସାହୁ ଓ ରଘୁନାଥ ମଲ୍ଲିକଙ୍କ ସମେତ ଓଡ଼ଗାଁ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

## ବରିଷ୍ଠ କଳାକାରଙ୍କ ବିୟୋଗରେ ଶୋକ

**କଣ୍ଟିଲୋ,୯।୯/ଏନ୍‌ଏନ୍‌ଏସ୍:** କୁଶଳୀ କଂସା ବାସନ କାରିଗର ତଥା କଣ୍ଟିଲୋ ବାପୁଜୀ ନଗର ଶ୍ରୀରଘୁନାଥଜିଉ ରାମଲୀଳା ନାଟ୍ୟ ଅନୁଷ୍ଠାନର ବରିଷ୍ଠ ତଥା ଉଚ୍ଚ କୋଟିର କଳାକାର ଭାବେ ସର୍ବତ୍ର ପରିଚିତ ବନ ମହାରଣା(୮୭)ଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପକ୍ଷାଘାତ ରୋଗରେ ପୀଡିତ ହୋଇ ଦୀର୍ଘ ଦୁଇମାସ ହେଲା ଚିକିତ୍ସିତ ହେଉଥିଲେ। ସେ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିଲେ ମଧ୍ୟ ଖୁବ୍ ମେଳାପି, ସ୍ନେହୀ, ଶାନ୍ତ, ବନ୍ଧୁବତ୍ସଳ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ସାହି ପଡିଶା, କଂସାରି କାରିଗର ଓ ରାମଲୀଳା ଅନୁଷ୍ଠାନର କଳାକାରମାନଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ସ୍ଥାନୀୟ ଶଙ୍ଖତୋଟା ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ଏକ ମାତ୍ର ପୁଅ ସନ୍ତୋଷ ମହାପାତ୍ର ମୁଖାଗ୍ନି ଦେଇଥିଲେ।

## ରୋଟାରୀ ତରଫରୁ ଆଲୋଚନାଚକ୍ର



**ମୁଣ୍ଡମୁହାଣ,୯।୯/ଏନ୍‌ଏନ୍‌ଏସ୍:** ଆଜି ଅପରାହ୍ନରେ ରୋଟାରୀ କ୍ଲବ ଭୁବନେଶ୍ୱର କନ୍‌ଫ୍ଲୁଏନ୍ସ ଆନୁକୂଲ୍ୟରେ ଚନ୍ଦ୍ରଶେଖରପୁର ସ୍ଥିତ ୟୁଓଡଇଓ ବ୍ୟାଙ୍କ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସଭାପତି ରୁଦ୍ର ପ୍ରସନ୍ନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରିଷ୍ଠ ବ୍ୟାଙ୍କ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଚୌଧୁରୀ, ରୋଟାରୀଆନ ଡାକ୍ତର ଲଳିତ କୁମାର ବେହେରା, ଡ. ବିଷ୍ଣୁ ଚରଣ ସାହୁ, ନିଳାଚଳ ପ୍ରଧାନ, ବିଜୟ କୁମାର ସାମଲ, ପ୍ରିତ୍ କୁମାର ଦାସ, ସରୋଜ ସାହୁ ଅଂଶଗ୍ରହଣ କରି ବର୍ତ୍ତମାନ ରାଜଧାନୀ ଭୁବନେଶ୍ୱର ରେ ପ୍ରତିଦିନ ଦୁର୍ଘଟଣାଗ୍ରସ୍ତ ହେଉଥିବା ଗୋରୁ ଗାଈ, ଷଣ୍ଢ, ବୁଲା କୁକୁର ମାନଙ୍କୁ ତୁରନ୍ତ ଆଶୁଚିକିତ୍ସା ଯୋଗାଇବା ସେମାନଙ୍କୁ ନିକଟସ୍ଥ ଗୋଶାଳା ରେ ପହଞ୍ଚାଇବା ଉପରେ ରୋଟାରୀ ଆଗାମୀ ଦିନରେ ଅଧିକରୁ ଅଧିକ କାର୍ଯ୍ୟ ତୁଲାଇବ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ରୋଟାରୀଆନ୍ ଅଂଶଗ୍ରହଣ କରିଥିଲେ। କ୍ଲବ୍ ତରଫରୁ ସମ୍ପାଦକ ପ୍ରଣତ୍ କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସୂର୍ଯ୍ୟମନ୍ଦିର ଓ ଉପକୂଳ ସୁରକ୍ଷା ଅନୁଧ୍ୟାନକଲେ କେନ୍ଦ୍ରାଞ୍ଚଳ ଡିଆଇଜି



**କୋଣାର୍କ,୯।୯/ଏନ୍‌ଏନ୍‌ଏସ୍:** ଗତ ସୋମବାର ଅପରାହ୍ଣରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଓ ପୁରୀ ଏସ୍‌ପି ପ୍ରତୀକ ସିଂ ମିଳିତ ଭାବେ ବେଳାମାର୍ଗ ସମେତ ବେଳେଶ୍ୱର ମନ୍ଦିର, ରାମଚଣ୍ଡୀ ପୀଠ, ଇକୋ ରିଟ୍ରିଟ୍, ଚନ୍ଦ୍ରଭାଗା ଓ କୋଣାର୍କ ସୂର୍ଯ୍ୟମନ୍ଦିରକୁ ପର୍ଯ୍ୟଟନ ଋତୁ ଆଗମନକୁ ନେଇ ଏହି ପର୍ଯ୍ୟଟନସ୍ଥଳୀଗୁଡିକ ପରିଦର୍ଶନ କରିଥିଲେ। ଦେଶବିଦେଶର ଲକ୍ଷାଧିକ ପର୍ଯ୍ୟଟକଙ୍କ ସମାଗମ ହେବାକୁ ଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ବେଳେଶ୍ୱର, ରାମଚଣ୍ଡୀ, ଇକୋ ରିଟ୍ରିଟ୍, ଚନ୍ଦ୍ରଭାଗା ଉପକୂଳ ଅଞ୍ଚଳ ବୁଲି ଅନୁଧ୍ୟାନ କରିବା ସହ ସମୁଦ୍ରକୂଳ ଅଞ୍ଚଳରେ ପର୍ଯ୍ୟାପ୍ତ ସୁରକ୍ଷାକର୍ମୀ ନିଯୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ସୂର୍ଯ୍ୟମନ୍ଦିରକୁ ଆସି ବୁଲି ସୁରକ୍ଷା ସ୍ଥିତିକୁ ଟିକିନିଖି ଅନୁଧ୍ୟାନ କରିଥିଲେ। ସାଥିରେ ଉପସ୍ଥିତ ଥିବା ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡା, ମେରାଇନ୍ ଥାନାଧିକାରୀ ପ୍ରତିମା ସାହୁ, କୋଣାର୍କ ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷଭାବେ ପର୍ଯ୍ୟଟନସ୍ଥଳୀ ଗୁଡିକରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ନଜରରେ ରଖି ପର୍ଯ୍ୟାପ୍ତ ଫୋର୍ସ ମୁତୟନ କରାଯିବା ସହ ଅନ୍ୟାନ୍ୟ ଆବଶ୍ୟକ ଦିଗ ପ୍ରତି ଦୃଷ୍ଟି ଦେବାକୁ ଡିଜି ଶ୍ରୀ ନାୟକ ପରାମର୍ଶ ଦେଇଥିଲେ।

## ମାଗଣା ଚକ୍ଷୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ଶିବିର



**ଓଡ଼ଗାଁ,୯।୯/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ମେଡିକାଲ୍ ଛକ ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦ କାର୍ଯ୍ୟାଳୟ ଠାରେ କଟକ ଅର୍ବାନ ହସ୍ପିଟାଲ ଓ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦ ଏବଂ କୁରାଳ ଗ୍ରାମପଞ୍ଚାୟତର ମିଳିତ ସହଯୋଗରେ ଏକ ମାଗଣା ଚକ୍ଷୁଚିକିତ୍ସା ଓ ସ୍ୱାସ୍ଥ୍ୟଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୧୬୬ ଜଣଙ୍କର ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କର ମୋତିଆବିନ୍ଦୁ ଅସ୍ତ୍ରୋପଚାର ନିମନ୍ତେ ଆଜି ଅପରାହ୍ନରେ କଟକ ଆଇ ହସ୍ପିଟାଲକୁ ନିଆଯାଇଛି। ୧୨୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ରାମେଶ୍ୱର ପଣ୍ଡା,ଉପସଭାପତି ରଜତ ମହାପାତ୍ର ଓ ସଂପାଦକ ମନୋଜ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବାବେଳେ ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟଙ୍କ ସମେତ ସଂଘର ବରିଷ୍ଠ ସଦସ୍ୟ ପବିତ୍ର ମୋହନ ମିଶ୍ର, ରାମକୃଷ୍ଣ ଦାସ, ଜଗନ୍ନାଥ ପ୍ରଧାନ, ଲକ୍ଷ୍ମଣ ସେନାପତି, ରବିନ୍ଦ୍ର ବେହେରା ଓ ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତରହି ସମସ୍ତଙ୍କୁ ଉତ୍ସାହିତ କରିବାସହିତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।କଟକ ଅର୍ବାନ ହସ୍ପିଟାଲର ଡାକ୍ତର ମହମ୍ମଦ ଜାଭେଡ, କ୍ୟାମ୍ପ ମ୍ୟାନେଜର ଚନ୍ଦ୍ରରାଜ୍ ଭଞ୍ଜ, ଟେକ୍ନିସିଆନ୍ ପ୍ରଶାନ୍ତ କୁମାର ବେହେରା ରୋଗୀମାନଙ୍କର ଡାଇବେଟିସ, ଆଖି ଓ ରକ୍ତଚାପ ପରୀକ୍ଷାମାନ କରାଇଥିଲେ। ସୁନାମୁହିଁ, ଗିରିଡ଼ିପଲ୍ଲି, କୁରାଳ ଓ କୋମଣ୍ଡ ଓ ପାଣ୍ଡେରିପଡ଼ା ପଞ୍ଚାୟତରୁ ଯୋଗଦେଇଥିବା ୧୬୬ ଶିବିରାର୍ଥୀଙ୍କୁ ଔଷଧ ବିତରଣ ସହିତ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ସେହିପରି ଭାବେ ସୋମବାର ରଙ୍ଗଣୀପାଟଣା ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଚକ୍ଷୁ ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସସ୍ମିତା ପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୨୧୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ୧୬୦ ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି। ୩୧ଜଣଙ୍କୁ ମୋତିଆବିନ୍ଦୁ ଚିକିତ୍ସା ନିମନ୍ତେ କଟକ ଅର୍ବାନ ହସ୍ପିଟାଲକୁ ପଠାଯାଇଥିବାବେଳେ କାର୍ଯ୍ୟରେ ସମାଜସେବୀ କୈଳାଶ ପାତ୍ରଙ୍କ ସମେତ ପଞ୍ଚାୟତର ସମସ୍ତ କର୍ମଚାରୀ ଓ ଯୁବଗୋଷ୍ଠୀ ସହଯୋଗ କରିଥିବା ଜଣାପଡ଼ିଛି।

## ସିପିଆଇ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

**ଚାରିଛକ,୯।୯/ଏନ୍‌ଏନ୍‌ଏସ୍:** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନିମାପଡା ଶାଖା ପକ୍ଷରୁ ଏକ ଦାବୀପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟ ରାସ୍ତାରେ ବୁଲା ଗାଈ ଗୋରୁ ରାସ୍ତା ଅବରୋଧ କରିବା ସହିତ ରାସ୍ତାରେ ବିଭିନ୍ନ ଯାନ ବାହାନରେ ଯାତାୟାତ କରୁଥିବା ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଶେଷକରି ଚାଷ ଜମିରେ ଗାଈଗୋରୁ ପଶି ଫସଲ ନଷ୍ଟ କରୁଛନ୍ତି। ସ୍ଥାନୀୟ ପ୍ରଶାସନ ତରଫରୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଗୋଶାଳା ନିର୍ମାଣ କରାଯାଇ ବୁଲା ଗାଈ ଗୋରୁ ମାନଙ୍କୁ ସେଠାରେ ରଖାଯାଉ। ଯଦି ତୁରନ୍ତ ଗୋଶାଳା ନିର୍ମାଣ କରାଯାଇ ବୁଲା ଗାଈ ଗୋରୁ ମାନଙ୍କୁ ରଖା ନଯାଏ ତେବେ ଆଗାମୀ ଦିନରେ ରାସ୍ତାରୋକ କରାଯିବ ବୋଲି ପୁରୀ ଜିଲ୍ଲା ସିପିଆଇ ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ ଚେତାବନୀ ଦେଇଛନ୍ତି। ଏ ନେଇ ଏକ ଦାବୀପତ୍ର ନିମାପଡା ଅତିରିକ୍ତ ତହସିଲଦାର ନୀରଞ୍ଜନ ନାୟକଙ୍କୁ ପ୍ରଦାନ କରିଛନ୍ତି।

## 'ଓଡ଼ିଆ ଭାଗବତ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ'



**ଖୋର୍ଦ୍ଧା,୯।୯/ଏନ୍‌ଏନ୍‌ଏସ୍:** ଶ୍ରୀମଦ୍ ଭାଗବତ ମହାପୁରାଣ ସମାଜକୁ ଦିଗଦର୍ଶନ ଦେଇଥାଏ ବୋଲି ସ୍ଥାନୀୟ 'ଶ୍ରୀ ଶ୍ରୀ ରାଧାବଲ୍ଲଭ' ମନ୍ଦିର ଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଥିବା ଅନ୍ତିମ ଦିବସରେ ପ୍ରବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ବିଶାରଦ ଡାକ୍ତର ଆଶୁତୋଷ ମିଶ୍ର କହିଥିଲେ। ଭାଗବତ ପାଠରେ ଶୃଙ୍ଖଳିତ ଜୀବନଚର୍ଯ୍ୟାର ବାର୍ତ୍ତା ନିହିତ ଥାଏ। ଜଗନ୍ନାଥ ଦାଶଙ୍କ ରଚିତ ଭାଗବତ ସାଧାରଣ ଜନଜୀବନର ମୂଳାଧାର। ନିଜକୁ ଜଗନ୍ନାଥଙ୍କ ପାଦ ପଦ୍ମ ରେ ସମ୍ପୂର୍ଣ୍ଣ ସମର୍ପଣ କରିଦେଲେ କୋଟି କୈବଲ୍ୟର ନାଥ, ଭକ୍ତବାଞ୍ଛା କଳ୍ପତରୁ ସମସ୍ତ ପାପ ତାପ ହରଣ କରିଥାନ୍ତି। ଆଜିର ଅନ୍ତିମ ଦିବସରେ ଭାଗବତ ପ୍ରଚାର ସମିତିର ସମସ୍ତ କର୍ମକର୍ତ୍ତା ସର୍ବଶ୍ରୀ ଗୌର ପ୍ରଧାନ, ଲାଲା କାଶୀନାଥ ରାୟ, ଅମୂଲ୍ୟ ମହାନ୍ତି, ଅଧ୍ୟାପକ ସୁଶାନ୍ତ ମିଶ୍ର, ସୂର୍ଯ୍ୟନାରାୟଣ ପାତ୍ର, ରବିନାରାୟଣ ମହାପାତ୍ର, ଗୋବିନ୍ଦ ସାହା, ଶୁଭମ୍ ବେହେରା, ହରିପ୍ରସାଦ ଦୋରା ଓ ସମସ୍ତ ଭଗବତ ପ୍ରେମୀ ଏକତ୍ରିତ ହୋଇ ହରିନାମରେ ମଜିରହିଥିଲେ।

## ଜବାହରଲାଲ ନେହରୁ ମହାବିଦ୍ୟାଳୟ ପରିସରରେ ଆଇଟି ଦକ୍ଷତା ବିକାଶ



**କୁଆଁପାଳ,୯।୯/ଏନ୍‌ଏନ୍‌ଏସ୍:** ଜବାହରଲାଲ ନେହେରୁ ମହାବିଦ୍ୟାଳୟ କୁଆଁପାଳ ଓ ଓଡିଶା ନଲେଜ କର୍ପୋରେସନ ଲିଃ. (ଓ.କେ.ସି.ଏଲ) ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଏକ ଆଇ.ଟି.ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଚିତ୍ତରଂନ ଦସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ କଟକର ଡି.ଏଲ୍.ସି. ସୂର୍ଯ୍ୟ ନାରାୟଣ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କମ୍ପ୍ୟୁଟର ଶିକ୍ଷାର ଉପଯୋଗିତା ଏବଂ ଛାତ୍ରଛାତ୍ରୀମାନେ ଏହାକୁ ପାଥେୟକରି କିଭଳି ଭବିଷ୍ୟତରେ ସଫଳତାର ଶିଖର ଛୁଇଁ ପାରିବେ ସେ ସଂପର୍କରେ ମତ ବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଦୀପ୍ତ କୁମାର ଜେନା ଯୋଗଦେଇ କମ୍ପ୍ୟୁଟର ଶିକ୍ଷା କିଭଳି ଦୈନନ୍ଦିନ ଜୀବନରେ ଆବଶ୍ୟକତା ରହିଛି। ଏଥିସହିତ ଆଇ.ଟି. ଦକ୍ଷତା ବୃଦ୍ଧି, ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସିଲାରାଣୀ ସାହୁ, ବୃନ୍ଦାବନ ବରାଳ, ସ୍ୱର୍ଣ୍ଣଲକ୍ଷ୍ମୀ ପ୍ରଧାନ, ଇପ୍ସିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହାସହ ଓ.କେ.ସି.ଏଲ୍‌ର ଅନ୍ୟ କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ପକ୍ଷରୁ ପ୍ରାଧ୍ୟାପକ ରବିନାରାୟଣ ବାରିକ, ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ବେହେରା, ପ୍ରାଧ୍ୟାପକ ଅଶୋକ କୁମାର ସିଂ, ପ୍ରାଧ୍ୟାପକ ବସନ୍ତ କୁମାର ସେଠୀ, ଡ. ଜୟଶ୍ରୀ ରାଉତ, ପ୍ରାଧ୍ୟାପକ ବାଇଧର ଦାସ ଓ ଅନ୍ୟମାନଙ୍କ ମଧ୍ୟରେ ଜଗବନ୍ଧୁ ବେହେରା, ଅମୀୟରଂଜନ ସେଠୀ, ଇପ୍ସିତା ଦାସ, ସାମ୍ବାଦିକ ବିଜୟ କୁଅଁର ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ବଡ଼ଝରିଲୋରେ କାଳୀପୂଜା ପ୍ରସ୍ତୁତି

**କଣ୍ଠାପଡ଼ା,୯।୯/ଏନ୍‌ଏନ୍‌ଏସ୍:** କୁରାଙ୍ଗଶାସନ ପଞ୍ଚାୟତ ଅନ୍ତର୍ଗତ ବଡ଼ଝରିଲୋର ପ୍ରସିଦ୍ଧ ମା'ଶ୍ୟାମାକାଳୀ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ସଭାପତି ପ୍ରତାପଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡଃ.ମନୋଜକୁମାର ଦାଶ, ନିତାଇଗୌର ଦାସ, ଦିନେଶ ଦାସ, ସୁବୋଧ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ମନୋରଞ୍ଜନ ଦାସ, ତପନ ମହାନ୍ତି ଓ ରବିନାରାୟଣ ଦାସ ପ୍ରମୁଖ ଯୋଗଦେଇ ପୂଜା, ଯାତ୍ରାପାର୍ଟି, ମୀନାବଜାର ଓ ସାଂସ୍କୃତିକ କାର୍ଯ୍ୟକ୍ରମର ସୁପରିଚାଳନା ନେଇ ରୂପରେଖ ପ୍ରସ୍ତୁତ କରିଥିଲେ। ମା'ଶ୍ୟାମାକାଳୀ ସାଂସ୍କୃତିକ ପରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ ସାହୁଙ୍କୁ କୃଷ୍ଣଚନ୍ଦ୍ର ଦାଶ ସ୍ମୃତି ସମ୍ମାନ



**କୁଆଁପାଳ,୯।୯/ଏନ୍‌ଏନ୍‌ଏସ୍:** ପବିତ୍ର ଗୁରୁ ଦିବସ ପାଳନ ଅବସରରେ ଶ୍ରୀ ଗୁରୁପୂଜନ ସମିତି ସାଲେପୁର ପକ୍ଷରୁ ସାଲେପୁର ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଆୟୋଜିତ ଗୁରୁପୂଜନ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ବୟୋଜ୍ୟେଷ୍ଠ, ଅବସରପ୍ରାପ୍ତ କୃତୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ମାହାଙ୍ଗା ବ୍ଲକର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ , ଜଣାଶୁଣା କବି ତଥା ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ,ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ କୃଷ୍ଣଚନ୍ଦ୍ର ଦାଶ ସ୍ମୃତି ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବରିଷ୍ଠ ସାମ୍ବାଦିକ କବି ଅକ୍ଷୟ କୁମାର ଦାଶ ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସତ୍ୟ ନାରାୟଣ ଆଚାର୍ଯ୍ୟ, କେନ୍ଦ୍ରାପଡା ଦିବ୍ୟଜୀବନ ସଂଘର ଉପାଧ୍ୟକ୍ଷ ଡ. କାଳୀପ୍ରସନ୍ନ ଶତପଥି, ଅନୁଷ୍ଠାନର ସଂପାଦକ ଡ. ଗୌତମ ମହାରଣା, ସାଲେପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବ୍ୟବତୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କବି ପ୍ରସନ୍ନ ମିଶ୍ର, ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, ସାରସ୍ୱତ ସମାରୋହ ସମିତିର ସଂପାଦକ ଡ. ଚାରୁଲତା ଦେବୀ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ଚଳିତ ବର୍ଷ ରାଜ୍ୟର ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାହୁଙ୍କୁ ପୂର୍ବରୁ ନନ୍ଦକିଶୋର ସାମଲ ସ୍ମୃତି ସମ୍ମାନ, କ୍ଷୀରୋଦଚନ୍ଦ୍ର ସାମଲ ସ୍ମୃତି ସମ୍ମାନ, ଶ୍ରୀ ଗଜାନନ ମହୋତ୍ସବ ସାରସ୍ୱତ ସମ୍ମାନ ପାଇଥିବାରୁ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ କବି ଗୌତମ ଚରଣ ଜେନା, ମାହାଙ୍ଗା ସାହିତ୍ୟ ସମାଜର ସଭାପତି ଡ. ଏକାଦଶୀ ପ୍ରଧାନ ଓ ସରସ୍ୱତ ସଂଗଠକ କବି ଭକ୍ତ ଚରଣ ସାହୁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

**ନିତି ଭାରତୀ** ଜଣେ ମହାନ ସନ୍ଥଙ୍କର ଯେମିତି ଅତୀତଟିଏ ଥାଏ, ଠିକ୍ ସେମିତି ଜଣେ ସବୁଠୁ ବଡ଼ ପାପୀର ମଧ୍ୟ ଭବିଷ୍ୟତ ଥାଏ। - **ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍**

ନିତିଦିନ NITIDIN
ବୁଧବାର, ୧୦ ସେପ୍ଟେମ୍ବର, ୨୦୨୫

# ମଣିଷ ଦେଖିଲେ ଡର ଲାଗୁଛି



**ପବିତ୍ର ସୁବୁଦ୍ଧି**

ସାଂପ୍ରତିକ ପରିସ୍ଥିତିକୁ ନେଇ ଏ ନିବନ୍ଧଟି ପ୍ରସ୍ତୁତ କରିବାକୁ ଗଲାବେଳେ ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କ 'କେତେ ଦିଗନ୍ତ' ପୁସ୍ତକରୁ ରୋଚକ ପ୍ରସଙ୍ଗଟିଏ ସ୍ମରଣକୁ ଆସୁଛି। କିଛି ବର୍ଷ ତଳର କଥା। ସ୍ଥାନ- କୋରାପୁଟର ପାର୍ବତ୍ୟାଞ୍ଚଳ। ଗହନ ବନ। ମଧ୍ୟରାତ୍ରିର ଅନ୍ଧକାର। ଜଣେ ସରକାରୀ ଅଧିକାରୀ ଜିପ୍ ଯୋଗେ ସରୁ ପାହାଡ଼ୀ ରାସ୍ତା ଦେଇ ଯାତ୍ରା କରୁଥାନ୍ତି। ହଠାତ୍ ଅଧିକାରୀ ଜଣକ ଲକ୍ଷ୍ୟ କଲେ ପର୍ବତ ଉପରୁ ଧୀରେ ଧୀରେ ଗୋଟିଏ ଆଲୁଅ ତଳକୁ ଆସୁଛି। ଅଧିକାରୀ ଜଣକ ଗାଡ଼ି ଅଟକାଇ ଅପେକ୍ଷା କଲେ। ଆଲୁଅ କେତେବେଳେ ବୁଦା ଆଢୁଆଳରେ ଲୁଚି ଯାଉଛି ତ କେତେବେଳେ ପୁଣି ଦୃଶ୍ୟମାନ ହେଉଛି। କିନ୍ତୁ ଆଲୁଅର ଅବତରଣ ଅବ୍ୟାହତ ରହିଛି।

ଡାହାଣୀ-ଆଲୁଅ ନୁହେଁ ତ? ଭୟଭରା ପରିବେଶ। ଶେଷରେ ଆଲୁଅ ଅଧିକାରୀଙ୍କ ନିକଟବର୍ତ୍ତୀ ହେଲା। ମଶାଲଟିଏ ଧରିଛି ଆଦିବାସୀ-ବୁଢ଼ୀ। ଅଧିକାରୀଙ୍କୁ ଦେଖି ବୁଢ଼ୀ ଚମକି ପଡ଼ିଲା କି ନାହିଁ, ତାହା ସ୍ୱଳ୍ପାଲୋକରେ ଜଣାଗଲା ନାହିଁ। କିନ୍ତୁ ବୁଢ଼ୀ ଅଟକି ଗଲା। ଅଧିକାରୀ ଜଣକ ପଚାରିଲେ- ବୁଢ଼ୀ ମାଉସୀ! ଏତେ ରାତିରେ ଏକୁଟିଆ ଏ ପାହାଡ଼ୀ ରାସ୍ତାରେ କୁଆଡ଼େ ଯାଉଛ? ବୁଢ଼ୀ ଉତ୍ତର ଦେଲା- ବାବୁ! ପାହାଡ଼ ଉପରେ ଗୋଟିଏ ଛୋଟିଆ କ୍ଷେତରେ ମୋ ପୁଅ ଚାଷ କରିଛି। ରାତିସାରା ସେ କ୍ଷେତ ଜଗି ପଡ଼ିଥାଏ। ମୁଁ ସବୁଦିନ ସଞ୍ଜରେ ତା' ପାଇଁ ରାତି ଖାଇବା ନେଇକି ଯାଏ। ଆଜି ଯାଇ ଦେଖେ ତ ପୁଅକୁ ଜ୍ୱର। ତେଣୁ ତା' ପାଖରେ ବସିଥିଲି। ତା' ଦେହ ହାତରେ ସେକ ଦେଉଥିଲି। ସେଇଥିପାଇଁ ଲେଉଟିବାକୁ ଏତେ ବିଳମ୍ବ ହେଲା। ଅଧିକାରୀ ଜଣକ ପଚାରିଲେ, ଏ ନିର୍ଜନ ବଣ ପର୍ବତ ଦେଇ ଅନ୍ଧାର ରାତିରେ ଏକୁଟିଆ ଆସୁଛ; ତୁମକୁ ଡର ଲାଗୁନାହିଁ? ବୁଢ଼ୀ ପ୍ରତ୍ୟୁତ୍ତର କଲା- ଡର କାହାକୁରେ ପୁଅ? ଅଧିକାରୀ ଜଣକ କହିଲେ ବାଘକୁ? ବୁଢ଼ୀ ତତ୍କାଳ ଉତ୍ତର ଦେଲା - 'ବାଘକୁ କି ଡରରେ ପୁଅ! ଡର ତ ଏଇ ଦୁଇଗୋଡ଼ିଆ ମଣିଷକୁ।' ଏତିକି କହି ବୁଢ଼ୀ ତା' ରାସ୍ତାରେ ଚାଲିଗଲା। କିନ୍ତୁ ଆମ ସମସ୍ତଙ୍କ ପାଇଁ ଛାଡ଼ି ଦେଇଗଲା ଏକ ରହସ୍ୟମୟ ଉତ୍ତର।

ପାଠକେ! ବୁଢ଼ୀର ଏଇ ଛୋଟିଆ ଉତ୍ତରଟି ବାରମ୍ବାର ମୋର ହୃଦୟକୁ ଆନ୍ଦୋଳିତ କରୁଛି। ବୁଢ଼ୀଟିର ସେ ସହଜ ଉଚ୍ଚାରଣୀ ଭିତରେ ସତେ ଯେମିତି ଲୁଚି ରହିଛି ଏକ ବିରାଟ ସାମାଜିକ ପଟ୍ଟ ପରିବର୍ତ୍ତନର ଚେତାବନୀ। କାଳକ୍ରମେ କୋରାପୁଟର ଘନ ବନସ୍ତ ଲୋପ ହୋଇ ଆସୁଛି। ବାଘମାନେ ବି ଧୀରେ ଧୀରେ ହଜି ଗଲେଣି। ଚାରିଆଡ଼େ ଭରି ଯାଉଛନ୍ତି ମଣିଷ, ବଣ ବଦଳରେ ସହର-ବଜାର ଓ ବାଘ ବଦଳରେ ମଣିଷ। ଏଥିରେ ହୁଏତ ଦୁଃଖିତ ହେବାର ହେତୁ ନାହିଁ ବା ଅର୍ଥ ନାହିଁ, କିନ୍ତୁ ଆଶଙ୍କା ଅନ୍ୟତ୍ର- 'ଡର ତ ଏଇ ମଣିଷକୁ' ପର୍ଯ୍ୟବେକ୍ଷଣଟି ଭିତରେ! ଏ ସୃଷ୍ଟିରେ ସମସ୍ତେ, ଦୁବଠୁ ଦାରୁଯାଏଁ, ଅଣୁଠୁ ପରମାଣୁଯାଏଁ, ସୃଷ୍ଟିର ନିୟମ ମାନି ଚଳନ୍ତି, କେବଳ ମଣିଷ ଛଡ଼ା। ସେଇଥିପାଇଁ ଏ କାନ ଶୁଣୁଛି- ନିଜ ଜନ୍ମକଲା ଝିଅକୁ ଧର୍ଷଣ କରୁଛି ବାପା! ଦଶ ଦୋଷ କ୍ଷମା କରିବା ପାଇଁ ଶପଥ କରିଥିବା ସ୍ୱାମୀ ହତ୍ୟା କରୁଛି ସ୍ତ୍ରୀକୁ! କୁଳଦୀପକୁ ସାକ୍ଷୀ ରଖି ବାହା ହୋଇଥିବା ପତ୍ନୀ ପରକୀୟା ପ୍ରୀତିରେ ପ୍ରୀତ ହୋଇ ହତ୍ୟା କରୁଛି ପତିକୁ। ବନ୍ଧୁ ବନ୍ଧୁକୁ ଚିତା କାଟିବା ପାଇଁ ଅଧରରେ ନେସିଛି ନକଲି ହସର ପଲସ୍ତରା। ସେବା କରିବାକୁ ଶପଥ ନେଇଥିବା ଡାକ୍ତର ଚୋରି କରୁଛି ଅସହାୟ ରୋଗୀର କିଡ୍‌ନୀ। ଆଦର୍ଶର ପାଠ ପଢ଼ାଉ ଥିବା ଶିକ୍ଷକ/ଅଧ୍ୟାପକ ନିଜ ଝିଅ ବୟସର ଛାତ୍ରୀଙ୍କୁ ଦେଉଛନ୍ତି ଯୌନ ନିର୍ଯାତନା, ମାଗୁଛନ୍ତି ଫେଭର୍। ସୁରକ୍ଷା ପାଇଁ ନିୟୋଜିତ ଥିବା ପୁଲିସ୍ ଧର୍ଷଣ କରୁଛି ଅସହାୟ ନାରୀକୁ। ରକ୍ଷକ ସାଜିଛି ଭକ୍ଷକ। ବାଡ଼ ଖାଉଛି କ୍ଷେତ। ପ୍ରତ୍ୟେକ ଦିନ ଜଳୁଛି ଜୀବନ- କେଉଁଠି ପେଟ୍ରୋଲ ନିଆଁରେ ତ କେଉଁଠି କାମନାର ନିଆଁରେ! ବାଲେଶ୍ୱରରୁ ବଳଙ୍ଗା- ସବୁଠି ଶବକୁ ନେଇ ରାଜନୀତି। ବିଶ୍ୱାସରେ ବିଷ। ସତ୍ୟ ଭୂଲୁଣ୍ଠିତ। ଧର୍ମ ବିପର୍ଯ୍ୟସ୍ତ। ମାନବିକତା ମୃତ। ସବୁଠି କେବଳ ମାରୀଚର ମାୟା। ମାୟା ମୃଗର ନାଟ। କାଳନେମୀର କୁଟିଳ ଭେକ। ପୁତନାର ସ୍ତନରେ ବିଷ। ସନ୍ନ୍ୟାସୀର ବେଶ ତଳେ ସବୁ ଜଘନ୍ୟ ରାବଣ।

ମନରେ ସ୍ୱତଃ ପ୍ରଶ୍ନ ଉଠେ- କିଏ ତେବେ କେଉଁଠାରେ ସୁରକ୍ଷିତ? କିଏ କାହା ଉପରେ ବିଶ୍ୱାସ ରଖିବ? ଏବେ ଆମ ବିଶ୍ୱାସର ବସୁନ୍ଧରାରେ ଭୟଙ୍କର ଭୂମିକମ୍ପ। ସବୁଠି ବିଶ୍ୱାସରେ ସଂକଟ। ଅବିଶ୍ୱାସର ହଳାହଳ ବିଷ। ବିଶ୍ୱାସ-ବିରହିତ ଏ ପୃଥିବୀରେ ମଣିଷ ବଞ୍ଚିବ କେମିତି? ସମଗ୍ର ବିଶ୍ୱକୁ ନିଜ ପରିବାର ମଣୁଥିବା ଏ ମାଟିରେ ନିତିପ୍ରତି ଏଭଳି ବୀଭତ୍ସ ଘଟଣା ସବୁ ଘଟୁଛି ଯେ ସ୍ୱତଃ ପାଟିରୁ ବାହାରି ପଡୁଛି- 'ମଣିଷ ଦେଖିଲେ ଡର ଲାଗୁଛି।' ଘରେ-ବାହାରେ କେଉଁଠି ବି ସୁରକ୍ଷା ନାହିଁ। ଧୀରେ ଧୀରେ ମଣିଷ ହିଂସ୍ର ହୋଇ ଉଠୁଛି। ପଶୁ ପାଲଟି ଯାଉଛି। ମଣିଷକୁ 'ପଶୁ' କହିଲେ ସେ ରାଗି ଯାଉଛି, କିନ୍ତୁ 'ବାଘ' କହିଲେ ସେ ଗର୍ବ ଅନୁଭବ କରୁଛି। ଇଏ ହେଉଛି ବିଡ଼ମ୍ବନା। ସତ୍ୟ ଯୁଗରେ



'ଦେବତା' ଓ 'ଦାନବ' ଭିନ୍ନ ଭିନ୍ନ ଲୋକରେ ରହୁଥିଲେ। ଯୁଗ ବଦଳିଲା ଓ ଅବଧାରଣା ବଦଳିଲା। ତ୍ରେତୟାରେ ଦେବ ଓ ଦାନବ ଗୋଟିଏ ଲୋକରେ ରହିଲେ, ଯଥା ରାମ ଓ ରାବଣ। ଦ୍ୱାପରରେ ଦେବ ଓ ଦାନବ ଗୋଟିଏ ପରିବାରରେ ବାସ କଲେ, ଯଥା ପାଣ୍ଡବ ଓ କୌରବ। ଦୁର୍ଭାଗ୍ୟ, କଳି ଯୁଗରେ ଦେବ ଓ ଦାନବ ଗୋଟିଏ ଶରୀରରେ ବାସ କରୁଛନ୍ତି। ଯେତେବେଳେ ମଣିଷ ଦେହରେ 'ଦେବତ୍ୱ'ର ଜାଗରଣ ହୁଏ, ସେତେବେଳେ ମଣିଷ ଦେବତା ପାଲଟି ଯାଏ, ଆଉ ଯେତେବେଳେ 'ଦାନବତ୍ୱ'ର ଜାଗରଣ ହୁଏ, ମଣିଷ ସେତେବେଳେ ଅସୁର ପାଲଟି ଯାଏ। ଏବେ ମଣିଷ କେଉଁ ଅବସ୍ଥାରେ ଅଛି, ତାହା ପାଠକେ ବିଚାର କରିବେ।

ଏ ପରିପ୍ରେକ୍ଷୀରେ ପଞ୍ଚତନ୍ତ୍ରରୁ କଥାଟିଏ ମନେ ପଡୁଛି। କୌଣସି ଏକ ସରୋବରରେ ବିଚିତ୍ର ପକ୍ଷୀଟିଏ ଥିଲା। ନାଁ ତା'ର ଭାରଣ୍ଡ। ଭାରଣ୍ଡ ପକ୍ଷୀର ଥିଲା ଦୁଇଟି ମୁହଁ, ମାତ୍ର ଗୋଟିଏ ପେଟ। ଯାହା ଖାଇଲେ ସେହି ଗୋଟିଏ ପେଟକୁ ଯାଏ। ଦିନେ ପ୍ରଥମ ମୁହଁ ଅମୃତ ତୁଲ୍ୟ ଫଳଟିଏ ପାଇଲା ଓ ଖାଇବାକୁ ଆରମ୍ଭ କଲା। ଆନନ୍ଦରେ ଫଳଟିକୁ ଖାଉଥିବା ପ୍ରଥମ ମୁହଁକୁ ଦ୍ୱିତୀୟ ମୁହଁ କହିଲା- ସେ ମିଠା ଫଳରୁ ମୋତେ କିଛି ଖାଇବାକୁ ଦେ। କିନ୍ତୁ ପ୍ରଥମ ମୁହଁ ଅତି ଚତୁରତାର ସହ କହିଲା- ଯିଏ ଖାଇଲେ ବି ଏ ଫଳର ମିଠା ସେଇ ଗୋଟିଏ ପେଟକୁ ଯିବ। ଏଣୁ ତୁ ଖାଇବା କିଛି ଲୋଡ଼ା ନାହିଁ। କିଛି ଦିନ ଅନ୍ତେ ଦ୍ୱିତୀୟ ମୁହଁ ବିଷ ଫଳଟିଏ ପାଇଲା ଏବଂ ଖାଇବା ଆରମ୍ଭ କଲା। ପ୍ରଥମ ମୁହଁ ଦ୍ୱିତୀୟ ମୁହଁକୁ ସେ ବିଷ ଫଳଟିକୁ ନ ଖାଇବାକୁ କହିଲା ଏବଂ ଏଥିରେ ଉଭୟଙ୍କର ଜୀବନ ଯିବ ବୋଲି ମଧ୍ୟ ବୁଝେଇଲା। ମାତ୍ର କିଛି ଲାଭ ହେଲା ନାହିଁ। ପୂର୍ବ ଅପମାନର ପ୍ରତିଶୋଧ ନେବା ପାଇଁ ବାରଣ ସତ୍ତ୍ୱେ ଦ୍ୱିତୀୟ ମୁହଁ ବିଷ ଫଳକୁ ଭକ୍ଷଣ କଲା ଏବଂ କହିବା ବାହୁଲ୍ୟ ଯେ ଏଥିରେ ଭାରଣ୍ଡ ପକ୍ଷୀଟିର ମୃତ୍ୟୁ ହେଲା।

ଆଗରୁ ଆମେ ଶୁଣିଥିଲେ- ସ୍ୱାମୀ ମରୁ ପଛେ ସପତ୍ନୀ ବିଧବା ହେଉ। କିନ୍ତୁ ଏ ଉପାଖ୍ୟାନ ପଢ଼ିଲା ପରେ ଆମେ ବୁଝିଲେ ଯେ ଆଜିର ମଣିଷ ଆଉ ପାଦେ ଆଗକୁ ଯାଇ କହୁଛି- ମୁଁ ମଲେ ପଛେ ମରେ, ତୁ କିନ୍ତୁ ମର୍। ଏ ଆତ୍ମଘାତୀ ଚିନ୍ତାଧାରା ଏବେ ମଣିଷ ଜାତିର ବିନାଶ ଆଡ଼କୁ ବାଟ କଢ଼ଉଛି। ମଣିଷ ଏବେ ଅମୃତ ପଛରେ ନ ଧାଇଁ ବିଷ ପଛରେ ଧାଇଁଛି। ପରିଣାମ ସମସ୍ତଙ୍କୁ ଜଣା। 'ବେଣୁ ଅନଳେ ବେଣୁ ଯେହ୍ନେ/ ଯାଦବ ନାଶ ଗଲେ ତେହ୍ନେ।' ଯଦୁବଂଶ ଧ୍ୱଂସ ଭଳି ଏ ମଣିଷ ଜାତି ଦିନେ ଧ୍ୱଂସ ହୋଇଯିବ। ତା' ପୂର୍ବରୁ ଏ ମଣିଷ ଜାତି ସତର୍କ ହୋଇଯିବା ଉଚିତ୍।

ମଣିଷ 'ଅତିମଣିଷ' ନହୋଇ ପାରିଲେ ନାଇଁ, ମାତ୍ର 'ମଣିଷ' ହୋଇ ରହୁ- ଏହା ହିଁ ମଣିଷ ଜାତି ପାଖରେ ଏ ଅଧମ ଲେଖକର ଏକାନ୍ତ ପ୍ରାର୍ଥନା।

**ପଦ୍ମାବତୀ, ନୟାଗଡ଼**
**ମୋ: ୬୩୭୦୬୪୫୭୮୯**

# ଅମରତ୍ୱ-କିଛି ସମ୍ଭାବନା



**ରମେଶ ଚନ୍ଦ୍ର ପରିଡ଼ା**

ମହାଭାରତ ବର୍ଣ୍ଣିତ ଧର୍ମବକ ଯୁଧିଷ୍ଠିରଙ୍କୁ ପଚାରିଥିବା ଅନ୍ୟତମ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ ପ୍ରତିଦିନ ଅନେକ ଅନେକ ଲୋକଙ୍କର ମୃତ୍ୟୁ ଘଟୁଥିବାର ଦେଖି ମଧ୍ୟ ଆମଠାରେ ବଞ୍ଚି ରହିବାର କାମନା ତଥାପି ପ୍ରବଳ ହେବା ପ୍ରକୃତରେ ହେଉଛି ସବୁଠାରୁ ବିସ୍ମୟକର କଥା। ଏହା ଏକ ଚରମ ସତ୍ୟ। କାରଣ, କେବଳ ଅତ୍ୟଧିକ ମାନସିକ ଚାପ ହେତୁ ଆତ୍ମହତ୍ୟା କରୁଥିବା କିଛି ଲୋକଙ୍କୁ ବାଦ୍ ଦେଲେ ବଞ୍ଚି ରହିବାର ଇଚ୍ଛା ଆମ ସମସ୍ତଙ୍କର ଜନ୍ମଗତ ପ୍ରବୃତ୍ତି। ସେଥିପାଇଁ ପୁରାଣ ଯୁଗରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ମୃତ୍ୟୁକୁ ଦୂରେଇ ରଖିବା, ଅର୍ଥାତ୍ ଦୀର୍ଘଜୀବୀ କିମ୍ବା ଅମର ହେବାର ଲୁକ୍କାୟିତ କାମନା ଆମ ସମସ୍ତଙ୍କର ରହିଛି, ଯଦିଓ ଏହା ଅସମ୍ଭବ ବୋଲି ଆମେ ମର୍ମେ ମର୍ମେ ଅନୁଭବ କରିଥାଉ। ତେବେ ବର୍ତ୍ତମାନର ବିଜ୍ଞାନ ଧୀରେ ଧୀରେ ଆମକୁ ସେହି ଦିଗରେ ପରିଚାଳିତ କରୁଥିବାର ମନେହୁଏ।

ବୈଜ୍ଞାନିକମାନଙ୍କ ମଧ୍ୟରୁ କେତେକ ଏବେ କହିଲେଣି ଯେ ଆମ ଶରୀର ମୃତ୍ୟୁ ପାଇଁ ପ୍ରଯୋଜିତ ନୁହେଁ। ତାହା କେବଳ ଘଟିଥାଏ ଏଥିରେ ଥିବା ଜୈବିକ ବ୍ୟବସ୍ଥା ବା ଅଙ୍ଗ-ପ୍ରତ୍ୟଙ୍ଗଗୁଡ଼ିକର କାର୍ଯ୍ୟ କରିବାରେ ବିଫଳତା ଯୋଗୁଁ। ସେମାନେ ଏପରି କହିବାର କାରଣ ହେଲା ଯେ ବାର୍ଦ୍ଧକ୍ୟ ଏବଂ ମୃତ୍ୟୁ ପୂର୍ବ ନିର୍ଦ୍ଧାରିତ ଦିନୀୟ ପ୍ରଯୋଜନା ବୋଲି କୌଣସି ବିଜ୍ଞାନ ସମ୍ମତ ପ୍ରମାଣ ନାହିଁ। ଏହା କେବଳ ଆସେ ଯେତେବେଳେ ଶାରୀରିକ ବ୍ୟବସ୍ଥାଗୁଡ଼ିକ ସମୟକ୍ରମେ କ୍ଷତିଗ୍ରସ୍ତ ଜୀବକୋଷଗୁଡ଼ିକୁ ଆବଶ୍ୟକ ଅନୁସାରେ ମରାମତି କରିବା କିମ୍ବା ତାହାକୁ ବଦଳାଇବା ପାଇଁ ଅସମର୍ଥ ହେବା, କ୍ରୋମୋଜମ୍‌ରେ ଥିବା 'ଟେଲୋମିଅର' ଛୋଟ ହୋଇଯିବା ଭଳି ଜୈବିକ ପ୍ରକ୍ରିୟାମାନଙ୍କ ଯୋଗୁଁ। ଅତଏବ, ଏସବୁ ପ୍ରକ୍ରିୟାକୁ ସଜାଡ଼ି ଠିକ୍ ମାର୍ଗରେ ପରିଚାଳିତ କରି ପାରିଲେ ମଣିଷ ଦୀର୍ଘାୟୁ ଏବଂ ସମ୍ଭବତଃ ଅମର ହୋଇପାରେ।

ଏହିସବୁ କଥା ବିଚାରକୁ ନେଇ କିଛି ଭବିଷ୍ୟଦ୍ରଷ୍ଟା ବୈଜ୍ଞାନିକମାନେ କହିବାକୁ ଲାଗିଲେଣି ଯେ ଯେଉଁମାନଙ୍କର ବର୍ତ୍ତମାନର ବୟସ ୫୦ ବର୍ଷରୁ କମ୍, ସେମାନେ ହୁଏତ ଶତାୟୁ ଏବଂ ଏପରିକି ଅମର ହେବାର ସମ୍ଭାବନା ରହିଛି। କାରଣ, ୨୦୫୦ ଦଶକ ବେଳକୁ ତାଙ୍କୁ ଏ ସୁଯୋଗ ଦେବା ପାଇଁ ଆବଶ୍ୟକ ପ୍ରଯୁକ୍ତିବିଦ୍ୟା ସମ୍ଭବତଃ ବିକଶିତ ହୋଇ ପାରିବ ଏବଂ ୨୦୬୦ ଦଶକ ବେଳକୁ ତାହା ଶସ୍ତା ହୋଇ ଅଧିକ ଲୋକଙ୍କ ପାଇଁ ଉପଲବ୍ଧ ହେବ।

ବିଗତ କିଛି ଦଶକ ମଧ୍ୟରେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ବିପୁଳ ପ୍ରଗତି ସାଧିତ ହୋଇଛି। ଫଳରେ ଦୁରାରୋଗ୍ୟ ରୋଗ ବ୍ୟାଧିର ସଫଳ ଚିକିତ୍ସା, ଜୀବନଧାରଣ ପ୍ରକ୍ରିୟାର ମାନ ବୃଦ୍ଧି ଆଦି ସମ୍ଭବ ହୋଇ ପାରୁଛି। ମୃତ ମଣିଷକୁ ଅତ୍ୟନ୍ତ ନିମ୍ନ ତାପ ମଧ୍ୟରେ ରଖି ଜୀବନ ଦାନ ଲାଗି ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ଏଥିରେ ଶବକୁ ନିମ୍ନ ତାପ ବ୍ୟବସ୍ଥା ମଧ୍ୟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରଖିବାର ବ୍ୟବସ୍ଥା ହେଲାଣି। ଆଶା କରାଯାଉଛି ଯେ ଦିନେ ଏହାକୁ ବଞ୍ଚାଇବା ପାଇଁ ନୂତନ ପ୍ରଯୁକ୍ତବିଦ୍ୟାର ବିକାଶ ଘଟିବ, ଯଦିଓ ତାହା ଏବେ ଏକ ଦୂରନ୍ତ ସ୍ୱପ୍ନ ହୋଇ ରହିଛି। କ୍ରମେ ଏହିସବୁ ପ୍ରକ୍ରିୟା ଅଧିକରୁ ଅଧିକ ଉନ୍ନତ ହେଲେ ହୁଏତ ଦିନେ ମଣିଷକୁ ଅମର କରିବାର ନଚେତ୍ ଅତ୍ୟନ୍ତ ଦୀର୍ଘକାଳ ଧରି ବଞ୍ଚାଇ ରଖିବାର ପଥ ଉନ୍ମୁକ୍ତ ହେବ।

ମଣିଷକୁ ଅମରତ୍ୱ ପ୍ରଦାନ ସଂପର୍କରେ ଜଣେ ଭବିଷ୍ୟବକ୍ତା ବୈଜ୍ଞାନିକ ହେଲେ ଡକ୍‌ଟର ଆୟାନ୍ ପିଅରସନ୍। ସେ କୁହନ୍ତି ଯେ ଯଦି ଏବେ ତୁମର ବୟସ (୨୦୨୫ ମସିହାରେ) ୪୦ କିମ୍ବା ତହିଁରୁ କମ୍, ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ନିକଟ ଭବିଷ୍ୟତରେ ଆସିବାକୁ ଯାଉଥିବା ଉଚ୍ଚକୋଟୀର ପ୍ରଗତି ହେତୁ ତୁମେ ହୁଏତ ପ୍ରାକୃତିକ ଭାବେ କଦାପି ମୃତ୍ୟୁବରଣ କରି ନପାର। ଏହାର ଗୋଟିଏ ମୂଳ ପ୍ରକ୍ରିୟା ହେବ ଶରୀରର ଯେ କୌଣସି ଅଙ୍ଗର ପୁନଃସୃଷ୍ଟି କରିବା କିମ୍ବା ଅତ୍ୟାବଶ୍ୟକ ହେଲେ ତାହାକୁ ବଦଳାଇ ଦେବା। ବୈଜ୍ଞାନିକମାନେ ଏଭଳି ଜିନୀୟ ଇଞ୍ଜିନିୟରିଂର ବିକାଶ ଘଟାଇବାକୁ ଆରମ୍ଭ କରିଛନ୍ତି, ଯହିଁରେ ଜୀବକୋଷକୁ ଅଧିକ ବୟସ୍କ ହେବାରୁ ନିବାରଣ କରି ପାରିବେ କିମ୍ବା ତାହାର ସେ ପ୍ରକ୍ରିୟାକୁ ପ୍ରତ୍ୟାବର୍ତ୍ତୀ କରି ପାରିବେ। ଏହା ଫଳରେ ଶରୀରର କ୍ଷୟପ୍ରାପ୍ତ ଅଙ୍ଗଗୁଡ଼ିକ ଯୁବତୁଲ୍ୟ ହୋଇ ପାରିବ। ଅନ୍ୟ ଭାଷାରେ କହିବାକୁ ଗଲେ, ଏହାଦ୍ୱାରା ଶରୀରର କ୍ଷୟପ୍ରାପ୍ତ ପୁରୁଣା ଅଙ୍ଗଗୁଡ଼ିକୁ ନିୟମିତ ମରାମତି କିମ୍ବା ପୁନଃସକ୍ରିୟ କରାଯାଇ ପାରିବ।

ଅଙ୍ଗ ପ୍ରତ୍ୟଙ୍ଗ ପରିବର୍ତ୍ତନ କିମ୍ବା ତାହାକୁ ପୁନଃସକ୍ରିୟ କରିବା ପ୍ରକ୍ରିୟା ବ୍ୟତୀତ ଗବେଷକମାନେ ଜୀବନ କାଳ ବୃଦ୍ଧି କରାଇବା ଲାଗି ଅନ୍ୟାନ୍ୟ ବହୁ ପଦ୍ଧତି ଉପରେ ଅଧ୍ୟୟନ ଚଳାଇଛନ୍ତି। ଜିନ୍ ଚିକିତ୍ସା, କାଣ୍ଡକୋଷିକା ବ୍ୟବହାର, ନାନୋ ଔଷଧ ଏବଂ ଜୀବକୋଷଗୁଡ଼ିକୁ ସେଗୁଡ଼ିକର ମରାମତି କିମ୍ବା ପୁନଃକାର୍ଯ୍ୟକ୍ଷମ କରିବା ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ। ଉଦାହରଣ ସ୍ୱରୂପ, 'ଅମର ଜେଲି ଫିସ୍' ଭଳି କେତେକ ଜୀବ ସେମାନଙ୍କ ବାର୍ଦ୍ଧକ୍ୟକୁ ପ୍ରତ୍ୟାବର୍ତ୍ତୀ କରି ପାରନ୍ତି। ମଣିଷ କିପରି ତାହା କରିବାକୁ ସକ୍ଷମ ହେବ, ସେକଥା ବୁଝିବାକୁ ବୈଜ୍ଞାନିକମାନେ ଏବେ ସେଗୁଡ଼ିକ ଉପରେ ଅଧ୍ୟୟନ ଚଳାଇଛନ୍ତି।




ଦୀର୍ଘାୟୁ ଏବଂ ସମ୍ଭବତଃ ଅମର ହେବା କ୍ଷେତ୍ରରେ ଗବେଷଣା ଚଳାଇଥିବା ଅନ୍ୟ ଜଣେ ପ୍ରମୁଖ ବୈଜ୍ଞାନିକ ହେଲେ ଆଉବ୍ରେ ଡି ଗ୍ରେ। ସେ ଦୃଢ଼ ଭାବରେ କୁହନ୍ତି ଯେ ଏ ଲକ୍ଷ୍ୟ କେବଳ ଜୀବନକୁ ସଂପ୍ରସାରିତ କରିବା ମଧ୍ୟରେ ସୀମାବଦ୍ଧ ନୁହେଁ। ସେଥି ସହିତ ସେ ଜୀବନ ସୁସ୍ଥ ଏବଂ ସୃଜନାତ୍ମକ ହେବା ଉଚିତ୍। ଜୀବନକୁ ସୁଦୀର୍ଘ କରି ଯଦି ସୁସ୍ଥ ଭାବେ ବଞ୍ଚି ନହେଲା କିମ୍ବା କିଛି ସୃଜନାତ୍ମକ କାର୍ଯ୍ୟ କରି ନ ହେଲା, ତାହାର କିଛି ମୂଲ୍ୟ ରହିବ ନାହିଁ। ତେଣୁ ତାକୁ ରୋଗମୁକ୍ତ ଏବଂ ଯୁବତୁଲ୍ୟ ତଥା ସକ୍ରିୟ ରଖିବା ବୈଜ୍ଞାନିକମାନଙ୍କର ଲକ୍ଷ୍ୟ ହେବା ଉଚିତ୍।

ରାୟ କୁର୍ଜୱେଲ୍‌ଙ୍କ ଭଳି ଭବିଷ୍ୟବକ୍ତା କୁହନ୍ତି ଯେ ଏପରିକି ୨୦୪୫ ମସିହା ବେଳକୁ ମଣିଷକୁ ଅମର କରାଯାଇ ପାରିବ, ତେବେ ଏକ ଭିନ୍ନ ରୂପରେ। ଏଥି ଅନୁଯାୟୀ, ତାଙ୍କୁ ନିଜ ନିଜର ମନ ଓ ଚେତନାକୁ କମ୍ପ୍ୟୁଟରମାନଙ୍କରେ ଅପ୍‌ଲୋଡ୍ କରି ଜୈବିକ ଶରୀରକୁ ପରିତ୍ୟାଗ କରିବାକୁ ହେବ। ଏ ଚିନ୍ତାଧାରା ତଥାପି ବେଶ୍ ଭବିଷ୍ୟବାଦୀ, ତେବେ ଏ କ୍ଷେତ୍ରରେ ରହିଛି ଅନେକ ବୈଜ୍ଞାନିକ ଏବଂ ନୈତିକ ପ୍ରଶ୍ନ। ତଥାପି ଏହା ସୂଚାଇ ପାରୁଛି ଯେ ଗୋଟିଏ ଦିଗରୁ ଅମର ହେବାର ସ୍ୱପ୍ନ ବାସ୍ତବ ହେବାରେ ଲାଗିଛି।

ବିଜ୍ଞାନ ଯାହା ବିଶ୍ୱାସ କରୁ ନା କାହିଁକି, ଏକ ଉନ୍ନତ ମାନର ଜୀବନ ଜିଇଁବା ପାଇଁ ବିବିଧ ରୋଗ ବ୍ୟାଧିରୁ ମୁକ୍ତି ଏବଂ ସ୍ୱଳ୍ପ ବୟସରେ ଅକାଳ ମୃତ୍ୟୁର ସମ୍ଭାବନା ହ୍ରାସ ତଥା ସୃଜନାତ୍ମକ ମାନସିକତାର ଉଦ୍‌ଗୀରଣ କରାଇବା ବୈଜ୍ଞାନିକମାନଙ୍କର ପ୍ରଧାନ ଲକ୍ଷ୍ୟ ହେବା ଉଚିତ୍। ଏପରି ହେଲେ ଆମେ ହୁଏତ ଅମର ହୋଇ ନପାରୁ; କିନ୍ତୁ ଏକ ଦୀର୍ଘ ମୂଲ୍ୟବାନ୍ ଜୀବନ ଜିଇଁ ପାରିବା।

**ପ୍ରାକ୍ତନ ପ୍ରଫେସର**
**ଉଷା ନିବାସ, ୧୨୪/୨୪୪୫**
**ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୭୩୦୧୪୬୦**

# ବୟସ୍କ ହେବା ପଥରେ

ବିଶ୍ୱର ଏକ ନମ୍ବର ଜନବହୁଳ ଦେଶ ଭାରତ ବେଶ୍ କିଛି ବର୍ଷ ହେବ କର୍ମ କରିବାଯୋଗ୍ୟ ଜନସଂଖ୍ୟା ସହିତ ଯୁବ ବର୍ଗଙ୍କ ଦେଶ ଭାବରେ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚିତି ପ୍ରଦାନ କରି ଆସୁଛି, ଯେଉଁମାନେ କି ଏହାର ଅଭିବୃଦ୍ଧିର କାହାଣୀକୁ ସାମର୍ଥ୍ୟ ପ୍ରଦାନ କରୁଛନ୍ତି। ତେବେ ଏହା ଏବେ ଜନସାଂଖ୍ୟିକ ପରିବର୍ତ୍ତନର ପଥରେ ଗତି କରୁଥିବା ଏବଂ ଦ୍ରୁତ ଗତିରେ ଏହାର ଜନସଂଖ୍ୟାର ବୟସ ବଢ଼ି ଚାଲିଥିବାକୁ ପୁଷ୍ଟ କରାଇଛି ନମୁନା ପଞ୍ଜିକରଣ ବ୍ୟବସ୍ଥା (ଏସ୍‌ଆର୍‌ଏସ୍) ପରିସଂଖ୍ୟାନ ରିପୋର୍ଟ। ଏହି ରିପୋର୍ଟ ଦେଶର ଅଶୋଧିତ ଜନ୍ମହାର (ସିବିଆର୍) ଏବଂ ମୋଟ ପ୍ରଜନନ ହାର (ଟିଏଫ୍‌ଆର୍)ରେ ହ୍ରାସ ଘଟିଥିବାକୁ ମଧ୍ୟ ସୂଚାଇଛି। ଉଲ୍ଲେଖଯୋଗ୍ୟ ଯେ ବାର୍ଷିକ ୧୦୦୦ ଶିଶୁ ଜନ୍ମ ପିଛା ଜୀବନ୍ତ ଶିଶୁଙ୍କ ଜନ୍ମ ହିସାବରେ ସିବିଆର୍‌ର ହିସାବ କରାଯାଇଥାଏ। ସଦ୍ୟତମ ରିପୋର୍ଟ ଭାବରେ ପ୍ରକାଶ ପାଇଥିବା ଏସ୍‌ଆର୍‌ଏସ୍ ପରିସଂଖ୍ୟାନ ରିପୋର୍ଟ ୨୦୨୩ ଉଲ୍ଲେଖ କରିଛି ଯେ ଭାରତର ଟିଏଫ୍‌ଆର୍ ୧.୯ ପ୍ରତିଶତକୁ ହ୍ରାସ ପାଇଛି ଯାହା ପୂର୍ବ ବର୍ଷରେ ୨.୦ ଥିଲା। ଏହା ମହିଳାଙ୍କ ପିଛା ୨.୧ ପ୍ରତିଶତ ପ୍ରତିସ୍ଥାପନ ସ୍ତରଠାରୁ ଢେର୍ ନିମ୍ନରେ। ପ୍ରଥମ ଥର ପାଇଁ ଭାରତର ଗ୍ରାମାଞ୍ଚଳର ଟିଏଫ୍‌ଆର୍ ମଧ୍ୟ ୨.୧ ପ୍ରତିସ୍ଥାପନ ହାରକୁ ସ୍ପର୍ଶ କରିଥିବା ବେଳେ ସହରାଞ୍ଚଳର ହାର ୧.୫ଠାରୁ ମଧ୍ୟ କମ୍ ରହିଛି। ପ୍ରଜନନ କ୍ଷେତ୍ରରେ ହ୍ରାସ ଘଟିବା ସାମାଜିକ, ଅର୍ଥନୀତିକ ଏବଂ ସାଂସ୍କୃତିକ ପରିବର୍ତ୍ତନଗୁଡ଼ିକର ସମଷ୍ଟି ଦ୍ୱାରା ପରିଚାଳିତ ହୋଇଥାଏ। ସହରୀକରଣରେ ବୃଦ୍ଧି ଘଟିବା, ପିଲାମାନଙ୍କୁ ଲାଳନପାଳନ ଜନିତ ଖର୍ଚ୍ଚ ବୃଦ୍ଧି ପାଇବା, ମହିଳାମାନଙ୍କ ଶିକ୍ଷା, ଗର୍ଭନିରୋଧକଗୁଡ଼ିକର ଉପଲବ୍ଧତା- ଏସବୁ ପରିବାରଗୁଡ଼ିକର ଅଭିଳାଷଗୁଡ଼ିକୁ ବଦଳାଇ ଦେଇଛି। କର୍ମଶକ୍ତିରେ ମହିଳାମାନଙ୍କ ବର୍ଦ୍ଧିତ ଅଂଶଗ୍ରହଣ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି, ଯେହେତୁ ସେମାନେ ବିଳମ୍ବରେ ବିବାହ କରୁଛନ୍ତି, ଯାହା ପ୍ରଜନନର ସମୟ ଅବଧିକୁ କମ୍ କରୁଛି। ଏହା ବାଦ୍ କମ୍ ସଂଖ୍ୟକ ସନ୍ତାନ ଜନ୍ମ କରିବା ଏବଂ ଉଚ୍ଚଶିକ୍ଷା ଊର୍ଦ୍ଧ୍ୱଗତିକୁ ସୁନିଶ୍ଚିତ କରାଉଛି। ଏହି ହ୍ରାସ ପ୍ରଗତିର ଏକ ସଂକେତ ହୋଇଥିବା ବେଳେ, ବିଶେଷକରି ସ୍ୱାସ୍ଥ୍ୟସେବା ଏବଂ ଲିଙ୍ଗଗତ ସଶକ୍ତିକରଣ କ୍ଷେତ୍ରରେ ଏହା ଶୁଭ ସୂଚନା ପ୍ରଦାନ କରୁଥିବା ବେଳେ ଅର୍ଥନୀତିକ ଅଭିବୃଦ୍ଧି ନିମନ୍ତେ ଏହା ଜଟିଳ ନିହିତାର୍ଥଗୁଡ଼ିକୁ ବହନ କରୁଛି।


ଜନସଂଖ୍ୟାର ଏହି ପରିବର୍ତ୍ତନ ଉପରେ ଚିନ୍ତା କରିବା ନିମନ୍ତେ ଅନେକ କାରଣ ରହିଛି। ତେବେ ଏସବୁ ଭିତରେ ସବୁଠୁ ବଡ଼ ଏବଂ ତତ୍କାଳ ଚିନ୍ତା ହେଉଛି ଭାରତର ଜନସାଂଖ୍ୟିକ ଲାଭାଂଶ ପ୍ରତି ଥିବା ବିପଦ। ଦେଶର ଯୁବ କର୍ମଶକ୍ତି ଏହାର ସର୍ବବୃହତ୍ ଅର୍ଥନୀତିକ ସୁବିଧା ଭାବରେ ସାବ୍ୟସ୍ତ ହୋଇ ଆସିଛନ୍ତି। କିନ୍ତୁ ବର୍ତ୍ତମାନ ଏହି ବିଶାଳ ସଂଖ୍ୟକ ଯୁବ ଜନସଂଖ୍ୟା ସଂକୁଚିତ ହେବାକୁ ଆରମ୍ଭ କରିବା ପୂର୍ବରୁ ଆଗାମୀ ଦଶନ୍ଧିଗୁଡ଼ିକରେ ବୃଦ୍ଧିଲାଭ କରିବେ। ଏହାର ଅର୍ଥ, ଏକ ବର୍ଦ୍ଧିତ ଅନୁତ୍ପାଦକ ଜନସଂଖ୍ୟାକୁ ମାତ୍ର ଅଳ୍ପ ସଂଖ୍ୟକ ଶ୍ରମିକ ସହାୟତା ପ୍ରଦାନ କରିବେ। ଏହା ବାଦ୍ ଏଥି ସହିତ ଜଟିଳତାର ଅନ୍ୟ ଏକ ସ୍ତର ମଧ୍ୟ ଯୋଗ କରୁଛି ବିଭିନ୍ନ ରାଜ୍ୟର ଅସମାନ ଜନ୍ମହାର। ବିହାର, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶରେ ଆପାତତଃ ଅଧିକ ପରିମାଣର ଜନ୍ମହାର ରେକର୍ଡ କରାଯିବା ବଜାୟ ରହିଥିବା ବେଳେ ଦିଲ୍ଲୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ହାରାହାରି ଜନ୍ମହାରଠାରୁ ମଧ୍ୟ ଢେର୍ ନିମ୍ନରେ ରହିଛନ୍ତି। ବିହାରରେ ସର୍ବାଧିକ ଟିଏଫ୍‌ଆର୍ ୨୫.୮ ଥିବା ବେଳେ ତାମିଲନାଡୁରେ ଏହା ସର୍ବନିମ୍ନ ୧୨ ରହିଥିଲା। ସେହିପରି ବିହାରର ଟିଏଫ୍‌ଆର୍ ୨.୮, ଯାହା ସର୍ବାଧିକ ହୋଇଥିବା ବେଳେ ଦିଲ୍ଲୀର ଟିଏଫ୍‌ଆର୍ ଥିଲା ୧.୨, ଯାହା ସର୍ବନିମ୍ନ। ଅଠରଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପ୍ରତିସ୍ଥାପନ ସ୍ତରଠାରୁ ନିମ୍ନରେ ଟିଏଫ୍‌ଆର୍ ରହିଥିବାକୁ ଦର୍ଶାଇ ଥିବା ବେଳେ ପ୍ରତିସ୍ଥାପନ ସ୍ତରଠାରୁ ଅଧିକ ଟିଏଫ୍‌ଆର୍ ରହିଥିବା ରାଜ୍ୟମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଉତ୍ତର ଭାରତର- ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼। ଏହାର ପରିଣତି ପ୍ରତିଫଳିତ ହେବ ଆନ୍ତଃରାଜ୍ୟ ଶ୍ରମିକ ପ୍ରବାସନ, ସାମାଜିକ ଉତ୍ତେଜନା ସୃଷ୍ଟି ଇତ୍ୟାଦିରେ। କୃଷି, ନିର୍ମାଣ ଏବଂ ସେବା କ୍ଷେତ୍ରଗୁଡ଼ିକ ଯୁବ ଶ୍ରମିକମାନଙ୍କ ଅଭାବକୁ ସାମ୍ନା କରି ପାରନ୍ତି, ଯେତେବେଳେ କି ପେନ୍‌ସନ୍, ସ୍ୱାସ୍ଥ୍ୟସେବା ଏବଂ ବୟସ୍କମାନଙ୍କ ଯତ୍ନ ନେବା ଭଳି କାର୍ଯ୍ୟଗୁଡ଼ିକ ଉପରେ ଚାପ ବଢ଼ିବ।

ଜନସଂଖ୍ୟାର ଏହି ପରିବର୍ତ୍ତନଜନିତ ସମସ୍ୟାକୁ ସମାଧାନ କରିବା ପାଇଁ ଏକ ସାବଧାନତାପୂର୍ଣ୍ଣ ତଥା ସନ୍ତୁଳିତ ନୀତିଗତ ପଦକ୍ଷେପର ଆବଶ୍ୟକତା ରହିବ। ଯେଉଁସବୁ ରାଜ୍ୟରେ ଅଧିକ ପ୍ରଜନନ ହାର ରହିଛି, ସେସବୁ ରାଜ୍ୟରେ ଜନସଂଖ୍ୟାର ସ୍ଥିରତାକୁ ଧ୍ୟାନରେ ରଖି ଆଞ୍ଚଳିକ ବିବିଧତାର ସହିତ ପରିବାର ନିୟୋଜନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ସେହିପରି କମ୍ ପ୍ରଜନନ ହାର ରହିଥିବା ରାଜ୍ୟମାନଙ୍କରେ ଶିଶୁମାନଙ୍କର ଯତ୍ନ ନିଆଯିବା ସୁବିଧା, ପିତାମାତାଙ୍କ ପାଇଁ ଛୁଟି ଏବଂ ଆର୍ଥିକ ପ୍ରୋତ୍ସାହନ ଇତ୍ୟାଦି ଯୋଗାଇ ଦିଆଯିବା ଭଳି ସହାୟତାମୂଳକ ପଦକ୍ଷେପମାନ ନିଆଯାଇ ସନ୍ତାନ ଜନ୍ମ କରିବାକୁ ପ୍ରୋତ୍ସାହିତ କରାଯିବା ଉଚିତ। ସର୍ବୋପରି, ମାନବ ପୁଞ୍ଜି ଉପରେ ଭାରତ ପର୍ଯ୍ୟାପ୍ତ ପରିମାଣର ନିବେଶ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖୁବ୍ କମ୍ ସଂଖ୍ୟକ ସନ୍ତାନ ଜନ୍ମଗ୍ରହଣ କରୁଥିବାରୁ ସଂଖ୍ୟା ଅପେକ୍ଷା ଗୁଣାତ୍ମକ ମାନ ଉପରେ ଅଧିକ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି, ଅର୍ଥାତ୍ ପିଲାମାନେ କିପରି ସୁସ୍ଥ ସବଳ ହେବେ, ତାହା ଉପରେ ପ୍ରାଥମିକତା ଦିଆଯିବା ଉଚିତ। ସେଥିପାଇଁ ସେମାନଙ୍କ ନିମନ୍ତେ ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଚାକିରି ସୁଯୋଗ ଯୋଗାଇ ଦେବାର ବ୍ୟବସ୍ଥା କରାଯିବା ନିତାନ୍ତ ଆବଶ୍ୟକ। ଭାରତର ପ୍ରଜନନ ହାର ହ୍ରାସ ପାଇବା ଗୋଟିଏ ପକ୍ଷରେ ଏକ ବିଜୟ ହୋଇଥିବା ବେଳେ ଅନ୍ୟ ପକ୍ଷରେ ଏହା ଏକ ପରୀକ୍ଷା। ସମୟ ଉପଗତ ହୋଇଛି ଭାରତ ତା'ର ଜନସଂଖ୍ୟାର ସନ୍ତୁଳନ ବଜାୟ ରଖିବା ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବା ଉଚିତ, ଅନ୍ୟଥା ଭବିଷ୍ୟତ ପାଇଁ ଏହା ଏକ ସଂକଟ ସୃଷ୍ଟି କରିବ।

# କର୍ମ ଓ ଭାଗ୍ୟ

ଜୀବନରେ କେବେ ଭଲ ଥାଏ ତ କେବେ ମନ୍ଦ। ଉଭୟକୁ ନେଇ ସାଧାରଣ ଲୋକଙ୍କର ଏକ ବିଚାର ଥାଏ। ତାହା ହେଲା- ଭାଗ୍ୟ। ଜଣେ ଲୋକ କୌଣସି ବସ୍ତୁ ପାଇବାକୁ ଯଥେଷ୍ଟ ପରିଶ୍ରମ ବା ପ୍ରଚେଷ୍ଟା କରି ନଥିବ। ହଠାତ୍ ତାହା ପାଇଗଲେ ଲୋକେ କହନ୍ତି- ଭାଗ୍ୟରେ ଥିଲା। ପାଇଗଲା। ଅର୍ଥାତ୍ କର୍ମ ନକରି ଯାହା ମିଳିଯାଏ, ତା'ର ନାମ ଆମେ ଦେଇଥାଉ 'ଭାଗ୍ୟ'। କର୍ମ କଲା ପରେ ଯଦି ନ ମିଳେ, ତେବେ ତା'ର ନାମ 'ଦୁର୍ଭାଗ୍ୟ'। ବହୁ ଚେଷ୍ଟା କଲା ପରେ ଯଦି ସଫଳତା ନ ମିଳେ, ତେବେ ଲୋକେ କହନ୍ତି ଭାଗ୍ୟରେ ନଥିଲା। ଭାଗ୍ୟ ଓ କର୍ମ ପରସ୍ପରର ପରିପୂରକ। ଏହି ସୂତ୍ରଟି ବୁଝିଗଲେ ଆମେ ଯେଉଁ ସମସ୍ୟାର ସମ୍ମୁଖୀନ ହୋଇଥାଉ, ତାହା ପୀଡ଼ା ବା ଅତ୍ୟନ୍ତ ଆନନ୍ଦ ଦେଇ ପାରିବ ନାହିଁ।

ଦୁଇ ଭାଇ। କର୍ମକୁଶଳ ଓ ଭାଗ୍ୟବନ୍ତ। ଦୁହେଁ ଅତ୍ୟନ୍ତ କର୍ମଠ, ବୁଦ୍ଧିମାନ ଓ କାର୍ଯ୍ୟଦକ୍ଷ ମଧ୍ୟ। ବିନା ସହଯୋଗରେ ପରସ୍ପର କାମଟିଏ କରି ପାରନ୍ତି ନାହିଁ। ପ୍ରତ୍ୟେକ କାର୍ଯ୍ୟରେ ଦୁଇ ଭାଇ ହିଁ ଥାଆନ୍ତି। ଗୋଟିଏ ଭାଗ କର୍ମକୁଶଳ କଲେ ଅନ୍ୟ ଭାଗଟି ପୂର୍ଣ୍ଣ କରେ ଭାଗ୍ୟବନ୍ତ। ଥରେ ନୂଆ ଘରଟିଏ ଆରମ୍ଭ କଲେ ଦୁଇ ଭାଇ। କର୍ମକୁଶଳ ଘରର ମୂଳଦୁଆ ଉଠାଇଲା। ଟିକିଏ ବଙ୍କା କରିଦେଲା। ଭାଗ୍ୟବନ୍ତ ସେହି ମୂଳଦୁଆ ଉପରେ କାନ୍ଥ ଉଠାଇଲା। ତା'ପରେ କର୍ମକୁଶଳ ଛାତ ପକାଇଲା। ଭାଗ୍ୟବନ୍ତ ପୂର୍ବ ଭୁଲ୍‌କୁ ନେଇ ପଲସ୍ତରା ଇତ୍ୟାଦି କଲା। ଘର ଶେଷ ହେଲା ବେଳକୁ ବଙ୍କା ହୋଇଥିଲା। କାରଣ ପ୍ରଥମରୁ କର୍ମକୁଶଳ ହିଁ ଭୁଲ୍‌ରେ ଘର ଆରମ୍ଭ କରିଥିଲା।



ସେ ଦୁଇ ଭାଇ ଆଉ କେହି ନୁହନ୍ତି। ଜଣେ କର୍ମ ଓ ଅନ୍ୟ ଜଣେ ଭାଗ୍ୟ। କର୍ମକୁ ଅନୁସରଣ କରି ଭାଗ୍ୟ ଗଢ଼ା ହୋଇଥାଏ। ପୁଣି କେବେ ଭାଗ୍ୟକୁ ଅନୁସରଣ କରି କର୍ମ ହୋଇଥାଏ। ଆମେ ଯେଉଁ କର୍ମ କରିଥାଉ, ତା'ର ଫଳ ଭୋଗିବାକୁ ହୋଇଥାଏ ନିଶ୍ଚୟ। ସେହି ଫଳ ଭୋଗ ସମୟରେ କିପରି କର୍ମ କରିବା, ତା'ର ନିର୍ଣ୍ଣୟ ରହିଥାଏ ଆମ ଉପରେ। ଅନେକ ସମୟରେ ଲୋକେ ଦୁଃଖ, ଅଭାବରେ ପଡ଼ି ଚୋରି, ଠକାମୀ କରି ଥାଆନ୍ତି। ଫଳରେ ସେମାନଙ୍କୁ ପୁଣି ଥରେ ନୂତନ କଷ୍ଟଦାୟକ କର୍ମ ଫଳ ଭୋଗିବାକୁ ହୋଇଥାଏ। ବର୍ତ୍ତମାନ ଯାହା ଭୋଗୁଛେ, ତାହା ପୂର୍ବ କର୍ମର ଫଳ। ଏବେ ଯାହା କରିବା, ତା'ର ଫଳ ମଧ୍ୟ ଭୋଗ କରିବାକୁ ହେବ। ତେବେ ବର୍ତ୍ତମାନ ପରିସ୍ଥିତିରେ ଟିକିଏ ସୁଖ ପାଇବା ପାଇଁ ଯେତେ ଯୋଜନା କରିବା, ସବୁକିଛି ସତ୍ ଉପାୟରେ କରାଗଲେ ପରବର୍ତ୍ତୀ ସମୟ ମଧ୍ୟ ଭଲରେ କଟିବ। କାରଣ ଗୋଟିଏ ଭାଇ କର୍ମ। ଅନ୍ୟ ଭାଇଟି ଭାଗ୍ୟ। କର୍ମ ଭାଗ୍ୟକୁ ସାଥୀରେ ନେଇ ଚାଲିଥାଏ।

## ସମ୍ପାଦକଙ୍କୁ ପତ୍ର

# ନୈତିକ ଶିକ୍ଷାର ଆବଶ୍ୟକତା

ସମ୍ପ୍ରତି ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରାକ୍-ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷାସ୍ତରୀୟ ପାଠ୍ୟକ୍ରମ ପର୍ଯ୍ୟନ୍ତ ସବୁଥିରେ ବୈଷୟିକ ଶିକ୍ଷାଦାନ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଉଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ଇଂରାଜୀ ମାଧ୍ୟମରେ ଶିକ୍ଷା ପ୍ରଦାନ ଆଳରେ ଅନେକ ବେସରକାରୀ ବ୍ୟବସାୟିକ ଅନୁଷ୍ଠାନ ମୁଣ୍ଡ ଟେକିଥିବା କାହାରିକୁ ଅଛପା ନାହିଁ। ତନ୍ମଧ୍ୟରୁ ଅଧିକାଂଶ ଶିକ୍ଷାନୁଷ୍ଠାନ କେବଳ ଲୋକ ଦେଖାଣିଆ ଭାବରେ ପାଶ୍ଚାତ୍ୟ ସଂସ୍କୃତିକୁ ଆଧାର କରି କିମ୍ବା ଆଡ଼ମ୍ବରପୂର୍ଣ୍ଣ ମିଥ୍ୟା ପ୍ରଚାର କରି ନିଜକୁ ଜାତୀୟ, ଆନ୍ତର୍ଜାତିକସ୍ତରୀୟ ଅନୁଷ୍ଠାନ ଭାବେ ପରିଚିତ କରାଇବାର ପ୍ରୟାସ ଜାରି ରଖିଛନ୍ତି। ବାସ୍ତବିକ୍, ଉପଯୁକ୍ତ ଆବଶ୍ୟକୀୟ ନିଜସ୍ୱ ଭିତ୍ତିଭୂମି ନଥାଇ ଏହା କିପରି ଜନସାଧାରଣଙ୍କ ମନରେ ପ୍ରତ୍ୟୟ ସୃଷ୍ଟି କରିବାରେ ସମ୍ଭବ ହୋଇ ପାରୁଛି, ବୁଝା ପଡୁନାହିଁ। ଉଚ୍ଚ ଅଙ୍କର ଅର୍ଥରାଶି ଆଦାୟ କରାଯାଉଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ବୈଷୟିକ ଶିକ୍ଷା ଗ୍ରହଣ କରିବାକୁ ଆଜିର ଅଭିଭାବକମାନେ ନିଜ ନିଜର ସନ୍ତାନମାନଙ୍କ ପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି। ପୂର୍ବେ ଭାରତୀୟ ପ୍ରାଚ୍ୟ ଶିକ୍ଷା ପାଠ୍ୟକ୍ରମରେ ନୈତିକ ମୂଲ୍ୟବୋଧ, ଶିକ୍ଷାର୍ଥୀମାନଙ୍କର ଚରିତ୍ର ଗଠନ, ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଥିବା ବେଳେ ଏବେ ତାହା ପାଠ୍ୟକ୍ରମରୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଦିଆଯାଇଛି। ସେଥିପାଇଁ ବାହ୍ୟ ଚାକଚକ୍ୟ, ବିଦେଶୀ ଢାଞ୍ଚାର ଜୀବନ ଶୈଳୀ ଏବଂ ଆଡ଼ମ୍ବରପୂର୍ଣ୍ଣ, ବିଳାସଯୁକ୍ତ ବ୍ୟବହାରିକ ସାମଗ୍ରୀ, ଅନୁରୂପ ଭୋଜନ ସାଙ୍ଗକୁ ଚିତ୍ତ ବିନୋଦନ ଆଦିରେ ପ୍ରଭାବିତ ହୋଇ ଯାଉଥିବା ଶିକ୍ଷାର୍ଥୀଠାରେ କ୍ରମଶଃ ଚାରିତ୍ରିକ ସ୍ଖଳନ ଦେଖା ଦେଉଛି, ନୈତିକ ମୂଲ୍ୟବୋଧ ଓ ପ୍ରାଚ୍ୟ ପରମ୍ପରା ପ୍ରତି ଆଗ୍ରହ ହ୍ରାସ ପାଇବାରେ ଲାଗୁଛି। ଏଣୁ, ସବୁ ପିଲାଙ୍କୁ ବୈଷୟିକ ଶିକ୍ଷା ସହିତ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଦେବା ଏକାନ୍ତ ଅପରିହାର୍ଯ୍ୟ। ଏଥିପାଇଁ ଆମ ଦେଶ ତଥା ରାଜ୍ୟ ସରକାର, ସମ୍ପୃକ୍ତ ଶିକ୍ଷାନୁଷ୍ଠାନ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଏବଂ ସର୍ବୋପରି ସମସ୍ତ ଶିକ୍ଷାର୍ଥୀଙ୍କର ସଚେତନ ଅଭିଭାବକଙ୍କ ଦାୟିତ୍ୱ ରହିଛି।

**ଅବନୀ ଚନ୍ଦ୍ର ଦାସ, ସାଇ ସଦନ,**
**ପ୍ରଶାନ୍ତି ବିହାର, ଭୁବନେଶ୍ୱର**

# ଅସ୍ୱାସ୍ଥ୍ୟକର ପରିବେଶରେ ହୋମିଓପ୍ୟାଥିକ ଚିକିତ୍ସାଳୟ

**ମାହାଙ୍ଗା,୯।୯/ଏନ୍ଏନ୍ଏସ୍:** ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜନସାଧାରଣଙ୍କ ରୋଗୀ ସେବା ନିମନ୍ତେ ହୋମିଓପ୍ୟାଥିକ ଚିକିତ୍ସାଳୟ ଖୋଲିଛନ୍ତି। କିନ୍ତୁ ନିଯୁକ୍ତ ଡାକ୍ତର ଓ କର୍ମଚାରୀଙ୍କ ଅଣଦେଖା ଏବଂ ଅବହେଳା ଯୋଗୁ ଚିକିତ୍ସାଳୟ ଗୁଡିକ ନିର୍ଦ୍ଧାରିତ ସମୟରେ ଖୋଲନଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଅନ୍ତର୍ଗତ ନାହାଙ୍ଗ ପଞ୍ଚାୟତ ଗୌଡଗୋପ ହୋମିଓପ୍ୟାଥିକ ଚିକିତ୍ସାଳୟରେ। ଏହି ଚିକିତ୍ସାଳୟଟି ୮.୫୦ ପର୍ଯ୍ୟନ୍ତ ବନ୍ଦ ରହିଥିବା ଦେଖିବାକୁ ମିଳିଛି। ଯାହା ଫଳରେ ୮.୫୦ ପର୍ଯ୍ୟନ୍ତ ଚିକିତ୍ସାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା। ଏହି ଚିକିତ୍ସାଳୟର ପରିବେଶ ଅତି ଅସ୍ୱାସ୍ଥ୍ୟକର। ଏହାର ପରିସର ମଧ୍ୟରେ ଗଛଲତା ଓ ଅନାବନା ଘାସରେ ପରିପୂର୍ଣ୍ଣ ହୋଇଛି। ତେଣୁ ଏହାର ପରିବେଶକୁ ଦେଖିଲେ ସେମାନେ କେତେ ସ୍ୱଚ୍ଛ ଓ କିପରି



ଭାବେ ରୋଗୀ ସେବା କରୁଥିବେ ତାହା ଅନୁମେୟ। ସରକାରଙ୍କ ନିୟମ ଅନୁଯାୟୀ ସକାଳ ୮ଟାରୁ ଚିକିତ୍ସାଳୟ ଖୋଲିବା ସହ ୧୨ଟା ବନ୍ଦ ରହିଥାଏ। ହେଲେ ଏଠାରେ ନିଯୁକ୍ତ ଡାକ୍ତର କିମ୍ବା କର୍ମଚାରୀ ସରକାରଙ୍କ ନିୟମକୁ ଅଣଦେଖା କରିବା ସହ ସଂପୂର୍ଣ୍ଣ ଫୁ କରି ଦେଇଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ କାର୍ଯ୍ୟରେ ଅବହେଳା କରିଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବୀ ହୋଇଛି। ଏ ନେଇ ଦାୟିତ୍ୱରେ ଥିବା ଡାକ୍ତର ମୃତ୍ୟୁଞ୍ଜୟ ଖୁଣ୍ଟିଆଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିନଥିଲା। ସେହିପରି ହୋମିଓପ୍ୟାଥିକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ବିଷ୍ଣୁପ୍ରିୟା ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନଥିଲା।

## ଶିକ୍ଷକ ସମ୍ମାନ ସମାରୋହ



**ବୟାଳିଶମୌଜା,୯।୯/ଏନ୍ଏନ୍ଏସ୍:** ୪୨ ମୌଜା ବ୍ରହ୍ମପୁର ପଞ୍ଚାୟତ ଅବସ୍ଥିତ ଯଶୋଦା ଗାର୍ଡେନ ମଣ୍ଡପରେ ଗୁରୁଦିବସ ଅବସରରେ ଶିକ୍ଷକ ସମ୍ମାନ ସମାରୋହ-୨୦୨୫ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ କାର୍ଯ୍ୟକ୍ରମରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପରେ ମନ୍ତ୍ରୀଙ୍କ ଦ୍ୱାରା ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ସମାଜସେବୀ ହୃଷୀକେଶ ଜେନା, ଅବସରପ୍ରାପ୍ତ ଶିକ୍ଷକ ଗୋଲକମଣି ସ୍ୱାଇଁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନନ୍ତ ଚରଣ ଦେହୁରୀ, ସୁଦୀପ୍ତା ନନ୍ଦ ଯୋଗଦେଇଥିଲେ। ଶେଷରେ ହୃଷିକେଶ ଜେନା ଧନ୍ୟବାଦ୍ ଜଣାଇଥିଲେ।

## ସଂସ୍କୃତ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ



**ଓଡ଼ଗାଁ,୯।୯/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ମୁରୁସୁଆଁ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ କୃଷ୍ଣ ଚନ୍ଦ୍ର ସାହୁ ସଂସ୍କୃତ ପାଇଁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ନିମନ୍ତେ ଯୋଗ୍ୟ ବିବେଚିତହୋଇ ଡି.ଏନ୍ ହାଇସ୍କୁଲ କେନ୍ଦୁଝରଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହରେ ସମ୍ବର୍ଦ୍ଧିତ ହୋଇଛନ୍ତି। ସେ ଜଣେ କର୍ତ୍ତବ୍ୟନିଷ୍ଠ, ଦାୟିତ୍ୱବାନ୍, ସମୟାନୁବର୍ତ୍ତୀ ଓ ଛାତ୍ରବତ୍ସଳ ଶିକ୍ଷକଭାବେ ସମଗ୍ର ଜିଲ୍ଲାରେ ପରିଚିତ। ସଂସ୍କୃତ ଶିକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଓ ପାରଦର୍ଶିତା ଯୋଗୁଁ ଛାତ୍ରଛାତ୍ରୀଙ୍କ ନିକଟରେ ସଂସ୍କୃତ ଶିକ୍ଷାକୁ ସେ ସହଜ, ସରଳ ଓ ବୋଧଗମ୍ୟ ଭାବେ ଉପସ୍ଥାପିତ କରୁଥିବାରୁ ସଂସ୍କୃତ ଶିକ୍ଷା ପ୍ରତି ପିଲାମାନଙ୍କର ଯଥେଷ୍ଟ ଆଗ୍ରହ ଓ ରୁଚି ରହିଥାଏ।ସେ ନୟାଗଡ ଜିଲ୍ଲା ଓଡ଼ଗାଁ ବ୍ଲକ ପଞ୍ଚିରିଡା ଗ୍ରାମରେ ଜନ୍ମଲାଭକରି ଲୋକ ବିଦ୍ୟାପୀଠ ପଞ୍ଚିରିଡା ମାନପୁରରେ ମାଧମିକ ଶିକ୍ଷାଲାଭ କରିଥିଲେ। କୁରାଳସ୍ଥ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ସ୍ନାତକ ଶିକ୍ଷା ଅଧ୍ୟୟନ ସମୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କର ସଂସ୍କୃତ ଅଧ୍ୟୟନ ନିମନ୍ତେ ଅଧିକ ଆଗ୍ରହ ଓ ଉତ୍ସାହ ବଢାଇଥିଲେ ଏବଂ ତତ୍ପରେ ଶ୍ରୀକରଙ୍କ ମାର୍ଗଦର୍ଶନରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିଲେ। ମୁଖ୍ୟମନ୍ତ୍ରୀ ପୁରସ୍କାର ମିଳିବା ପରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଗୋକୁଳାନନ୍ଦଜିଉଙ୍କ ପୀଠରେ ଶ୍ରୀଭାଗବତ ଜନ୍ମୋତ୍ସବ

**ଖଣ୍ଡପଡ଼ା,୯।୯/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମସ୍ଥିତ ପ୍ରଭୁ ଗୋକୁଳାନନ୍ଦଜିଉଙ୍କ ପୀଠରେ ଶ୍ରୀ ଭାଗବତ ଜନ୍ମ ଉତ୍ସବ ରବିବାର ପାଳିତ ହୋଇଯାଇଛି। ପ୍ରାତଃକାଳରେ ବିଗ୍ରହଙ୍କ ନୀତିକାନ୍ତି ସମ୍ପନ୍ନ ପରେ ପାରମ୍ପରିକ ପ୍ରଥାନୁଯାୟୀ ଶ୍ରୀ ଭାଗବତଙ୍କ ଜନ୍ମ ଉତ୍ସବ ନୀତି ପାଳିତ ହୋଇଥିଲା। ଏ ଅବସରରେ ତାଳପତ୍ର ଭାଗବତ ପୋଥିରେ ନବବସ୍ତ୍ର ପରିଧାନ ସହ



ପୂଜାପାଠ, ନାମ ସଂକୀର୍ତ୍ତନ, ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ କରାଯାଇ ଭାଗବତ ପାଠ କରାଯାଇଥିଲା। ମୁଖ୍ୟ ପୁରୋଧା ଭାବେ ବିରୁପାକ୍ଷ ମିଶ୍ର ସମସ୍ତ ଦାୟିତ୍ୱ ତୁଲାଇଥିଲେ। ଯଜ୍ଞର ପୂର୍ଣ୍ଣାହୁତି ଉତ୍ସବରେ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗୋକୁଳାନନ୍ଦଜିଉଙ୍କ ମନ୍ଦିର କମିଟିର ସଂପାଦକ ଚନ୍ଦ୍ରଶେଖର ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଓ ମନ୍ଦିର କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

## ଫେରନ୍ତା ପ୍ରବାସୀଙ୍କ ସହ ପୂର୍ବତନ ମନ୍ତ୍ରୀଙ୍କ ବନ୍ଧୁମିଳନ




**ଚାରିଛକ,୯।୯/ଏନ୍ଏନ୍ଏସ୍:** ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତ କଳାପାଞ୍ଚଣ ବସ୍ତିର ସଂଖ୍ୟାଲଘୁ ସଂପ୍ରଦାୟର ଫେରନ୍ତା ପ୍ରବାସୀମାନଙ୍କ ସହିତ ପୂର୍ବତନ ମନ୍ତ୍ରୀ ତଥା ଭାଜପା ମୁଖପାତ୍ର ସମୀର ରଂଜନ ଦାଶଙ୍କ ଏକ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ସିଦ୍ଧମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଖାଦି ଅମସରଙ୍କ ନେତୃତ୍ୱରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାଶ ଯୋଗଦେଇ ନିଜ ଗ୍ରାମକୁ ଫେରିଥିବା ପ୍ରବାସୀଙ୍କ ସହ ସେମାନେ କିପରି ବିଦେଶରେ ଚଳୁଥିଲେ ସେ ସଂପର୍କରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ବିଦେଶ ଫେରନ୍ତା ପ୍ରବାସୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବନ୍ଧୁ ମିଳନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଦାଶଙ୍କ ସହିତ ପଞ୍ଚାୟତ ସଭାପତି ଦୀନବନ୍ଧୁ ସାହୁ, ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ସମିତିସଭ୍ୟ ସସ୍ମିତା ପାତ୍ର, ସେକ୍ ପ୍ୟାରୀ, ସେକ୍ ମହସିନ ମହମ୍ମଦ, ଏସକେ ରେହେମତ୍, ଖାଦି ମୁନତାଜ, ସଫିଉଲ୍ଲା ଖାଁ, ଅମରେଶ୍ୱର ନାୟକ, ଉମାକାନ୍ତ ପାତ୍ର, ଅକ୍ଷୟ ସାହୁ, ରାଜକିଶୋର ପାତ୍ର, ପବିତ୍ର ପାତ୍ରଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ତୃଣମୂଳସ୍ତରରେ ସଂଗଠନକୁ ମଜଭୁତ କରିବା ସହ ଏହି ପଞ୍ଚାୟତରେ ସମସ୍ତ ପ୍ରାର୍ଥୀ ଯେପରି ଜିତିବେ ଆଜିଠାରୁ ସମସ୍ତେ ଚେଷ୍ଟା ଜାରି ରଖିବାକୁ ଶ୍ରୀ ଦାଶ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ଶ୍ରୀ ଦାଶଙ୍କ ନେତୃତ୍ୱରେ ଆସନ୍ତା ପଞ୍ଚାୟତ ନିର୍ବାଚନରେ କାର୍ଯ୍ୟ କରିବାକୁ ସମସ୍ତ କର୍ମୀମାନେ ଶପଥ ନେଇଥିଲେ।

## ସାନପଦର ଗ୍ରାମପଞ୍ଚାୟତରେ ଜନ ସୁରକ୍ଷା ସଚେତନତା

**ବୋଲଗଡ଼,୯।୯/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ଅନ୍ତର୍ଗତ ସାନପଦର ଗ୍ରାମପଞ୍ଚାୟତରେ ଗୁରୁବାର ପିଟୁକୁଳି ଗ୍ରାମ୍ୟ ବ୍ୟାଙ୍କ ପକ୍ଷରୁ ଜନସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିତ୍ତୀୟ ସ୍ୱାକ୍ଷରତା ସଚେତନତା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ରାଜେଶ ମହାନ୍ତି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ସାନପଦର ଗ୍ରାମପଞ୍ଚାୟତର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ ଓ ସମ୍ମାନିତ ଅତିଥିଭାବେ ପିଟୁକୁଳି ଗ୍ରାମ୍ୟ ବ୍ୟାଙ୍କ ଶାଖା ପ୍ରବନ୍ଧକ ସମ୍ବିଦ କୁମାର ଦାସ ଓ ଆର୍ଥିକ ସ୍ୱାକ୍ଷରତା କାର୍ଯ୍ୟକ୍ରମ ନାବାର୍ଡ ରିଜର୍ଭ ବ୍ୟାଙ୍କର ବ୍ଲକ ସଂଯୋଜକ ସରୋଜିନୀ ଜେନା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଗୁଡିକ ହେଲା ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ଖାତା ଖୋଲିବା, ପ୍ରଧାନମନ୍ତ୍ରୀ




ସୁରକ୍ଷା ବୀମା ଯୋଜନାରେ ନାମାଙ୍କନ, ଅଟଳ ପେନସନ ଯୋଜନାରେ ନାମାଙ୍କନ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ନାମାଙ୍କନ ନିଷ୍କ୍ରିୟ ହୋଇଯାଇଥିବା ଖାତାର ପୁନଃ ପ୍ରମାଣିକରଣ, ନିଷ୍କ୍ରିୟ ଧୋକା ଧାଡି ଅନ୍‌କ୍ଲେମ୍‌ଡ୍ ଜମାରାଶି ଏବଂ ଅଭିଯୋଗ ଆଦି ସମସ୍ତ ବିଷୟରେ ପିଟୁକୁଳି ଶାଖା ପ୍ରବନ୍ଧକ ଶ୍ରୀ ଦାସ ଜଣାଇବା ସହିତ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଅବଗତ କରାଇଥିଲେ। ଶେଷରେ ସରପଞ୍ଚ ଶ୍ରୀ ସ୍ୱାଇଁ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବା ସହ ସଞ୍ଚୟ କରିବାର ପଦ୍ଧତି ବାବଦରେ ପରାମର୍ଶ ଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରଦ୍ଧା ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଛତା ବଣ୍ଟନ

**ସାଲେପୁର,୯।୯/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ପଞ୍ଚାୟତର ପୁରୁଷୋତ୍ତମପୁର ସୁରେନ୍ଦ୍ର ମେମୋରିଆଲ କ୍ଲବର ଶ୍ରଦ୍ଧା ଫାଉଣ୍ଡେସନ ଟ୍ରଷ୍ଟ ଦ୍ୱାରା ଉକ୍ତ ଅଞ୍ଚଳରେ ବୃଦ୍ଧା, ବୃଦ୍ଧମାନଙ୍କୁ ଛତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ମେମୋରିଆଲ କ୍ଲବର ସମ୍ପାଦକ ଦେବେନ୍ଦ୍ର ନାଥ ସ୍ୱାଇଁଙ୍କ ସଂଯୋଜନା ଏବଂ ଶିକ୍ଷାବିତ ଶରତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରଦ୍ଧା ଫାଉଣ୍ଡେସନ ଟ୍ରଷ୍ଟ ପ୍ରତିଷ୍ଠାତା ଅଧ୍ୟକ୍ଷ ଗଣେଶ୍ୱର ବେହେରା, ବିଶିଷ୍ଟ ଅତିଥି ଭାବେ ସାମାଜିକ କର୍ମୀ ତଥା ମେମ୍ବର ଟ୍ରଷ୍ଟି ନେହେରୁ ସାମଲ, ସମ୍ମାନିତ ଅତିଥି ଭାବେ ଅନ୍ୟତମ ଟ୍ରଷ୍ଟି ସୁଶ୍ରୀ ଅର୍ପିତା ବେହେରା, ସାମାଜିକ କର୍ମୀ ସତ୍ୟକାମ



ମିଶ୍ର, ସ୍ଥାନୀୟ ସରପଞ୍ଚ ସୁଧାଂଶୁବାଳା ଜେନା, ସମିତି ସଭ୍ୟ ସରୋଜ କୁମାର ମହାନ୍ତି, ବାଙ୍କୀର ବ୍ଲେସ ଫାଉଣ୍ଡେସନ ଟ୍ରଷ୍ଟ ପ୍ରତିଷ୍ଠାତା ଅଧ୍ୟକ୍ଷ ଲେଫଟନାଣ୍ଟ କର୍ଣ୍ଣେଲ ଦୀଲିପ କୁମାର ସ୍ୱାଇଁ ଯୋଗଦେଇ ୧୨୦ ଜଣ ବୟସ୍କ ବୃଦ୍ଧା, ବୃଦ୍ଧଙ୍କୁ ଛତା ବଣ୍ଟନ କରାଯାଇଥିଲା। ଜ୍ୟୋତିରଂଜନ ଦାସ, ଆଶିଷ ରଞ୍ଜନ ସ୍ୱାଇଁ, ଚକ୍ରଧର କାଣ୍ଡି, ସୀତାରାମ ମାଣ୍ଡି, ଯୋଗେନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର ଭୋଇ, ଜ୍ଞାନରଂଜନ ଦାଶ, ସତ୍ୟନାରାୟଣ ସ୍ୱାଇଁ, ଫକୀର ସେଠୀ, ଦେବୀ ପ୍ରସାଦ ପରିଜା, ଜଳଧର ଭୋଇ, ସନ୍ତୋଷ କାଣ୍ଡି, ଅଶୋକ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମାନିତ



**ବୟାଳିଶମୌଜା,୯।୯/ଏନ୍ଏନ୍ଏସ୍:** କଟକ ବୟାଳିଶମୌଜାସ୍ଥିତ ଝାରକଟା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଜିତେନ କୁମାର ଦାଶ ପବିତ୍ର ଗୁରୁଦିବସ ଅବସରରେ ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଗୁରୁଗୌରବ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ କଟକ ଥୋରିଆସାହିସ୍ଥିତ ମୋହନମଣ୍ଡପଠାରେ ଅନୁଷ୍ଠାନ ତରଫରୁ ତାଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ଦାଶ ଏକାଧାରରେ ଜଣେ ଶିକ୍ଷାବିତ ସ୍ତମ୍ଭକାର, ସୁବକ୍ତା, କବି ଓ ପ୍ରାବନ୍ଧିକ ଅଟନ୍ତି। ତାଙ୍କ ଆଧାତ୍ମିକଧର୍ମୀ ପୁସ୍ତକ ବିଭୁକୈବଲ୍ୟ ବେଶ୍ ପାଠକୀୟ ଆଦୃତି ଲାଭ କରିଛି।

## ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ଶିକ୍ଷକ ବିକାଶ କର୍ମଶାଳା

**ଚାରିଛକ,୯।୯/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଶିକ୍ଷା ବିଭାଗ ଆନୁକୂଲ୍ୟରେ 'ଜାତୀୟ ଶିକ୍ଷା ନୀତି-୨୦୨୦' ଶୀର୍ଷକ ଶିକ୍ଷକ ବିକାଶ କର୍ମଶାଳା ଅନୁଷ୍ଠିତ ହେଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଏନ୍‌ସିଇଆର୍‌ଟି, ଭୋପାଳର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଯୋଗ ଦେଇ ଜାତୀୟ ଶିକ୍ଷା ନୀତିର ରହିଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ବିଶିଷ୍ଟ ସମ୍ମାନିତ ଅତିଥି ରୂପେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ଶିକ୍ଷା ବିଭାଗ ମୁଖ୍ୟ ପ୍ରଫେସର ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥି ରୂପେ ପ୍ରଫେସର ସରୋଜ କାନ୍ତ ଚୌଧୁରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ଡକ୍ଟର ପ୍ରଭାତ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ କେନ୍ଦ୍ରୀୟ ଅବକାରୀ ଅଧିକ୍ଷକ ଚନ୍ଦକାନ୍ତ ଦଳାଇ, ସମାଜସେବୀ ସନାତନ ପାତ୍ର ଯୋଗ ଦେଇଥିଲେ କ୍ଷ ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଇଂରାଜୀ ବିଭାଗ ମୁଖ୍ୟ। କାନନବାଳା ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଶିକ୍ଷା ବିଭାଗ ମୁଖ୍ୟ ଡକ୍ଟର ଶ୍ରୀଲେଖା ନାୟକ କର୍ମଶାଳାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି, ସଂମ୍ମାନିତ ଅତିଥି ଏବଂ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବ କଣ୍ଠଶିଳ୍ପୀ ତନୁଶ୍ରୀ ଜେନାଙ୍କୁ ତାଙ୍କର ସଂଗୀତ ପ୍ରତି ସାଧନା ପାଇଁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଡକ୍ଟର କୀର୍ତ୍ତିମୟୀ ରାଉତରାୟ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଇଂରାଜୀ ଅଧ୍ୟାପିକା ସଙ୍ଗୀତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ବୟାଳିଶମୌଜା,୯।୯/ଏନ୍ଏନ୍ଏସ୍:** ୪୨ମୌଜା ବରାଳ ଗ୍ରାମର ମା ନାରାୟଣୀ କାଳୀପୂଜା କମିଟି ଓ ପଲ୍ଲି ମଙ୍ଗଳ ସମିତି ପକ୍ଷରୁ,୪୨ ମୌଜା ଥାନାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଭାରପ୍ରାପ୍ତ ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ଦ୍ୱାରା ସମ୍ମାନିତ କରାଯାଇଥିଲା। ବରାଳ ଗ୍ରାମର ମୁରବି ଆନନ୍ଦ ଚନ୍ଦ୍ର ବେଉରା, ଭାସ୍କର ବେଉରା, ସାଇ କମିଟିର ସଭାପତି ପ୍ରକାଶ ଚନ୍ଦ୍ର ଚୌଧୁରୀ, ନାଟ୍ୟ କଳାକାର ତଥା ନିର୍ଦ୍ଦେଶକ ସୁଧାଂଶୁ ଶେଖର ବେଉରା, ପଲ୍ଲିମଙ୍ଗଳ ତଥା କାଳୀପୂଜା କମିଟିର ସମ୍ପାଦକ ଲକ୍ଷ୍ମୀଧର ବେଉରା, ସଙ୍ଗଠକ ସମାଜସେବୀ ସୁବାସ ଚନ୍ଦ୍ର ସାହୁ, ରବିନ୍ଦ୍ର ବେଉରା ପ୍ରମୁଖ ଉପସ୍ଥିତଥିଲେ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦ ତରଫରୁ ଭାଗବତ ଜନ୍ମଉତ୍ସବ

**ସାଲେପୁର,୯।୯/ଏନ୍ଏନ୍ଏସ୍:** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସାଲେପୁର ପ୍ରଖଣ୍ଡ ତରଫରୁ ଶ୍ରୀମଦ ଭାଗବତ ଜନ୍ମଉତ୍ସବ ସାଲେପୁର ନିକଟସ୍ଥ ମା' ବୁଢ଼ୀ ଜାଗୁଳାଇ ପୀଠ ଠାରେ ଅଟଳସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଅଟଳ ସେନାର ପ୍ରତିଷ୍ଠାତା ସଭ୍ୟ ଶରତ କୁମାର ପରିଜାଙ୍କ ଅକାଳ ବିୟୋଗରେ ତାଙ୍କର ଅମର ଆତ୍ମାର ସଦଗତି କାମନା ପୂର୍ବକ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ପତି ଯୋଗଦେଇ ଭାଗବତ ବାଣୀର କଥାବସ୍ତୁକୁ ଆଧାରକରି ନିଜକୁ ଗଢିତୋଳିବା ପାଇଁ ଅଟଳ ସୈନିକମାନଙ୍କୁ ଆହ୍ୱାନ




ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଡ଼ ପୂର୍ଣ୍ଣ ଚନ୍ଦ୍ର ଓଝା, ଅନ୍ୟତମ ଅତିଥି ଭାବରେ ଶିକ୍ଷାବିତ ବିପିନ ବିହାରୀ କର, ଶିଶୁ ସାହିତ୍ୟିକ ଶଶିଭୂଷଣ ମିଶ୍ର, କବି କୁଳମଣି ବାରିକ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ଶିକ୍ଷାବିତ୍ ଝରି ସୁନ୍ଦର ମଲ୍ଲିକ ଅତିଥି ପରିଚୟ ସ୍ୱାଗତ ଭାଷଣ ସହ ସଭା ପରିଚାଳନା କରିଥିବା ବେଳେ ପ୍ରତାପ କିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଟଳ ସେନା ରାଜ୍ୟ ଉପାଧ୍ୟକ୍ଷ ଅଧିବକ୍ତା ଗୌତମ ରାୟ ଚୌଧୁରୀ, ସଂଗଠନ ସମ୍ପାଦକ ରବିନ୍ଦ୍ର ବେହେରା, ଲକ୍ଷ୍ମୀପ୍ରିୟା କରଣ, କୋଷାଧ୍ୟକ୍ଷ ପ୍ରଦୀପ୍ତ ବିଶ୍ୱାଳ, ଅଟଳ ଛାତ୍ର ସଂଘ ସଂପାଦକ ବନବିହାରୀ ସାହୁ, କେଦାର ନାୟକ, ଗୌତମ ବେହେରା, ସନ୍ତୋଷ ସାମଲ, କେଶବ ଚନ୍ଦ୍ର ସେଠି, କୃଷ୍ଣ ଚନ୍ଦ୍ର ବାରିକ, ଧନେଶ୍ୱର ସାମଲ, ଜ୍ୟୋତି ରଞ୍ଜନ ବେହୁରା, ଇଂ ବିଭୁତି ଭୂଷଣ ପାତ୍ର, ଅଶ୍ୱିନୀ କୁମାର ମହାପାତ୍ର, ହରେକୃଷ୍ଣ ମଲ୍ଲିକ, ଅଶୋକ ସ୍ୱାଇଁ, ଭିକାରି ଚରଣ ବେହେରା, ଦ୍ରୁପଦ ସ୍ୱାଇଁ, ଅଭୟ କର, ଧ୍ରୁବାନନ୍ଦ ଶରଣ, ରାଜେନ୍ଦ୍ର ନାୟକ, ସଚ୍ଚିଦାନନ୍ଦ ବେହେରା ସହଯୋଗ କରିଥିଲେ। କାର୍ଯ୍ୟକ୍ରମଟି ପରିଷଦର ଅଧ୍ୟକ୍ଷ ଡ଼ ପ୍ରଭାତ କିଶୋର ନାୟକଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା।

## 'ଭକ୍ତିପୂତ ପ୍ରଣାମ' ମାଧ୍ୟମରେ ୬ଶହ ଶିକ୍ଷକ ସମ୍ବର୍ଦ୍ଧିତ

**ନୟାଗଡ଼,୯।୯/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ସଦରବ୍ଲକ ଓ ନଗରପାଳିକା ଆନୁକୂଲ୍ୟରେ ଆଜି ଅବସରପ୍ରାପ୍ତ ଶିକ୍ଷକଙ୍କୁ ଭକ୍ତିପୂତ ପ୍ରଣାମ କାର୍ଯ୍ୟକ୍ରମ ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୬ ଶହରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷକ ଓ ଅବସରପ୍ରାପ୍ତ ଅଧ୍ୟାପକ ଯୋଗ ଦେଇଥିଲେ। ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ପୌର ପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା ଏବଂ ଅନେକ ନିର୍ବାଚିତ ଜନପ୍ରତିନିଧି ଗୁରୁମାନଙ୍କୁ ଉତ୍ତରୀୟ ଫୁଲ, ଚନ୍ଦନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ପୌର ପରିଷଦ ଉପାଧ୍ୟକ୍ଷ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅତିଥିଭାବେ ଯୋଗ ଦେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ



ଦେବାଶିଷ ପଟ୍ଟନାୟକ ଏହି କାର୍ଯ୍ୟକ୍ରମ ଅନନ୍ୟ ବୋଲି ମତ ରଖିଥିଲେ। ଏହା ନୟାଗଡ଼ରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବ ବୋଲି କହିଥିଲେ। ସମାଜ ପ୍ରତି ଗୁରୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅନ୍ୟତମ ଅତିଥି ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ଗୁରୁଦିବସ ଉପରେ ମାର୍ମିକ ବକ୍ତବ୍ୟ ରଖିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବେଦ ବାଚସ୍ପତି ବିରେନ୍ଦ୍ର କିଶୋର ତ୍ରିପାଠୀ ମେଘୁଆ ପାଗରେ ଅରୁଣଦୋୟ ହୋଇଥିବା କହିଥିଲେ। ନୟାଗଡ଼ରେ ଏଭଳି ଗୁରୁଦିବସ ପାଳନ ସାରା ରାଜ୍ୟରେ ବିରଳ ବୋଲି କହିଥିଲେ। ନୟାଗଡ଼ ବିଧାୟକ ତାଙ୍କ ବକ୍ତବ୍ୟରେ ଯିଏ ଆମକୁ କିଛି ଦେଇଛନ୍ତି ସମାଜକୁ କିଛି ଦେଇଛନ୍ତି, ସେମାନେ ଚିର ନମସ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ନୟାଗଡ଼ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ବହୁ ନାରୀନେତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କବି ଗୋପୀନାଥ ସେଠୀ ସଂଯୋଜନା କରିଥିଲେ। ନୟାଗଡ଼ ନଗର ବିଜେଡି ସଭାପତି ତଥା ଅବସରପ୍ରାପ୍ତ ପୁଲିସ ଅଧିକାରୀ ଅମୂଲ୍ୟ ମହାନ୍ତିଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।

# ରୋଟାରୀ କ୍ଲବ୍ ପକ୍ଷରୁ ରାଷ୍ଟ୍ର ନିର୍ମାତା ସମ୍ମାନ




**ନୟାଗଡ଼,୯।୯/ଏନ୍ଏନ୍ଏସ୍:** ନୟାଗଡ଼ ରୋଟାରୀ ଭବନ ପରିସରରେ ରୋଟାରୀ କ୍ଲବ୍ ନୟାଗଡ଼ ତରଫରୁ ବିଶ୍ୱ ସାକ୍ଷରତା ଦିବସ ତଥା ରାଷ୍ଟ୍ର ନିର୍ମାତା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସଭାପତି ରୋଟାରିଆନ୍ ବସିରନ ବିବିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ ପୌରପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଯୋଗଦେଇ ଶିକ୍ଷକମାନେ ସମାଜର ପଥ ପ୍ରଦର୍ଶକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଜିଲ୍ଲା ଶିକ୍ଷାଧିକାରୀ ଡକ୍ଟର ଚିତ୍ତରଂଜନ ପାଣ୍ଡେ ନେଶନ ବିଲ୍ଡର ଆୱାର୍ଡ ଭଳି ସୁନ୍ଦର କାର୍ଯ୍ୟକ୍ରମ ରୋଟାରୀ କ୍ଲବ୍ ଆୟୋଜନ କରିଥିବାରୁ କ୍ଲବ୍‌ର ସଦସ୍ୟମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ରୋଟାରିଆନ୍ ପ୍ରସନ୍ନ କୁମାର ବସନ୍ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲାବେଳେ କ୍ଲବ୍‌ର ଲିଟର୍ସି କମିଟିର ଅଧ୍ୟକ୍ଷ ଶ୍ରୀକୁମର ରଥ ସଭାରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଚଳିତବର୍ଷ ରୋଟାରୀ କ୍ଲବ୍ ନୟାଗଡ଼ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ଚୟନ ହୋଇଥିବା ଆଠଟି ବ୍ଲକର ୮ଜଣ ଆଦର୍ଶ ଶିକ୍ଷକମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ନୟାଗଡ଼ ବ୍ଲକର ଗୋକୁଳ ଚନ୍ଦ୍ର ମାର୍ଥା, ଓଡଗାଁ ବ୍ଲକର ଦମୟନ୍ତୀ ପତ୍ର, ନୂଆଗାଁ ବ୍ଲକର ନିରଞ୍ଜନ ଦାସ, ଦଶପଲ୍ଲା ବ୍ଲକର ସସ୍ମିତା ମହାପାତ୍ର, ଗଣିଆ ବ୍ଲକ୍‌ର ଭାଳେଶ୍ୱର ସାହୁ, ଖଣ୍ଡପଡ଼ା ବ୍ଲକ୍‌ର ସୁନୀତା ସାହୁ, ଭାପୁର ବ୍ଲକର ସବିତା ମହାପାତ୍ର, ରଣପୁର ବ୍ଲକର କୈଳାସ ଚନ୍ଦ୍ର ମାଝୀଙ୍କୁ ଚଳିତ ବର୍ଷର ନେସନ୍ ବିଲ୍ଡର ଆୱାର୍ଡ ଦିଆଯାଇଥିଲା ବେଳେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରିଣୀ ଗୀତାଞ୍ଜଳି ସାହୁଙ୍କୁ କ୍ଲବ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଟାରିଆନ୍ ପ୍ରବୀର କୁମାର ପୃଷ୍ଟି ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କର ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବ୍ ର ସଦସ୍ୟ ରୋଟାରିଆନ୍ ଲକ୍ଷ୍ମୀନାରାୟଣ ରଥ, ମଦନ ମୋହନ ମହାପାତ୍ର, ଗୋଦାବରୀଶ ସାହୁ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ମିହିର ରଂଜନ ନାୟକ, ଶ୍ରୀଧର ସାହୁ, ବାସୁଦେବ ସାହୁ, ଦିଲ୍ଲୀପ କୁମାର ମିଶ୍ର, ଦେବାଶିଷ ପଟ୍ଟନାୟକ,ଜି. ରଶ୍ମିରାଜ, ଦିପେଶ ରଞ୍ଜନ ସାହୁ,ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଶାନ୍ତ ପଟ୍ଟନାୟକ, ପ୍ରାକ୍ତନ ସଭାପତି ଶ୍ରୀକାନ୍ତ କୁମାର ଖଟେଇ ପ୍ରମୁଖ ଯୋଗଦେଇଥିଲା ବେଳେ କ୍ଲବର ସଂପାଦକ ଅବିନାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ

**ବାଣପୁର,୯।୯/ଏନ୍ଏନ୍ଏସ୍:** ବାଣପୁର ସ୍ଥିତ ଗୋଦାବରୀଶ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବ୍ଲକସ୍ତରୀୟ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଣପୁର ଗୋଷ୍ଠୀ ଶିକ୍ଷାଧିକାରୀ ସନାତନ ଜାଲୀ ସଭାପତିତ୍ୱ କରିଥିଲେ। ବ୍ଲକର ସମସ୍ତ ୧୫୭ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସମସ୍ତ ସିଆରସିସି ଉପସ୍ଥିତ ଥିଲେ। ସିଆର୍‌ସିସି ସୂର୍ଯ୍ୟକାନ୍ତ ବେହେରା ଆଜିର ଡିଜିଟାଲ ଯୁଗରେ ସାକ୍ଷରତାକୁ ପ୍ରୋତ୍ସାହନ ସମ୍ପର୍କିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଏବଂ ଅଣସାକ୍ଷର ଚିହ୍ନଟଠାରୁ ଆରମ୍ଭକରି ସେମାନଙ୍କୁ ସାକ୍ଷରତାର ପ୍ରମାଣପତ୍ର ପ୍ରଦାନ ପର୍ଯ୍ୟନ୍ତର କାର୍ଯ୍ୟକ୍ରମ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ସନାତନ ଜାଲୀ ବାଣପୁରର ୧୭ଟି ପଞ୍ଚାୟତ ସମେତ ବାଣପୁର ଏନ୍ଏସିକୁ 'ଉଲ୍ଲାସ' କାର୍ଯ୍ୟକ୍ରମ ମାଧ୍ୟମରେ ଅଣସାକ୍ଷରମୁକ୍ତ ଯୋଜନା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିବା ସହ ସମସ୍ତ ଗୋଷ୍ଠୀ, ଅଭିଭାବକ ଓ ସାକ୍ଷର ସମାଜର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

## ପଞ୍ଚାୟତରେ ଆନ୍ତର୍ଜାତିକ ସାକ୍ଷରତା ଦିବସ

**ଦଶପଲ୍ଲା,୯।୯/ଏନ୍ଏନ୍ଏସ୍:** ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ ପ୍ରକଳ୍ପ ଅଧିକାର ଦଶପଲ୍ଲା ତରଫରୁ ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ତେଣ୍ଡାବାଡ଼ି ଗ୍ରାମ ପଞ୍ଚାୟତ ର ଲେମ୍ବୁଗୋଛା , ସିମିଳିସାହି ଗ୍ରାମ ପଞ୍ଚାୟତର ଗୋଡ଼ିବିଡ଼ା ଓ ଖମାରସାହି ଗ୍ରାମ ପଞ୍ଚାୟତର ପୁରୁଣା ଦଶପଲ୍ଲା ଇତ୍ୟାଦି ଗାଁରେ ପଞ୍ଚାୟତ ପ୍ରତିନିଧି, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ସି.ଆର.ପି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ଉପସ୍ଥିତିରେ ସ୍ଥାନୀୟ ଅଧିକାର ମିତ୍ରଙ୍କ ଅୟୋଜନ କ୍ରମେ ଆନ୍ତର୍ଜାତୀୟ ସାକ୍ଷରତା ଦିବସର ବୈଶିଷ୍ଟ୍ୟ ଓ ଏହାର ଆବଶ୍ୟକତା ତଥା ଗୁରୁତ୍ୱ ଓ ପୃଷ୍ଠଭୂମି ବିଷୟରେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସାକ୍ଷରତା -ନିରକ୍ଷର ବ୍ୟକ୍ତି ଓ ସାଧାରଣ ନାଗରିକଙ୍କୁ ସକ୍ଷମ ଓ ଶସକ୍ତ କରିବାରେ ସମର୍ଥ ହୋଇଥାଏ। ସାମାଜିକ ଓ ସାମ୍ବିଧାନିକ ନ୍ୟାୟ ପାଇବାରେ ନିଜେ ସଚେତନ ହୋଇଥାଏ। ଅଜ୍ଞତାରୁ ମୁକ୍ତି କରି ଜ୍ଞାନ ବିଜ୍ଞାନ ଦିଗରେ ଜାଗରଣ ଆଣିଥାଏ। କେବଳ ଲେଖିବା ଓ ପଢ଼ିବାରେ ସୀମିତ ନ ରହି ସମାଜକୁ ବୁଝିବାରେ ଓ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ଅନୁଭବ କରିବା କ୍ଷେତ୍ରରେ ନୈତିକ ମନୋବଳକୁ ସୁଦୃଢ଼ କରିଥାଏ। ତେଣୁ ସାକ୍ଷରତା ପାଇଁ ପ୍ରତି ଟି ସ୍ତରରେ ଗୁରୁତ୍ୱ ଦେବା ଆବଶ୍ୟକ ଅଟେ। ସମାଜକୁ ଜାଣିବା, ସରକାରୀ ଯୋଜନାକୁ ବୁଝିବା, ଏହାର ଉପକାରିତାକୁ ଅନୁଭବ କରିବା ପାଇଁ ସାକ୍ଷର ହେବା ଯଥେଷ୍ଟ ଆବଶ୍ୟକ ଅଟେ। ସାକ୍ଷରତା କେବଳ ମାମୁଲି ଅକ୍ଷର ଅବା ସାଧାରଣ ଦସ୍ତଖତ ଭିତରେ ସୀମିତ ନୁହେଁ। ସମାଜକୁ ପଢ଼ିବା, ସମସ୍ୟାକୁ ବୁଝିବା ଓ ନିଜ ସମସ୍ୟାକୁ ଉପସ୍ଥାପନା କରି ପାରିବାର ନୈତିକ ସାହସ ହେଉଛି ସକ୍ଷାରତା ଅନ୍ୟ ଏକ ପ୍ରମୁଖ ଦିଗ। ତେଣୁ ଏହାକୁ ଅଣ ଦେଖା କରିବା ଉଚିତ୍ ନୁହେଁ ବୋଲି ଉପସ୍ଥିତ ବ୍ୟକ୍ତି ।ନେ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ଟିପିସି ଓ ଡିଏଲଓ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାଶକ୍ତି ଫାଉଣ୍ଡେସନର ମିଳିତ ଉଦ୍ୟମରେ ସାଧାରଣ ଗରିବ ବଞ୍ଚିତ ଲୋକମାନେ କିପରି ସରକାରୀ ଜନମଙ୍ଗଳ ଯୋଜନାକୁ ବୁଝିପାରିବେ ଓ ଏହାର ସୁଫଳ ପାଇପାରିବେ ସେଥିପାଇଁ ବିଗତ ଦେଢ଼ବର୍ଷ ଧରି ଦଶପଲ୍ଲା ବ୍ଲକ୍‌ର ଦଶଟି ଆଦିବାସୀ ବହୁଳ ଅବହେଳିତ ଗ୍ରାମ ପଞ୍ଚାୟତରେ ପ୍ରକଳ୍ପ ଅଧିକାର ଦ୍ୱାରା ଏ ପ୍ରକାର ଜନସଚେତନତା କାର୍ଯ୍ୟକ୍ରମ ଗ୍ରାମ ଗୋଷ୍ଠୀଙ୍କ ସହଯୋଗର ନିରନ୍ତର କରାଯାଇଆସୁଛି।

## ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ

**ବାଲୁଗାଁ,୯।୯/ଏନ୍ଏନ୍ଏସ୍:** ଛାତ୍ରଛାତ୍ରୀମାନେ ସମ୍ପ୍ରତି ଚାପମୁକ୍ତ ହୋଇ ଅଧ୍ୟୟନ କରିବା ସହ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ଉଚିତ ବୋଲି ବାଲୁଗାଁ ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ଆଇନ, ଅବକାରୀ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟର ଗୁଣାତ୍ମକ ବିକାଶରେ ପୁରାତନ ଛାତ୍ରଛାତ୍ରୀମାନେ ଯୋଡି ହେବା ଆବଶ୍ୟକ ବୋଲି ସେ କହିଥିଲେ। ଉକ୍ତ ପ୍ରତିଷ୍ଠା ଦିବସ ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଚିଲିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ବେହେରା ଓ ପୂର୍ବତନ ଅଧ୍ୟକ୍ଷା ଡ଼କ୍ଟର କସ୍ତୁରୀ ସାହୁ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ପରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ଼କ୍ଟର କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଅଧ୍ୟକ୍ଷା ଡ଼କ୍ଟର କସ୍ତୁରୀ ସାହୁଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏଥି ସହ ମହାବିଦ୍ୟାଳୟରେ ନିରବଛିନ୍ନ ଭାବେ ୨୫ବର୍ଷ ପୂରଣ କରିଥିବା ଅଧ୍ୟାପକ ସୁବ୍ରତ କୁମାର ତ୍ରିପାଠୀ, ବିଦ୍ୟାଧର ଜୁଝାରସିଂହ, ପ୍ରବୀଣ କୁମାର ଜେନା ଓ ମୃଡାନୀ ଶଙ୍କର ପ୍ରସାଦ ମିଶ୍ରଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ପରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କ ସମେତ ଏନସିସି କ୍ୟାଡେଟ୍, ଏନଏସଏସ ଓ ଯୁବ ରେଡକ୍ରସର ଶ୍ରେଷ୍ଠ ସ୍ୱେଚ୍ଛାସେବୀମାନଙ୍କୁ ପୁରସ୍କାର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। +୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ।

## ମଙ୍ଗଳା ବଜାରରେ ଗଣେଶ ଭସାଣି

**କାକଟପୁର,୯।୯/ଏନ୍ଏନ୍ଏସ୍:** କାକଟପୁର ଅଞ୍ଚଳର ସର୍ବପୁରାତନ ଏବଂ ମା' ମଙ୍ଗଳା ସେବକମାନଙ୍କ ଦ୍ୱାରା ଆୟୋଜିତ ମଙ୍ଗଳା ବଜାର ଗଣେଶ ଭସାଣି ଯାତ୍ରା ଦେଖିବାକୁ ଶହ ଶହ ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଜମିଥିଲା। ମଙ୍ଗଳା ମନ୍ଦିର ନିକଟରୁ ଗଣେଶଙ୍କ ଭସାଣି ଯାତ୍ରା କାକଟପୁର ର ସେବକ ସାହି, ମୁଖ୍ୟ ବଜାର ପରିକ୍ରମା କରିଥିବା ବେଳେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଆୟୋଜକ କମିଟି ପକ୍ଷରୁ ରାଜସ୍ଥାନର ମଟକା ଡ୍ୟାନ୍ସ, କର୍ଣ୍ଣାଟକର କ୍ରିଷ୍ଣା ଲାଇଟ ଝାଙ୍କି, କେରଳର ମେଲମ ବାଜା, ଚେନ୍ନାଇର ସାଉଥ ମେଫେଟ, ମୁମ୍ବାଇ ଅନ୍ଧେରିରୁ ଜୋକର ଡ୍ୟାନ୍ସ, ବାଣପୁର ଭବବତୀର ଡ୍ରମ ବାଜା, ବଲାଙ୍ଗୀର ଫେମସ ଜାଗୁଲାଇର ସିଂହବାଜା, ବାଲେଶ୍ୱରର ଟେଡି ଡ୍ୟାନ୍ସ ସାଙ୍ଗକୁ ଘଣ୍ଟ ଘଣ୍ଟା ବଜାଇ କାକଟପୁର ବଜାରକୁ ପ୍ରକମ୍ପିତ କରିଦେଇଥିଲା। ଏହି ଭସାଣି ଉତ୍ସବରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ କାକଟପୁର ଥାନା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଶୋଭାଯାତ୍ରା ଶେଷରେ ପୁଣ୍ୟତୋୟା ପ୍ରାଚୀ ନଦୀରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ସେବକ ସାହି ତରଫରୁ ସେବକ ସମିତି ସଭାପତି ମନୋରଞ୍ଜନ ପଣ୍ଡା, ତପନ କୁମାର ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତ, ପ୍ରଦୀପ୍ତ କୁମାର ଦୀକ୍ଷିତ, ଅଶୋକ କୁମାର ଦୀକ୍ଷିତ, ଶିବାଜୀ ପଣ୍ଡା, ସୂର୍ଯକାନ୍ତ ଦୀକ୍ଷିତ,କମଳ ଲୋଚନ ଦୀକ୍ଷିତ,ମାନସ କୁମାର ଦୀକ୍ଷିତ, ହରିହର ଦୀକ୍ଷିତ, ସମରେନ୍ଦ୍ର ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, ପାରେଶ୍ୱର ପାଢ଼ୀ, ଜୀବନଜ୍ୟୋତି ଦୀକ୍ଷିତ, ସ୍ୱାଧୀନ ଦୀକ୍ଷିତ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟର୍‌ସ୍ତରୀୟ ମାସିକ ବୈଠକ

**ଖୋର୍ଦ୍ଧା,୯।୯/ଏନ୍ଏନ୍ଏସ୍:** ଶନିବାର ସରକାରୀ ଉଚ୍ଚ ବିଦ୍ୟାଳୟ ବଙ୍ଗିଦା ଠାରେ କାଇପଦର କ୍ଲଷ୍ଟରର ତୃତୀୟ କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ ସି ଆର ସି ସି ଶ୍ରୀମତୀ ବାଗେଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଏଫ ଏଲ ଏନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇ ସଭାର ସମସ୍ତ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଏଠାରେ ଉକ୍ତ ବିଦ୍ୟାଳୟର ଶିଶୁ ବାଟିକା ପ୍ରଥମ ଦ୍ୱିତୀୟ ତୃତୀୟ ଶ୍ରେଣୀ ପିଲାମାନଙ୍କୁ ନେଇ ବହୁ ଶ୍ରେଣୀୟ ଶିକ୍ଷଣ କାର୍ଯ୍ୟ ଉଭୟ ସଂଖ୍ୟା ଜ୍ଞାନ ଓ ଭାଷା ଉପରେ କରାଯାଇଥିଲା ଏଥିରେ ସମସ୍ତେ ସକ୍ରିୟ ଅଂଶ ଗ୍ରହଣ କରିବା ସହିତ ନିଜ ନିଜର ବହୁ ମୂଲ୍ୟ ମତ ରଖିଥିଲେ। ଉକ୍ତ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହିତ ପିଲାମାନଙ୍କର ଶିକ୍ଷଣ ସ୍ତର ବୃଦ୍ଧି କରିବା ନିମନ୍ତେ ଆମ ସରକାରଙ୍କର ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ମତ ପୋଷଣ କରିଥିଲେ। ପରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ କ୍ଲଷ୍ଟରକୁ ଗୌରାବାନ୍ୱିତ କରିଥିବା ସହକାରୀ ଶ୍ରୀଯୁକ୍ତ ଆଶିଷ କୁମାର ରାୟକୁ ସମ୍ବର୍ଦ୍ଧିତ କରାଯିବା ସହିତ ରାଜ୍ୟ ପ୍ରାଥମିକ ସଙ୍ଘରେ ନିଜର ସ୍ଥାନ ବଜାୟ ରଖିଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାଟପଡାର ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ଜିଲ୍ଲା କଂଗ୍ରେସ ସଭାପତି ମନୋନୟନ ପାଇଁ ତୃଣମୂଳ ସ୍ତରରୁ ମତାମତ

**ନୟାଗଡ଼,୯।୯/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ବାଛିବା ପାଇଁ ପର୍ଯ୍ୟବେକ୍ଷକ ମାନେ ତୃଣମୂଳ ସ୍ତରରୁ ମତାମତ ଲୋଡୁଛନ୍ତି। ତଳସ୍ତରର କର୍ମୀମାନେ ଯାହାଙ୍କ ଉପରେ ବିଶ୍ୱାସ ସହ ଆସ୍ଥା ଭାଜନ କରିବେ ତାଙ୍କୁ ସଭାପତି ଭାବେ ମନୋନୀତ କରିବେ। ନୟାଗଡ଼ ଜିଲ୍ଲା କଂଗ୍ରେସକୁ ମଜଭୁତ କରିବା ସହିତ ଜିଲା ସଭାପତି ମନୋନୟନ ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ମହେଶ ଶର୍ମା ଓ କଂଗ୍ରେସର ପୂର୍ବତନ ମନ୍ତ୍ରୀ ଅମର ପ୍ରଧାନ ଜିଲ୍ଲାର ବିଭିନ୍ନ ବ୍ଲକ ଗସ୍ତ କରି ଦଳୀୟ କର୍ମୀଙ୍କ ସହ ଆଲୋଚନା କରୁଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ କର୍ମୀ ମହଲରେ ତତ୍ପରତା ପ୍ରକାଶ ପାଇଛି। ନୟାଗଡ଼ର ପୂର୍ବତନ ଜିଲା କଂଗ୍ରେସ ସଭାପତି ରଞ୍ଜିତ ଦାସ ବହୁଦିନ ଧରି କାର୍ଯ୍ୟ ତୁଲାଇବା ପରେ ପିସିସି ସଭାପତି ଭକ୍ତଚରଣ ଦାସ ସତ୍ୟବ୍ରତ ନାୟକଙ୍କୁ ଜିଲ୍ଲା କଂଗ୍ରେସ ସଂଯୋଜକ ଭାବେ ଦାୟିତ୍ୱ ଦେଇଛନ୍ତି। ଏବେ ଶ୍ରୀ ନାୟକ କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟ ତୁଲାଉଛନ୍ତି। ନୟାଗଡ଼ କଂଗ୍ରେସ ସଭାପତି ଦୌଡ଼ରେ ସତ୍ୟବ୍ରତ ନାୟକ, ଆଇନଜୀବୀ ଗଞ୍ଜିତ ଦାସ, ହୁସେନ୍ ଖାଁ, ବିଭୁପ୍ରସାଦ ମିଶ୍ର,ମନୋଜ କୁମାର ନାୟକ ଓ କମଳଲୋଚନ ସାହୁ ପ୍ରମୁଖ ରହିଛନ୍ତି। ପର୍ଯ୍ୟବେକ୍ଷକ ମାନେ ନୟାଗଡ଼ ପୂର୍ତ୍ତ ଡାକବଙ୍ଗଳାରେ ଡେରା ପକାଇବା ସହ ବିଭିନ୍ନ ବ୍ଲକ ଗସ୍ତ କରି କେନ୍ଦ୍ରୀୟ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ତୃଣମୂଳସ୍ତରରେ ଥିବା କଂଗ୍ରେସ କର୍ମୀ, ସଂଗଠକ, ବୁଦ୍ଧିଜୀବୀ, ଜନସାଧାରଣଙ୍କ ମତ ଲୋଡୁଛନ୍ତି। କଂଗ୍ରେସକୁ ତୃଣମୂଳସ୍ତରରୁ ଦୃଢ଼ କରିବା ପାଇଁ ଦକ୍ଷ ସଂଗଠକଙ୍କୁ ପ୍ରାଧାନ୍ୟ ଦେବାପାଇଁ ପ୍ରୟାସ ଜାରି ରଖିଥିବା ବେଳେ ପର୍ଯ୍ୟବେକ୍ଷକ ମାନେ ଦକ୍ଷ କଂଗ୍ରେସ ନେତାଙ୍କୁ ନେଇ ମତାମତ ସଂଗ୍ରହ କରୁଛନ୍ତି। କାହାକୁ ଜିଲା ସଭାପତି ଦାୟିତ୍ୱ ଦିଆଗଲେ ଜିଲାର ସାଂଗଠନିକ କାର୍ଯ୍ୟ ସୁଦୃଢ଼ ହୋଇପାରିବ, କର୍ମୀମାନେ ବିଶ୍ୱାସ ରଖିପାରିବେ ସେନେଇ ମତାମତ ଲୋଡ଼ାଯାଉଛି। ଜିଲା ସଭାପତି ଭାବେ କିଏ ମନୋନୀତ ହେବ ଏବଂ କାହା ନାମ ସୁପାରିସ ହେବ ସେନେଇ ଦଳୀୟ ମହଲରେ କଳ୍ପନାଜଳ୍ପନା ଜାରି ରହିଛି। ଆଗକୁ ପଞ୍ଚାୟତ ଓ ପୌର ସ୍ତରୀୟ ନିର୍ବାଚନ ଥିବାରୁ କଂଗ୍ରେସ ପ୍ରାର୍ଥୀମାନେ ଯେପରି ବିଜୟଲାଭ କରିବେ ସେଥିପାଇଁ ସଂଗଠନ ସୁଦୃଢ଼ କରିବାକୁ ପର୍ଯ୍ୟବେକ୍ଷକ ପରାମର୍ଶ ଦେଉଛନ୍ତି। ଜିଲା ସଂଯୋଜକ ସତ୍ୟବ୍ରତ ନାୟକଙ୍କ ସୂଚନା ଅନୁଯାୟୀ ଜିଲାର ସାଙ୍ଗଠନିକ ବୈଠକ ଶେଷ ହେବାପରେ ଜିଲ୍ଲା ସଭାପତି ପଦ ଘୋଷଣା କରାଯିବ।

## ଯାତ୍ରୀ ବିଶ୍ରାମାଗାରର ଭିତ୍ତିଭୂମି ବିକାଶ ଦାବି

**ଖଣ୍ଡପଡ଼ା,୯।୯/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହିଠାରୁ ଆଡ଼କଟା ଛକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାର୍ଶ୍ୱସ୍ଥିତ ଅଁଳାପଟା ଓ ରାମଚନ୍ଦ୍ରପୁର ଗ୍ରାମବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଦୀର୍ଘବର୍ଷ ତଳେ ୨ଟି ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯାଇଥିଲା। ମାତ୍ର ସମୟାନୁକ୍ରମେ ପ୍ରଶାସନ ଓ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଯାତ୍ରୀ ବିଶ୍ରାମାଗାର ୨ଟି ଏବେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଗୋରୁଗାଈ ଓ ବୁଲା କୁକୁରଙ୍କ ଆଶ୍ରୟସ୍ଥଳୀ ପାଲଟିଥିବା ଏହି ବିଶ୍ରାମଗାରର ଚତୁଃପାର୍ଶ୍ୱ ଅନାବନା ଘାସ ଓ ଗଛଲତାରେ ପରିପୂର୍ଣ୍ଣ ହୋଇଥିବାରୁ ବିଭିନ୍ନ ପ୍ରଜାତିର ବିଷଧର ସରୀସୃପ ସେଠାରେ ବାସ କରୁଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। ଦୀର୍ଘଦିନ ଧରି ଯାତ୍ରୀମାନେ ସେଠାକୁ ଯିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଜଣାପଡିଛି। ପ୍ରଶାସନ ଓ ପୂର୍ତ୍ତବିଭାଗ ଉଚ୍ଚ କର୍ତ୍ତୃପକ୍ଷ ସେଥିପ୍ରତି ଦୃଷ୍ଟିଦେଇ ଯାତ୍ରୀ ବିଶ୍ରାମାଗାର ୨ଟିର ପୁନରୁଦ୍ଧାର କଲେ ଗ୍ରାମବାସୀ ଉପକୃତ ହୋଇପାରନ୍ତେ ବୋଲି ସାଧାରଣରେ ଆଲୋଚନା ହେଉଛି। ସେହିପରି ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯାତ୍ରୀ ବିଶ୍ରାମାଗାରରେ ଶୌଚାଳୟ ,ପାନୀୟଜଳ ଓ ରାତ୍ରକାଳରେ ଉଜ୍ଜ୍ୱଳ ଆଲୋକୀକରଣର ବ୍ୟବସ୍ଥା କରିବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସର୍ବସାଧାରଣଙ୍କ ହିତକୁ ଦୃଷ୍ଟିରେ ରଖି ଯାତ୍ରୀ ବିଶ୍ରାମାଗାର ଦୁଇଟିର ଭିତ୍ତିଭୂମି ବିକାଶ ନିମନ୍ତେ ପୂର୍ତ୍ତବିଭାଗ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ 'ମାଆ ପାଇଁ ଗଛଟିଏ'

**ଚାରିଛକ,୯।୯/ଏନ୍ଏନ୍ଏସ୍:** ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ ଚହଟା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ର ଆଜି ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ମିଶ୍ରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ସାଂସଦଙ୍କ ନିମାପଡା ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମଞ୍ଜୁଶ୍ରୀ ଭୋଇ ଯୋଗଦେଇ ପରିବେଷକୁ ସୁରକ୍ଷୀତ ରଖିବା ସହିତ ଅଧିକ ଅମ୍ଳଜାନ ଯୋଗାଇବାକୁ ବୃକ୍ଷର ଆବଶ୍ୟକତା ରହିଛି ତେଣୁ ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଗଛ ଲଗାଇବା ପାଇଁ ଅନୁରୋଧ କରଛନ୍ତି ବୋଲି ମୁଖ୍ୟ ଅତିଥି ଶ୍ରୀ ଓଝା ମତବ୍ୟକ୍ତ କରିଥିଲେ। ଆଜିର ଏହି ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ସିଆରସିସି ରବୀନ୍ଦ୍ର କୁମାର ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଗୋଛାୟତ, ଅମରେଶ୍ୱର ନେତାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁମିତ୍ରା ମେଲେକା, ସହକାରୀ ଶିକ୍ଷକ ପ୍ରଭାତ କୁମାର ଦାଶ, ଶିକ୍ଷକ ସୁଶାନ୍ତ କୁମାର ଦାଶ, ଶିକ୍ଷକ ତୋଫାନ କୁମାର ପାତ୍ର, ୱାର୍ଡସଭ୍ୟ ବିଜୟ କୁମାର ଦାସ, ଯୁବସମାଜସେବୀ ଡମ୍ବରୁଧର ମିଶ୍ରଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

### ଗୋପ୍‌ର ବିକାଶ ପୁରୁଷ ସତ୍ୟପ୍ରିୟ ନାୟକଙ୍କ ବିୟୋଗରେ ଶୋକ

**ଗୋପ,୯।୯/ଏନ୍ଏନ୍ଏସ୍:** ଶୁକ୍ରବାର ଗୁରୁ ଦିବସରେ ଗୋପ ଅଞ୍ଚଳର ବିକାଶ ପୁରୁଷ ବରିଷ୍ଠ ଶିକ୍ଷାବିତ ସତ୍ୟପ୍ରିତ ନାୟକଙ୍କ ୯୦ ବର୍ଷ ବୟସରେ ଗୋପ ବ୍ଲକ ଅଧିନ ଗଣେଶ୍ୱରପୁର ଗ୍ରାମ ପଞ୍ଚାୟତ ବନପ୍ରଭା ସ୍ଥିତ ନିଜସ୍ୱ ବାସଭବନରେ ଦେହାନ୍ତ ହୋଇଛି। ସ୍ୱର୍ଗତ ନାୟକ ଗୋପ ବିକାଶ ପରିଷଦର ସଭାପତି ଭାବେକାର୍ଯ୍ୟ କରି ଅନେକ ସମସ୍ୟା ଦୂର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## କୃତୀ ଶିକ୍ଷକଙ୍କୁ ଗୁରୁ ଗୌରବ ସମ୍ମାନ

**ନିଶ୍ଚିନ୍ତକୋଇଲି,୯।୯/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ଦାଉଦପୁର ପଞ୍ଚାୟତ ବୋଧଙ୍ଗ ସରକାରୀ ୟୁଜିଏମଇ ବିଦ୍ୟାଳୟର ଶିକ୍ଷକ ନରେନ୍ଦ୍ର କୁମାର ଦାଶଙ୍କୁ ପବିତ୍ର ଗୁରୁଦିବସ ଅବସରରେ ଗୁରୁ ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ମାହାଙ୍ଗା-ନିଶ୍ଚିନ୍ତକୋଇଲି ଗୁରୁପୂଜନ ସମିତି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗ ଦେଇ ଶ୍ରୀ ଦାଶଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ, ଉପାଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପୃକ୍ତ ଶିକ୍ଷକଙ୍କୁ ଦାଉଦପୁର ପଞ୍ଚାୟତର ସମାଜସେବୀ ଦିଲ୍ଲୀପ କୁମାର ମହାନ୍ତି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟି ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଫାର୍ମାସୀ କଲେଜରେ ଅଗ୍ନି ପ୍ରଶିକ୍ଷଣ ଶିବିର

**ସାଲେପୁର,୯।୯/ଏନ୍ଏନ୍ଏସ୍:** ସାଲେପୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜି ପରିସରରେ ଏକ ଅଗ୍ନି ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାଲେପୁର ଅଗ୍ନିଶମ ବିଭାଗ ମୁଖ୍ୟ ଅଧିକାରୀ ଆଶିଷ କୁମାର ଚୌଧୁରୀ, ଅଗ୍ନିଶମ କର୍ମଚାରୀ ସୁବାସ ଚନ୍ଦ୍ର ଭୂୟା, ଲକ୍ଷ୍ମୀଧର ଓଝା, ଦୀପକ କୁମାର ମହାନ୍ତି, ଶ୍ରୀଧର ନାୟକ, ଜନ୍ମେଜୟ ସାହୁ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ଦେବା ସହିତ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ବିପଦ ସମୟରେ କିପରି ଭାବରେ ଅଗ୍ନି ବିଭୀଷିକାକୁ ନିୟନ୍ତ୍ରଣ କରି କିଭଳି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିହୁଏ ସେ ସମ୍ପର୍କରେ ଆଲୋଚନାଚକ୍ର ସହିତ ନିଆଁ ଲିଭାଇବା ଯନ୍ତ୍ର ଓ ପ୍ରଣାଳୀ ପ୍ରଦର୍ଶନ କରିଥିଲେ। ଏଥିରେ କଲେଜ ର ଛାତ୍ରଛାତ୍ରୀ ଓ କର୍ମଚାରୀ ମାନେ ଉତ୍ସାହିତ ହେବା ସହିତ ଅଗ୍ନି ସମବାୟ କର୍ମଚାରୀ ମାନଙ୍କୁ ସେମାନଙ୍କ ର ସାମଜ ପାଇଁ ଥିବା ବିଶିଷ୍ଟ କର୍ତ୍ତବ୍ୟ ଓ ଉତ୍ତରଦାୟିତ୍ୱ ପାଇଁ ଭୂୟସୀ ପ୍ରଶଂସା ପୂର୍ବକ କରତାଳି ସହିତ ସ୍ୱାଗତ ଜଣାଇଥିଲେ। ପରିଶେଷରେ ଛାତ୍ରଛାତ୍ରୀମାନେ ନିଜେ ନିଜେ ସମସ୍ତ ପ୍ରଣାଳୀକୁ ଅନୁସରଣ କରି ମକଡ୍ରିଲ କରିଥିଲେ। ଅଧ୍ୟକ୍ଷ ଡାଃ ପ୍ରବୀର କୁମାର ସିହ୍ନା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ଡାଃ ସୁଶାନ୍ତ କୁମାର ବେହେରା, ଡାଃ ସୁଜିତ ଦାଶ, ମନୋରଞ୍ଜନ ଶତପଥୀ, ନରେନ୍ଦ୍ର କୁମାର ମିଶ୍ର, ମହେନ୍ଦ୍ର କୁମାର ପାତ୍ର, ଅକ୍ଷୟ ମୋହନ ନାୟକ, ସୂର୍ଯ୍ୟନାରାୟଣ ଭୂୟାଁ, ରୁଦ୍ର ସାଗର ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଚଢ଼ା ଦରରେ ସାର ବିକ୍ରି: ଚିନ୍ତାରେ ଚାଷୀ

**କୁଆଁପାଳ,୯।୯/ଏନ୍ଏନ୍ଏସ୍:** ମାହାଙ୍ଗା ଅଞ୍ଚଳରେ ଚାଷୀମାନେ ଏବେ ସାର ପାଇଁ ଚିନ୍ତା ପ୍ରକଟ କଲେଣି। ସରକାରୀ ଭାବେ ବିଭିନ୍ନ ସୋସାଇଟି ଓ ସାର ବ୍ୟବସାୟୀଙ୍କୁ ଯୋଗାଇ ଦିଆଯାଇଥିବା ୟୁରିଆ ଓ ଅନ୍ୟାନ୍ୟ ସାର ବ୍ୟାପକ କଳାବଜାରୀ ମାହାଙ୍ଗା ଅଞ୍ଚଳରେ କରାଯାଉଥିବା ଅଭିଯୋଗ ହେଉଛି। ଫଳରେ ଚାଷୀମାନେ ସରକାରୀ ଦରରେ ସାର ପାଇପାରୁ ନାହାନ୍ତି, ସେମାନେ ବିଭିନ୍ନ ବଜାରରେ ଥିବା ସାରଦୋକାନୀ ଠାରୁ ଚଢ଼ାଦରରେ ସାର କିଣୁଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ସରକାର ଚାଷୀମାନଙ୍କ ପାଇଁ କେତେ ପରିମାଣରେ, କେଉଁ କେଉଁ ତାରିଖରେ କେଉଁ କେଉଁ ସୋସାଇଟି ଓ ସ୍ୱୀକୃତିପ୍ରାପ୍ତ ସାର ଦୋକାନୀକୁ ସାର ଯୋଗାଇ ଦେଇଛନ୍ତି। ମାହାଙ୍ଗା ଅଂଚଳର କୃଷକମାନେ ଜାଣିନାହାନ୍ତି କେତେ ସାର ଆସୁଛି। ଏପରିକି କୃଷି ବିଭାଗ କାର୍ଯ୍ୟାଳୟକୁ ଯୋଗାଯୋଗ କଲେ ମଧ୍ୟ ସଠିକ୍ ସୂଚନା ମିଳୁ ନାହିଁ। ଏଣୁ ରାଜ୍ୟ ସରକାର ତୁରନ୍ତ ମାହାଙ୍ଗା ଅଞ୍ଚଳରେ ସାରକୁ ନେଇ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ କରିବା ସହ ସାର କଳାବଜାରୀଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀ ମହଲରେ ଦାବି ହୋଇଛି।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 09/09/2025, I, Nibedita Nayak, Address- Plot No.102, Sarala Nagar, Laxmisagar, Bhubaneswar, Jharapada, Khordha, Pin-751006 declare that I have changed the name of my son from Aurosrujan Jena to Sri Auro Srujan Jena. Henceforth, he shall be known as **Sri Auro Srujan Jena** for all purposes. **Nibedita Nayak**

**AFFIDAVIT**

By Virtue of an affidavit CF no 92, sworn before Executive Magistrate, Bhubaneswar Dated 09.09.2025, I Mamata Pradhan, W/o -Ramakant Pradhan, At -Badangia, Atinbadi, Daringbadi, Dist - Kandhamal, Pin-752104 declare that I have changed the my minor son's name from Admit Pradhan to Arjit Pradhan. Henceforth, he shall be known as **Arjit Pradhan** for all purposes.

**AFFIDAVIT**

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 08/09/2025 I, KSHETRA MOHAN MAHARANA, S/o- Banshidhar Maharana of vill - Kaniposi, Po- Jadichatar, Ps-Sadar, Dist- Keonjhar, Pin-758017 Declare that I have changed my son's name from RAJKISOR MAHARANA to AYUSH MAHARANA. Hence forth, he shall be known as **AYUSH MAHARANA** for all purposes.
**KSHETRA MOHAN MAHARANA**

**NOTICE**

The partnership firm LIFELINE ODISHA HOSPITAL bearing Regd No- 220202500367/2025 Dist- Balasore, Odisha has been reconstituted on dtd 01/08/2025 due to Retirement of partner Shri Kali Charan Raulo w.e.f 01.08.2025.
Shri Amlan Kumar Nayak
Managing Partner
LIFELINE ODISHA HOSPITAL

**AFFIDAVIT**

By virtue of an affidavit sworn before Notary Public, Balliguda dated 6.9.2025, I Ranjan Pradhan, aged about 45 years, Son of Mahanti Pradhan of Village- Jiridikia, P.O- Siringia, P.S- Sarangada, Dist- Kandhamal, PIN- 762106, Odisha have changed the name of my minor son from "**Jushmanta Pradhan**" to "**Dushmanta Pradhan**", and henceforth he shall be known as "**Dushmanta Pradhan**" for all purpose.

**NOTICE**

The partnership firm M/S SARALA AGENCY bearing Regd No 822/2017 Dist- Cuttack, Odisha has been dissolved on dtd 06/09/2025 due to death of Sri Sudhansu Sekhar Panda (Deceased Partner) on 16.11.2020 and Retirement of partners Sri Suvendu Sekhar Panda & Sri Arddhendu Sekhar Panda w.e.f 06/09/2025.
Sri Suvendu Sekhar Panda
Managing Partner
M/S SARALA AGENCY

**AFFIDAVIT**

By virtue of an affidavit sworn before Executive Magistrate, Pipili, dated 03.09.2025. I, Gitanjali Pradhan, W/o- Anama Charan Pradhan permanent resident of Vill- Baligaon, Po- Praharajpur, Ps- Pipili, Dist- Puri, Pin-752016 declare that I have changed my sons name from Surjyakanta Majhi to Surjyakanta Pradhan. Henceforth, he shall be known as **Surjyakanta Pradhan** for all purpose. **Gitanjali Pradhan**

**NOTICE**

The partnership firm M/S SANTOSH KUMAR & CO bearing Regd No. 1042/2017 Dist- Cuttack has been reconstituted on 03.09.2025 due to death of Sri Santosh Kumar Lath (Deceased Partner) and admission of partner Smt Ritu Lath w.e.f 03.09.2025.
Sri Yogesh Lath
Managing Partner
M/S SANTOSH KUMAR & CO

**AFFIDAVIT**

By virtue of this affidavit sworn before Notary Public, Paradip, vide Affidavit sl no.46 dtd.05.09.2025, I Sukanta Chaudhuri, Qtr No : NB/148, Nuabazar, PO/PS- Paradip, Dist- Jagatsinghpur, Odisha - 754142 declares that it is necessary to make correction the surname of my father as **Chowdhury** instead of **Chaudhuri** in my Passport as per my Aadhar card no. 4157 24314143.

**NOTICE**

Consequent upon death of Deceased partner (Krishna Bakshi) on dtd 18.06.2013 the partnership firm M/S Abhoy Charan Bakshi Dist- Khurda, Odisha bearing Regd No. 453/2005 has been reconstituted on 31.12.2013 due to admission of partner namely is Sumit Kumar Bakshi w.e.f. 31.12.2013. The reconstitution dtd 31.12.2013 has been recently indicated vide affidavit dtd 24.03.2025 before Notary Public, Cuttack.
Sudarsan Bakshi
Partner
M/S Abhoy Charan Bakshi

**GOVERNMENT AUTONOMOUS COLLEGE, ROURKELA**

CAD-1712

**TENDER CALL NOTICE**

**FOR HIRING OF MANPOWER SERVICES**

Two bids Sealed Tenders are invited for supply of Manpower to Government Autonomous College Rourkela. For Detailed information, last date for submission, Terms and conditions of Tender Papers visit the College Website http//www.gacrkl.ac.in

Sd/-
PRINCIPAL

OIPR-11146/11/0011/2526

E-mail : vimsarsuptd24gmail.com

E-377

**GOVERNMENT OF ODISHA**
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR) ODISHA-768017**

*****

No. 13289/VIMSAR Dated, Burla, the 8th September, 2025

**TENDER CALL NOTICE**

Sealed Tenders are hereby invited by the undersigned from the reputed Authorized Dealers & Registered firms under GST Act for supply of the following reagents required for the PA-50 ASPEN make Protein Analyser of Neph plus-4 model to this hospital so as to reach this office of the Superintendent, VSS Institute of Medical Science & Research, Burla on or before dt. 06.10.2025 up to 5.00 PM through Regd. Post / Speed Post only and that will be opened in the next working day at 11.30 A.M.

1. RF 2. CRP 3. ASO 4. D-DIMER 5. ANTI-CCP 6. HbA1C 7. U-ALBUMIN

The details terms and conditions of this tender call notice can be downloaded from Dist. website http://Sambalpur.odisha.gov.in. and institute website www.vimsar.ac.in

The undersigned / committee reserves the full right to accept in full or reject any or all the tenders without assigning any reasons thereof.

Sd/- Superintendent
VIMSAR, Burla

OIPR-10187/11/0048/2526

## ସବ୍‌ରେଜିଷ୍ଟ୍ରାର୍ ଓ ସବ୍‌ଟ୍ରେଜେରୀ କାର୍ଯ୍ୟାଳୟ ସ୍ଥାପନ ପାଇଁ ଜନସ୍ୱାର୍ଥ ମାମଲା

**ନିଶ୍ଚିନ୍ତକୋଇଲି,୯।୯/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଓଡ଼ିଶାର ଦ୍ୱିତୀୟ ସର୍ବବୃହତ୍ତମ ବ୍ଲକ ଅଟେ । ଏହି ବ୍ଲକ ଅଧିନରେ ୪୧ଗୋଟି ପଞ୍ଚାୟତ ରହିଥିବା ବେଳେ ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଲୋକେ ବସବାସ କରନ୍ତି । ଦୀର୍ଘ ବର୍ଷ ହେବ ଏହି ବ୍ଲକ ଅଞ୍ଚଳରେ ଗୋଟିଏ ସବରେଜିଷ୍ଟାର ଓ ସବଟ୍ରେଜରୀ କାର୍ଯ୍ୟାଳୟ ସ୍ଥାପନା କରିବା ପାଇଁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଠାରେ ଲୋକମାନେ ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି । ଏହି ଦୁଇ କାର୍ଯ୍ୟାଳୟରେ ହେବାକୁଥିବା ବିଭିନ୍ନ କାର୍ଯ୍ୟ ପାଇଁ ଲୋକମାନେ ସାଲେପୁର ସବରେଜିଷ୍ଟାର ଓ ସବଟ୍ରେଜରୀ କାର୍ଯ୍ୟାଳୟକୁ ଦୌଡୁଛନ୍ତି । ଏହି ବ୍ଲକର ଶେଷ ସୀମାରୁ ସାଲେପୁର ୨୫କିମିରୁ ଉର୍ଦ୍ଧ୍ୱ ଦୂରତା ହୋଇଥିବା ବେଳେ ଲୋକମାନେ ବହୁ ଖର୍ଚ୍ଚାନ୍ତ ହୋଇ ସେମାନଙ୍କର କାର୍ଯ୍ୟ ପାଇଁ ଯାଇଥାନ୍ତି । ଜନସାଧାରଣଙ୍କର ଏଭଳି ସମସ୍ୟା ଦେଖି ଏହାକୁ ସମାଧାନ କରି ସବୁ ଦୃଷ୍ଟିରୁ ସୁବିଧା ପାଇଁ ଏ ଅଞ୍ଚଳର ସମାଜସେବୀ ତଥା ଯୁବ ଆଇନଜୀବୀ ପ୍ରମୋଦ କୁମାର ରାଉତ(ଟୁଟୁବାବୁ) ଏହି ବ୍ଲକ ଅଧୀନରେ ସବରେଜିଷ୍ଟାର ଓ ସବଟ୍ରେଜରୀ କାର୍ଯ୍ୟାଳୟ ସ୍ଥାପନା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ସୋମବାର ଏକ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି । ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ ପୂର୍ବରୁ ସାଲେପୁର ତହସିଲ ଓ କୋର୍ଟ ଅଧିନରେ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକ ଅନ୍ତର୍ଭୁକ୍ତ ହୋଇ ରହିଥିଲା । କାଳକ୍ରମେ ମାହାଙ୍ଗା ବ୍ଲକ ଅଞ୍ଚଳରେ ଏବେ ତହସିଲ, କୋର୍ଟ, ସବରେଜିଷ୍ଟାର, ସବଟ୍ରେଜରୀ କାର୍ଯ୍ୟାଳୟ ସ୍ଥାପନ ହୋଇସାରିଲାଣି । ହେଲେ ଅଦ୍ୟାବଧି ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ କେବଳ ତହସିଲ ଓ କୋର୍ଟ ଖୋଲିଥିଲା ବେଳେ ସବରେଜିଷ୍ଟାର ଓ ସବଟ୍ରେଜରୀ କାର୍ଯ୍ୟାଳୟ ଖୋଲାଯାଇନାହିଁ । ଫଳରେ ଲୋକମାନେ ପ୍ରତ୍ୟେକ ଦିନ ଏହି କାର୍ଯ୍ୟାଳୟରେ ଥିବା ବିଭିନ୍ନ କାର୍ଯ୍ୟ ପାଇଁ ସାଲେପୁର ଯାଉଥିବା ବେଳେ ବିଭିନ୍ନ ସମସ୍ୟାରେ ପଡୁଛନ୍ତି । ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି ଦୁଇ କାର୍ଯ୍ୟାଳୟ ସ୍ଥାପନ କରାଗଲେ ଲୋକମାନେ ସହଜ ଓ ସୁବିଧାରେ ସମସ୍ତ କାର୍ଯ୍ୟ କରିପାରନ୍ତେ ବୋଲି ମତପ୍ରକାଶ ପାଇଛି । ସରକାର ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସିନ୍ଦା ଦାବି କରିଛନ୍ତି ।

## ପ୍ରଥମ ପୃଷ୍ଠାରୁ

### ସିପି ରାଧାକୃଷ୍ଣନ୍ ଦେଶର ...

ଖାତାକୁ ଆସିଛି । ସେହିପରି ଯଦି ଇଣ୍ଡିଆ ମେଣ୍ଟର ସଂଖ୍ୟା ଗଣିତକୁ ଦେଖାଯାଏ ତେବେ ମେଣ୍ଟ ପାଖରେ ଉଭୟ ସଦନର ସାଂସଦଙ୍କୁ ମିଶାଇ ମୋଟ୍ ୩୧୫ ସାଂସଦଙ୍କ ସମର୍ଥନ ରହିଥିଲା । ଏତଦ୍‌ବ୍ୟତୀତ ଇଣ୍ଡିଆ ମେଣ୍ଟର ଅଂଶୀଦାର ଦଳ ନଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟ କେବଳ ବୈଚାରିକ ଦୃଷ୍ଟିକୋଣରୁ ଇଣ୍ଡିଆ ମେଣ୍ଟ ପ୍ରାର୍ଥୀଙ୍କୁ ସମର୍ଥନ କରିବ ବା ଭୋଟ୍‌ଦେବ ବୋଲି ଘୋଷଣା କରିଥିଲା । ସଂସଦରେ ଏବେ ଆପ୍‌ର ମୋଟ୍ ୧୨ ସାଂସଦ ରହିଛନ୍ତି । ଅର୍ଥାତ୍ ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ ବି ସୁଦର୍ଶନ୍ ରେଡ୍ଡୀଙ୍କୁ ମୋଟ୍ ୩୨୭ ଖଣ୍ଡ ଭୋଟ୍ ମିଳିବା କଥା । କିନ୍ତୁ ତାଙ୍କୁ ମାତ୍ର ୩୦୦ ଭୋଟ୍ ହିଁ ମିଳିଛି । ଅର୍ଥାତ୍ ଆମ୍ ଆଦ୍‌ମୀ ପାର୍ଟିର ୧୨ ସାଂସଦଙ୍କ ବ୍ୟତୀତ ଇଣ୍ଡିଆ ମେଣ୍ଟର ପ୍ରାୟ ୧୫ ସାଂସଦଙ୍କ ଭୋଟ୍ ମଧ୍ୟ ତାଙ୍କୁ ମିଳିନାହିଁ । ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସ୍ ଭୋଟିଂ ହୋଇଥିବା କିନ୍ତୁ ସ୍ପଷ୍ଟ ହୋଇଯାଇଛି ।

୧୯୫୭ ଅକ୍ଟୋବର ୨୦ରେ ତାମିଲନାଡୁର ତିରୁପୁର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ରାଧାକ୍ରିଷ୍ଣନ୍, ୧୯୯୮ରେ ପ୍ରଥମେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ଏବଂ କୋଏମ୍ବାଟୁରରୁ ୨ ଥର ସାଂସଦ ହୋଇଥିଲେ । ୨୦୦୩ରୁ ୨୦୦୬ ଯାଏ ସେ ତାମିଲନାଡୁ ବିଜେପି ସଭାପତି ଥିଲେ । ୧୬ ବର୍ଷ ବୟସରୁ ସେ ଜନସଂଘ ତଥା ଆରଏସ୍‌ଏସ୍ ସହ ଜଡ଼ିତ ରହିଆସିଥିଲେ । ଏବେ ସେ ଦେଶର ନୂଆ ତଥା ୧୫ତମ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ଏହା ପୂର୍ବରୁ ଅର୍ଥାତ୍ ୨୦୨୪ ଜୁଲାଇରୁ ସେ ମହାରାଷ୍ଟ୍ର ରାଜ୍ୟପାଳ ଭାବେ ଦାୟିତ୍ୱ ନିର୍ବାହ କରିଆସୁଥିଲେ । ସେହିପରି ୨୦୨୩ ଫେବ୍ରୁଆରୀରୁ ମହାରାଷ୍ଟ୍ର ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଭାବେ ମଧ୍ୟ କାମ କରିଥିଲେ । ରାଧାକ୍ରିଷ୍ଣନ୍ ତେଲେଙ୍ଗାନା ରାଜ୍ୟପାଳ ଏବଂ ପୁଡୁଚେରୀ ଉପରାଜ୍ୟପାଳ ଭାବରେ ମଧ୍ୟ ଅତିରିକ୍ତ ଦାୟିତ୍ୱ ସମ୍ଭାଳିଥିଲେ ।

### ମହିଳାଙ୍କୁ ସୁରକ୍ଷା ଦେବା ସହ ...

ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ୧୮୦ ଜଣ ପ୍ରତିନିଧି ବୃନ୍ଦ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବିଶିଷ୍ଟ ଆଇନଜୀବୀ ମାନସୀ ପାଢ଼ୀ ଆଇନଗତ ଢାଞ୍ଚା ଏବଂ ସୁରକ୍ଷା ଅଧିକାରୀଙ୍କ ଭୂମିକା, କୋର୍ଟ ସମନ୍ୱୟ ଏବଂ ରିପୋର୍ଟିଂ ବ୍ୟବସ୍ଥା ସମ୍ପର୍କିତ କ୍ଷେତ୍ରସ୍ତରୀୟ ଆହ୍ୱାନ ଏବଂ ସମନ୍ୱୟ ମଡେଲ, ପୁଲିସର ଭୂମିକା ଏବଂ ସେବା ପ୍ରଦାନକାରୀଙ୍କ ଭୂମିକା, ଯୌତୁକ ନିଷେଧ ଆଇନର ସାରାଂଶ, ମୁଖ୍ୟ ବ୍ୟବସ୍ଥା ଏବଂ ଦଣ୍ଡ ବିଧାନ ସମ୍ବନ୍ଧରେ, ଆଇନର ଅଭିଯୋଗ ପରିଚାଳନା, ତଦନ୍ତ ଏବଂ ସମନ୍ୱୟ, ପିଡବ୍ଲ୍ୟୁଡିଭିଏ ଓ ଡିପି ନିୟମର ଓଭର୍‌ଲାପିଙ୍ଗ ମାମଲା ସମ୍ବନ୍ଧରେ ୬ଟି ଅଧିବେଶନ ମାଧ୍ୟମରେ ସୂଚନା ଉପସ୍ଥାପନ ପ୍ରଦାନ କରିବା ସହ ବିଶଦ ବିବରଣୀ ରଖିଥିଲେ । ଶେଷରେ ବିଭାଗୀୟ ଅତିରିକ୍ତ ସଚିବ ଶ୍ରୀମତୀ ସୁମିତ୍ରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ...

କରିଛି ପାଣିପାଗ ବିଭାଗ । ଏହାସହ ୧୨ ଏବଂ ୧୩ ତାରିଖରେ ମଧ୍ୟ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ରହିଥିବା ବେଳେ ବିଜୁଳି, ଘଡ଼ଘଡ଼ି ସହ ଝଟକା ପବନ ଅର୍ଥାତ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି ବେଗରେ ପବନ ବହିବା ସମ୍ଭାବନା ରହିଛି । ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ଗୋଟିଏ ସ୍ଥାନରେ ଅତ୍ୟନ୍ତ ପ୍ରବଳ ଓ ଗୋଟିଏ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି । ରାୟଗଡ଼ା ଜିଲ୍ଲାର କୋଟ୍ରାଗୁଡ଼ାରେ ସର୍ବାଧିକ ୫୮.୨ ମିମି ବର୍ଷା ରେକର୍ଡ କରାଯାଇଛି ।

### ବଇଁଶାରୁ ବୌଦ୍ଧ ରେଳ ...

ଭିତ୍ତିଭୂମିକୁ ମଜଭୁତ୍ କରିବା ସହ ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ କରିବ । ଓଡ଼ିଶାର ସାମାଜିକ, ଆର୍ଥିକ ଓ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ପ୍ରଗତି ଘଟିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

### ପ୍ରତିବାଦ ନିଆଁରେ ଜଳୁଛି ...

ପୂର୍ବେ ଉତ୍ତ୍ୟକ୍ତ ଯୁବଗୋଷ୍ଠୀ ବ୍ୟାପକ ଜଳାପୋଡ଼ା ତଥା ଭଙ୍ଗାରୁଜା କରିବା ଦେଖିବାକୁ ମିଳିଥିବା ବେଳେ ଆଜି କିନ୍ତୁ ସେମାନଙ୍କର ଭୟଙ୍କର ରୂପ ଦେଖିବାକୁ ମିଳିଛି । ଗତକାଲି ତୁଳନାରେ ମଙ୍ଗଳବାର ଏତେ ମାତ୍ରାରେ ଜେନ୍‌-ଜେନ୍ ଗୋଷ୍ଠୀ ହିଂସ୍ରକ ହୋଇପଡ଼ିବା ଏବଂ ଏପ୍ରକାର ଆଚରଣ କରିବା ପଛରେ ସରକାରଙ୍କ ପକ୍ଷରୁ ସେନାକୁ ଦିଆଯାଇଥିବା ନିର୍ଦ୍ଦେଶ 'ଦେଖିବା ମାତ୍ରେ ଗୁଳି' ରହିଥିବା ଅନୁମାନ କରାଯାଉଛି । ଦିନକ ପୂର୍ବେ ପଳାତକ ପ୍ରଧାନମନ୍ତ୍ରୀ ଶ୍ରୀ ଓଲି ନିଜ ସେନାବାହିନୀକୁ କର୍ଫ୍ୟୁ ଲାଗୁ କରିବାକୁ ଏବଂ ବିକ୍ଷୋଭକାରୀଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଥିଲା ।

ଅନ୍ୟପକ୍ଷେ ଆଜି ଦିନରେ ଉଭୟ ନେପାଳ ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲ୍ ଏବଂ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ନିଜ ପଦରୁ ଇସ୍ତଫା ଦେଇଛନ୍ତି । ସେନାର ପରାମର୍ଶକ୍ରମେ ଓଲି ତାଙ୍କ ପଦରୁ ଇସ୍ତଫା ଦେବା ସହ ଏକ ଅଜ୍ଞାତ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିବା ଜଣାପଡ଼ିଛି । ଏସବୁ ମଧ୍ୟରେ ସରକାର ସୋସିଆଲ୍ ମିଡିଆ ଉପରେ ଲଗାଇଥିବା ବ୍ୟାନ୍‌କୁ ପ୍ରତ୍ୟାହାର କରିନେଇଛନ୍ତି । ତଥାପି ନେପାଳର ଯୁବଗୋଷ୍ଠୀ ଯେଉଁମାନଙ୍କୁ ଜେନ୍‌-ଜେଡ୍ ଭାବେ ଅଭିହିତ କରାଯାଉଛି ସେମାନଙ୍କ ପକ୍ଷରୁ ହିଂସା ଥମିବାର ନାଁ ଧରୁନି । ମଙ୍ଗଳବାର ସୁଦ୍ଧା ରାଜଧାନୀ କାଠମାଣ୍ଡୁ ଏବଂ ଆଖପାଖ ଅଞ୍ଚଳରେ ସଂଘର୍ଷ ଏବଂ ପୋଡ଼ାଜଳାରେ ଏପର୍ଯ୍ୟନ୍ତ ୨୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ।

ଦେଶରେ ଦୁର୍ନୀତି, ବେରୋଜଗାରୀ ହାର ସର୍ବାଧିକ ସ୍ତରରେ ରହିଥିବା ବେଳେ ଏହାକୁ ନେଇ ନେପାଳର ବହୁ ସଂଖ୍ୟକ ଯୁବପିଢ଼ି, ବିଶେଷକରି ରାସ୍ତାକୁ ଓହ୍ଲାଇଛନ୍ତି । ପ୍ରକାଶ, ଭାରତର ୩ ପଡୋଶୀ ଦେଶ ଶ୍ରୀଲଙ୍କା, ବାଂଲାଦେଶ ଏବଂ ମିଆଁମାରରେ ଏପ୍ରକାର ଘଟଣା ଦେଖିବାକୁ ମିଳିଥିଲା । ଏସବୁ ଦେଶରେ ସରକାରଙ୍କ ବିରୋଧରେ ସାଧାରଣ ଜନତା ଯେତେବେଳେ ରାସ୍ତାକୁ ଓହ୍ଲାଇଥିଲେ ସେତେବେଳେ ଏସବୁ ଦେଶରେ କ୍ଷମତା ହିଁ ପରିବର୍ତ୍ତନ ହୋଇଯାଇଥିଲା । ତେବେ ଏହି ଧାରାରେ ଏବେ ନେପାଳ ମଧ୍ୟ ସାମିଲ ହୋଇଛି । ନେପାଳରେ ମଧ୍ୟ କ୍ଷମତା ପରିବର୍ତ୍ତନ ହେବାକୁ ଯାଉଛି ବୋଲି ରାଜନୈତିକ ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି ।

**ବରିଷ୍ଠ ନାଗରିକଙ୍କ ଆଧ୍ୟାତ୍ମିକତାର ଦିବ୍ୟ ଅନୁଭବ**

# ତୀର୍ଥଯାତ୍ରୀଙ୍କ ଅଯୋଧ୍ୟା-ବାରଣାସୀ ଯାତ୍ରା



**ଖୋର୍ଦ୍ଧା,୯।୯/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଅଯୋଧ୍ୟା - ବାରାଣସୀ ବରିଷ୍ଠ ନାଗରିକ ମାନଙ୍କ ତୀର୍ଥଯାତ୍ରା ପର୍ଯ୍ୟଟନ ଅଧିକାରୀ ମୀରା ବେହେରାଙ୍କ ପରିଚାଳନାରେ ଶୁଭାରମ୍ଭ କରାଯାଇଛି । ଏହି ଉପଲକ୍ଷେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଗରିବଗୁରୁବା ମାନଙ୍କ ପାଇଁ ଏକ ଅପୂର୍ବ ଯୋଜନା ବୋଲି କହିଥିଲେ ।

ଓଡ଼ିଶାର ପରମ୍ପରା ସଂସ୍କୃତି ବାହାର ରାଜ୍ୟ ସହ ଆଦାନ ପ୍ରଦାନ ଏବଂ ଆଧ୍ୟାତ୍ମିକତାର ଦିବ୍ୟ ଅନୁଭୂତି ଏହି ଯୋଜନାର ମୂଳ ଲକ୍ଷ୍ୟ ଅଟେ । ରାଜ୍ୟ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ପ୍ରତିବର୍ଷ ଚାଲୁରହିଛି । ଯେଉଁମାନେ ଚଳିତ ବର୍ଷ ଯାଇପାରି ନାହାନ୍ତି ପୁନଶ୍ଚ ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇଲେ ସେମାନେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରି ଏହି ତୀର୍ଥ ଭ୍ରମଣର ସୁଯୋଗ ନେଇ ପାରିବେ । ଆଜି ଖୋର୍ଦ୍ଧା ଜିଲ୍ଲାର ୧୬୯ ତୀର୍ଥ ଯାତ୍ରୀ ଯେଉଁମାନଙ୍କ ମଧ୍ୟରେ ସହଯୋଗୀ ତୀର୍ଥ ଯାତ୍ରୀ ୨ଜଣ, ଦମ୍ପତି ତୀର୍ଥଯାତ୍ରୀ ୭୦ଜଣ ଏବଂ ଏକକ ତୀର୍ଥ ଯାତ୍ରୀ ୯୭ଜଣଙ୍କୁ ନେଇ ବସ ଗୁଡ଼ିକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟଠାରୁ ଭୁବେଶ୍ୱରର ରେଳ ଷ୍ଟେସନ ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିୟମାନୁସାରେ ପ୍ରତ୍ୟେକ ତୀର୍ଥ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା କ୍ଷ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନକରି ସେମାନଙ୍କର ୬ ଦିବସୀୟ ତୀର୍ଥ ଯାତ୍ରା ସଫଳ କାମନା କରି ଆନନ୍ଦର ସହ ଖୋର୍ଦ୍ଧା ଫେରିବାକୁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା ରଖି ଶ୍ରିଫଳ ବାଡେଇ ସବୁଜ ପତାକା ଦେଖାଇ ବସ୍ ଯାତ୍ରାର ଶୁଭାରମ୍ଭ କରିଥିଲେ । ସମସ୍ତ ତୀର୍ଥ ଯାତ୍ରୀଙ୍କ ସହାୟତା କାରୀ ଅଧିକାରୀମାନେ ସଦାସର୍ବଦା ଜାଗ୍ରତ ରହି ତୀର୍ଥ ଯାତ୍ରୀ ମାନଙ୍କ ଯତ୍ନ ନେଇ ସଫଳ ଭାବେ ଖୋର୍ଦ୍ଧା ଫେରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଯୋଗଦେଇ ତୀର୍ଥଯାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ ।

ଏସ୍କର୍ଟ ଅଫିସର ଭାବେ ନିହାର ରଞ୍ଜନ ମହାନ୍ତି, ବିନୋଦ ଚନ୍ଦ୍ର ବାରିକ, ସଂଗ୍ରାମ କେଶରୀ ଦାସ, ଅଟଳ କୁମାର ଧର୍ମରାଜ୍ ଏବଂ ସତ୍ୟବ୍ରତ ତ୍ରିପାଠୀ ତୀର୍ଥ ଯାତ୍ରା କାର୍ଯ୍ୟ ସମ୍ପାଦନ ନିମନ୍ତେ ନିଯୁକ୍ତି ଦିଆଯାଇଛି । ତୀର୍ଥଯାତ୍ରୀମାନେ ଆଜି ଭୁବନଶ୍ୱରରେ ରାତ୍ରୀଯାପନ କରି ଆସନ୍ତାକାଲି ସ୍ୱତନ୍ତ୍ର ଟ୍ରେନ୍‌ରେ ଅଯୋଧ୍ୟା ବାରଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବେ । ଭୁବନେଶ୍ୱରଠାରେ ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ ଏବଂ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ ।

# ତୀର୍ଥଯାତ୍ରାରେ ଗଲେ ୧୨୭ ବରିଷ୍ଠ ନାଗରିକ



**ପୁରୀ,୯।୯/ଏନ୍‌ଏନ୍‌ଏସ୍:** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲ୍ଲାରୁ ଆଜି ଅପରାହ୍ନରେ ୧୨୭ଜଣ ବରିଷ୍ଠ ନାଗରିକ ଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି । ସେମାନେ ଆଜି ଭୁବନେଶ୍ୱରରେ ରହିବେ ଓ ଆସନ୍ତା କାଲି ବାରାଣସୀ ଅଯୋଧ୍ୟା ଅଭିମୁଖେ ସ୍ୱତନ୍ତ୍ର ଟ୍ରେନରେ ଯାତ୍ରା କରିବେ । ଏହି ବରିଷ୍ଠ ନାଗରିକ ମାନେ ଅଯୋଧ୍ୟା ଓ ବାରାଣସୀ ପରିଭ୍ରମଣ କରିବା ସହ ଚଳିତ ମାସ ୧୫ତାରିଖରେ ଫେରି ଆସିବାର କାର୍ଯ୍ୟକ୍ରମ ରହିଛି । ବରିଷ୍ଠ ନାଗରିକ ମାନଙ୍କୁ ସହଯୋଗ ପାଇଁ ୪ଜଣ ସହକାରୀ ମଧ୍ୟ ସାଥିରେ ଯାଇଛନ୍ତି । ପୂର୍ବାହ୍ନରେ ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ସମାଜସେବୀ ରାଜୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ଯାତ୍ରାର ଶୁଭ କାମନା କରିଥିଲେ । ଅତିଥିମାନେ ନଡ଼ିଆ ବାଡେଇ ଯାତ୍ରାର ସଫଳତା କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ପର୍ଯ୍ୟଟନ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ ।

**ଅଳଗୁମ ଜାଗୁଳେଇ ଯାତ୍ରା ଉଦ୍‌ଯାପିତ**

## ଦାନ୍ତକାଠିଆରେ ମା'ଙ୍କ ଚକ୍ଷୁରେ ଲାଗିଲା ବିରିଯାବ



**ସାକ୍ଷୀଗୋପାଳ,୯।୯/ଏନ୍‌ଏନ୍‌ଏସ୍:** ସତ୍ୟବାଦୀ ବ୍ଲକ ଅଳଗୁମ ଗ୍ରାମର ମା' ଜାଗୁଳେଇଙ୍କ ଯାତ୍ରା ଆଜି ଉଦ୍‌ଯାପିତ ହୋଇଛି । ଆଜି ଥିଲା ମା'ଙ୍କ ଦାନ୍ତକାଠିଆ ଉତ୍ସବ । ଗତକାଲି କାଠିଯାତ୍ରା ପରେ ମା'ଙ୍କୁ ବଉଳସାହିସ୍ଥିତ ସୁରାଲାଗି ବରଗଛମୂଳେ ରଖାଯାଇଥିଲା । ସେହିଠାରେ ହିଁ ମା'ଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ବିଳମ୍ବିତ ରାତିରେ ନିଶାକିଳା ନୀତି, ସୁରାଲାଗି, ବୋଦା ଓ ଗଞ୍ଜା ବଳି ଦିଆଯାଇଥିଲା । ଯାହାକି ସକାଳ ପର୍ଯ୍ୟନ୍ତ ଚାଲିଥିଲା । ମଙ୍ଗଳବାର ପୂର୍ବାହ୍ନରେ ପୁଣି ଚୁଆ, ହଳଦୀ ଆଦି ସୁବାସିତ ଜଳରେ ମାଜଣା କରାଯାଇ ବିଭିନ୍ନ ବେଶ କରାଯାଇ ସର୍ବସାଧାରଣ ଦର୍ଶନ କରାଯାଇଥିଲା । ଅପରାହ୍ନରେ ମା'ଙ୍କୁ ଦାନ୍ତକାଠିଆ ପଡ଼ିଆକୁ ନିଆଯାଇ ସେଠାରେ ଘୁଷୁରି ବଳି ଦିଆଯାଇଥିଲା । ବଳି ପରେ ପୁଣି ସ୍ନାନ କରାଯାଇ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥିଲା । ଏଥିସହ ବିରିଯାବରେ ମା'ଙ୍କ ଚକ୍ଷୁକୁ ବନ୍ଦ କରାଯାଇଥିଲା । ସୂଚନାଯୋଗ୍ୟ, ଷଷ୍ଠୀ ଓଷାରେ ମା'ଙ୍କ ଆଖି ଫିଟିବା ପରେ ସପ୍ତମୀଠାରୁ ଅଳଗୁମ ବାରପଡ଼ାରେ ପାଳିକରି ଗାଁ ପରିକ୍ରମା ସହ ମା'ଙ୍କ ଭୋଗଖିଆ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟିକରପଡ଼ାରୁ ଭୋଗଖିଆ ଆରମ୍ଭ ହୋଇ ପରଦିନ ଖଣ୍ଡାୟତସାହି, ବଉଳସାହି, ଐଶାନ୍ୟପଡ଼ା, ବାଉଶଗଡ଼ିଆ, ବଢ଼େଇସାହି, ଜେନାସାହି, ପାଟଣାସାହି, ମାଳିସାହି ଓ ଭାଦ୍ରବ ଶୁକ୍ଳ ପୂର୍ଣ୍ଣମୀ ଶେଷ ଦିବସରେ ବାଟୁଳିପଡ଼ାରେ ମା' ଭୋଗଖାଇ ଫେରିବା ପରେ ତା' ପରଦିନ କାଠିଯାତ୍ରା ଅନୁଷ୍ଠିତ ହୋଇଥାଏ । ଚଳିତବର୍ଷ ଚନ୍ଦ୍ରଗ୍ରହଣ ପଡ଼ିଥିବାରୁ ପୂର୍ଣ୍ଣମୀ ବଦଳରେ ଚତୁର୍ଦ୍ଦଶୀରେ ବାଟୁଳିପଡ଼ାରେ ମା' ଭୋଗ ଖାଇଥିଲେ । ସେହିପରି ରବିବାର ଚନ୍ଦ୍ରଗ୍ରହଣ ହେତୁ ସୋମବାର କାଠିଯାତ୍ରା ଅନୁଷ୍ଠିତ ହୋଥିଲା । ଏଥିପାଇଁ ଷଷ୍ଠୀ ଓଷାଠାରୁ ଅଳଗୁମରେ ଉତ୍ସବର ମାହୋଲ ଲାଗିରହିଛି । ପ୍ରତ୍ୟେକ ପରିବାରରେ ବନ୍ଧୁବାନ୍ଧବଙ୍କ ଭିଡ଼ ଦେଖିବାକୁ ମିଳିଛି । ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିସହିତ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ମୀନା ବଜାର, ଦୋଳି ଲାଗିଛି । ବିଭିନ୍ନ ଷ୍ଟଲ୍ରେ ଭିଡ଼ ଦେଖିବାକୁ ମିଳିଛି । ମା'ଙ୍କ ଏହି ସମସ୍ତ ନୀତିକାନ୍ତି ଶେଷ ପରେ ଆଜି ଗମ୍ଭୀରାକୁ ନିଆଯାଇଥିଲା । ଗମ୍ଭୀରାକୁ ଗଲା ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଖଣ୍ଡାୟତସାହିର ଯୁବ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ 'ହା କୃଷ୍ଣ ବୋଲି ଯାଉ ଯିବ' ମଞ୍ଚସ୍ଥ ହେବାକୁ ଥିବାବେଳେ ଆସନ୍ତା କାଲି ବାଟୁଳିପଡ଼ା ଗ୍ରାମର ଯୁବ କଳାକାରଗଣ 'ସୁଖ କିଣା, ଏଠି ଦୁଖ ମାଗଣା' ମଞ୍ଚସ୍ଥ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି ।

## ଦୀର୍ଘଦିନ ପରେ ଲାଗିଲା ନୂତନ ବିଦ୍ୟୁତ୍‌ଖୁଣ୍ଟ

**ଫୁଲନଖରା,୯।୯/ଏନ୍‌ଏନ୍‌ଏସ୍:** କଟକ ମହାନଗର ନିଗମ ୫୮ନମ୍ବର ୱାର୍ଡ଼ ଅନ୍ତର୍ଗତ ଡାହାଳିଆବାଗ ଅଞ୍ଚଳରେ ଥିବା ଏକ ପୁରାତନ ଲୁହା ବିଦ୍ୟୁତ ଖୁଣ୍ଟ ଅତି ବିପଜ୍ଜନକ ଅବସ୍ଥାରେ ଥିଲା । ଉକ୍ତ ଖୁଣ୍ଟ ମୂଳ କଳଙ୍କି ଲାଗି ଦୁର୍ବଳ ହୋଇପଡ଼ିଥିଲାବେଳେ ଖୁଣ୍ଟରେ ବହୁ ସଂଖ୍ୟକ ଘରୋଇ ସଂଯୋଗ ତାର ଲାଗିଥିଲା । ତେବେ ଏ ନେଇ ଗ୍ରାମବାସୀ ସ୍ଥାନୀୟ ଗୋପାଳପୁର ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ବାରମ୍ବାର କହିବା ସତ୍ତ୍ୱେ ଖୁଣ୍ଟଟି ବଦଳାଯାଇନଥିଲା; ସମ୍ପ୍ରତି ଏଠାରେ କନିଷ୍ଠ ପରିଚାଳକ ଅନିଲକୁମାର ରାଜ ଯୋଗଦେବାରୁ ଗ୍ରାମବାସୀ ଏ ବିଷୟରେ ପୁନର୍ବାର ଜଣାଇଥିଲେ । ପରିଚାଳକ ଗ୍ରାମକୁ ଯାଇ ଦୁର୍ବଳ ଅବସ୍ଥାରେ ଥିବା ଖୁଣ୍ଟକୁ ତୁରନ୍ତ ବଦଳାଇବାକୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ସେଠାରେ ନୂତନ ଖୁଣ୍ଟ ଲାଗିଛି । ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ରହିଥିବା ଦୁର୍ଘଟଣାଜନିତ ଆଶଙ୍କା ଦୂର ହେବା ସହିତ ଆନନ୍ଦ ପ୍ରକାଶ ପାଇଛି ।

## ରିହାତି ଦରରେ ସାର ଯୋଗାଇଦେବାକୁ ଦାବି

**ସାଲେପୁର,୯।୯/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ଅଞ୍ଚଳରେ ଖରିପ ଋତୁ ରେ ୧୩ହଜାରରୁ ଉର୍ଦ୍ଧ୍ୱ ଚାଷ ଜମିରେ ଚାଷୀମାନେ ଧାନ ଚାଷ ପାରମ୍ପରିକ ଓ ଉନ୍ନତ ମାନର ବିହନ ରେ ଚାଷ କରିଛନ୍ତି । ସାଲେପୁର ବ୍ଲକର ୧୩ ଟି ସେବା ସମବାୟ ସମିତି(ପ୍ୟାକ୍ସ)ଥିଲେ ମଧ୍ୟ ସେମାନେ ଚାଷୀମାନଙ୍କ ପାଇଁ ବିଭିନ୍ନ ପ୍ରକାର ସାର ରିହାତି ଦରରେ ଉଠାଇ ଚାଷୀମାନଙ୍କୁ ଦେଉ ନ ଥିବା ଅଭିଯୋଗ ହେଉଛି ।ବର୍ତ୍ତମାନ ଇଉରିଆ, ଡିଏପି.୧୮-୪୬,ପଟାସ, ଗ୍ରୋମର ସାର ଚାଷୀ ମାନେ ବାଧ୍ୟ ହୋଇ ଉଚ୍ଚା ଦରରେ ବେପାରୀ ମାନଙ୍କ ଠାରୁ କିଣୁଛନ୍ତି ।ସାଲେପୁର ବ୍ଲକ ଅଧିନ ଥିବା ୧୩ଟି ସେବା ସମବାୟ ସମିତି ଗୁଡିକ ସେମାନଙ୍କ ମୌଳିକ ଦାୟିତ୍ୱ ଭୁଲିଯାଇ ସାର ଉଠାଇ ନାହାନ୍ତି ଯାହା ଫଳରେ ଚାଷୀମାନେ ନାହିଁ ନ ନଥିବା ହଇରାଣ ର ଶିକାର ହେଉଛନ୍ତି । କ୍ଷୁଦ୍ର ଓ ନାମମାତ୍ର ଚାଷୀ ମାନେ ସାର କିଣିବାକୁ ସାହାସ କରିପାରୁ ନାହାନ୍ତି ।ସାର ଅଭାବରେ କେତେକ ଧାନ ଗଛ ପାଚିଲା ପଡି ଗଲାଣି ବୋଲି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ଅଭିଯୋଗ କରିଛନ୍ତି । ଅପରପକ୍ଷରେ ସାଲେପୁର ବ୍ଲକ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ସେଠୀ କହିଛନ୍ତି ଯେ ସାଲେପୁର ଅଞ୍ଚଳରେ ଧାନ ଚାଷ ହୋଇଥିବା ୧୩୨୦୦ଏକର ପାଇଁ ଆବଶ୍ୟକ ହେଉଥିବା ୧୪୦ଟନ ସାରରୁ ବର୍ତ୍ତମାନ ସୁଦ୍ଧା ୧୪ଟନ ସାର ପହଞ୍ଚିଛି । ଏହା ସମସ୍ତ ପ୍ୟାକ୍ସକୁ ଦିଆଯିବ । କିଛି ସମବାୟ ସମିତିକୁ ସାର ଦିଆଯାଇଥିବାବେଳେ ଆଉ କିଛି ସମବାୟ ସମିତିର ପିଓଏସ ମେସିନ ଖରାପ ଥିବାରୁ ସେମାନେ ସାର ନେଇ ପାରି ନାହାନ୍ତି । ଆବଶ୍ୟକତା ଅନୁଯାୟୀ ସାର ଖୁବଶୀଘ୍ର ପ୍ୟାକ୍ସମାନଙ୍କୁ ଯୋଗାଇ ଦିଆଯିବ ବୋଲି କହିଛନ୍ତି । ସାଲେପୁର ବ୍ଲକରେ ଥିବା ପ୍ୟାକ୍ସଗୁଡିକୁ ରିହାତି ଦରରେ ସାର ଯୁଦ୍ଧ କାଳୀନ ଭିତ୍ତିରେ ଯୋଗାଇ ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

## ଗ୍ୟାସ୍ ଟ୍ୟାଙ୍କରକୁ ଧକ୍କାଦେଲା 'ଆମ ବସ୍': ୧୫ ଆହତ, ୩ ଗୁରୁତର

**ଟାଙ୍ଗୀ,୯।୯/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ସକାଳ ସମୟରେ ଟାଙ୍ଗୀ ଥାନା ୧୬ନଂ ଜାତୀୟ ରାଜପଥ ଚଟିଲୋ ଗଡ଼ା ନିକଟରେ ଆମ ବସ ଏକ ଗ୍ୟାସ୍ ଟ୍ୟାଙ୍କର ପଛରେ ଧକ୍କାଦେବାରୁ ୧୫ଜଣ ଆହତ ହୋଇଥିବା ବେଳେ ସେଥିମଧ୍ୟରୁ ୩ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି । ଗୁରୁତର ବସ୍ ଡ୍ରାଇଭର, ଗ୍ୟାସ୍ ଟ୍ୟାଙ୍କର ଡ୍ରାଇଭର ଓ ଅନ୍ୟ ଜଣେ ଯାତ୍ରୀ ବୋଲି ଖବର ମିଳିଛି । ଘଟଣା ମୁତାବକ ଆମ ବସଟି ୨୫ରୁ ଉର୍ଦ୍ଧ୍ୱ ଯାତ୍ରୀ ନେଇ କଟକରୁ ଟାଙ୍ଗୀ ଆସୁଥିବା ସମୟରେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଚଟିଲୋ ଗଡ଼ା ନିକଟରେ ରାସ୍ତାକଡ଼ରେ ଠିଆ ହୋଇ ଟାୟାର୍ ବଦଳାଉଥିବା ଗ୍ୟାସ୍ ଟ୍ୟାଙ୍କର ପଛରେ ଧକ୍କା ଦେଇଥିଲା । ଫଳରେ ବସ୍‌ରେ ଥିବା ୨୫ଜଣ ଯାତ୍ରୀ ମଧ୍ୟରୁ ୧୫ଜଣ ଯାତ୍ରୀ ଦୁର୍ଘଟଣା ଶିକାର ହୋଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ପହଞ୍ଚି ଗୁରୁତରଙ୍କୁ ରାଜପଥ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ମେଡ଼ିକାଲ ପଠାଇଥିଲେ । ପରେ ଆହତ ଯାତ୍ରୀମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପଦ୍ମିନୀ କେୟାର୍‌କୁ ପଠାଯାଇଥିଲା । ଘଟଣାସ୍ଥଳରେ ରାଜପଥ ପୁଲିସ ପହଞ୍ଚି ଆମ ବସ ଓ ଟ୍ୟାଙ୍କର୍ ଜବତ କରିଛି ।

## ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



**ଓଡ଼ଗାଁ,୯।୯/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ଜୋନ-୪ର କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୧ଟି ଉଚ୍ଚ ବିଦ୍ୟାଳୟ ଓ ୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏଭଳି ମୋଟ ୨୦ ଟି ବିଦ୍ୟାଳୟର ୮୭ଜଣ ଛାତ୍ରଛାତ୍ରୀ ଓ ୧୨ଜଣ ବିଭିନ୍ନ ବିଦ୍ୟାଳୟର ଶାରୀରିକ କ୍ରୀଡାଶିକ୍ଷକ ଓ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବାରିକ ପତାକା ଉତ୍ତୋଳନକରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବାସହିତ ଖେଳର ଉପକାରିତା ସାଙ୍ଗକୁ ଶୃଙ୍ଖଳାରକ୍ଷା ଶିକ୍ଷା ମନୋଭାବାପର୍ଣ୍ଣ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । କୁରାଳ ଆନନ୍ଦ ସାହୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡାଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଣ୍ଡା କ୍ରୀଡାର ନୀତିନିୟମ ସହିତ ସମସ୍ତ ପ୍ରତିଯୋଗୀମାନଙ୍କୁ ଶପଥପାଠ କରାଇଥିଲେ । ଆଜି ଉଦ୍‌ଘାଟନୀ ଦିବସରେ ଯୋଗ, ଚେସ, ବ୍ୟାଡ଼ମିଣ୍ଟନ ଓ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜୋନ ୪ ଅନ୍ତର୍ଗତ ଅବସରପ୍ରାପ୍ତ ଶିରୀରିକ କ୍ରୀଡାଶିକ୍ଷକ ଶରତ ଚନ୍ଦ୍ର ସାହୁ, ଇନ୍ଦ୍ରମଣି ପରିଡା, ପ୍ରଫୁଲ୍ଲ କୁମାର ସାହୁ ବିଚାରକ ଭାବେ ଯୋଗଦେଇ ଥିବାବେଳେ ବ୍ୟାଡ଼ମିଣ୍ଟନ, ଭଲି, ଚେସ ଖେଳକୁ ସରକାରୀ ଉଚ୍ଚ ବିଦ୍ୟାଳୟ ବାଣ୍ଡପୁରର କ୍ରୀଡାଶିକ୍ଷକ କପିଳେଶ୍ୱର ନାୟକ, ସୁନୀଲ କୁମାର ରାଉତ, ଗଙ୍ଗାଧର ଦାସ ଓ ସହଯୋଗୀ ଭାବେ ଶିକ୍ଷକ ସନ୍ତୋଷ କୁମାର ସାହୁ ପରିଚାଳନା କରିଥିଲେ । ଏହିଖେଳ ୩ଦିନ ଧରି ଜୋନ-୪ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଆଥଲେଟିକ ଚାଲୁରହିବାକୁ ଥିବାବେଳେ ଆୟୋଜକ ବିଦ୍ୟାଳୟରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବବୋଲି ଜଣାପଡ଼ିଛି । ସମସ୍ତ କାର୍ଯ୍ୟକ୍ରମକୁ ରୋହିବାଙ୍କ ବିଦ୍ୟାଳୟର କ୍ରୀଡାଶିକ୍ଷକ ଆଲୋକ ନାୟକ ପରିଚାଳନା କରିଥିଲେ ।

## ଆଜିର ଇତିହାସ

- ୧୯୩୫-ସତୀଶ ସଞ୍ଜୟ ଦାସ ଡୁନ୍ ବିଦ୍ୟାଳୟର ସ୍ଥାପନା କରିଥିଲେ।
- ୧୯୬୬-ସଂସଦରେ ପଞ୍ଜାବ ଏବଂ ହରିଆନାର ଗଠନକୁ ମଞ୍ଜୁରୀ ମିଳିଥିଲା।
- ୧୯୬୬- ମିଳିତ ଜାତିସଂଘରେ ପରମାଣୁ ପରୀକ୍ଷଣ ସନ୍ଧିକୁ ଭାରତ ସମେତ ତିନୋଟି ଦେଶ ବିରୋଧ କରିଥିଲେ।
- ୧୯୭୨-ଜଣାଶୁଣା ଫିଲ୍ମ ନିର୍ଦ୍ଦେଶକ ଅନୁରାଗ କଶ୍ୟପଙ୍କ ଆଜି ଜନ୍ମଦିନ।
- ୧୯୨୩-ବଙ୍ଗର ଲୋକପ୍ରିୟ ଉପନ୍ୟାସକାର ସୁକୁମାର ରାୟଙ୍କ ନିଧନ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** – ବିଦେଶ ଯାତ୍ରା ଯୋଗ ଅଛି। ନିବେଶ କରିବା ପାଇଁ ଶୁଭ ସମୟ। ଅର୍ଥ ନେଣଦେଣରେ ସତର୍କ ରହିବେ। ଆର୍ଥିକ ସ୍ଥିତି ମଜଭୁତ ରହିବ। ନୂଆ କୋର୍ସ କରିବା ପାଇଁ ସଠିକ୍ ସମୟ।

**ବୃଷ** – ପ୍ରଫେସର୍‌ମାନଙ୍କ ପାଇଁ ଦିନଟି ଉତ୍ତମ। ବିଦେଶ ପାଇଁ ଆବେଦନ କରିପାରନ୍ତି। ବିତ୍ତୀୟ ସ୍ଥିତିରେ ସୁଧାର ହେବ। ଖର୍ଚ୍ଚ ନିୟନ୍ତ୍ରଣରେ ରହିବ। ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା ସମ୍ଭବ।

**ମିଥୁନ** – ଅଟକିଥିବା କାମ ପୂରା ହେବ। ଦାୟିତ୍ୱଗୁଡ଼ିକୁ ଖୁବ୍ ଭଲରେ ନିଭେଇବେ। ନୂଆ ବ୍ୟବସାୟ ଆରମ୍ଭ କରିବା ଶୁଭଙ୍କର ରହିବ। ଆର୍ଥିକ ସ୍ଥିତି ପୂର୍ବାପେକ୍ଷା ଭଲ ରହିବ। ମିତ୍ରଙ୍କ ସହଯୋଗ ମିଳିବ।

**କର୍କଟ** – ସ୍ପୋର୍ଟସ୍ ସହିତ ଜଡ଼ିତ ଲୋକମାନଙ୍କ ପାଇଁ ଶୁଭ ସମୟ। ଭବିଷ୍ୟତ ପାଇଁ ଲାଭକାରୀ ସମ୍ବନ୍ଧ ରହିବ। ଜୀବନରେ ସ୍ଥିରତା ରହିବ। ପିଲାମାନେ ମସ୍ତିରେ ଦିନ ଅତିବାହିତ କରିବେ।

**ସିଂହ** – କାମରେ ଆହ୍ୱାନ ରହିଲେ ବି ସଫଳତା ପାଇବେ। ଟେକ୍ନୋଲୋଜି ସହିତ ଜଡ଼ିତ ସାମଗ୍ରୀ କିଣିବା ଲାଭକାରୀ ରହିବ। ନିବେଶ ପାଇଁ ଶୁଭ ଦିନ। ପରିବାରର ସହଯୋଗ ରହିବ। ଛୋଟ ପାର୍ଟିର ଆନନ୍ଦ ଉଠେଇବେ।

**କନ୍ୟା** – କ୍ୟାରିୟର୍‌ର ଆରମ୍ଭ ପାଇଁ ଦିନଟି ଶୁଭ। ନୂଆ ବିଚାରଗୁଡ଼ିକ ଲାଭକାରୀ ହେବ। ସ୍ଥିରତା ବଜାୟ ରହିବ। ଛାତ୍ରଛାତ୍ରୀଙ୍କୁ ନୂଆ ଦିଶା ମିଳିବ। ଜୀବନସାଥିଙ୍କ ସହିତ ବାହାରକୁ ଯାଇପାରନ୍ତି।

**ତୁଳା** – ଓକିଲମାନଙ୍କ ପାଇଁ ଦିନଟି ଶୁଭ। ବ୍ୟବସାୟରୁ ଲାଭ ମିଳିବ। ଦେଇଥିବା ଅର୍ଥ ଫେରିପାଇବେ। ବିଦ୍ୟାର୍ଥୀଙ୍କୁ ସଫଳତା ମିଳିବ। ଜୀବନସାଥିଙ୍କ ସହିତ ବିଦେଶ ଯାତ୍ରାର ଯୋଜନା କରିପାରନ୍ତି।

**ବିଛା** – କଳା ଓ ରାଜନୀତି ସହିତ ଜଡ଼ିତ ଲୋକଙ୍କୁ ଅବସର ମିଳିବ। ନୂଆ ଲୋକଙ୍କ ସହିତ ସାକ୍ଷାତ ଲାଭଦାୟକ। ଆର୍ଥିକ ସ୍ଥିତିରେ ସୁଧାର ହୋଇପାରେ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ସାମାନ୍ୟ।


**ଧନୁ** – ଅଫିସ୍ ମିଟିଂରେ ସଫଳତା ପାଇବେ। ବଡ଼ ଡିଲ୍ ଫାଇନାଲ୍ ହେବ। ବ୍ୟବସାୟୀଙ୍କୁ ଲାଭ ମିଳିବ। ଅନ୍‌ଲାଇନ୍ ଶିକ୍ଷାରୁ ଲାଭ ପାଇବେ। ସାଙ୍ଗସାଥିଙ୍କ ସହିତ ଖୁବ୍ ଭଲ ସମୟ ବିତେଇବେ।

**ମକର** – ମାର୍କେଟିଂରେ ସଫଳତାର ଅବସର ରହିଛି। ଇଲେକ୍ଟ୍ରୋନିକ୍ ବ୍ୟାପାରରେ ଅଚାନକ ଧନ ଲାଭ ହେବ। ବିତ୍ତୀୟ ସ୍ଥିତି ମଜଭୁତ ହେବ। ପରିଶ୍ରମୀ ଛାତ୍ରଛାତ୍ରୀଙ୍କୁ ଫଳ ମିଳିବ।

**କୁମ୍ଭ** – ଲେଖନ କାର୍ଯ୍ୟ କରୁଥିବା ବ୍ୟକ୍ତି ସମ୍ମାନିତ ହେବେ। ସାମାନ୍ୟ ଲାଭ ଯୋଗ ରହିଛି। ଆର୍ଥିକ ସ୍ଥିତି ସ୍ଥିର ରହିବ। ଆଜି ଛାତ୍ରଛାତ୍ରୀମାନେ ଉର୍ଜାରେ ଭରି ରହିବେ। ମାତାପିତାଙ୍କ ସହିତ ଭଲ ସମୟ ବିତେଇବେ।

**ମୀନ** – ବିଦେଶୀ କମ୍ପାନୀରୁ ଜବ୍ କଲ୍ ଆସିପାରେ। କାନୁନୀ ମାମଲାରୁ ମୁକ୍ତ ହେବେ। ସଂଚାର ଓ ଟେକ୍ନୋଲୋଜି ସହିତ ଜଡ଼ିତ ବିଦ୍ୟାର୍ଥୀଙ୍କୁ ଲାଭ ମିଳିବ। ପରିବାରକୁ ସରପ୍ରାଇଜ୍ ଦେବେ।

## ଶ୍ରୀମଦ୍ ଭଗବଦ୍‌ଗୀତା



ଅଦୃଷ୍ଟପୂର୍ବଂ ହୃଷିତୋସ୍ମି ଦୃଷ୍ଟ୍ୱା
ଭୟେନ ଚ ପ୍ରବ୍ୟଥିତଂ ମନୋ ମେ।
ତଦେବ ମେ ଦର୍ଶୟ ଦେବରୂପଂ
ପ୍ରସୀଦ ଦେବେଶ ଜଗନ୍ନିବାସ। (୧୧/୪୫)

ହେ ଦେବ! ଯେଉଁ ରୂପ ଆଗରୁ ଦେଖିନଥିଲି କିନ୍ତୁ ଆଜି ତୁମର ସେହି ଅପୂର୍ବ ରୂପ ଦେଖି ମୁଁ ଆନନ୍ଦିତ ହେଲି ସତ କିନ୍ତୁ ଭୟରେ ମୋର ମନ ବ୍ୟାକୁଳ ହେଉଛି। ଅତଏବ ହେ ଦେବେଶ! ହେ ଜଗନ୍ନିବାସ! ତୁମର ସେହି ପୂର୍ବ ରୂପଟି ଏବେ ମୋତେ ଦେଖାଅ, ପ୍ରସନ୍ନ ହୁଅ।
ଶ୍ରୀ ରାମକୃଷ୍ଣ କହନ୍ତି – ଭାଇ ହରି ଏମିତି ମଜାରେ ଭଉଣୀକୁ ଡରାଇବା ପାଇଁ ନିଜକୁ ଏକ ସିଂହ ବେଶରେ ସଜାଇଥିଲା। ସେ ଯେତେବେଳେ ଦେଖିଲା ଯେ ଛୋଟ ଭଉଣୀ ତା'ର ସିଂହ ବେଶ ଦେଖି ଖୁବ୍ ଡରିଗଲାଣି, ସେତେବେଳେ ସେ ମୁହଁରୁ ସିଂହ ମୁଖା ଖୋଲିଦେଇ ନିଜର ଅସଲ ଚେହେରାକୁ ଦେଖାଇଲା। ଏହିଭଳି ବ୍ରହ୍ମ ନିଜକୁ ମାୟା ଦ୍ୱାରା ଆବୃତ କରିଛନ୍ତି ଏବଂ ନିଜକୁ ବିନାଶକାରୀ ଓ ଭୟଙ୍କର ରୂପ ଗ୍ରହଣ କରିଛନ୍ତି। ଯେତେବେଳେ ମାୟାର ପର୍ଦ୍ଦା ହଟିଯାଏ ସେତେବେଳେ ସେ ମୂଳ ପ୍ରଶାନ୍ତ ଓ ଆନନ୍ଦମୟ ରୂପରେ ପ୍ରକାଶିତ ହୁଅନ୍ତି।

# ଏସିଆର ବଡ଼ ଦୂରବୀକ୍ଷଣ ଯନ୍ତ୍ର



ମେଜର୍ ଆଟମସ୍‌ଫେରିକ୍ ଚେରେନକୋଭ୍ ଏକ୍ସପେରିମେଣ୍ଟ (ଏମ୍‌ଏସିଇ) ଟେଲିସ୍କୋପ୍ ଏସିଆର ବଡ଼ ଦୂରବୀକ୍ଷଣ ଯନ୍ତ୍ରର ନାମ ଯାହାର ଉଦ୍‌ଘାଟନ ହୋଇଛି ଲଦ୍ଦାଖ ଠାରେ। ଏହି ଯନ୍ତ୍ର ସାହାଯ୍ୟରେ ବୈଜ୍ଞାନିକମାନଙ୍କର ରିସର୍ଚ୍ଚଗୁଡ଼ିକୁ ପ୍ରଗତି ମିଳିବ। ମୁମ୍ବାଇ ସ୍ଥିତ ଇସିଆଇଏଲ୍ ଓ ଅନ୍ୟ ଭାରତୀୟ ଉଦ୍ୟୋଗର ଭାଗୀଦାରମାନଙ୍କ ସହଯୋଗରେ ନିର୍ମିତ ହୋଇଛି ଏହି ସ୍ୱଦେଶୀ ଦୂରବୀକ୍ଷଣ ଯନ୍ତ୍ର। ଉଦ୍‌ଘାଟନ ହେବା ପରଠାରୁ ଏହି ଯନ୍ତ୍ରଟି ଚର୍ଚ୍ଚାରେ ରହିଛି। ୪୩୦୦ ମିଟର ଉଚ୍ଚରେ ରହିଥିବା ଏହି ଦୂରବୀକ୍ଷଣ ଯନ୍ତ୍ରଟି ଆମ ଦେଶ ପାଇଁ ଏକ ବହୁତ ବଡ଼ ଉପଲବ୍ଧି ଓ ବୈଶ୍ୱିକ ସ୍ତରରେ କସ୍ମିକ୍-ରେ ଅନୁସନ୍ଧାନରେ ଏହା ଆମ ଦେଶକୁ ସବୁଠାରୁ ଆଗରେ ରଖିବ। ଏହା ସହିତ ବୈଜ୍ଞାନିକମାନଙ୍କୁ ଉଚ୍ଚ-ଉର୍ଜା ଗାମା କିରଣଗୁଡ଼ିକ ଉପରେ ଅଧ୍ୟୟନ କରିବା ପାଇଁ ଏହା ଅନୁମତି ଦେବ ଯାହାଦ୍ୱାରା ବ୍ରହ୍ମାଣ୍ଡର ସବୁଠାରୁ ଉର୍ଜାବାନ ଘଟଣାଗୁଡ଼ିକୁ ବୁଝିବାର ମାର୍ଗ ପ୍ରଶସ୍ତ ହେବ। ଏମ୍‌ଏସିଇ ପରିଯୋଜନା ବୈଜ୍ଞାନିକ ଅନୁସନ୍ଧାନଗୁଡ଼ିକୁ ଆଗକୁ ବଢ଼େଇବା ସହିତ ଲଦ୍ଦାଖର ସାମାଜିକ- ଆର୍ଥିକ ବିକାଶକୁ ମଧ୍ୟ ସମର୍ଥନ କରିବ। ଡିଏଇର ପ୍ଲାଟିନମ୍ ଜୁବ୍‌ଲି ପ୍ରୋଗ୍ରାମର ଏକ ଅଂଶବିଶେଷ ଥିଲା ଏହି ଦୂରବୀକ୍ଷଣ ଯନ୍ତ୍ରର ଉଦ୍‌ଘାଟନ କାର୍ଯ୍ୟକ୍ରମ। ବିଶ୍ୱର ସବୁଠାରୁ ଉଚ୍ଚ ଏହି ଗାମା-ରେ ଟେଲିସ୍କୋପ୍ ବ୍ରହ୍ମାଣ୍ଡର ଦୂରରେ ଥିବା ତାରା ଓ ଆକାଶଗଙ୍ଗା ଉପରେ ନୂଆ ଦୃଷ୍ଟି ପ୍ରଦାନ କରିବ ବୋଲି କୁହାଯାଉଛି। କାରଣ ଏଥିରେ ରହିଛି ଏକ ଏକୀକୃତ ଇମେଜିଂ କ୍ୟାମେରା ଯେଉଁଥିରେ ୧୦୮୮ଟି ଫଟୋମଲ୍ଟିପ୍ଲାୟର୍ ଆଧାରିତ ପିକ୍ସେଲ୍ ଓ ସମସ୍ତ ସିଗ୍‌ନାଲ୍ ପ୍ରୋସେସିଂ ଓ ଡାଟା ଅଧିଗ୍ରହଣ ଇଲେକ୍ଟ୍ରୋନିକ୍ସ ସାମିଲ ଅଛି। ଗାମା କିରଣଗୁଡ଼ିକରେ ଏତେ ଉର୍ଜା ଥାଏ ଯେ ସେଗୁଡ଼ିକ ସାଧାରଣ ପ୍ରକାଶୀୟ ଦୂରବୀକ୍ଷଣ ଯନ୍ତ୍ରରେ ଲାଗିଥିବା ଦର୍ପଣଗୁଡ଼ିକ ଦେଇ ଅତିକ୍ରମ କରିପାରେ।

# ଗୋବିନ୍ଦ ବଲ୍ଲଭ ପନ୍ତ



୧୦ ସେପ୍ଟେମ୍ବର, ୧୮୮୭ରେ ଉତ୍ତରାଖଣ୍ଡର ଅଲ୍‌ମୋଡା ଠାରେ ଜନ୍ମଗ୍ରହଣ କରିଥିଲେ ସ୍ୱାଧୀନତା ସଂଗ୍ରାମୀ ଓ ଜଣେ କୁଶଳ ପ୍ରଶାସକ ଶ୍ରୀ ଗୋବିନ୍ଦ ବଲ୍ଲଭ ପନ୍ତ। ଆଧୁନିକ ଭାରତର ବର୍ତ୍ତମାନର ରୂପକୁ ଆକାର ଦେବାରେ ସେ ଗ୍ରହଣ କରିଥିଲେ ମହତ୍ତ୍ୱପୂର୍ଣ୍ଣ ଭୂମିକା। ପାଠପଢ଼ା ପରେ ଜଣେ ଓକିଲ ଭାବରେ ସେ ନିଜର ପେସାଗତ ଜୀବନ ଆରମ୍ଭ କରି ପରେ କାଶୀପୁର ଠାରେ 'ପ୍ରେମ ସଭା' ନାମକ ଏକ ସଂଗଠନର ସ୍ଥାପନା କରିଥିଲେ। ଏହି ସଂଗଠନ ବିଭିନ୍ନ ସାମାଜିକ ସୁଧାରଗୁଡ଼ିକ ଦିଗରେ କାମ କରୁଥିଲା। ୧୯୨୧ରେ ସେ କଂଗ୍ରେସରେ ସାମିଲ ହୋଇ ବହୁତ ଶୀଘ୍ର ଅସହଯୋଗ ଆନ୍ଦୋଳନର ଅଂଶବିଶେଷ ହୋଇଥିଲେ। ୧୯୩୦ରେ ଲବଣ ସତ୍ୟାଗ୍ରହର ଆୟୋଜନ କରିବା ସମୟରେ ଗିରଫ ହୋଇଥିଲେ ଶ୍ରୀ ପନ୍ତ। ତତ୍କାଳୀନ ଉତ୍ତରପ୍ରଦେଶର ସଂଯୁକ୍ତ ପ୍ରାନ୍ତର ବିଧାନସଭା ପାଇଁ ସେ ନୈନିତାଲରୁ ସ୍ୱରାଜବାଦୀ ପାର୍ଟି ତରଫରୁ ନିର୍ବାଚିତ ହୋଇଥିଲେ। ସରକାରରେ ଥିବାବେଳେ ଜମିଦାରୀ ପ୍ରଥାକୁ ସମାପ୍ତ କରିବା, ପୂରା ଦେଶରେ କୁଟୀର ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା, କୁଳୀ-ଭିକ୍ଷୁକ କାନୁନକୁ ବିରୋଧ କରିବା ଆଦି ତାଙ୍କ କାର୍ଯ୍ୟ ମଧ୍ୟରେ ସାମିଲ ହୋଇ ରହିଛି। ତେବେ ସ୍ୱାଧୀନତା ପରେ ଶ୍ରୀ ପନ୍ତ ଉତ୍ତରପ୍ରଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଥିଲେ। କୃଷକମାନଙ୍କର ଉତ୍ଥାନ ଓ ଅସ୍ପୃଶ୍ୟତା ଉନ୍ମୁଳନ ଦିଗରେ ସେ ଅନେକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ଗୃହମନ୍ତ୍ରୀ ଥିବାବେଳେ ସେ ହିନ୍ଦୀକୁ ରାଷ୍ଟ୍ରଭାଷା କରିବା ପାଇଁ ସମର୍ଥନ କରିଥିଲେ। ୭ ମାର୍ଚ୍ଚ, ୧୯୬୧ରେ ନୂଆ ଦିଲ୍ଲୀ ଠାରେ ଏହି ସଂଗ୍ରାମୀଙ୍କର ଦେହାନ୍ତ ହୋଇଥିଲା।

# ବାଘା ଯତୀନ୍



୭ ଡ଼ିସେମ୍ବର, ୧୮୭୯ରେ ବଙ୍ଗର କାୟାଗ୍ରାମ, କୁଷ୍ଟିୟା ଜିଲ୍ଲା (ବର୍ତ୍ତମାନ ବାଂଲାଦେଶ)ଠାରେ ଜନ୍ମଗ୍ରହଣ କରିଥିଲେ ବାଘା ଯତୀନ। ସେ ସମୟରେ କଲିକତା ସେଣ୍ଟ୍ରାଲ୍ କଲେଜରେ ଶିକ୍ଷା ସମାପ୍ତ କରିବା ପରେ ସେ ସ୍ୱାମୀ ବିବେକାନନ୍ଦଙ୍କ ସାମାଜିକ ବିଚାରଗୁଡ଼ିକ ଦ୍ୱାରା ପ୍ରେରିତ ହୋଇ ତାଙ୍କ ପାଖକୁ ଯାଇଥିଲେ। ମାନବତାର ଆଧ୍ୟାତ୍ମିକ ପ୍ରଗତି ପାଇଁ ରାଜନୈତିକ ସ୍ୱତନ୍ତ୍ରତାର ଆବଶ୍ୟକ ବୋଲି ସେ ଭାବୁଥିଲେ। ୧୯୦୬ରେ ତାଙ୍କୁ 'ବାଘା ଯତୀନ୍' ଉପନାମ ମିଳିଥିଲା ଯେତେବେଳେ ସେ ତାଙ୍କ ଗ୍ରାମରେ ପ୍ରବେଶ କରିଥିବା ଏକ ବେଙ୍ଗଲ୍ ଟାଇଗରକୁ ଏକୁଟିଆ ମାରି ଦେଇଥିଲେ। ଏଥିପାଇଁ ବଙ୍ଗ ସରକାର ତାଙ୍କୁ ଏକ ସିଲ୍‌ଭର ସିଲ୍ଡ ସହିତ ସମ୍ମାନିତ କରିଥିଲେ। ଖୁବ୍ କମ୍ ବୟସରୁ କ୍ରାନ୍ତିକାରୀ ଗତିବିଧି ପ୍ରତି ଆକର୍ଷିତ ହୋଇଥିବା ବାଘା ଯତୀନ୍ ଜଡ଼ିତ ହେଲେ ଅନୁଶୀଳନ ସମିତି ଓ ଯୁଗାନ୍ତର ପରି ସଂସ୍ଥା ସହିତ। ଜର୍ମାନ କ୍ରାଉନ୍ ପ୍ରିନ୍ସ କଲିକତା ଆସିଥିବା ବେଳେ ତାଙ୍କ ସହିତ ସାକ୍ଷାତ କରି ସେ ହତିଆର ଓ ଗୋଳାବାରୁଦ ପ୍ରାପ୍ତ କରିଥିଲେ ବାଘା ଯତୀନ୍। ଏହାପରେ ଅନେକ ସ୍ଥାନକୁ ସେ ଯାତ୍ରା କରି କ୍ରାନ୍ତିକାରୀ ସଂଗଠନଗୁଡ଼ିକୁ ଏକତ୍ରିତ କରିବାରେ ସଫଳ ହେଲେ। ଯତୀନ ଓ ତାଙ୍କ ସାଥୀ ମୟୂରଭଞ୍ଜର ଜଙ୍ଗଲରେ ଲୁଚି ରହିଥିବା ବେଳେ ୯ ସେପ୍ଟେମ୍ବର, ୧୯୧୫ରେ ବାଲେଶ୍ୱର ପାଖରେ ବ୍ରିଟିଶ ସେନା ସେମାନଙ୍କ ଉପରେ ଆକ୍ରମଣ କରିଥିଲା ଯେଉଁଥିରେ ସରକାରଙ୍କୁ ଅନେକ କ୍ଷତି ଉଠାଇବାକୁ ପଡ଼ିଥିଲା ଓ ଏଥିରେ ଜଣେ କ୍ରାନ୍ତିକାରୀଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ଏହି ଆକ୍ରମଣରେ ଯତୀନ ଓ ତାଙ୍କର ଆଉ ଜଣେ ସାଥୀ ଗମ୍ଭୀର ଭାବରେ ଆଘାତପ୍ରାପ୍ତ ହୋଇଥିଲେ ଓ ପରଦିନ ୧୦ ସେପ୍ଟେମ୍ବରରେ ବାଘା ଯତୀନ୍‌ଙ୍କ ମୃତ୍ୟୁ ହୋଇଯାଇଥିଲା।

# ଆତ୍ମ-ପିଣ୍ଡଦାନ ମନ୍ଦିର



ବିହାରର ଗୟା ଠାରେ ପ୍ରତିବର୍ଷ ଲକ୍ଷାଧିକ ଲୋକ ପିତୃ ଋଣରୁ ମୁକ୍ତ ହେବା ପାଇଁ ପିଣ୍ଡଦାନ କରିବାକୁ ସେଠାରେ ପହଞ୍ଚି ଥାଆନ୍ତି। ସେଠାରେ ଥିବା ଫଲ୍‌ଗୁ ନଦୀ ସହିତ ବିଭିନ୍ନ ବେଦୀଗୁଡ଼ିକ ଉପରେ ପିଣ୍ଡଦାନ କରାଯାଏ। ଭାଦ୍ରପଦ ମାସର ପୂର୍ଣ୍ଣିମାରୁ ଆରମ୍ଭ କରି ଆଶ୍ୱିନ ମାସର ଅମାବାସ୍ୟା ପର୍ଯ୍ୟନ୍ତ ପିତୃପକ୍ଷର ସମୟ ହେଉଛି ଏହି ପିଣ୍ଡଦାନର ସଠିକ୍ ସମୟ। ଏହି ସମୟ ମଧ୍ୟରେ ଲୋକମାନେ ନିଜ ପରିବାରର ପୂର୍ବଜମାନଙ୍କ ଆତ୍ମାକୁ ଶାନ୍ତି କରିବା ପାଇଁ ପୂଜାପାଠ କରନ୍ତି। ଏହି ପୂର୍ବଜମାନଙ୍କୁ କୁହାଯାଏ ପିତୃପୁରୁଷ। ପିତୃପୁରୁଷଙ୍କ ପାଇଁ ଦାନ-ପୁଣ୍ୟ କରିବା ଫଳଦାୟୀ ବୋଲି କୁହାଯାଏ। ଏହି କାରଣରୁ ସେମାନେ ପ୍ରସନ୍ନ ହୋଇ ଆଶୀର୍ବାଦ ଦିଅନ୍ତି। ତେବେ ସମସ୍ତେ ଜାଣନ୍ତି ଯେ ମୃତ୍ୟୁ ପରେ ପିଣ୍ଡଦାନ କରାଯାଏ। ଭଗବାନ ରାମ ଫଲ୍‌ଗୁ ନଦୀ କୂଳରେ ଭାଇମାନଙ୍କ ସହିତ ଆସି ରାଜା ଦଶରଥଙ୍କ ପିଣ୍ଡଦାନ କରି ତାଙ୍କ ଆତ୍ମାକୁ ଶାନ୍ତି ଓ ମୋକ୍ଷ ପ୍ରଦାନ କରିଥିଲେ। ଏହି ମାନ୍ୟତାକୁ ଆଧାର କରି ଲୋକମାନେ ପିଣ୍ଡଦାନ ପାଇଁ ସେଠାକୁ ଯାଇଥାନ୍ତି। କିନ୍ତୁ ଜାଣିଛନ୍ତି କି ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ଲୋକମାନେ ନିଜର ପିଣ୍ଡଦାନ କରିଥାନ୍ତି। ସେହି ଗୟାଠାରେ ରହିଛି ଜନାର୍ଦ୍ଦନ ବେଦୀ ମନ୍ଦିର ଯେଉଁଠାରେ ଲୋକମାନେ ନିଜର ଶ୍ରାଦ୍ଧ କରିଥାନ୍ତି। ଗୟାରେ ୫୪ଟି ପିଣ୍ଡବେଦୀ ଓ ୫୩ଟି ଏପରି ସ୍ଥାନ ରହିଛି ଯେଉଁଠାରେ ପିତୃପିଣ୍ଡ ଦାନ କରାଯାଏ। କିନ୍ତୁ ଜନାର୍ଦ୍ଦନ ମନ୍ଦିର ବେଦୀ ଏକମାତ୍ର ଏପରି ବେଦୀ ଯେଉଁଠାରେ ଆତ୍ମଶ୍ରାଦ୍ଧ କରାଯାଏ। ସେଠାରେ ଲୋକମାନେ ବଞ୍ଚିଥିବା ଅବସ୍ଥାରେ ପିଣ୍ଡଦାନ କରିଥାନ୍ତି। ଗୟାର ଭସ୍ମକୂଟ ପର୍ବତ ଉପରେ ସ୍ଥିତ ମାତା ମଙ୍ଗଳା ଗୌରୀ ମନ୍ଦିରର ଉତ୍ତରରେ ଏହି ବେଦୀଟି ଅବସ୍ଥିତ। ସେଠାରେ ଭଗବାନ ବିଷ୍ଣୁ ଜନାର୍ଦ୍ଦନ ସ୍ୱାମୀ ରୂପରେ ପିଣ୍ଡ ଗ୍ରହଣ କରନ୍ତି। ଯେଉଁ ଲୋକମାନଙ୍କ ପରିବାରରେ ଶ୍ରାଦ୍ଧ କରିବା ପାଇଁ ଆଉ କେହି ନଥାନ୍ତି ସେମାନେ ଏହି ମନ୍ଦିରରେ ଯାଇ ନିଜର ପିଣ୍ଡଦାନ କରିଥାନ୍ତି। ଗୃହସ୍ଥ ଜୀବନ ତ୍ୟାଗ କରିସାରିଥିବା ବୈରାଗୀ ଲୋକମାନେ ମଧ୍ୟ ପିଣ୍ଡଦାନ କରିବାକୁ ସେହି ସ୍ଥାନକୁ ଯାଇଥାନ୍ତି।

# ତେଜାଙ୍କ ଫିଲ୍ମ ମିରାଇ ଆସୁଛି




ଦକ୍ଷିଣର ଅଭିନେତା ତେଜା ସଜ୍ଜା ଫିଲ୍ମ 'ମିରାଇ'କୁ ନେଇ ଦେଇଛନ୍ତି ଏକ ଖୁସି ଖବର। ଖବର ଅନୁସାରେ ଫିଲ୍ମଟିକୁ ସେନ୍ସର ବୋର୍ଡ ତରଫରୁ ୟୁ/ଏ ସାର୍ଟିଫିକେଟ୍ ସହିତ ରିଲିଜ ପାଇଁ ମଞ୍ଜୁରୀ ମିଳିସାରିଛି। ଏହି ଖବର ଶୁଣାଇବା ମାତ୍ରେ ତେଜା ସଜ୍ଜାଙ୍କ ପ୍ରଶଂସକମାନେ ଖୁସି ହୋଇଛନ୍ତି। ତେବେ ଫିଲ୍ମଟି ଅନେକଗୁଡ଼ିଏ ଭାଷାରେ ରିଲିଜ ହେବ। ଫିଲ୍ମଟିକୁ ସବୁ ବର୍ଗର ଲୋକମାନେ ନିଜ ପରିବାର ସହିତ ବସି ଦେଖିପାରିବେ। ତେଣୁ ଆକ୍ସନ୍, ଇମୋସନ୍ ଓ ଭକ୍ତିର ଅନୁଭବ ପାଇବା ପାଇଁ ୧୨ ତାରିଖରେ ରିଲିଜ ହେଉଥିବା ଫିଲ୍ମ 'ମିରାଇ'କୁ ଦେଖିବା ପାଇଁ ଯାଇପାରିବେ। ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି କାର୍ତ୍ତିକ ଗଟ୍ଟମନେନୀ। ତେଜା ସଜ୍ଜାଙ୍କ ବ୍ୟତୀତ ଫିଲ୍ମରେ ଜଗପତି ବାବୁ, ଅଙ୍ଗାମା ବଲୀ ନାମକ ତନ୍ତ୍ରରକ୍ଷକ, ମନୋଜ ମାଞ୍ଚୁ ଖଳନାୟକ ଓ ରିତିକା ନାୟକ, ବିଭା ଭୂମିକାରେ ନଜର ଆସିବେ। ଏମାନଙ୍କ ସହିତ ଶ୍ରେୟା ସରନ ଓ ଜୟରାମଙ୍କୁ ମଧ୍ୟ ମୁଖ୍ୟ ଭୂମିକାରେ ଦେଖିବାକୁ ପାଇବେ। ଫିଲ୍ମର ନିର୍ଦ୍ଦେଶନା ସହିତ ଛାୟାଙ୍କନ ଓ ସ୍କ୍ରିପ୍ଟ ଲେଖିଛନ୍ତି କାର୍ତ୍ତିକ ଗଟ୍ଟମନେନୀ। ମଣିବାବୁ କରଣମ୍ ଏହାର ସମ୍ବାଦ ଲେଖିଛନ୍ତି। ପିପଲ୍ ମିଡିଆ ଫ୍ୟାକ୍ଟ୍ରି ଦ୍ୱାରା ନିର୍ମିତ ଏହି ଫିଲ୍ମରେ ଶାନ୍‌ଦାର ଦୃଶ୍ୟ ଓ ବିଏଫ୍‌ଏକ୍ସ ସଟ୍ସ ସାମିଲ ଅଛି। ତେବେ ହିନ୍ଦୀ ଭାଷାରେ ଏହି ଫିଲ୍ମର ନିର୍ମାଣ କରୁଛି କରଣ ଜୋହରଙ୍କ ପ୍ରଡକ୍ସନ୍ ହାଉସ୍ ଧର୍ମା ପ୍ରଡକ୍ସନ୍ସ। ଫିଲ୍ମଟି ୨ଡି ଓ ୩ଡିରେ ଆଠଟି ଭାଷାରେ ରିଲିଜ ହେବ। ତେବେ ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ତେଜା ସଜ୍ଜା ଅଭିନୀତ ତେଲୁଗୁ ଫିଲ୍ମ 'ଜୟ ହନୁମାନ' ମଧ୍ୟ ୧୨ ତାରିଖରେ ରିଲିଜ ହେବାର ଅଛି।

# ମାନସିକ ସ୍ୱାସ୍ଥ୍ୟ ଓ ଆତ୍ମହତ୍ୟା



ଆତ୍ମହତ୍ୟା ସମ୍ପର୍କରେ ସଚେତନତା ବୃଦ୍ଧି କରେଇବା ଓ ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରତିବର୍ଷ ବିଶ୍ୱ ସ୍ତରରେ ପାଳନ କରାଯାଏ ଆତ୍ମହତ୍ୟା ରୋକଥାମ ଦିବସ। ବୈଶ୍ୱିକ ମୁଦ୍ଦାଗୁଡ଼ିକ ଉପରେ ଆଲୋକପାତ କରିବା, ଏଗୁଡ଼ିକର କାରଣ ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ଓ ଆତ୍ମହତ୍ୟାର ବିଚାରଗୁଡ଼ିକ ସହିତ ସଂଘର୍ଷ କରୁଥିବା ଲୋକମାନଙ୍କୁ ସାହାଯ୍ୟ କରିବାର ଉପାୟଗୁଡ଼ିକୁ ତ୍ୱରାନ୍ୱିତ କରିବା ଏହି ଦିବସର ଉଦ୍ଦେଶ୍ୟ। ଏହି ଦିବସ ଏକ ବୈଶ୍ୱିକ ସଚେତନତା ଅଭିଯାନ ଯାହାର ଉଦ୍ଦେଶ୍ୟ ଆତ୍ମହତ୍ୟାକୁ ରୋକିବା ଓ ପ୍ରଭାବିତ ଲୋକମାନଙ୍କୁ ସାହାଯ୍ୟ କରିବା। ବର୍ତ୍ତମାନ ସମୟରେ ପୂରା ଦୁନିଆରେ ଆତ୍ମହତ୍ୟାର ମାମଲାଗୁଡ଼ିକ ଦ୍ରୁତଗତିରେ ବୃଦ୍ଧି ପାଉଛି। ଏହି ସମାଜରୁ ଲୋକମାନଙ୍କୁ ବାହାର କରିବା ପାଇଁ ଅନେକ ବର୍ଷ ହେଲାଣି ବିଭିନ୍ନ ଉପାୟରେ ଚେଷ୍ଟା କରାଯାଉଛି। ଏହି କାରଣରୁ ଅନ୍ତର୍ଜାତୀୟ ସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମିଳିତ ଭାବରେ ୧୦ ସେପ୍ଟେମ୍ବର ଦିନ ଏହି ଦିବସ ପାଳନ କରିବା ପାଇଁ ସ୍ଥିର କରିଥିଲେ। ଏହାପରେ ୨୦୦୩ରୁ ବିଶ୍ୱ ଆତ୍ମହତ୍ୟା ରୋକଥାମ ଦିବସ ପାଳନ କରାଯାଉଛି। କାରଣ- ଯେତେବେଳେ କୌଣସି ବ୍ୟକ୍ତି ସମ୍ପୂର୍ଣ୍ଣ ଭାବରେ ହତାଶ ଓ ନିରାଶ ହୋଇଯାଏ, କେଉଁଠାରୁ ବି ଆଶାର କିରଣ ଦେଖିବାକୁ ପାଏନାହିଁ ସେତେବେଳେ ଜୀବନ ହାରିବାକୁ ମଣିଷ ଚାହିଁଥାଏ। ତେବେ ଏହା ଏକମାତ୍ର କାରଣ ନୁହେଁ। ଆତ୍ମହତ୍ୟା ପଛରେ ରହିଛି ଅନେକ କାରଣ ଯଥା- ପାଠପଢ଼ାରେ ଅସଫଳତା, ରିଲେସନସିପ୍‌ର ବୋଝ, ଖରାପ ଆର୍ଥିକ ସ୍ଥିତି, କ୍ୟାରିୟର୍‌ରେ ଲଗାତର ନିମ୍ନ ସ୍ତରକୁ ଖସିବା ଆଦି ଅନେକ କାରଣ ରହିଛି। ତେବେ ଆତ୍ମହତ୍ୟାର ମୁଖ୍ୟ କାରଣ ଷ୍ଟ୍ରେସ୍, ଆଙ୍ଗ୍‌ଜାଇଟି, ଅବସାଦ, ଚାପ ଆଦି। ଏହିସବୁ ସମସ୍ୟାର ମୁଖ୍ୟ କାରଣ ଦ୍ରୁତ ଓ ବ୍ୟସ୍ତ ଜୀବନଶୈଳୀ। ତେଣୁ ଅବସାଦ, ଚିନ୍ତାରୁ ବାହାରିବା ପାଇଁ କୌଣସି ବିଶେଷଜ୍ଞଙ୍କ ସାହାଯ୍ୟ ନେବା ଉଚିତ।

# ଏକୁଟିଆ ରହିବାକୁ ପସନ୍ଦ କରନ୍ତି କି ?



ବେଳେବେଳେ ଆମେ ରହୁଥିବା ଦୁନିଆ ଠାରୁ ଅନେକ ଦୂରକୁ ଯାଇ ଏକାନ୍ତରେ କିଛି ସମୟ ଅତିବାହିତ କରିବାକୁ ମନହୁଏ। ବ୍ୟସ୍ତ ଜୀବନରୁ ନିଜକୁ ଦୂରରେ ରଖି ଏକୁଟିଆ କିଛି ସମୟ ଅତିବାହିତ କରିବାକୁ କିଛି ଲୋକ ଚାହାନ୍ତି ଯେଉଁଠାରେ ନା କିଛି ପ୍ରତିବନ୍ଧକ ଥିବ ନା କୌଣସି ଖରାପ ବିଚାର ମନକୁ ଦେବା ପାଇଁ କୌଣସି ବ୍ୟକ୍ତି ଥିବ। ତେବେ ଦୁନିଆ ଠାରୁ ଦୂରରେ ରହିବା ସହିତ ଅର୍ଥ ଉପାର୍ଜନ କରିବାକୁ ଚାହୁଁଛନ୍ତି କି ? ଏପରି ବି ସମ୍ଭବ ହୋଇପାରିବ। ଏପରି ସ୍ୱପ୍ନ ଯଦି ଦେଖୁଥାନ୍ତି ତେବେ ଏହା ସମ୍ଭବ କରିବା ପାଇଁ ଦୁନିଆରେ ରହିଛି ଏପରି ଏକ ସ୍ଥାନ ଯେଉଁଠାରେ ରହନ୍ତି କେବଳ ଦୁଇ ଜଣ ଲୋକ। ସେଠାରେ ଚାକିରି କରିବା ପାଇଁ ଜରୁରୀ ଯୋଗ୍ୟତାର ବିସ୍ତାର ବିଷୟରେ ଉଲ୍ଲେଖ ରହିଛି। ଏହି ଦ୍ୱୀପଟି ସ୍କଟ୍‌ଲ୍ୟାଣ୍ଡର ପଶ୍ଚିମୀ ତଟରେ ସ୍ଥିତ ଆଇଲ୍ ଅଫ୍ ରୋନା। ନିକଟରେ ଅନ୍‌ଲାଇନ୍ ଜବ୍ ସୂଚୀରେ ଷ୍ଟେଟ୍ ୱାର୍କର ଭାବରେ ଏକ ପଦବୀ ବିଷୟରେ କୁହାଯାଇଥିଲା ଯେଉଁଥିରେ ଦୁଇଟି ଏପରି ପ୍ରପର୍ଟି ସାମିଲ ଅଛି। ଏହି ପଦର ବିଜ୍ଞାପନ ଅନୁସାରେ ଏକ ମ୍ୟାନେଜର ପୋଷ୍ଟ ପାଇଁ ଅନେକଗୁଡ଼ିଏ କାମ ଓ ଭୂମିକା ନିଭେଇ ପାରିବେ ଯେଉଁଥିରେ ସେ ସ୍ଥାନ ଓ ସମ୍ପତ୍ତିର ଯତ୍ନ, ପ୍ରବନ୍ଧନ, ହାଉସ୍ କିପିଂ, ଲଜିଷ୍ଟିକ୍ ସହିତ ହରିଣମାନଙ୍କ ପ୍ରବନ୍ଧନ, ସେମାନଙ୍କର ଯତ୍ନ ଓ ସେମାନଙ୍କର ମାଂସ ପ୍ରସ୍ତୁତ କରିବାର ପ୍ରକ୍ରିୟା ସାମିଲ ଅଛି। ସେଠାରେ ବିଜୁଳି ନାହିଁ କିନ୍ତୁ ସୌର ପ୍ୟାନେଲ୍, ଜେନେରେଟର୍ ଓ ଇନ୍‌ଭର୍ଟର ଅଛି। ଏହା ବ୍ୟତୀତ ଅନ୍ୟାନ୍ୟ ଉପକରଣ ମଧ୍ୟରେ ରହିଛି ଡ଼ଙ୍ଗା, ମାଟି ଖୋଳିବାର ଯନ୍ତ୍ରପାତି, ମେସିନ୍ ଓ ଅନେକ ପ୍ରକାରର କି-ପ୍ରପର୍ଟି ଯେଉଁଗୁଡ଼ିକର ଯତ୍ନର ଆବଶ୍ୟକତା ରହିଛି। ତେବେ ଏହି ଚାକିରି ପାଇଁ ଆଶାବାଦୀମାନଙ୍କ ମଧ୍ୟରେ ବିଶ୍ୱସନୀୟତା, ସକ୍ଷମତା, ମଜବୁତି, ଉତ୍ସାହ, ସୁଦୂର କ୍ଷେତ୍ରରେ ଦୀର୍ଘ ଦିନ ପାଇଁ ଖୁସିରେ ରହିପାରିବାର କ୍ଷମତା, ସେନ୍ସ ଅଫ୍ ହ୍ୟୁମର ଓ ଅତିଥି, ଆଗନ୍ତୁକ ଓ ସହକର୍ମୀମାନଙ୍କ ସହିତ ମିଳିମିଶି ରହିପାରୁଥିବାର ସ୍ୱଭାବ ଥିବା ଆବଶ୍ୟକ।

## ଅନ୍ଦରପୁର ପୂଜା କମିଟିର ପ୍ରସ୍ତୁତି ବୈଠକ

# ନିଶାମୁକ୍ତ ଭସାଣି ସାଙ୍ଗକୁ ପୂଜା ମଣ୍ଡପରେ ପଲିଥିନ୍‌କୁ ମନା



**କଟକ,୯।୯/ଏନ୍ଏନ୍ଏସ୍:** ମହାନଗର ନିଗମ ୫୩ନଂ ୱାର୍ଡ ଅନ୍ତର୍ଗତ ଅନ୍ଦରପୁର ପୂଜା କମିଟି ପକ୍ଷରୁ ସୋମବାର ସନ୍ଧ୍ୟାରେ ଦୁର୍ଗା ପୂଜା ଆୟୋଜନକୁ ନେଇ ସାଇର ଅଧିକାରୀ ପ୍ରମୋଦ କୁମାର ଭୋଳଙ୍କ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ଦରପୁର ପୂଜା ମଣ୍ଡପରେ ଦୀର୍ଘ ୧୮ବର୍ଷ ଧରି ଶିବ ପାର୍ବତୀ ପୂଜା ପାଇ ଆସୁଥିବା ବେଳେ ଏଥର ପ୍ରଥମ କରି ମା’ ଦୁର୍ଗା ପୂଜା ପାଇବେ। ଚଳିତ ବର୍ଷ ପାର୍ବଣ ପାଇଁ କମିଟି ପକ୍ଷରୁ ୧୦ ରୁ ୧୨ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିବା ବେଳେ ଷଷ୍ଠୀରେ ପୂଜା କମିଟିର କର୍ମକର୍ତ୍ତାଙ୍କ ଠାରୁ ଆରମ୍ଭ କରି ସହରର ବହୁ ମୁରବୀ ଓ ମାନ୍ୟଗନ୍ୟ ବ୍ୟକ୍ତି ବିଶେଷଙ୍କୁ ପୂଜା ମଣ୍ଡପରେ ସମ୍ବର୍ଦ୍ଧନା କରାଯିବ। ଏଥର ନିଶାମୁକ୍ତ ଭସାଣି ସାଙ୍ଗକୁ ପୂଜା ମଣ୍ଡପରେ ପଲିଥିନକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯିବା ସହ ଭକ୍ତବୃନ୍ଦଙ୍କୁ ସଚେତନତା କରାଯିବ ବୋଲି ପ୍ରସ୍ତୁତି ବୈଠକରେ ଘୋଷଣା କରାଯାଇଛି। ଏହି ବୈଠକରେ ସ୍ଥାନୀୟ କର୍ପୋରେଟର ଅରବିନ୍ଦ ଜେନା, ପୂଜା କମିଟିର ସଭାପତି ବିନୟ କୁମାର ଦାସ, ସମ୍ପାଦକ ଅମର କୁମାର ସାମନ୍ତରାୟ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ନାୟକ, ସଭ୍ୟ ଉଦୟନାଥ ତ୍ରିପାଠୀ, ପ୍ରସନ୍ନ କୁମାର ମହାନ୍ତି, ଅଭୟ କୁମାର ସ୍ୱାଇଁ, ବିନୋଦ କୁମାର ବେହେରା, ପ୍ରଦୀପ୍ତ କୁମାର ସ୍ୱାଇଁ, ରବୀନ୍ଦ୍ର ମହାନ୍ତି, ପ୍ରଦୀପ ଦାସ, ନଗେନ ଦାସ, ସୁରେନ୍ଦ୍ର କୁମାର ପଟ୍ଟନାୟକ, ପୂର୍ଣ୍ଣ ଚନ୍ଦ୍ର ମହାରଣା, ଦିଲ୍ଲିପ ଜେନା, ରଞ୍ଜିତ ରାଉତ, ବାସୁଦେବ ସ୍ୱାଇଁ, ସୁଜିତ୍ ନାୟକ, ବିସ୍ମୟ ରଞ୍ଜନ ଜେନା, ତୁଷାର କୁମାର ସାହୁ, ବିଶ୍ୱ ରଞ୍ଜନ ସ୍ୱାଇଁ, ସୌମ୍ୟ ରଂଜନ ସ୍ୱାଇଁ, ଜଗବନ୍ଧୁ ସ୍ୱାଇଁଙ୍କ ସମେତ ସାହିର ସମସ୍ତ ଯୁବବର୍ଗ ମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାର ସହ ପୂଜାକୁ ପରିଚାଳନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

# ଭାଗବତ ପୁନରୁଦ୍ଧାର ସମିତି ପଶ୍ଚିମ କଟକର ଭାଗବତ ମେଳଣ



**କଟକ,୯।୯/ଏନ୍ଏନ୍ଏସ୍:** ଭାଗବତ ପୁନରୁଦ୍ଧାର ସମିତି ପଶ୍ଚିମ କଟକ ଆନୁକୂଲ୍ୟରେ ଭାଗବତ ମେଳଣ ଚାନ୍ଦିନିଚୌକ ସ୍ଥିତ ମେଳଣ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବାଲୁବଜାର ସ୍ଥିତ ଦୁର୍ଗାମଣ୍ଡପଠାରୁ ପ୍ରାୟ ୩୦ରୁ ଅଧିକ ସୁସଜ୍ଜିତ ଭାଗବତ ଗୋସେଇଁ ଏକ ଶୋଭାଯାତ୍ରାରେ ବାହାରି କାଜିବଜାର, ରୋଭରଷ୍ଟ୍ରିଟ, ଖଟବିନ ସାହି, ଶେଖବଜାର ଭ୍ରମଣକରି ଚୈତନ୍ୟମଠ ନିକଟରେ ବିଶ୍ରାମ ନେଇଥିଲେ। ଏହାପରେ ସେଠାରୁ ବାହାରି ମହମ୍ମଦିଆ ବଜାର ଦେଇ ଚାନ୍ଦିନିଚୌକ ସ୍ଥିତ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ବାବାଜୀ ଅମୃତାନନ୍ଦ ଦାସ ମହାରାଜ ଭାଗବତ ଗୋସେଇଁଙ୍କୁ ପୂଜାର୍ଚ୍ଚନା କରିବା ପରେ ଭାଗବତ ମହିମା ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ କମିଟିର କାର୍ଯ୍ୟକାରୀ ସଭାପତି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ବିଭିନ୍ନ ବର୍ଗର ଲୋକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ କମିଟିର ସଭାପତି ପ୍ରତାପ କିଶୋର ସିଂହ, ସମ୍ପାଦକ ନିହାର ରଞ୍ଜନ ସାମନ୍ତରାୟ, ଉପଦେଷ୍ଟା ବିରେନ୍ଦ୍ର କୁମାର ସାହୁ, କୈଳାସ ଚନ୍ଦ୍ର ଜେନା, ଯତିନ୍ଦ୍ର କୁମାର ଦାସ, ବୈଦ୍ୟନାଥ ମହାରଣା, ସୁଶାନ୍ତ ପାଣି, ରମେଶ ବେହେରା, ବାଲୁବଜାର ପୂଜାକମିଟି ସଭାପତି, ପୃଥ୍ୱୀରାଜ ସାହୁ, ସମ୍ପାଦକ ଈଶ୍ୱର ଚନ୍ଦ୍ର ବେହେରା, ମଧୁସୂଦନ ବେହେରା, ଡଃ ଦୀପକ ରାଜ, ଚୌଧୁରୀ କାଶୀନାଥ ମଲ୍ଲିକ, ସନ୍ତୋଷ କୁମାର ମଲ୍ଲିକ, ଶିବଦାସ ପୂର୍ଣ୍ଣଚନ୍ଦ୍ର ସିଂହ, ଡକ୍ଟର ରବିରଞ୍ଜନ ସାହୁ, ବିଡ଼ାନାସୀ ଥାନାଧିକାରୀ ଅସିତ କୁମାର ବଳବନ୍ତରାୟ, ଶିବେନ୍ଦ୍ର ବେହେରା, ଶଶଧର ପଣ୍ଡା, ଅଜୟ ସେନାପତି, ବିଜୟ ବେହେରା, ବିଜୟ କୁମାର ସେଠୀ, ନିବାସ ଚନ୍ଦ୍ର ମିଶ୍ର, ବନ୍ଦେ ଉତ୍କଳ ଲୋକକଳା ଓ ଲୋକସଂସ୍କୃତି ମହାସଂଘ ସଭାପତି ଚନ୍ଦ୍ରଶେଖର ସାମଲ, ଶ୍ରୀନିବାସ ମିଶ୍ର, ବିବେକାନନ୍ଦ ବେଉରା, ସୁବାସ ପରିଡ଼ା, ଅରବିନ୍ଦ ବେହେରା, ବଂଶୀଧର ସ୍ୱାଇଁ, ଛନ୍ଦା ତ୍ରିପାଠୀ, ସରସ୍ୱତୀ ବେହେରା, ଭାରତୀ ଦାସ, ଅକ୍ଷୟ କୁମାର ସିଂହ, ବିଶ୍ୱନାଥ ସିଂହ, ଜଗନ୍ନାଥ ସିଂହ, ନାରାୟଣ ମୁଦୁଲି, ନିତାଇ ଚରଣ ମହାରଣା, ଉଗ୍ରେସନ ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସୋମନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଉପସଭାପତି କବିରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ସୂଚନା କମିସନଙ୍କୁ ହାଇକୋର୍ଟଙ୍କ ନୋଟିସ୍

**କଟକ,୯।୯/ଏନ୍ଏନ୍ଏସ୍:** ସୂଚନା କମିସନ ମାମଲାର ଶୁଣାଣିରେ ଅବହେଳା ପ୍ରଦର୍ଶନ ଅଭିଯୋଗ କରି ହାଇକୋର୍ଟରେ ଏକାଧିକ ମାମଲା ଦାୟର ହୋଇଛି। ଅଦାଲତ ଉକ୍ତ ପିଟିସନଟିକୁ ଗ୍ରହଣ କରି ସୂଚନା କମିସନଙ୍କ ସମେତ ଅନ୍ୟ ପ୍ରତିପକ୍ଷଙ୍କୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ଆବେଦନକାରୀ ପ୍ରଦୀପ ପ୍ରଧାନଙ୍କ ଦ୍ୱାରା ରୁଜୁ ଏକ ମାମଲାର ବିଚାର କରି ସୂଚନା କମିସନ ଏବଂ ଭୁବନେଶ୍ୱର ତହସିଲଦାରଙ୍କୁ ଜବାବ ଦାଖଲ ନୋଟିସ କରିଛନ୍ତି। ସେହିପରି ପୂର୍ଣ୍ଣ ନାୟକ ନାମକ ଜଣେ ବ୍ୟକ୍ତିଙ୍କ ଆବେଦନରେ ସୂଚନା କମିସନଙ୍କୁ ଜବାବ ଦାଖଲ ପାଇଁ ନୋଟିସ ଜାରି ହୋଇଥିବା ବେଳେ ଆବେଦନକାରୀ ବବିନା ଜେନାଙ୍କ ମାମଲାର ଶୁଣାଣି କରି ସୂଚନା କମିସନ ଏବଂ ଏଆରସିଏସ ପୁରୀଙ୍କୁ ଜବାବ ଦାଖଲ ପାଇଁ ନୋଟିସ ଜାରି କରିଛନ୍ତି। ଉପରୋକ୍ତ ମାମଲାଗୁଡ଼ିକୁ ଆଇନଜୀବୀ ଶ୍ରୀ ଅଖଣ୍ଡ ପରିଚ୍ଳନା କରୁଛନ୍ତି।

## ରାଜସ୍ୱ ଓ ଭୂଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକ

# ଗୋଚର ଜମିରେ ରହୁଥିବା ଲୋକଙ୍କୁ ଥଇଥାନ ଉପରେ ଗୁରୁତ୍ୱ



**କଟକ,୯।୯/ଏନ୍ଏନ୍ଏସ୍:** କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହଠାରେ ଆଜି ରାଜସ୍ୱ ଓ ଭୂଅର୍ଜନ ସମ୍ବନ୍ଧୀୟ ସମୀକ୍ଷା ବୈଠକ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ବସୁନ୍ଧରା ଯୋଜନା ଅନ୍ତର୍ଗତ ଭୂମିହୀନ ପରିବାରକୁ ଜମିପଟା ପ୍ରଦାନ, ପୂର୍ବରୁ ପ୍ରଦାନ କରାଯାଇଥିବା ଘରବାଡ଼ି ଜମିର ଚିହ୍ନଟ, ଶିକ୍ଷାନୁଷ୍ଠାନଗୁଡ଼ିକର ଜମିର ନିୟମିତକରଣ, ଜଙ୍ଗଲ ଅଧିକାର ଆଇନରେ ପ୍ରଦାନ କରାଯାଇଥିବା ପଟ୍ଟା ବଣ୍ଟନ, ସିକିମ, ବନ୍ଦୋବସ୍ତ ଓ ଜଙ୍ଗଲ ଜମି ଅଧିକାର ଅଧିନିୟମ ଅନ୍ତର୍ଗତ ବିଭିନ୍ନ ଯୋଜନା ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ସେ ଆଲୋଚନା କରାଯାଇଥିଲା। ଗୋଚର ଜମିରେ ରହୁଥିବା ଲୋକଙ୍କୁ ଥଇଥାନ କରାଇବା ଉପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱ ଦେଇ ବୃଦ୍ଧ, ଅସହାୟ ଓ ବିଭିନ୍ନ ସମସ୍ୟା ନେଇ ଆସୁଥିବା ଲୋକଙ୍କ ସମସ୍ୟାଗୁଡ଼ିକ ଉପରେ ଯଥାସମୟରେ ସଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହ ବିଭିନ୍ନ ସରକାରୀ ଅନୁଷ୍ଠାନ, ପ୍ରତିଷ୍ଠାନ ବିଭାଗ ଇତ୍ୟାଦିର ଅବ୍ୟବହୃତ ଜମିକୁ ବିଭିନ୍ନ ଉନ୍ନୟନ ଯୋଜନା ନିମନ୍ତେ ସରକାରୀ ଖାତାକୁ ଆଣି ପ୍ରଦାନ କରିବା, ବିଭିନ୍ନ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା, ଚକବନ୍ଦି ଆଦି ବିଷୟରେ ସମୀକ୍ଷା ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପଡ଼ି ରହିଥିବା ଜମିଜମା ସମ୍ବନ୍ଧୀୟ ରାଜସ୍ୱ, ଅଦାଲତ ମାମଲାଗୁଡ଼ିକର ତ୍ୱରିତ ଫଇସଲା ନିମନ୍ତେ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କ୍ୟାପିଟାଲ ରିଜନ ରିଙ୍ଗରୋଡ୍ ନିମନ୍ତେ ଜମି ଅଧିଗ୍ରହଣକୁ ସୁଗମ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। କଟକରେ ଆବଶ୍ୟକ ହେଉଥିବା ଭିତ୍ତିଭୂମି ଏବଂ କର୍ମଚାରୀ ନିୟୋଜନ କରିବା ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଏଥିରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହନ୍ତି, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ନିଆଳି ବିଧାୟକ ଛବି ମଲ୍ଲିକ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଧନ୍ୟବାଦ୍ ଦେଇଥିଲେ।

# ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ଉଦ୍‌ଯାପିତ

**ଭୁବନେଶ୍ୱର,୯।୯/ଏନ୍ଏନ୍ଏସ୍:** ଓଡ଼ିଶାର ଅଗ୍ରଣୀ ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ସୃଜନ - ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଅନୁଷ୍ଠିତ ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଶାସ୍ତ୍ରୀୟ ନୃତ୍ୟ, ସଙ୍ଗୀତ ଓ ନାଟ୍ୟ ଉପସ୍ଥାପନା ପରେ ପଞ୍ଚମ ସଂଧ୍ୟାରେ ସମ୍ମାନ ବିତରଣ ସମାରୋହ ସହିତ ସୃଜନ ଅନୁଷ୍ଠାନ ଦ୍ୱାରା ଓଡ଼ିଶୀ ନୃତ୍ୟାଭିନୟ ‘ଦୁର୍ଯ୍ୟୋଧନ’ ପରିବେଷଣ ହୋଇଥିଲା। ଉତ୍ସବରେ ଅତିଥିମାନେ ଥିଲେ ପୂର୍ବତନ ସାଂସଦ ପ୍ରଶାନ୍ତ ନନ୍ଦ, ଏମ୍‌ଜିଏମ୍ ମିନେରାଲ୍ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର।

ଚଳିତବର୍ଷ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ, ଗୁରୁ, ନୃତ୍ୟ ନିର୍ଦ୍ଦେଶିକା ଏବଂ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ମାଧବୀ ମୁଦଗଲ, ପ୍ରଖ୍ୟାତ ଓଡ଼ିଶୀ କଣ୍ଠଶିଳ୍ପୀ ଏବଂ ସଙ୍ଗୀତ ପ୍ରଶିକ୍ଷକ ଅଲେଖ ଚନ୍ଦ୍ର ସାମଲଙ୍କୁ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୨୫ ପ୍ରଦାନ ସହିତ ୧ ଲକ୍ଷ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଶାସ୍ତ୍ରୀୟ ନୃତ୍ୟ ଏବଂ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରର ୪୦ ବର୍ଷରୁ କମ୍ ବୟସର ଦୁଇ ଉଲ୍ଲେଖନୀୟ ପ୍ରଦର୍ଶନକାରୀ ଶତାବ୍ଦୀ ମଲ୍ଲିକଙ୍କୁ ଓଡ଼ିଶୀ ନୃତ୍ୟ ପାଇଁ ଏବଂ ମୁରଲୀଧର ସ୍ୱାଇଁଙ୍କୁ ଓଡ଼ିଶୀ ସଙ୍ଗୀତ ପାଇଁ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ପୁରସ୍କାର ୨୦୨୫ ପ୍ରଦାନ ସହିତ ୨୫,୦୦୦ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଏକ ନୂତନ ପରିଚୟରେ, ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ନୃତ୍ୟ, ସଙ୍ଗୀତ ଏବଂ ନାଟ୍ୟ କ୍ଷେତ୍ରର ଉଲ୍ଲେଖନୀୟ ଅବଦାନ ଏବଂ କଳା ପ୍ରତି ନିରନ୍ତର ସମର୍ପଣ ପାଇଁ ରଘୁନାଥ ଦାସ ଏବଂ ଅର୍ଣ୍ଣବ ବନ୍ଦୋପାଧ୍ୟାୟଙ୍କୁ ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ ୨୦୨୫ ପ୍ରଦାନ ସହିତ ୫୦,୦୦୦ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ସୃଜନ ଅନୁଷ୍ଠାନର ଶିଳ୍ପୀମାନେ ଓଡ଼ିଶୀ ଦଳଗତ ନୃତ୍ୟାଭିନୟ ଦୁର୍ଯ୍ୟୋଧନ ପରିବେଷଣ କରିଥିଲେ। ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ଲିପି ସହ ଡଃ ଶ୍ରୀନିବାସ ଘଟୁଆରୀଙ୍କ ଦ୍ୱାରା ପରିକଳ୍ପିତ, ରୂପକ କୁମାର ପରିଡ଼ାଙ୍କ ସଙ୍ଗୀତ ସଂଯୋଜନା, ଆଦିତ୍ୟ ମହାପାତ୍ରଙ୍କ ଦ୍ୱାରା ବର୍ଣ୍ଣିତ ଏବଂ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନାରେ ଏହା ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡଃ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ଲକର୍ ଭାଙ୍ଗି ଚୋରି, ୨ ଗିରଫ



**କଟକ,୯।୯/ଏନ୍ଏନ୍ଏସ୍:** ଲକର୍ ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ଘଟଣାରେ ଜଗତପୁର ଥାନା ପୁଲିସ ୨ଜଣକୁ ଗିରଫ କରିଛି। ଅଭିଯୁକ୍ତ ଦୁଇ ଜଣ ହେଲେ ଜଗତପୁର ଥାନା ଅନ୍ତର୍ଗତ ପୀରବଜାର ଅଞ୍ଚଳର ମେହମୁଦ ଖାଁ ଓରଫ ବାପି (୩୦) ଓ ମୁସ୍ତାକ ଖାଁ ଓରଫ ପପୁ (୨୨)। ଅଭିଯୁକ୍ତଙ୍କଠାରୁ ଗୋଟେ ସୁନା ହାର, ସୁନା ମୁଦି, ଗୋଟିଏ ହୀରା ମୁଦି, ୨ହଳ ସୁନା କାନରିଙ୍ଗ, ଗୋଟେ ହଳ ସିଲଭର ପାଉଁଜି, ୨ଟି ସିଲଭର ରିଙ୍ଗ, ଗୋଟିଏ ଷ୍ଟିଲ ରିଙ୍ଗ, ଗୋଟେ ସିଲଭର କଡ଼ା, ୨ଟି ସୁନା ନାକଫୁଲ, ୨ହଳ ସୁନାକାନଫୁଲ ଓ ନଗଦ ୧୫୦୦ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି। ପୀରବଜାର ଅଞ୍ଚଳର ଏସ୍. କେ. ନାଜିମଙ୍କ ଘରେ ଗତ ୬ ତାରିଖ ରାତିରେ ଦୁର୍ବୃତ୍ତମାନେ ପଶି ଲକର ଭାଙ୍ଗି ୨ଲକ୍ଷ ୧୦ହଜାର ଟଙ୍କା ସହ ସୁନାଗହଣା ଲୁଟି ନେଇଥିଲେ। ତେବେ ଏନେଇ ନାଜିମ ଦେଇଥିବା ଏତଲାକୁ ଆଧାର କରି ଜଗତପୁର ଥାନା ପୁଲିସ ଏକ ମାମଲା ରୁଜୁ କରି ଛାନଭିନ ଆରମ୍ଭ କରିଛି। ଜଗତପୁର ଥାନା ପୁଲିସ ୨ ଅଭିଯୁକ୍ତ ମେହମୁଦ ଖାଁ ଓ ମୁସ୍ତାକ ଖାଁକୁ ଧରିବାରେ ସଫଳ ହୋଇଥିଲା। ଉଭୟ ଏହି ଚୋରି କରିଥିବା ନେଇ ପୁଲିସ ନିକଟରେ ସ୍ୱୀକାର କରିଥିବା ଜଣାପଡ଼ିଛି।

# ଅଯୋଧ୍ୟା ଓ ବାରଣାସୀ ଦର୍ଶନରେ ଗଲେ ୧୯୭ ବରିଷ୍ଠ ନାଗରିକ



**କଟକ,୯।୯/ଏନ୍ଏନ୍ଏସ୍:** ବରିଷ୍ଠ ନାଗରିକମାନଙ୍କୁ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୂତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଲାଗୁ କରାଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଆଜି କଟକ ଜିଲ୍ଲାର ବିଭିନ୍ନ ବ୍ଲକର ୧୯୭ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରଣାସୀ ଦର୍ଶନରେ ଯିବା ପାଇଁ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀ କାନ୍ତ ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁଜାତା ପଟ୍ଟନାୟକ ପ୍ରମୁଖ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ପତାକା ଦେଖାଇ ଏହି ବରିଷ୍ଠ ନାଗରିକ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ତୀର୍ଥଯାତ୍ରୀମାନେ ୫ଟି ବସ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ଆଜି ସକାଳ ୯ଟାରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହଠାରେ ତୀର୍ଥଯାତ୍ରୀମାନଙ୍କର ପଞ୍ଜୀକରଣ ଆରମ୍ଭ ହୋଇଥିଲା। ସେଠାରେ ସେମାନଙ୍କର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ କରାଯାଇଥିଲା। ଦିନ ୩ଟା ୩୦ରେ ତୀର୍ଥଯାତ୍ରୀମାନେ ଯାତ୍ରା ଆରମ୍ଭ କରିଥିଲେ। ଏହି ତୀର୍ଥଯାତ୍ରୀମାନେ ଆସନ୍ତା କାଲି ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଅଯୋଧ୍ୟା ଓ ବାରଣାସୀ ଯାତ୍ରା କରିବେ। କଟକ ଜିଲ୍ଲାର ତୀର୍ଥଯାତ୍ରୀଙ୍କ ସହ ୬ଜଣ ଏସକର୍ଟ ଅଫିସର ଯାତ୍ରା କରୁଥିବା ଜଣାପଡ଼ିଛି।

# ନୂତନ ପିଜି ଛାତ୍ରଛାତ୍ରୀଙ୍କ ସ୍ୱାଗତୋତ୍ସବ ଓ ନବଦୀକ୍ଷା କାର୍ଯ୍ୟକ୍ରମ



**କଟକ,୯।୯/ଏନ୍ଏନ୍ଏସ୍:** ଏସିସିବ ମେଡିକାଲ କଲେଜର ଜୁନିଅର ଡାକ୍ତର ଆସୋସିଏସ, ଆଇଏମ୍ଏ ଓ ଜେଡିଏନ୍‌ର ମିଳିତ ଆନୁକୂଲ୍ୟରେ ଆଜି ନୂତନ ଅଡିଟୋରିୟମ ଠାରେ ନୂତନ ପିଜି ଛାତ୍ରଛାତ୍ରୀଙ୍କ ସ୍ୱାଗତସ୍ଵବ ନବଦୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ନୂତନ ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରି ଶତାବ୍ଦୀରେ ଶ୍ରେଷ୍ଠ ଓଡ଼ିଶା ଓ ଭାରତ ଗଠନ କରିବାକୁ ଉତ୍ସାହ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀମାନେ ମିଳିତ ଉଦ୍ୟମରେ ଏକ ଶୈକ୍ଷିକ ବାତାବରଣ ମଧ୍ୟରେ ଗବେଷଣା ପାଇଁ ନିଜକୁ ପ୍ରେରିତ କରିବାକୁ ସେ କହିଥିଲେ। ଏସସିବି ମେଡିକାଲ କଲେଜର ସହକାରୀ ପ୍ରାଧ୍ୟାପକ ଡା.ଜ୍ୟୋତିର୍ମୟ ନାୟକ ଯେଉଁ ପରି ଭାବେ ବିମାନ ଯୋଗେ ଜୟପୁର ଗସ୍ତ ସମୟରେ ସହଯାତ୍ରୀ ମହିଳାଙ୍କ ଜୀବନ ରକ୍ଷା କରି ଚର୍ଚ୍ଚାରେ ରହିବ ସହ ଓଡ଼ିଶା ପାଇଁ ଗର୍ବ ଆଣି ଦେଇଥିବା ବିଷୟ ସେ ଅବତାରଣା କରିଥିଲେ। ବାଚସ୍ପତି ଶ୍ରୀମତୀ ପାଢୀ ନୂତନ ପିଜି ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଡା.ମନୋରଞ୍ଜନ ଦାସ, ଡା.ଜୟନ୍ତ କୁମାର ପଣ୍ଡା, ଡା.ଜ୍ୟୋର୍ତିମୟ ନାୟକ ଯୋଗ ଦେଇଥିଲେ। ମେଡିକାଲ କଲେଜର ଅଧ୍ୟକ୍ଷା ପ୍ରଫେସର ଡା.ଲୁସି ଦାସ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜେଡିଏ ସଭାପତି ଡା.ଚିନ୍ମୟ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଏମ୍ଏଫ୍ ପକ୍ଷରୁ ଲୋକଙ୍କ ସୁବିଧା ଲାଗି ସ୍ୱତନ୍ତ୍ର ପଦକ୍ଷେପ

**ଭୁବନେଶ୍ୱର,୯।୯/ଏନ୍ଏନ୍ଏସ୍:** ବିଏମ୍ଏଫ୍ ପକ୍ଷରୁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଆରମ୍ଭ ହୋଇଛି। ଯେଉଁଥିରେ ଲୋକଙ୍କୁ ଅର୍ଥନୀତିର ସେକ୍ଟର ଲିଡରଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିଛି। ତେବେ ଲୋକଙ୍କ ସୁବିଧା ଲାଗି ଏହି ବ୍ୟବସ୍ଥା ସେପ୍ଟେମ୍ବର ୧୭ତାରିଖ ପର୍ଯ୍ୟନ୍ତ ରହିବ ବୋଲି ବିଶାଲ କପୁର ଆଜି ସୂଚନା ଦେଇଛନ୍ତି। ସେ କହିଥିଲେ ଯେ, ଆର୍ଥିକ ବିକାଶ କ୍ଷେତ୍ରରେ ନୂଆ ଶିଳ୍ପଗୁଡ଼ିକ ଅଭିବୃଦ୍ଧି ବଢ଼ିବାରେ ଲାଗିଛି। ଏଥିରେ ସେକ୍ଟର ଲିଡର୍‌ମାନେ ବିତ୍ତୀୟ ଚକ୍ର, ବ୍ୟାଘାତର କମ୍ ସମ୍ଭାବନା ଓ ଦୀର୍ଘକାଳୀନ ମୂଲ୍ୟ ପରିଚାଳନା କରିବାର ସୁଯୋଗ ପାଇଥାନ୍ତି। ତେବେ ଦେଶର ଅଭିବୃଦ୍ଧି ସଶକ୍ତ କରିବାରେ ଏହି ବ୍ୟବସ୍ଥା ବେଶ ସହାୟକ ହେବ ବୋଲି ସେ କହିଛନ୍ତି।

# କଟକ ଘରୋଇ ବସ୍ ମାଲିକ ସଂଘ ନିର୍ବାଚନ ସ୍ଥଗିତ

**କଟକ,୯।୯/ଏନ୍ଏନ୍ଏସ୍:** ଆସନ୍ତା ୧୦ ତାରିଖରେ ହେବାକୁ ଥିବା କଟକ ଘରୋଇ ବସ ମାଲିକ ସଂଘର ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ଏକ ଅଭିଯୋଗକୁ ଭିତ୍ତିକରି କଟକ ସିଭିଲ ଜଜ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ବାଚନକୁ ସ୍ଥଗିତ ରଖାଯାଇଛି ବୋଲି ସଂଘ ପକ୍ଷରୁ ଘୋଷଣା କରାଯାଇଛି। ସାଧାରଣ ପରିଷଦ ବୈଠକରେ ଯେଉଁ ଦାବି ଗୁଡ଼ିକ ଉପସ୍ଥାପନ ହୋଇଥିଲା ସେହି ଦାବିକୁ ନ ମାନି ବସ ମାଲିକ ଜୋର ଜବରଦସ୍ତ ନିର୍ବାଚନ ତାରିଖ ଘୋଷଣା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଆସନ୍ତା ୧୭ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେ ପର୍ଯ୍ୟନ୍ତ ନିର୍ବାଚନକୁ ସ୍ଥଗିତ ରଖିବା ପାଇଁ କୋର୍ଟ ଆଦେଶ ଦେଇଛନ୍ତି।

# ଭାଗବତ ଜନ୍ମଦିନ ପାଳିତ

**କଟକ,୯।୯/ଏନ୍ଏନ୍ଏସ୍:** ସ୍ଥାନୀୟ ଗୋପାଳପୁର ଶ୍ୟାମପୁର ଗ୍ରାମର ପ୍ରଭୁ ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଭାଗବତ ଜନ୍ମଦିନ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମେନକା ଜେନା, ଭବାନୀ ବେଉରା, କାମିନୀ ମହାରଣା, ବିଦୁଲତା ସାହୁ, ହର୍ଷମଣି ଓଝା, ସାବିତ୍ରୀ ନାୟକ, ମାଗୁଣି ଓଝା, ସମାଜସେବୀ ବିରାଜ ଦାସ ଓ ଶ୍ରୀକାନ୍ତ ମହାରଣା ସମେତ ଗ୍ରାମର ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ଖୋର୍ଦ୍ଧା ରୋଡ୍ ଡିଭିଜନ୍‌ରେ ଟ୍ରେନ୍ ଟିକେଟ୍ ପରୀକ୍ଷକଙ୍କ ବାୟୋମେଟ୍ରିକ୍ ଉପସ୍ଥାନ କାର୍ଯ୍ୟକାରୀ



**ଭୁବନେଶ୍ୱର,୯।୯/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଚଳିତ ସେପଟ୍ମେର ମାସ ୭ ତାରିଖଠାରୁ ଟ୍ରେନ୍ ଟିକେଟ୍ ପରୀକ୍ଷକ (ଟିଟିଇ) ମାନଙ୍କ ପାଇଁ ବାୟୋମେଟ୍ରିକ୍ ସାଇନ୍-ଇନ୍ ଏବଂ ସାଇନ୍-ଅଫ୍ କାର୍ଯ୍ୟକାରୀ କରାଯାଇଅଛି ଯାହା ରେଳ ପରିଚାଳନାରେ ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧତା ଦିଗରେ ଏକ ପ୍ରମୁଖ ପଦକ୍ଷେପ। ରେଳମଣ୍ଡଳର ଟିକେଟ୍ ଯାଞ୍ଚ କର୍ମଚାରୀଙ୍କ ଦ୍ୱାରା ଏହି ପଦକ୍ଷେପକୁ ସ୍ୱାଗତ କରାଯାଇଛି।

ଡ୍ୟୁଟି ଉପସ୍ଥାନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ରେଳମଣ୍ଡଳର ଖୋର୍ଦ୍ଧା ରୋଡ୍, ପୁରୀ, ଭୁବନେଶ୍ୱର, ଭଦ୍ରକ, ଯାଜପୁର କେଉଁଝର ରୋଡ୍, କଟକ, ବାଲୁଗାଁ, ବ୍ରହ୍ମପୁର, ପଲାସା, ଢେଙ୍କାନାଳ, ଅନୁଗୁଳ ଏବଂ ପାରାଦୀପ ଷ୍ଟେସନ ମାନଙ୍କ ଠାରେ ଅବସ୍ଥିତ ସମସ୍ତ ୧୨ଟି କମ୍ପ୍ୟୁଟରାଇଜଡ୍ ଟିଟିଇ ଲବିରେ ବାୟୋମେଟ୍ରିକ୍-ଆଧାରିତ ଲଗଇନ୍/ଅଫ୍ ପ୍ରଚଳନ କରାଯାଇଛି। ଏହି ସୁବିଧା ରେଳମଣ୍ଡଳ ଅଧୀନରେ କାର୍ଯ୍ୟରତ ପ୍ରାୟ ୫୫୦ ରୁ ଅଧିକ ଟିଟିଇଙ୍କୁ ସୁବିଧା ପ୍ରଦାନ କରିବ। ଆଧାର-ସକ୍ଷମ ବାୟୋମେଟ୍ରିକ୍ ପ୍ରମାଣୀକରଣ ସଠିକ୍ ସାଇନ୍-ଅନ୍/ଅଫ୍ ସୁନିଶ୍ଚିତ କରିବ, ମାନୁଆଲ୍ ଆଟେଣ୍ଡେନ୍ସ ସିଷ୍ଟମ୍‌ରେ ବିଭେଦ ଦୂର କରିବ ଏବଂ ଡ୍ୟୁଟିରେ ସାଇନ୍ କରିବା ସମୟରେ ସମ୍ପୃକ୍ତ ଷ୍ଟେସନ୍‌ରେ କର୍ମଚାରୀଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ନିଶ୍ଚିତ କରିବ। ଏହି ପ୍ରକଳ୍ପ ‘ଭାରତୀୟ ରେଳବାଇରେ କମ୍ପ୍ୟୁଟରାଇଜଡ୍ ଟିଟିଇ ଲବିର ପ୍ରସାର’ ପଦକ୍ଷେପର ଏକ ଅଂଶ, ଯାହା ପୂର୍ବରୁ ସାରା ଦେଶରେ ୯୫୦ ରୁ ଅଧିକ ସ୍ଥାନରେ କାର୍ଯ୍ୟକାରୀ କରାଯାଇଛି। ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଉନ୍ନତ କମ୍ପ୍ୟୁଟିଂ ବିକାଶ କେନ୍ଦ୍ର ସହିତ ସମନ୍ୱୟରେ ବାୟୋମେଟ୍ରିକ୍ ବୈଶିଷ୍ଟ୍ୟ ବିକଶିତ କରାଯାଇଥିଲା। ଏହି ବ୍ୟବସ୍ଥା ଆଧାର-ଆଧାରିତ ଫିଙ୍ଗରପ୍ରିଣ୍ଟ ପ୍ରମାଣୀକରଣ ଡିଭାଇସ୍‌ଗୁଡ଼ିକ ବ୍ୟବହାର କରେ ଯାହା ୟୁଆଇଏଡିଆଇ/ଏସ୍‌ଟିକ୍ୟୁସି ଦ୍ୱାରା ପ୍ରମାଣିତ ଏବଂ ଇ-ପ୍ରମାଣ ପୋର୍ଟାଲ୍ ସହିତ ସମନ୍ୱିତ। ଏହି ବୈଶିଷ୍ଟ୍ୟକୁ ପ୍ରମାଣିତ ଡିଭାଇସ୍‌ଗୁଡ଼ିକ ସହିତ ନୂଆଦିଲ୍ଲୀ ଟିଟିଇ ଲବିରେ ସଫଳତାର ସହିତ ପରୀକ୍ଷଣ କରାଯାଇଛି ଏବଂ ବର୍ତ୍ତମାନ ଭାରତୀୟ ରେଳବାଇର ଟିଟିଇ ଲବିରେ ନିୟୋଜିତ କରାଯାଉଛି। ଟ୍ରେନ୍ ଟିକେଟ୍ ପରୀକ୍ଷକ (ଟିଟିଇ) ମାନଙ୍କ ପାଇଁ ବାୟୋମେଟ୍ରିକ୍ ସାଇନ୍-ଇନ୍ ଏବଂ ସାଇନ୍-ଅଫ୍ ପଦକ୍ଷେପ କେବଳ ଦକ୍ଷତା ଏବଂ ସ୍ୱଚ୍ଛତା ଆଣିବ ନାହିଁ ବରଂ କର୍ମଚାରୀ ନିୟୋଜନର ତଦାରଖକୁ ମଧ୍ୟ ସୁଦୃଢ଼ କରିବ ଯାହା ଦ୍ୱାରା ଯାତ୍ରୀମାନଙ୍କ ପାଇଁ ସେବା ପ୍ରଦାନରେ ଉନ୍ନତି ଆସିବ।

# ଫେବ୍ରୁଆରୀ ୭ରୁ ଟି-୨୦ ବିଶ୍ୱକପ୍!

## ମାର୍ଚ୍ଚ ୮ରେ ଅହମଦାବାଦରେ ହୋଇପାରେ ଫାଇନାଲ୍

**ନୂଆଦିଲ୍ଲୀ,୯।୯/ଏଜେନ୍ସି:** ଆସନ୍ତାବର୍ଷ ଫେବ୍ରୁଆରୀ ୭ ତାରିଖରୁ ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ ଆରମ୍ଭ ହୋଇପାରେ। ଇଏସ୍‌ପିଏନ୍ ରିପୋର୍ଟ ଅନୁସାରେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଆୟୋଜକ ଦେଶ ଏବଂ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଥିବା ଟିମ୍‌ଗୁଡ଼ିକୁ ଏହି ସମ୍ଭାବ୍ୟ ତାରିଖ ପଠାଇଛି। ଏଥିରେ ମାର୍ଚ୍ଚ ୮ ତାରିଖରେ ଫାଇନାଲ୍ ମ୍ୟାଚ୍ କରାଇବାକୁ ମଧ୍ୟ କୁହାଯାଇଛି। ଆଗାମୀ ଟି-୨୦ ବିଶ୍ୱକପ୍ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ଓ ଶ୍ରୀଲଙ୍କାର ମିଳିତ ଆୟୋଜନରେ ଖେଳାଯିବ। ଭାରତରେ ୨୦୧୬ ଏବଂ ଶ୍ରୀଲଙ୍କାରେ ୨୦୧୨ରେ ଶେଷଥର ପାଇଁ ଟି-୨୦ ବିଶ୍ୱକପ୍ ଆୟୋଜନ ହୋଇଥିଲା। ଭାରତରେ ୫ଟି ଏବଂ ଶ୍ରୀଲଙ୍କାର ଦୁଇଟି ଭେନ୍ୟୁରେ ମ୍ୟାଚ୍ ଖେଳାଯାଇପାରେ। ଫାଇନାଲ୍ ମ୍ୟାଚ୍ ଅହମଦାବାଦ କିମ୍ବା କଲମ୍ବୋ କରାଯିବାର ସମ୍ଭାବନା ରହିଛି। ଯଦି ପାକିସ୍ତାନ ଫାଇନାଲ୍‌ରେ ପହଞ୍ଚେ, ତେବେ ମ୍ୟାଚ୍ ଶ୍ରୀଲଙ୍କାରେ ହେବ।

ବିଶ୍ୱକପ୍ ପାଇଁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହେବା ବାକି ଥିବାବେଳେ ଆଇସିସି ଟିମ୍‌ଗୁଡ଼ିକୁ କେବଳ ସମ୍ଭାବ୍ୟ ତାରିଖ ପଠାଇଛି। ଟୁର୍ଣ୍ଣାମେଣ୍ଟ ୨୦୨୪ ସିଜନ୍ ପରି ହେବ ଏବଂ ଏଥିରେ ୨୦ ଟିମ୍ ଭାଗନେବେ। ଏହି ଅବସରରେ ମୋଟ ୫୫ ମ୍ୟାଚ୍ ଖେଳାଯିବ। ୫-୫ ଟିମ୍‌ଙ୍କୁ ଚାରିଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ ଦୁଇଟି ଟିମ୍ ସୁପର୍-୮କୁ ଯୋଗ୍ୟତା ଅର୍ଜନ କରିବେ। ସୁପର୍-୮ରେ ୪-୪ ଟିମ୍‌ଙ୍କୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯିବ ଏବଂ ପ୍ରତ୍ୟେକ ଗ୍ରୁପ୍‌ର ଶୀର୍ଷ-୨ ଟିମ୍ ସେମିଫାଇନାଲ୍ ଖେଳିବେ। ବର୍ତ୍ତମାନ ସୁଦ୍ଧା ୧୫ ଟିମ୍ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଏହା ମଧ୍ୟରେ ଆୟୋଜକ ଭାରତ, ଶ୍ରୀଲଙ୍କା ବ୍ୟତୀତ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ସାଉଥ୍ ଆଫ୍ରିକା, ଆମେରିକା, ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଆୟର୍ଲାଣ୍ଡ, କାନାଡା, ନେଦରଲାଣ୍ଡ ଏବଂ ଇଟାଲୀ ସାମିଲ। ଇଟାଲୀ ପ୍ରଥମ ଥର କୌଣସି ଆଇସିସି ବିଶ୍ୱକପ୍‌ରେ ସ୍ଥାନ ହାସଲ କରିଛି। ବାକି ୫ ଟିମ୍ ମଧ୍ୟରୁ ଦୁଇଟି ଆଫ୍ରିକା ରିଜିଓନାଲ୍ କ୍ୱାଲିଫାୟର୍‌ରୁ ଆସିବେ। ସେହିପରି ୩ ଟିମ୍ ଏସିଆ ଏବଂ ଇଷ୍ଟ ଏସିଆ ପାସିଫିକ୍ କ୍ୱାଲିଫାୟର୍‌ରୁ ଆସିବେ। ୫ ସ୍ଥାନ ପାଇଁ ଜିମ୍ବାୱେ, ନାମ୍ବିଆ, ପାପୁଆ ନ୍ୟୁଗିନି, ନେପାଳ, ଓମାନ୍, ହଂକଂ ଓ ୟୁଏଇ ପରି ଟିମ୍ ଦାବିଦାର ଅଛନ୍ତି।

### ଏସିଆ କପ୍: ସେଦିକୁଲ୍ଲାହ ଓ ଅଜମତୁଲ୍ଲାହଙ୍କ ଅର୍ଦ୍ଧଶତକ

# ହଂକଂକୁ ୯୪ ରନ୍‌ରେ ହରାଇଲା ଆଫଗାନିସ୍ତାନ



**ଆବୁଧାବି,୯।୯/ଏଜେନ୍ସି:** ମଙ୍ଗଳବାର ଏସିଆ କପ୍ ୨୦୨୫ ଆରମ୍ଭ ହୋଇଛି। ଆବୁଧାବିର ଶେଖ ଜାୟଦ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ହଂକଂକୁ ୯୪ ରନ୍‌ରେ ହରାଇ ଆଫଗାନିସ୍ତାନ ଅଭିଯାନ ଆରମ୍ଭ କରିଛି। ପ୍ରଥମେ ଆଫଗାନିସ୍ତାନ ସେଦିକୁଲ୍ଲାହ ଅଟଳ ଏବଂ ଅଜମତୁଲ୍ଲାହ ଉମରଜଇଙ୍କ ଅର୍ଦ୍ଧଶତକ ସହାୟତାରେ ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ ୱିକେଟ୍ ହରାଇ ୧୮୮ ରନ୍ କରିଥିଲା। ଜବାବରେ ହଂକଂ ୯ ୱିକେଟ୍ ବିନିମୟରେ ୯୪ ରନ୍ କରିଥିଲା।

୧୮୯ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ହଂକଂ ଦ୍ୱିତୀୟ ବଲ୍‌ରେ ଅଂଶୁମାନ ରଥ(୦)ଙ୍କ ୱିକେଟ୍ ହରାଇଥିଲା। ଦ୍ୱିତୀୟ ଓଭର୍‌ରେ ଓପ୍ନର୍ ଜିଶାନ୍ ଅଲୀ (୫) ପ୍ୟାଭିଲିୟନ୍ ଫେରିଥିଲେ। ତୃତୀୟ ଓଭର୍‌ରେ ଖାତା ଖୋଲିବା ପୂର୍ବରୁ ନିଜାକତ ଖାନ୍ ରନ୍‌ଆଉଟ୍ ହୋଇଥିଲେ। କଲହାନ୍ ଚାଲୁ ୪ ରନ୍‌ର କରି ରନ୍‌ଆଉଟ୍ ହୋଇ ବିଦାୟ ନେଇଥିଲେ। ବାବର ହୟାତ୍ ୪୩ ବଲ୍‌ରୁ ୩ଟି ଛକା ସହାୟତାରେ ସର୍ବାଧିକ ୩୯ ରନ୍ କର ବିଦାୟ ନେଇଥିଲେ। କ୍ୟାପ୍ଟେନ୍ ୟାସିମ୍ ମୁର୍ତ୍ତାଜା ୧୬ ରନ୍ କରିଥିବା ବେଳେ ଅନ୍ୟ କୌଣସି ବ୍ୟାଟର୍ ୬ ରନ୍‌ରୁ ଉପରକୁ ଉଠିପାରି ନଥିଲେ। ଆଫଗାନିସ୍ତାନ ପକ୍ଷରୁ ଗୁଲବଦିନ୍ ନାଏବ ଓ ଫଜଲ୍‌ହକ୍ ଫାରୁକି ଦୁଇଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଆଫଗାନିସ୍ତାନକୁ ତୃତୀୟ ଓଭର୍‌ରେ ପ୍ରଥମ ଝଟ୍‌କା ମିଳିଥିଲା। ରହମନତୁଲ୍ଲାହ ଗୁରବାଜ୍ ୮ ରନ୍ କରିଥିବା ବେଳେ ଆୟୁଷ ଶୁକ୍ଳାଙ୍କ ଶିକାର ହୋଇଥିଲେ। ଏହାପରେ ଚତୁର୍ଥ ଓଭର୍‌ରେ ଇବ୍ରାହିମ୍ ଜାଦରାନ୍ ମଧ୍ୟ ୧ ରନ୍ କରି ଆଉଟ୍ ହୋଇଥିଲେ। ଆକିବ୍ ଇକ୍‌ବାଲ୍ ତାଙ୍କୁ ଜିଶାନ୍ ଅଲୀଙ୍କ ହାତରେ କ୍ୟାଚ୍ କରାଇଥିଲେ। ଏହାପରେ ମହମ୍ମଦ ନବୀ ଓପ୍ନର୍ ଅଟଳଙ୍କ ସହ ଇନିଂସ୍ ସମ୍ଭାଳି ତୃତୀୟ ୱିକେଟ୍ ପାଇଁ ୫୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ତେବେ ନିଜାକତ୍ ଖାନ୍‌ଙ୍କ ହାତରେ ନବୀଙ୍କୁ କ୍ୟାଚ୍ ଆଉଟ୍ କରି କିଞ୍ଚିତ୍ ଶାହ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ନବୀ ୨୬ ବଲ୍‌ରେ ୩୩ ରନ୍ କରି ଫେରିଥିଲେ। ଏହାପରେ ଗୁଲବୁଦିନ୍ ନାଏବ ମାତ୍ର ୫ ରନ୍‌ରେ କିଞ୍ଚିତ୍‌ଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ୯୫ ରନ୍‌ରେ ୪ ୱିକେଟ୍‌ର ପତନ ଘଟିବା ପରେ ଅଟଳଙ୍କୁ ଅଜମତୁଲ୍ଲାହ ଉମରଜଇଙ୍କ ସାଥ୍ ମିଳିଥିଲା। ଉଭୟ ୬ଷ୍ଠ ୱିକେଟ୍ ପାଇଁ ୭୨ ରନ୍‌ର ପାର୍ଟନରଶିପ୍ କରି ଟିମ୍‌ର ସ୍କୋର୍ ୧୭୭ ରନ୍‌ରେ ପହଞ୍ଚାଇଥିଲେ। ଇତିମଧ୍ୟରେ ଉଭୟ ଅଟଳ ଓ ଉମରଜଇ ଅର୍ଦ୍ଧଶତକ ପୂରଣ କରିଥିଲେ। ଉମରଜଇ ୨୧ ବଲ୍‌ରେ ୨ ଚୌକା ଓ ୫ ଛକା ସହାୟତାରେ ୫୩ ରନ୍ କରି ଆୟୁଷ ଶୁକ୍ଳାଙ୍କ ବଲ୍‌ରେ ଏଜାଜ୍ ଖାନ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ୍ ଫେରିଥିଲେ। ଏହା ପରେ କରିମ୍ ଜନତ୍ ମାତ୍ର ୨ ରନ୍ କରି ଆଉଟ୍ ହୋଇଥିଲେ। ଅଟଳ ୫୨ ବଲ୍‌ରେ ୬ ଚୌକା ଓ ୩ ଛକା ସହାୟତାରେ ୭୩ ଏବଂ କ୍ୟାପ୍ଟେନ୍ ରଶିଦ୍ ଖାନ୍ ୩ ରନ୍‌ରେ ଅପରାଜିତ ଫେରିଥିଲେ। ହଂକଂ ପକ୍ଷରୁ ଆୟୁଷ ଶୁକ୍ଳା ଓ କିଞ୍ଚିତ୍ ଶାହ ୨-୨ ୱିକେଟ୍ ନେଇଥିବା ବେଳେ ଆକିବ୍ ଇକ୍‌ବାଲ୍ ଓ ଏହସାନ୍ ଖାନ୍‌ଙ୍କୁ ୧-୧ ସଫଳତା ମିଳିଥିଲା।

## ଶ୍ରୀଲଙ୍କା ଏସିଆ କପ୍ ଟିମ୍‌ରେ ଲିୟାନାଗେ



**ଦୁବାଇ,୯।୯/ଏଜେନ୍ସି:** ମଙ୍ଗଳବାରଠାରୁ ଏସିଆ କପ୍ ୨୦୨୫ ଆରମ୍ଭ ହୋଇଛି। ଇତିମଧ୍ୟରେ ଶ୍ରୀଲଙ୍କା ନିଜ ଏସିଆ କପ୍ ସ୍କ୍ୱାଡ୍‌ରେ ୩୦ ବର୍ଷୀୟ ବ୍ୟାଟର ଜନିଥ୍ ଲିୟାନାଗେଙ୍କୁ ସାମିଲ କରିଛି। ଶ୍ରୀଲଙ୍କା ବୋର୍ଡ ମଙ୍ଗଳବାର ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଏହି ସୂଚନା ଦେଇଛି। ଲିୟାନାଗେ ଟିମ୍‌ରେ ସାମିଲ ହେବା ଫଳରେ ଏସିଆ କପ୍ ପାଇଁ ଶ୍ରୀଲଙ୍କା ସ୍କ୍ୱାଡ୍‌ରେ ଖେଳାଳି ସଂଖ୍ୟା ୧୭ ହୋଇଛି। ଲିୟାନାଗେ ଶ୍ରୀଲଙ୍କା ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୨୮ ଦିନିକିଆ ମ୍ୟାଚ୍‌ରେ ୮୨୪ ଏବଂ ତିନି ଟି-୨୦ ମ୍ୟାଚ୍‌ରେ ୨୮ ରନ୍ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଶ୍ରୀଲଙ୍କା ସେପ୍ଟେମ୍ବର ୧୩ରେ ବାଂଲାଦେଶ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଏହାପରେ ଟିମ୍ ସେପ୍ଟେମ୍ବର ୧୫ରେ ହଂକଂ ଏବଂ ୧୮ରେ ଆଫଗାନିସ୍ତାନ ମ୍ୟାଚ୍ ଖେଳିବ।

## ତାମିଲନାଡୁ ରଣଜୀ ସ୍କ୍ୱାଡ୍ ଘୋଷିତ

**ଚେନ୍ନାଇ,୯।୯/ଏଜେନ୍ସି:** ଆଗାମୀ ୨୦୨୫-୨୬ ରଣଜୀ ଟ୍ରଫି ସିଜନ୍ ତାମିଲନାଡୁ କ୍ରିକେଟ୍ ସଂଘ ମଙ୍ଗଳବାର ୧୬ ଜଣିଆ ସ୍କ୍ୱାଡ୍ ଘୋଷଣା କରିଛି। ଆହତ ଆର୍. ସାଇ କିଶୋରଙ୍କ ଅନୁପସ୍ଥିତିରେ ଓପ୍ନର୍ ବ୍ୟାଟର୍ ନାରାୟଣ ଜଗଦୀଶନ୍ ଟିମ୍‌ର ନେତୃତ୍ୱ ନେବେ। ପରେ ସାଇ କିଶୋର ଫିଟ୍‌ନେସ୍ ଟେଷ୍ଟ ପାସ୍ କରିବା ପରେ ସ୍କ୍ୱାଡ୍‌ରେ ସାମିଲ ହେବେ। ଅଲ୍‌ରାଉଣ୍ଡର୍ ପ୍ରଦୋଷ ରଞ୍ଜନ ପଲ୍‌ଙ୍କୁ ଭାଇସ୍ କ୍ୟାପ୍ଟେନ୍ ନିଯୁକ୍ତ କରାଯାଇଛି।

**ତାମିଲନାଡୁ ରଣଜୀ ସ୍କ୍ୱାଡ୍:** ନାରାୟଣ ଜଗଦୀଶନ୍ (ୱିକେଟ୍‌କିପର୍-କ୍ୟାପ୍ଟେନ୍), ପ୍ରଦୋଷ ରଞ୍ଜନ ପଲ୍ (ଭାଇସ୍ କ୍ୟାପ୍ଟେନ୍), ବାବା ଇନ୍ଦ୍ରଜିତ୍, ଶାହାରୁଖ୍ ଖାନ୍, ବିମଳ କୁମାର, ସଚିନ୍ ବେବି, ଆନ୍ଦ୍ରେ ସିଦ୍ଧାର୍ଥ, ଆର୍‌ଏସ୍ ଅମ୍ବ୍ରିଶ୍, ପି. ବିଦ୍ୟୁତ୍, ଡିଟି ଚନ୍ଦ୍ରଶେଖର, ସନ୍ଦୀପ ୱାରିୟର୍, ଗୁରଜପ୍‌ନିତ୍ ସିଂହ, ସିଭି ଅଚ୍ୟୁତ, ତ୍ରିଲୋକ ନାଗ୍, ଜେ ହେମଚୁଡ଼ାସେନ୍ ଓ ଜି. ଅତିତେଶ (ୱିକେଟ୍‌କିପର୍)।

## ଟି-୨୦ ସିରିଜ୍‌ରୁ ଡେଭିଡ୍ ମିଲର୍ ବାଦ୍



**କାର୍ଡିଫ୍,୯।୯/ଏଜେନ୍ସି:** ଇଂଲଣ୍ଡ ବିପକ୍ଷ ତିନି ମ୍ୟାଚ୍‌ର ଟି-୨୦ ସିରିଜ୍‌ରୁ ସାଉଥ୍ ଆଫ୍ରିକା ଷ୍ଟାର୍ ବ୍ୟାଟର୍ ଡେଭିଡ୍ ମିଲର୍ ଆହତ କାରଣରୁ ବାଦ୍ ପଡ଼ିଛନ୍ତି। ଦ ହଣ୍ଡ୍ରେଡ୍ ଟୁର୍ଣ୍ଣାମେଣ୍ଟ ଅବସରରେ ତାଙ୍କୁ ଆଘାତ ଲାଗିଥିଲା। ନର୍ଦର୍ଣ୍ଣ ସୁପର୍‌ଚାର୍ଜର୍ସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ବେଳେ ତାଙ୍କ ଡାହାଣ ହାମ୍‌ଷ୍ଟ୍ରିଙ୍ଗ୍‌ର ଆଘାତ ଲାଗିଥିଲା। ବର୍ତ୍ତମାନ ସୁଦ୍ଧା କ୍ରିକେଟ୍ ସାଉଥ୍ ଆଫ୍ରିକା ମିଲର୍‌ଙ୍କ ସ୍ଥାନରେ କୌଣସି ବଦଳ ଖେଳାଳିଙ୍କ ନାମ ଘୋଷଣା କରିନାହିଁ। ଫଳରେ ଏଡେନ୍ ମାର୍କରମ୍‌ଙ୍କ ନେତୃତ୍ୱରେ ୧୪ ଜଣିଆ ସ୍କ୍ୱାଡ୍ ସିରିଜ୍‌କୁ ଓହ୍ଲାଇବ। ମିଲର୍ ଦିନିକିଆ ସିରିଜ୍ ମଧ୍ୟ ଖେଳିନଥିଲେ। ତେବେ ସେ ୨୦୨୭ ବିଶ୍ୱକପ୍ ପାଇଁ ଟିମ୍‌ର ପ୍ଲାନ୍‌ରେ ସାମିଲ ଥିବା କ୍ୟାପ୍ଟେନ୍ ଟେମ୍ବା ବାଭୁମା ସ୍ପଷ୍ଟ କରିଛନ୍ତି।

ଏହା ସହିତ ପୂର୍ବତନ ଖେଳାଳି ଏଲ୍‌ବି ମୋର୍କେଲ୍ ଟି-୨୦ ସିରିଜ୍ ପାଇଁ କୋଚିଂ ଷ୍ଟାଫ୍‌ରେ ବୋଲିଂ ପରାମର୍ଶଦାତା ଭାବେ ସାମିଲ ହେବେ ବୋଲି କ୍ରିକେଟ୍ ସାଉଥ୍ ଆଫ୍ରିକା ଘୋଷଣା କରିଛି। ୪୪ ବର୍ଷୀୟ ମୋର୍କେଲ୍ ସାଉଥ୍ ଆଫ୍ରିକା ପାଇଁ ୨୦୦୪ରୁ ୨୦୧୫ ପର୍ଯ୍ୟନ୍ତ ଖେଳିଥିଲେ।

# ଆଜି ୟୁଏଇକୁ ଭେଟିବ ଭାରତ

## ୨ ଫାଷ୍ଟ ବୋଲର୍ ଓ ୩ ଅଲ୍‌ରାଉଣ୍ଡର୍‌ଙ୍କୁ ମିଳିପାରେ ସୁଯୋଗ




ଦୁବାଇ,୯।୯/ଏଜେନ୍ସି: ଏସିଆ କପ୍ ୨୦୨୫ ମଙ୍ଗଳବାର ଆଫଗାନିସ୍ତାନ ଓ ହଂକଂ ମଧ୍ୟରେ ମ୍ୟାଚ୍‌ରୁ ଆରମ୍ଭ ହୋଇଛି। ଆୟୋଜକ ଭାରତ ଆସନ୍ତାକାଲି ୟୁଏଇ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ମ୍ୟାଚ୍ ପାଇଁ ଭାରତ ଚୂଡ଼ାନ୍ତ ଏକାଦଶରେ ଦୁଇଜଣ ଫାଷ୍ଟ ବୋଲର୍ ଏବଂ ତିନିଜଣ ଅଲ୍‌ରାଉଣ୍ଡର୍‌ଙ୍କୁ ସୁଯୋଗ ଦେଇପାରେ। ଅଭିଷେକ ଶର୍ମାଙ୍କ ସହିତ ଭାଇସ୍ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍ ଇନିଂସ୍ ଓପନ୍ କରିପାରନ୍ତି। ସେହିପରି ବାମହାତୀ ବ୍ୟାଟର୍ ତିଳକ ବର୍ମା ତିନି ନମ୍ବରରେ ଖେଳିବେ। ଚତୁର୍ଥ ସ୍ଥାନରେ କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ ଏବଂ ପଞ୍ଚମ ସ୍ଥାନରେ ଅଲ୍‌ରାଉଣ୍ଡର୍ ହାର୍ଦ୍ଦିକ ପାଣ୍ଡ୍ୟା ବଡ଼ ଭୂମିକା ତୁଲାଇପାରନ୍ତି। ସେହିପରି ପାଣ୍ଡ୍ୟାଙ୍କ ସହିତ ଅଲ୍‌ରାଉଣ୍ଡର୍ ଶିଭମ୍ ଦୁବେ ଏବଂ ଅକ୍ଷର ପଟେଲଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇପାରନ୍ତି। ଶିଭମ୍ ବଡ଼ ହିଟ୍ ପାଇଁ ଜଣାଶୁଣା ହୋଇଥିବା ବେଳେ ଅକ୍ଷର ଜଣେ ଉନ୍ନତ ଫିଲ୍ଡର୍। ସଞ୍ଜୁ ସାମ୍‌ସନ୍‌ଙ୍କୁ ୱିକେଟ୍‌କିପର୍ ଭାବେ ଏକାଦଶରେ ସାମିଲ କରାଯିବାର ସମ୍ଭାବନା ଅଧିକ। ବୋଲିଂ ବିଭାଗରେ ମୁଖ୍ୟ ବୋଲର୍ ଜସ୍‌ପ୍ରୀତ୍ ବୁମ୍‌ରା ଥିବାବେଳେ ତାଙ୍କ ସହିତ ଦ୍ୱିତୀୟ ମୁଖ୍ୟ ଫାଷ୍ଟ ବୋଲର୍ ଭାବେ ଅର୍ଶଦୀପ ସିଂହଙ୍କୁ ସୁଯୋଗ ମିଳିପାରେ। ଦୁବାଇ ପିଚ୍ ସ୍ପିନର୍‌ଙ୍କ ପାଇଁ ସହାୟକ ହେବାର ସମ୍ଭାବନା ଥିବାରୁ ଟିମ୍ ଦୁଇଜଣ ସ୍ପିନର୍‌ଙ୍କୁ ଖେଳାଇପାରେ। ତେବେ କୁଲଦୀପ୍ ଯାଦବଙ୍କ ଅପେକ୍ଷା ବରୁଣ ଚକ୍ରବର୍ତ୍ତୀଙ୍କୁ ପ୍ରାଥମିକତା ଦିଆଯିବାର ସମ୍ଭାବନା ରହିଛି। ଅନ୍ୟ ଗୋଟିଏ ସ୍ଥାନ ଅକ୍ଷର ପଟେଲ୍ ପୂରଣ କରିବେ।

ସମ୍ଭାବ୍ୟ ଭାରତୀୟ ଏକାଦଶ: ଅଭିଷେକ ଶର୍ମା, ଶୁଭମନ ଗିଲ୍, ତିଳକ ବର୍ମା, ସୂର୍ଯ୍ୟକୁମାର ଯାଦବ (କ୍ୟାପ୍ଟେନ୍), ହାର୍ଦ୍ଦିକ ପାଣ୍ଡ୍ୟା, ସଞ୍ଜୁ ସାମ୍‌ସନ୍ (ୱିକେଟ୍‌କିପର୍), ଶିଭମ ଦୁବେ, ଅକ୍ଷର ପଟେଲ୍, ଜସ୍‌ପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀ।

ସ୍ଥାନ- ଦୁବାଇ
ସମୟ: ରାତି ୮ଟା
ପ୍ରସାରଣ: ସୋନୀ ସ୍ପୋର୍ଟ୍ସ ନେଟ୍‌ୱାର୍କ

### ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍

## ପ୍ରଥମ ଦିନ ଭାରତୀୟ ଶୁଟର୍‌ଙ୍କ ନୈରାଶ୍ୟଜନ ପ୍ରଦର୍ଶନ



**ନିଙ୍ଗବୋ (ଚୀନ୍),୯।୯/ଏଜେନ୍ସି:** ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ଶୁଟିଂ ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଭାରତୀୟ ଶୁଟର୍ ମଙ୍ଗଳବାର ଏଠାରେ ୧୦ ମିଟର ଏୟାର୍ ପିସ୍ତଲ ଏବଂ ରାଇଫଲ୍ ମିକ୍ସଡ୍ ଟିମ୍ ଇଭେଣ୍ଟର ଫାଇନାଲ୍‌ରେ ପହଞ୍ଚିବାରେ ବିଫଳ ହୋଇଛନ୍ତି। ସୁରଭି ରାଓ (୨୮୪) ଓ ଯୁବ ଶୁଟର୍ ଅମିତ ଶର୍ମା (୨୯୦)ଙ୍କ ଯୋଡ଼ି ୧୦ ମିଟର ଏୟାର ପିସ୍ତଲ ମିକ୍ସଡ୍ ଇଭେଣ୍ଟ କ୍ୱାଲିଫିକେସନ୍ ରାଉଣ୍ଡରେ ମୋଟ ୫୯୪ ସ୍କୋର୍ ସହ ୧୧ଶ ସ୍ଥାନରେ ରହିଥିଲେ। ଚୀନ୍ ୫୮୫ ପଏଣ୍ଟ ସହ କ୍ୱାଲିଫିକେସନ୍‌ର ଶୀର୍ଷ ସ୍ଥାନରେ ରହି ଚେକ୍ ଗଣରାଜ୍ୟକୁ ୧୭-୫ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛି। ଅଲିମ୍ପିଆନ୍ ରିଦମ୍ ସାଙ୍ଗୱାନ୍ ଓ ନିଶାନ୍ତ ରାୱତଙ୍କ ଅନ୍ୟ ଭାରତୀୟ ଯୋଡ଼ି ୫୭୧ ପଏଣ୍ଟ ସହ ୨୧ ଟିମ୍ ମଧ୍ୟରେ ୧୩ଶ ସ୍ଥାନରେ ରହିଥିଲା। ୧୦ ମିଟର ଏୟାର ରାଇଫଲ୍‌ରେ ଏସିଆନ୍ ଗେମ୍ସ ବ୍ରୋଞ୍ଜ ପଦକ ବିଜେତା ରମିତା ଜିନ୍ଦଲ୍ ଓ ମଦୀନେନୀ ଉମାମହେଶଙ୍କ ଯୋଡ଼ି ୬୨୮.୬ ପଏଣ୍ଟ ସହ ୧୪ଶ ସ୍ଥାନରେ ରହିଥିଲା। ରମିତା ୩୧୨.୯ ଏବଂ ଉମାମହେଶ ୩୧୫.୭ ପଏଣ୍ଟ ହାସଲ କରିଥିଲେ। ପେଙ୍ଗ୍ ଶିନଲୁ (୩୧୮.୫) ଓ ଦୁଇଥରର ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜେତା ଶେଙ୍ଗ୍ ଲିହାଓ (୩୧୮.୪)ଙ୍କ ଚୀନ୍ ଯୋଡ଼ି ବିଶ୍ୱ ରେକର୍ଡ ସ୍କୋର୍ ୬୩୯.୯ ସହ କ୍ୱାଲିଫିକେସନ୍ ରାଉଣ୍ଡରେ ଶୀର୍ଷସ୍ଥାନ ହାସଲ କରିଥିଲା। ଅଲିମ୍ପିଆନ୍ ଦିବ୍ୟାଂଶ ସିଂହ ପୱାର (୩୦୯.୩) ଓ ମେଘନା ସଜ୍ଜନାର (୩୧୨.୮)ଙ୍କ ଅନ୍ୟ ଭାରତୀୟ ଯୋଡ଼ି ୩୬ ଟିମ୍ ମଧ୍ୟରେ ୬୨୨.୧ ପଏଣ୍ଟ ସହ ୩୪ତମ ସ୍ଥାନରେ ରହିଥିଲା। ଭାରତ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ୨୪ ଜଣିଆ ଶୁଟର୍ ଟିମ୍ ପଠାଇଛି।

### ଏସ୍‌ଏ୨୦ ଅକ୍ସନ୍

## ଡେୱାଲ୍ଡ ବ୍ରେଭିସ୍ ସବୁଠୁ ମହଙ୍ଗା ଖେଳାଳି



**୮.୦୬ କୋଟିରେ କିଣିଲା ପ୍ରିଟୋରିୟା କ୍ୟାପିଟାଲ୍ସ**

**ଜୋହାନ୍ସବର୍ଗ,୯।୯/ଏଜେନ୍ସି:** ଏସ୍‌ଏ୨୦ ଲିଗ୍‌ର ୨୦୨୬ ସିଜନ୍ ପାଇଁ ସେପ୍ଟେମ୍ବର ୯ ତାରିଖରେ ଖେଳାଳି ଅକ୍ସନ୍ ଅନୁଷ୍ଠିତ ହୋଇଛି। ଏହି ଅକ୍ସନ୍‌ରେ ସାଉଥ୍ ଆଫ୍ରିକାର ଷ୍ଟାର୍ ବ୍ୟାଟର୍ ଡେୱାଲ୍ଡ ବ୍ରେଭିସ୍ ଲିଗ୍ ଇତିହାସରେ ସବୁଠୁ ମହଙ୍ଗା ଖେଳାଳି ହୋଇଛନ୍ତି। ତାଙ୍କ ପ୍ରିଟୋରିୟା କ୍ୟାପିଟାଲ୍ସ ୧୬.୫ ମିଲିୟନ୍ ର୍ୟାଣ୍ଡ ଅର୍ଥାତ୍ ୮.୦୬ କୋଟି ଟଙ୍କାରେ କିଣିଛି। ଅନ୍ୟପକ୍ଷରେ ଏଡେନ୍ ମାର୍କରମ୍ ଲିଗ୍ ଇତିହାସର ଦ୍ୱିତୀୟ ମହଙ୍ଗା ଖେଳାଳି ହୋଇଛନ୍ତି। ଡର୍ବାନ୍ ସୁପର୍ ଜାଏଣ୍ଟ୍ସ ତାଙ୍କୁ ଅକ୍ସନ୍‌ରେ ୧୪ ମିଲିୟନ୍ ର୍ୟାଣ୍ଡ (୭ କୋଟି ଟଙ୍କା)ରେ କିଣିଛି। ଏହା ପୂର୍ବରୁ ଟ୍ରିଷ୍ଟନ୍ ଷ୍ଟବ୍ସ ସବୁଠୁ ମହଙ୍ଗା ଖେଳାଳି ଥିଲେ। ବ୍ରେଭିସ୍‌ଙ୍କୁ କିଣିବା ପାଇଁ ଜୋବର୍ଗ ସୁପର୍ କିଙ୍ଗ୍ସ ସହିତ ବାକି ଟିମ୍ ମଧ୍ୟ ଉଦ୍ୟମ ଚଳାଇଥିଲେ। ଶେଷରେ ପ୍ରିଟୋରିୟା କ୍ୟାପିଟାଲ୍ସ ତାଙ୍କୁ ନିଜ ସହ ଯୋଡ଼ିବାରେ ସଫଳ ହୋଇଛି। ସେହିପରି ମାର୍କରମ୍‌ଙ୍କୁ କିଣିବା ପାଇଁ ଅକ୍ସନ୍ ଟେବଲ୍‌ରେ ବଡ଼ ବିଡ଼ିଂ ୱାର୍ ଦେଖିବାକୁ ମିଳିଥିଲା।
ଏହା ପୂର୍ବରୁ ଅକ୍ସନ୍‌ରେ କେଶବ ମହାରାଜଙ୍କୁ ପ୍ରିଟୋରିୟା କ୍ୟାପିଟାଲ୍ସ ୧.୭ ମିଲିୟନ୍ ର୍ୟାଣ୍ଡ, କ୍ୱେନା ମଫାକାଙ୍କୁ ଡର୍ବାନ୍ ସୁପର୍ ଜାଏଣ୍ଟ୍ସ ୧.୬ ମିଲିୟନ୍ ର୍ୟାଣ୍ଡରେ କିଣିଥିଲେ। ଏହାପରେ ଅକ୍ସନ୍‌ରେ କ୍ୱିଣ୍ଟନ୍ ଡିକକ୍‌ଙ୍କ ନାମ ଆସିଥିଲା। ଡିକକ୍‌ଙ୍କ ପାଇଁ ପ୍ରିଟୋରିୟା କ୍ୟାପିଟାଲ୍ସ, ସନ୍‌ରାଇଜର୍ସ ଇଷ୍ଟର୍ନ କେପ୍ ପରି ଟିମ୍ ବିଡ୍ ଲଗାଇଥିଲେ। ଶେଷରେ ସନ୍‌ରାଇଜର୍ସ ଇଷ୍ଟର୍ନ କେପ୍ ତାଙ୍କୁ ୨.୪ ମିଲିୟମ୍ ର୍ୟାଣ୍ଡରେ ଟିମ୍‌ରେ ସାମିଲ କରିଥିଲା।




# ସାତ୍ୱିକ୍-ଚିରାଗ ଯୋଡ଼ିଙ୍କ ବିଜୟୀ ଅଭିଯାନ



**ହଂକଂ,୯।୯/ଏଜେନ୍ସି:** ସାତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ହଂକଂ ଓପନ୍ ସୁପର୍ ୫୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ ସହ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ନିକଟରେ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ବ୍ରୋଞ୍ଜ ଜିତିଥିବା ଏହି ଭାରତୀୟ ଯୋଡ଼ି ପ୍ରଥମ ରାଉଣ୍ଡରେ ଚୀନା ତାଇପେଇର ଚିୟୁ ଶିୟାଙ୍ଗ୍ ଚିଏ ଏବଂ ୱାଙ୍ଗ୍ ଚି-ଲିନ୍‌ଙ୍କୁ ୨୧-୨୩, ୧୮-୨୧, ୨୧-୧୦ରେ ହରାଇଛି। ପୂର୍ବତନ ବିଶ୍ୱ ନମ୍ବର ଏକ ଯୋଡ଼ି ଏହି ମ୍ୟାଚ୍‌ରେ ଉନ୍ନତ ଲୟରେ ଥିବା ଦେଖିବାକୁ ମିଳିଥିଲା। ତେବେ ଦ୍ୱିତୀୟ ଗେମ୍‌ରେ ଚୀନା ତାଇପେଇ ଯୋଡ଼ି ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହୋଇଥିଲା। ମାତ୍ର ସାତ୍ୱିକ୍ ଓ ଚିରାଗ ତୃତୀୟ ଗେମ୍‌ରେ ପ୍ରତ୍ୟାବର୍ତ୍ତନ ସହିତ ମ୍ୟାଚ୍ ନିଜ ନାମରେ କରିଛନ୍ତି। ଅଷ୍ଟମ ସିଡ୍ ଏହି ଯୋଡ଼ି ପରବର୍ତ୍ତୀ ମ୍ୟାଚ୍‌ରେ ଜାପାନର କେନୟା ମିତ୍ସୁହାଶୀ ଏବଂ ହିରୋକି ଓକାମୁରା ତଥା ଥାଇଲାଣ୍ଡର ପୀରଚାଇ ସୁଖଫୁନ୍ ଓ ପକ୍କାପୋନ୍ ଟିରାରତ୍ସକୁଲଙ୍କ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜେତାଙ୍କୁ ଭେଟିବ।

## ହଂକଂ ଓପନ୍ ମୁଖ୍ୟ ଡ୍ର'ରେ କିରଣ ଜର୍ଜ

ସେହିପରି ପୁରୁଷ ସିଙ୍ଗଲ୍ସରେ କିରଣ ଜର୍ଜ କ୍ୱାଲିଫାୟର୍‌ରେ ଲଗାତାର ଦୁଇଟି ବିଜୟ ହାସଲ କରି ମୁଖ୍ୟ ଡ୍ର'ରେ ସ୍ଥାନ ପକ୍କା କରିଛନ୍ତି। ମାଲେସିଆର ଚିୟାମ୍ ଜୁନ୍ ୱେଇଙ୍କୁ ୨୧-୧୪, ୨୧-୧୩ରେ ହରାଇବା ପରେ ସେ ନିଜ ଦେଶର ଏସ୍ ଶଙ୍କର ମୁଥୁସାମୀ ସୁବ୍ରମଣ୍ୟମ୍‌ଙ୍କୁ ୨୧-୧୮, ୨୧-୧୪ରେ ମାତ୍ ଦେଇଥିଲେ। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୩୮ତମ ସ୍ଥାନରେ ଥିବା କିରଣ ପରବର୍ତ୍ତୀ ମ୍ୟାଚ୍‌ରେ ସିଙ୍ଗାପୁରର ଜିୟା ହେଙ୍ଗ୍ ଜେସନ୍ ତେହଙ୍କୁ ଭେଟିବେ।

ଅନ୍ୟପକ୍ଷରେ ତରୁନ୍ ମନ୍ନେପଲ୍ଲୀ ଦିନର ସବୁଠୁ ବଡ଼ ବିପର୍ଯ୍ୟୟ ଘଟାଇ କ୍ୱାଲିଫାୟର୍‌ର ପ୍ରଥମ ମ୍ୟାଚ୍‌ରେ ପୂର୍ବତନ ବିଶ୍ୱ ନମ୍ବର ଏକ କିଦାମ୍ବୀ ଶ୍ରୀକାନ୍ତଙ୍କୁ ୨୮-୨୬, ୨୧-୧୩ରେ ହରାଇ ବାହାର ରାସ୍ତା ଦେଖାଇଛନ୍ତି। ତେବେ ୨୦ ବର୍ଷୀୟ ଖେଳାଳି ପରବର୍ତ୍ତୀ ମ୍ୟାଚ୍‌ରେ ମାଲେସିଆର ଚତୁର୍ଥ ସିଡ୍ ଜଷ୍ଟିନ୍ ହୋହଙ୍କଠାରୁ ୨୧-୨୩, ୧୩-୨୧, ୧୮-୨୧ରେ ପରାଜିତ ହୋଇଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra